

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଦିଲ୍ଲୀରେ ପାଳନ ହେବ ଓଡ଼ିଶା ପର୍ବ | ୬

ODISHA BHASKAR ଯାହା ଆପଣଙ୍କ କଥା କହେ

କଲଣ୍ଡା ଦେଖାଇଲେ କରୀନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨ Vol. 22 No-2 2 APRIL 2025 WEDNESDAY BHUBANESWAR ବୁଧବାର, ୨ ଏପ୍ରିଲ ୨୦୨୫ ପୃଷ୍ଠା: ୮ ମୂଲ୍ୟ: ୭.୦୦



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ
# ୨୦୨୫
# ଶିଶୁ ବାଟିକାର ଶୁଭାରମ୍ଭ

## ସଭିଏଁ ସ୍କୁଲ ଯିବା

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ଭୁବନେଶ୍ୱର ମହାନଗର ନିଗମ



୦୨ ଅପ୍ରେଲ ୨୦୨୫
ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗଡ଼, ଭୁବନେଶ୍ୱର



DSPL - 08 **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର** OIPR 27068/13/0044/2425



ଯୁବପିଢ଼ିଙ୍କୁ ଉତ୍ସାହିତ କଲେ ମୋଦୀ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିବାଦରେ ନେହା କକ୍କର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨ Vol. 22 No-2 2 APRIL 2025 WEDNESDAY BHUBANESWAR ବୁଧବାର, ୨ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରାମନବମୀ ପ୍ରସ୍ତୁତିର ସମୀକ୍ଷା କଲେ କ୍ରାଇମବ୍ରାଞ୍ଚ ଡିଜି

ଭଦ୍ରକ,୧।୪(ଭାସ୍କର ନ୍ୟୁଜ): ଆସନ୍ତା ୬ ତାରିଖରେ ଭଦ୍ରକ ଓ ବାଲେଶ୍ୱରରେ ଆୟୋଜିତ ହେବାକୁ ଯାଉଥିବା ରାମନବମୀ ପ୍ରସ୍ତୁତିର ସମୀକ୍ଷା ମଙ୍ଗଳବାର କରିଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ସେ ଆଇନଶୃଙ୍ଖଳା ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହିତ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ପର୍ବ ଯେପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇପାରିବ ସେ ନେଇ ଧ୍ୟାନ ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

### ନାଳରେ ଦନ୍ତାର ମୃତଦେହ

ପାଲଲହଡ଼ା,୧।୪(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳୁ ପାଲଲହଡ଼ା ସଇଡ଼ା ପଞ୍ଚାୟତ ବିଧୁସାହି ନିକଟ ନାଳରୁ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି। ତେବେ ହାତୀଟିର ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଇଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି କୁହାଯାଇଛି।

### କମିଲା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦର

ନୂଆଦିଲ୍ଲୀ,୧।୪: ୧୯ କେଜିଆ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦରରେ ୪୧ ଟଙ୍କା ହ୍ରାସ କରାଯାଇଛି। ଏ ନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦର କମିବା ପରେ ଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦର ୧୭୬୨ଟଙ୍କା ହୋଇଛି। ତେବେ ଘରୋଇ ରନ୍ଧନ ଗ୍ୟାସଦର ଅପରିବର୍ତ୍ତିତ ରହିଛି। ଖାଉଟିମାନେ ବାରମ୍ବାର ଘରୋଇ ରନ୍ଧନ ଗ୍ୟାସରେ ହ୍ରାସ ଘଟାଇବା ପାଇଁ ଦାବିକରି ଆସୁଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ।

ସେନ୍‌ସେକ୍ସ: ୭୬,୦୨୪.୫୧
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

**୧।୪।୨୦୨୫ ର ମତାମତ**

ଓଇଆରସି ନିଷ୍ପତ୍ତି ବିଦ୍ୟୁତ ଗ୍ରାହକଙ୍କ ପାଇଁ ଲାଭଦାୟକ ହେବ କି?




**ଆଜିର ପ୍ରସଙ୍ଗ**

ଓଡ଼ିଶା ଦିବସରେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସମସ୍ତେ ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମଧୁବାବୁଙ୍କ ଜନ୍ମମାଟିରୁ ମୁଖ୍ୟମନ୍ତ୍ରୀଙ୍କ ସମୃଦ୍ଧ ଓଡ଼ିଶା ଗଠନ ଆହ୍ୱାନ

# ଜନ୍ମମାଟି ଆମ ପାଇଁ ଏକ ତୀର୍ଥ



- ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାର ଉତ୍ସବ
- ଓଡ଼ିଆପକ୍ଷ ପାଳନ ପାଇଁ ଆହ୍ୱାନ
- ମଧୁବାବୁଙ୍କ ଜନ୍ମପୀଠ ହେବ ଜାତୀୟତା ଭାବର କେନ୍ଦ୍ରସ୍ଥଳ
- ଅସ୍ମିତା, ଉଚ୍ଚଆଶା ସମୃଦ୍ଧ ଓଡ଼ିଶା ଗଠନର ମୁଖ୍ୟ ଆଧାର

ଭୁବନେଶ୍ୱର,୧।୪(ଭାସ୍କର ନ୍ୟୁଜ): ପ୍ରତ୍ୟେକଙ୍କ ଜନ୍ମମାଟି ସେମାନଙ୍କ ପାଇଁ ସ୍ୱର୍ଗ। ତେବେ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଏକ ପବିତ୍ର ସ୍ଥାନ ଓ ଏକ ତୀର୍ଥ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ସତ୍ୟଭାମାପୁରରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ମଧୁବାବୁଙ୍କ ଜନ୍ମସ୍ଥାନକୁ ଓଡ଼ିଆ ଜାତୀୟତାଭାବର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ସେ କହିଥିଲେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ। ଓଡ଼ିଆ ସ୍ୱାଭିମାନ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ ତାକୁ ସମ୍ମାନ ଦେଇ ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ମଧୁବାବୁଙ୍କ ଗାଁ ମାଟିରେ ଓଡ଼ିଶା ଦିବସ ପାଳନ କରୁଛୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କ ଜନ୍ମସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ରଖିଥିଲେ। ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା • ପୃଷ୍ଠା ୫ ଦେଖନ୍ତୁ

### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୪(ଭାସ୍କର ନ୍ୟୁଜ): ପବିତ୍ର ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ଏହି ଦିବସ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ନାନା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ଉଲ୍ଲେଖନୀୟ ଅବଦାନକୁ ମନେ ପକାଇବାର ଏକ ସୁନ୍ଦର ଅବକାଶ। ବେଶ୍ ମେଳାପୀ ଓ ଅତିଥିବତ୍ସଳ ଓଡ଼ିଶାବାସୀ ଆପଣାର ଗୌରବମୟ ପରମ୍ପରାକୁ ଉଜ୍ଜୀବିତ ରଖି ଓଡ଼ିଶାର ଉନ୍ନତି ନିମନ୍ତେ କଠିନ ପରିଶ୍ରମ କରି ଆସିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଉପଯୁକ୍ତ ସମ୍ମାନ। ଓଡ଼ିଶାର ଇତିହାସ, ସାହିତ୍ୟ, ସଂସ୍କୃତି ଓ ସଂଗୀତକୁ ନେଇ ଭାରତ ଗର୍ବିତ। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସୂଚନା

# ମାଓ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬କୁ ହ୍ରାସ



ନୂଆଦିଲ୍ଲୀ,୧।୪: ନକ୍ସଲମୁକ୍ତ ଭାରତ ଗଠନ ଦିଗରେ କେନ୍ଦ୍ର ସରକାର ଏକ ବଡ଼ ଧରଣର ପଦକ୍ଷେପ ନେଉଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ନକ୍ସଲବାଦର ବିଲୋପ ଘଟିବ। ବର୍ତ୍ତମାନ ସୁଦ୍ଧା ଆମ ଦେଶ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ଜିଲ୍ଲାସଂଖ୍ୟା ୧୨ରୁ ୬କୁ ହ୍ରାସ କରି ଏକ ମାଇଲଖୁଣ୍ଟ ହାସଲ କରିଛି। ମୋଦୀ ସରକାର ନକ୍ସଲବାଦ ପ୍ରତି କଠୋର ଆଭିମୁଖ୍ୟ ସହିତ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ ଦିଗରେ ଅଗ୍ରସର ହେଉଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ଶ୍ରୀ ଶାହ କହିଛନ୍ତି, ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲାସଂଖ୍ୟା ୩୮ ରହିଥିଲା। ତେବେ ଏମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରଭାବିତ ଜିଲ୍ଲାସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି। ସେହିପରି ସମ୍ବେଦନଶୀଳ ଜିଲ୍ଲାସଂଖ୍ୟା ୯ରୁ ୬କୁ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ମାଓ ହିଂସା ପ୍ରଭାବିତ ଜିଲ୍ଲାସଂଖ୍ୟା ୧୭ରୁ ୬କୁ ହ୍ରାସ ପାଇଛି ବୋଲି ସେ କହିଥିଲେ। ସମୁଦାୟ ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରୁ ସବୁଠୁ ଅଧିକ ପ୍ରଭାବିତ ଜିଲ୍ଲାସଂଖ୍ୟା ଯେଉଁ ୧୨ରୁ ୬କୁ ହ୍ରାସ ପାଇଛି, ସେଥିମଧ୍ୟରେ ଛତିଶଗଡ଼ର ୪ ଜିଲ୍ଲା- ବିଜାପୁର, କାଙ୍କେର, ନାରାୟଣପୁର ଓ ସୁକମା ରହିଥିବାବେଳେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଓ ମହାରାଷ୍ଟ୍ରର ଗଡ଼ଚିରୋଲି ରହିଛି। ସେହିପରି ୩୮ଟି ପ୍ରଭାବିତ ଜିଲ୍ଲା ମଧ୍ୟରୁ ଗୁରୁତର ଭାବେ ପ୍ରଭାବିତ ଜିଲ୍ଲା ବ୍ୟତୀତ ଅତିରିକ୍ତ ସମ୍ବଳ ଯୋଗାଇ ଦେବାକୁ ପଡୁଥିବା ଜିଲ୍ଲାସଂଖ୍ୟା ୯ରୁ ୬କୁ ହ୍ରାସ ପାଇଛି। ଏହି ୬ଟି ଜିଲ୍ଲା ହେଲା- ଆନ୍ଧ୍ରପ୍ରଦେଶର ଅଲ୍ଲୁରି ସୀତାରାମରାଜୁ, ମଧ୍ୟପ୍ରଦେଶର ବାଲାଘାଟ, ଓଡ଼ିଶାର କନ୍ଧମାଳ, କଳାହାଣ୍ଡି ଓ ମାଲକାନଗିରି ଏବଂ ତେଲଙ୍ଗାନାର ଭଦ୍ରାଦ୍ରି-କୋଠାଗୁଡେମ। ସେ ଆହୁରି କହିଥିଲେ, ସର୍ବସାଧାରଣ ଭିତ୍ତିଭୂମିରେ ଥିବା ଅଭାବକୁ ପୂରଣ କରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ନାମକ ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ଏବଂ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୩୦ କୋଟି ଏବଂ ୧୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥାନ୍ତି। ଗତ ୧ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସ୍ଥିତିରେ ଦ୍ରୁତ ଉନ୍ନତି ମୁଖ୍ୟତଃ • ପୃଷ୍ଠା ୫ ଦେଖନ୍ତୁ

## ■ ମୁଖ୍ୟମନ୍ତ୍ରୀଙ୍କ ସୂଚନା ■

# ଦୁଇସପ୍ତାହ ଭିତରେ ଆୟୁଷ୍ମାନ ଭାରତ



ଭୁବନେଶ୍ୱର,୧।୪(ଭାସ୍କର ନ୍ୟୁଜ): ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର କଟକ ଜିଲ୍ଲା ସତ୍ୟଭାମାପୁରରେ ଉତ୍କଳ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଯୋଜନା ଲାଗୁ ହେଲେ ରାଜ୍ୟର ୩ କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ହଜାର ହସ୍ପିଟାଲରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବ ବିଜେଡି ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିନଥିଲେ। ସେତେବେଳେ ମାତ୍ର ୯ଶହ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିଲା। ଏବେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ମିଶ୍ରଣ ହେବା ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ୨୯ହଜାର ଡାକ୍ତରଖାନାରେ ଲୋକେ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ସୂଚନାଯୋଗ୍ୟ ଯେ ଆୟୁଷ୍ମାନ ଭାରତ ଯୋଜନା କେନ୍ଦ୍ର ସରକାରଙ୍କ ଯୋଜନା ହୋଇଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ଓଡ଼ିଶା ଗସ୍ତ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟରେ ଚାଲୁଥିବା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ମିଶ୍ରଣ ହୋଇଛି। ଏଥିପାଇଁ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ସଫ୍ଟ ଟର୍ଣ୍ଣଓ୍ୱେ ଇଣ୍ଟିଗ୍ରେସନ ପାଇଁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଳମ୍ବ ହେଉଥିବା ସରକାର କହିଥିଲେ। ପରେ ଏପ୍ରିଲ ପହିଲାରୁ ଲାଗୁ କରିବା ପାଇଁ ଘୋଷଣା କରିଥିଲେ। ଏହାର ତଦାରଖ ପାଇଁ ସ୍ୱାସ୍ଥ୍ୟ ବିଭାଗର ୩୫ଜଣ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ବିଭିନ୍ନ ଜିଲ୍ଲାରେ ଏହାର ତଦାରଖ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି।

## ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସରେ ଡିଜିପି

# ସେବା ଓ ସୁରକ୍ଷା ପୋଲିସର ମୂଳମନ୍ତ୍ର

 କଟକ,୧।୪(ଭାସ୍କର ନ୍ୟୁଜ): ଓଡ଼ିଶା ପୋଲିସର ମୂଳ ମନ୍ତ୍ର ହେଉଛି "ସେବା ଓ ସୁରକ୍ଷା"। ସମାଜର ଦୁର୍ବଳ ଶ୍ରେଣୀ, ଅବହେଳିତ, ନିଷ୍ପେସିତ, ମହିଳା ଓ ଶିଶୁଙ୍କୁ ଉପଯୁକ୍ତ ପୋଲିସ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବାରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡିଶା ପୋଲିସର ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ



ରିଜର୍ଭ ପୋଲିସ ପଡିଆ, ବକ୍ସିବଜାର, କଟକ ଠାରେ ଓଡିଶା ପୋଲିସର ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ଡିଜିପି ଶ୍ରୀ ଖୁରାନିଆ ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ପୋଲିସ ସେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଡିଜିପି ପ୍ରଥମେ ସହିଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଯାତ୍ରା କଳାକାର ଆଉ ନୁହଁ ଦୁଃସ୍ଥ
ଲକ୍ଷ ଲକ୍ଷ ଖାଲି ଉଡୁଛି,
ଲୋଭରେ ପଡିଲା ଯେଉଁ କଳାକାର
ସିଏ ଟିକେ ବାଟ ହୁଡୁଛି ।
ମାଲିକ ତ ପାର୍ଟି ଗଢିଛି,
କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ ଯାହା
ଯାତରା ପ୍ରେମିକ ଉଡୁଛି !

# ୩୦ ଓଏଏସ୍ ଅଧିକାରୀଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି

ନୂଆଦିଲ୍ଲୀ/ଭୁବନେଶ୍ୱର,୧।୪ (ବ୍ୟୁରୋ): କେନ୍ଦ୍ର ସରକାର ୩୦ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଭାରତୀୟ ପ୍ରଶାସନିକ ଅଧିକାରୀ ପଦବୀକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ କେନ୍ଦ୍ର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ଏହି ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ଧରମ ହାଁସଦା, ରୀନା ମହାପାତ୍ର, ନିୟତି ପଟ୍ଟନାୟକ, ଡକ୍ଟର ମହେଶ୍ୱର ସ୍ୱାଇଁ, ମୃଣାଳକାନ୍ତି ଦାସ, ଶ୍ରୀକାନ୍ତ ତରାଇ, ବୀରେନ୍ଦ୍ର କୋର୍କରା, ଲକ୍ଷ୍ମଣ କୁମାର ମଲ୍ଲିକ, ଉପମା କାର୍ଲୋ, ଲିଲି କୁମାରୀ କୁଲୁ, କବୀନ୍ଦ୍ର କୁମାର ସାହୁ, ଆରାଧନା ଦାସ, ପ୍ରଦୀପ କୁମାର ନାଏକ, ମଧୁସୂଦନ ଦାସ, ପ୍ରେମଜିତ ନାୟକ, ନରହରି ସେଠୀ, ଯୁଗଳେଶ୍ୱରୀ ଦାସ, ମଧୁମିତା ରଥ, ଦେବାଶିଷ ସିଂ, ସୁବ୍ରତ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନାଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୃଷ୍ଟି, ସ୍ୱୟଂପ୍ରଭା ମହାନ୍ତି, ଇନ୍ଦ୍ରମଣି ନାୟକ, ସୁଦାମ ଚରଣ ମଣ୍ଡଳ ଓ ଗିରିଶ ଚନ୍ଦ୍ର ସିଂ। ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି) ଆଇନ ୧୯୫୪ର ଧାରା ୮(୧) ଏବଂ ଧାରା ୯(୧) ଏବଂ ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି ଏବଂ ପଦୋନ୍ନତି) ଆଇନ ୧୯୫୫ ଏବଂ ୧୯୫୪ର ଧାରା ୩ ଅନୁଯାୟୀ ଏହି ପଦୋନ୍ନତି ଦିଆଯାଇଛି।

## ପାଣିପାଗ ବିଭାଗର ସୂଚନା

# ଆଜିଠାରୁ ୪ଦିନ କାଳବୈଶାଖୀ ବର୍ଷା



ଭୁବନେଶ୍ୱର,୧।୪(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଛି। ଉପକୂଳରେ ଗ୍ରୀଷ୍ମପ୍ରବାହ ଲାଗି ରହିଥିଲେ ବି ତାତିର ପ୍ରଭାବ ସାମାନ୍ୟ କମ୍ ରହିଛି। ତେବେ ଏସବୁ ଭିତରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ଆଶ୍ୱସ୍ତିକର ଖବର ଦେଇଛି। ବୁଧବାରଠାରୁ ୪ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସମୟରେ ପବନ ସହ ଘଡ଼ଘଡ଼ି ଓ କୁଆପଥର ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷାର ପରିମାଣ ଅଧିକ ରହିବ ବୋଲି ବିଭାଗ ସୂଚନା ଦେଇଛି। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇପାରେ ବୋଲି ବିଭାଗ ପୂର୍ବାନୁମାନ କରିଛି। ଏହାଫଳରେ ତାପମାତ୍ରା କମିବାର ସମ୍ଭାବନା ରହିଛି। ଦକ୍ଷିଣ ଛତିଶଗଡ଼ ଏବଂ ମଧ୍ୟ ମହାରାଷ୍ଟ୍ର ଓ ବିଦର୍ଭ ମଧ୍ୟରେ ଏକ ନିମ୍ନ ଚାପରେଖା ଓ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜନିତ ବଜ୍ରପାତ ସହ • ପୃଷ୍ଠା ୫ ଦେଖନ୍ତୁ

## ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା

# ଆଜିଠୁ ପରୀକ୍ଷାଖାତା ମୂଲ୍ୟାୟନ

ଭୁବନେଶ୍ୱର,୧।୪(ଭାସ୍କର ନ୍ୟୁଜ): ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଖବର। ୨ ତାରିଖ ଅର୍ଥାତ୍ ବୁଧବାରଠାରୁ ଆରମ୍ଭ ହେବ ଯୁକ୍ତଦୁଇ ପରୀକ୍ଷାଖାତା ମୂଲ୍ୟାୟନ। ଏଥିନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଛନ୍ତି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା। ସେ କହିଛନ୍ତି, ବୁଧବାରଠାରୁ ଖାତାଦେଖା ଆରମ୍ଭ ହେବ ଏବଂ ମଇ ୧୫ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବ। ଏକସଙ୍ଗରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ପ୍ରକାଶ କରାଯିବ। ଖାତାଦେଖା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ସୁବିଧା ଦୃଷ୍ଟିରୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି। କେବଳ ସେତିକି ନୁହେଁ, ଖରାକୁ ଦୃଷ୍ଟିରେ ରଖି ଦୁଇଟି ପର୍ଯ୍ୟାୟରେ ଖାତା ମୂଲ୍ୟାୟନ ନେଇ ନିଷ୍ପତ୍ତି ନିଆଯାଇଛି। ଅତ୍ୟଧିକ ଖରା ଓ ମୂଲ୍ୟାୟନ କେନ୍ଦ୍ରର ଦୂରତା ଯୋଗୁ ଯେପରି କୌଣସି ଅଧ୍ୟାପକ/ଅଧ୍ୟାପିକା ଖାତା ଦେଖିବାକୁ ଆସିବା ଅସୁବିଧା ନ ହେବ ସେଥିପାଇଁ ମୂଲ୍ୟାୟନ କେନ୍ଦ୍ର ବୃଦ୍ଧି କରାଯାଇଛି। ସେ ଆହୁରି କହିଥିଲେ ଯେ ଯଦି କୌଣସି ଭୁଲ ନଥାଇ ତ୍ରୁଟିପୂର୍ଣ୍ଣଭାବେ କେହି ଛାତ୍ର ମାଲ ପାକ୍ଟିସରେ ବୁକ୍ ହୋଇଥିବେ, • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



# ଗଣତନ୍ତ୍ର ପାଇଁ ଅଗ୍ନି ପରୀକ୍ଷା

## ନେପାଳରେ ରାଜତନ୍ତ୍ର ସପକ୍ଷବାଦୀ ସ୍ୱର !

ସାଧାରଣତଃ ଗଣତନ୍ତ୍ରକୁ ବିଶ୍ୱର ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା ରୂପେ ବିଚାର କରାଯାଇଥାଏ, ଯେହେତୁ ଏଥିରେ 'ଗଣ' ବା ଜନସାଧାରଣ ଶାସନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାମିଲ ହୁଅନ୍ତି। ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ରାଜ୍ୟ ବା ଦେଶର ଶାସନ କାର୍ଯ୍ୟ ପରିଚାଳିତ ହୁଏ ଏବଂ ଲୋକଙ୍କ ସ୍ୱର ପ୍ରତିଫଳିତ ହୋଇଥାଏ। ଅନ୍ୟପକ୍ଷରେ ସାମରିକ ବା ଏକଛତ୍ରବାଦୀ ବ୍ୟବସ୍ଥାରେ ଜଣେ କିମ୍ବା ଅଳ୍ପ କେତେକ ବ୍ୟକ୍ତି ଶାସନର ସର୍ବେସର୍ବା ହେବା ସହିତ ଲୋକଙ୍କ ସ୍ୱରକୁ ଚାପି ଦେଇଥାନ୍ତି, ସ୍ୱାଧୀନ ଭାବେ ମତପ୍ରକାଶ କରିବାର ଅଧିକାରକୁ ଛଡାଇ ନିଆଯାଇଥାଏ। ସେହି ଦୃଷ୍ଟିରୁ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହାମ୍ ଲିଙ୍କନ୍ ଏକଦା 'ଗଣତନ୍ତ୍ର'କୁ ଲୋକଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା ରୂପେ ବର୍ଣ୍ଣନା କରିଥିଲେ। ହିମାଳୟର ପାଦଦେଶରେ ଥିବା ଆମର ପଡ଼ୋଶୀ ଦେଶ ନେପାଳରେ ଏବେ ଏକ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି। ଏଠାକାର ଜନସାଧାରଣ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ହଟାଇ ପୁଣି ରାଜତନ୍ତ୍ର ଫେରାଇ ଆଣିବାକୁ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ବିଗତ ୨୪୦ ବର୍ଷ ଧରି ନେପାଳ ବଂଶାନୁକ୍ରମିକ ଭାବରେ ଗୋଟିଏ ରାଜ ପରିବାରର ଶାସନ ଅଧିନରେ ରହିଆସିଥିଲା। ରାଜା ନିଜେ ହିନ୍ଦୁ ଧର୍ମର ହୋଇଥିବାରୁ ଏହାକୁ ସମଗ୍ର ବିଶ୍ୱର ଏକମାତ୍ର ହିନ୍ଦୁ ଦେଶର ମାନ୍ୟତା ମିଳିଥିଲା। ମାତ୍ର ୨୦୦୮ ମସିହାରେ ରାଜା ଜ୍ଞାନେନ୍ଦ୍ର ନେପାଳର ରାଜା ବା ଶାସକ ଥିବା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ତାଙ୍କୁ କ୍ଷମତାଚ୍ୟୁତ କରାଯାଇ ସେଠାରେ ରାଜତନ୍ତ୍ରର ବିଲୋପ ଘଟାଗଲା। ଏହାପରେ ନେପାଳରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସଂଗେସଂଗେ ଲୋକଙ୍କ ଦ୍ୱରା ନିର୍ବାଚିତ ସରକାରଙ୍କ ଦ୍ୱାରା ଶାସନ କାର୍ଯ୍ୟ ପରିଚାଳିତ ହୋଇଆସୁଛି। ରାଜତନ୍ତ୍ରର ଅବସାନ ଘଟିବା ପରେ ନେପାଳ ଆଉ ହିନ୍ଦୁ ରାଷ୍ଟ୍ର ହୋଇରହିଲା ନାହିଁ ଏବଂ ଏହାକୁ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କରାଗଲା। ରାଜତନ୍ତ୍ର ଶାସନ ସମୟରେ ଦେଶରେ ମାଓବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ଚରମସୀମାରେ ପହଞ୍ଚିଥିବାବେଳେ କେବଳ ଦଶ ବର୍ଷରେ ୧୭ ହଜାର ଲୋକ ସେମାନଙ୍କ ହିଂସାରେ ପ୍ରାଣ ହରାଇଥିଲେ। ମାତ୍ର ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ପରେ ମାଓବାଦୀମାନେ ହିଂସାର ପଥ ଛାଡି ରାଜନୀତିର ମୁଖ୍ୟ ଧାରାରେ ସାମିଲ ହେଲେ। ମାଓନେତା ପୁଷ୍ପ କମଲ ଦହଲ ଓରଫ ପ୍ରଚଣ୍ଡ ନିଜେ ନିର୍ବାଚନ ଲଢ଼ି ଏକାଧିକବାର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ଦୀର୍ଘ ୨୪୦ ବର୍ଷର ରାଜଶାସନ ପରେ ଗୋଟିଏ ଦେଶ ଗଣତନ୍ତ୍ରର ରାସ୍ତାକୁ ବାଛିନେବା ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ଗତ ୧୭ ବର୍ଷର ଶାସନ ଅଭିଜ୍ଞତା ଖୁବ୍ ନୈରାଶ୍ୟଜନକ ହୋଇପଡିଛି। ଗଣତନ୍ତ୍ର ପ୍ରତିଷ୍ଠା ସତ୍ତ୍ୱେ ଏ ଯାବତ ଦେଶରେ ରାଜନୈତିକ ସ୍ଥିରତା ଆସିପାରିଲା ନାହିଁ ଏବଂ କ୍ଷମତାସୀନ ନେତାମାନେ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ବର୍ତ୍ତମାନ ଦେଶରେ ଦାରିଦ୍ର୍ୟ ଓ ବେକାରୀ ବଢ଼ିବଢ଼ି ଚାଲିଛି। ଏହି ୧୭ ବର୍ଷ ଭିତରେ ଭାରତ ସହ ନେପାଳର ସଂପର୍କ ମଧ୍ୟ କ୍ଷୁର୍ଣ୍ଣ ହେବାରେ ଲାଗିଛି। ଏଥିଯୋଗୁଁ କିଛି ଲୋକ ଏବେ ଗଣତନ୍ତ୍ର ଆଡୁ ମୁହଁ ଫେରାଇ ପୁଣି ରାଜା ଜ୍ଞାନେନ୍ଦ୍ରଙ୍କୁ କ୍ଷମତାସୀନ କରାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ଏବଂ ଦେଶରେ ହିଂସାତ୍ମକ ଆନ୍ଦୋଳନ ମୁଣ୍ଡ ଟେକିଛି। ଅନେକ ସ୍ଥାନରେ ଜଳାପୋଡ଼ା, ଅରାଜକତା ଓ ହିଂସା ଦେଖାଦେବାରୁ ସୁରକ୍ଷାବାହିନୀ ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିଥିବାର ଖବର ମିଳିଛି। ଏଥିରେ ଦୁଇଜଣଙ୍କର ମୃତ୍ୟୁ ଘଟିବା ସହିତ ବହୁ ଲୋକ ଆହତ ହୋଇଛନ୍ତି। ଗାଦିଚ୍ୟୁତ ଶେଷ ରାଜା ଜ୍ଞାନେନ୍ଦ୍ର ରାଜତନ୍ତ୍ରର ପୁନଃ ପ୍ରତିଷ୍ଠା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଦେଶବାସୀଙ୍କୁ ଆହ୍ୱାନ ଦେବା ପରେ ନେପାଳ ଏଭଳି ଅଶାନ୍ତ ହୋଇଉଠିଛି। ତେବେ ଏହି କ୍ଷୁଦ୍ର ଦେଶର ଗତି ଆଗାମୀ ଦିନରେ କେଉଁଆଡକୁ ଯାଉଛି, ତାହା କେବଳ ଭବିଷ୍ୟତ ହିଁ କହିବ।

# ଭାରତୀୟ କାଳଗଣନା

ଗୋଲଖ ଚନ୍ଦ୍ର ଦାସ
ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୬୯୫୫୩

ଆଧୁନିକ ଜ୍ୟୋତିର୍ବିଜ୍ଞାନ ପାଇଁ ଭାରତୀୟ କାଳଗଣନା ଏକ ଚମତ୍କାର ଠାରୁ କମ୍ ନୁହେଁ। ଏହାର କାରଣ ଏହା ଏକ ସମୟରେ ଉଦ୍ଭାବିତ ହୋଇଥିଲା ଯେତେବେଳେ ଦୁନିଆର ଅନ୍ୟ କୌଣସି ସ୍ଥାନରେ ମାନବ ସଭ୍ୟତା ନଥିଲା। ଏହି ଗଣନାର ଇତିହାସ ପୃଥିବୀର ଉତ୍ପତ୍ତିରୁ ଆରମ୍ଭ। ଏହା ଅନନ୍ତ ଅଟେ। ଚାରୋଟି ଯୁଗ ଶେଷ ହେବ। ନୂତନ ଯୁଗର ଚକ୍ର ଆରମ୍ଭ ହେବ, କିନ୍ତୁ ଏହି ଗଣନା ତଥାପି ସମାନ ଗତିରେ ଜାରି ରହିବ। ଏହା ଏକ କ୍ଷଣର ପାର୍ଥକ୍ୟ ମଧ୍ୟ କରିବନାହିଁ। ଏଥିପାଇଁ ପ୍ରକୃତିକୁ ବୁଝିବାକୁ ପଡିବ। ଆମକୁ ପ୍ରକୃତିର ନିକଟତର ହେବାକୁ ପଡିବ। ସେହି ଅନୁସାରେ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡିବ।

ପ୍ରାଚୀନ କାଳରେ କାଳଗଣନା ଚନ୍ଦ୍ରର ଉଦୟ ଓ ବିକାଶ ତଥା ଋତୁମାନଙ୍କ ପରିବର୍ତ୍ତନ ଦ୍ୱାରା କରାଯାଉଥିଲା। ପ୍ରାଚୀନତମ ଗ୍ରନ୍ଥ 'ଋଗ୍‌ବେଦ' ରେ ଋତୁ ସଂପର୍କରେ ଉଲ୍ଲେଖ କରାଯାଇଛି। ସୂର୍ଯ୍ୟଙ୍କ କାରଣରୁ ଋତୁଗୁଡିକର ଉତ୍ପତ୍ତି କିମ୍ବା ପରିବର୍ତ୍ତନ ହେଉଥିଲା। ସୂର୍ଯ୍ୟଙ୍କୁ ଋତୁମାନଙ୍କର ପିତା କୁହାଯାଏ। ଏହି କାରଣରୁ ଋତୁଚକ୍ରକୁ ସମ୍ବତ୍ସର କୁହାଯାଏ। ଗଣିତ ଦ୍ୱାରା ପାଞ୍ଚଟି ସମ୍ବତ୍ସର ଉପରେ ଅନୁସନ୍ଧାନ କରି ତାହାକୁ ବର୍ଣ୍ଣନା କରିବାକୁ ହିଁ ପଞ୍ଜିକା କୁହାଯାଏ। ସାଧାରଣତଃ, ପଞ୍ଜିକାରେ ତିଥି, ବାର, ନକ୍ଷତ୍ର, ଯୋଗ ଏବଂ ରାଶି ଆଦି ଉଲ୍ଲେଖ ହୋଇଥାଏ। କେଉଁ ଦିନ କେଉଁ ତିଥି କିମ୍ବା ବାର ଅଟେ, ବର୍ଷ କେବେ ଆରମ୍ଭ ହେଲା, ଏହି ସମୟରେ ସୂର୍ଯ୍ୟ ଏବଂ ଚନ୍ଦ୍ର କେଉଁ ସ୍ଥାନରେ ଅଛନ୍ତି, ଇତ୍ୟାଦି ଏହି ସମସ୍ତ ତଥ୍ୟ ପଞ୍ଜିକାକୁ ଦେଖି ସହଜରେ ଜାଣି ହୁଏ।

ଶକମାନଙ୍କ ଆଗମନ ପୂର୍ବରୁ ବେଦାଙ୍ଗ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଏଠାରେ ବର୍ଷ ଗଣନା କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସୂର୍ଯ୍ୟ ସିଦ୍ଧାନ୍ତ ଏବଂ ଅନ୍ୟାନ୍ୟ ସିଦ୍ଧାନ୍ତ ଅନୁଯାୟୀ ବର୍ଷର ଗଣନା କରାଯାଉଛି। ପ୍ରାୟ ୪୦୦ ଖ୍ରୀଷ୍ଟାବ୍ଦରେ ବେଦାଙ୍ଗ ଜ୍ୟୋତିଷ ଅନୁଯାୟୀ ବର୍ଷର ଗଣନା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୪୦୦ ରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ, ସମଗ୍ର ଭାରତରେ 'ସିଦ୍ଧାନ୍ତ ଜ୍ୟୋତିଷ' ଅନୁଯାୟୀ ପଞ୍ଜିକା ତିଆରି ହେବା ଆରମ୍ଭ ହେଲା। ଶକ୍ ସମ୍ବତ୍ର ପ୍ରଚଳନ ସବୁଆଡେ ଲୋକପ୍ରିୟ ହେଲା। ରାଜା ମଧ୍ୟ ନିଜ ନାମରେ ସମ୍ବତ୍ ଚଳାଇବା ଆରମ୍ଭ କଲେ। ସାଧାରଣତଃ ସେ ସିଂହାସନ ଆରୋହଣ କରିଥିବା ବର୍ଷରୁ ତାଙ୍କର ସମ୍ବତ୍ ଆରମ୍ଭ ହୋଇଥାଏ। ଏହି ସମ୍ବତ୍ ସୂର୍ଯ୍ୟ ସିଦ୍ଧାନ୍ତ, ଆର୍ଯ୍ୟ ସିଦ୍ଧାନ୍ତ କିମ୍ବା ବ୍ରହ୍ମ ସିଦ୍ଧାନ୍ତ ଉପରେ ଆଧାରିତ ଥିଲା।

ଧାର୍ମିକ ଗଣନା ପାଇଁ, ସମଗ୍ର ଭାରତରେ ଏବଂ ହିନ୍ଦୁ ରାଜାମାନଙ୍କ ରାଜ୍ୟରେ ଏହି ପ୍ରକାରେ ବର୍ଷର ଗଣନା ପ୍ରଚଳିତ ଥିଲା। କିନ୍ତୁ ୧୨୦୦ ମସିହା ପରେ ଯେଉଁ ଯେଉଁଠାରେ ମୁସଲମାନ ଶାସନ ପ୍ରତିଷ୍ଠା ହେଲା, ସେମାନେ ନିଜ ଇଚ୍ଛା ଅନୁଯାୟୀ ନିଜର ପ୍ରାଧାନ୍ୟ ବିସ୍ତାର ପାଇଁ ଇସଲାମିକ ହିଜରୀ କ୍ୟାଲେଣ୍ଡରର ପ୍ରବର୍ତ୍ତନ କଲେ। ହିଜରୀରେ ବର୍ଷ ଗଣନା ଚନ୍ଦ୍ର ମାସ ଅନୁଯାୟୀ କରାଯାଏ।

୧୫୮୪ ମସିହାରେ ଆକବର ହିଜରୀ ବର୍ଷ ଗଣନା ବନ୍ଦ କରି ତାରିକ୍ ଇଲାହି ପ୍ରଚଳନ କଲେ। ଯାହା ସୌର ବର୍ଷ ଗଣନା ଉପରେ ଆଧାରିତ ଥିଲା। ତାରିକ୍ ଇଲାହିର ପ୍ରଚଳନ ମଧ୍ୟ ପ୍ରାୟ ୧୬୩୦ରେ ବନ୍ଦ ହୋଇଗଲା ଏବଂ ହିଜରୀ କାଳଗଣନା ପୁନର୍ବାର ପ୍ରଚଳନ ହେଲା। ପ୍ରାୟ ୧୭୫୭ ମସିହାରେ ବ୍ରିଟିଶମାନେ ଭାରତରେ ସେମାନଙ୍କର ଶାସନ ପ୍ରତିଷ୍ଠା କରିବା ପରେ ଖ୍ରୀଷ୍ଟିଆନମାନଙ୍କ ସମୟ ଗଣନା ଗ୍ରେଗେରିଆନ କ୍ୟାଲେଣ୍ଡର ପ୍ରଚଳିତ କରିଥିଲେ। ସେମାନେ ଶାସନରେ ଥିବାରୁ ପ୍ରଶାସନିକସ୍ତରରେ କାର୍ଯ୍ୟ କରିବା ପାଇଁ ବ୍ୟବହାର କଲେ। ଏହାର ପ୍ରଚାର ଇଂରାଜୀ ଶିକ୍ଷା ସହିତ ସମଗ୍ର ଭାରତରେ ବ୍ୟାପିଗଲା ଏବଂ ଏହା ଭାରତରେ ଏତେ ଲୋକପ୍ରିୟ ହେଲା ଯେ ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲା। ଯଦିଓ ଭାରତ ସରକାର ୨୨ ମାର୍ଚ୍ଚ ୧୯୫୭ ରୁ ପଂଚାଙ୍ଗକୁ ସଂଶୋଧିତ କରିଛନ୍ତି, କିନ୍ତୁ ଏହା କେବଳ କିଛି ସୀମା ଭିତରେ ସରକାରୀ ବିଭାଗରେ ହିଁ ବ୍ୟବହୃତ ହୋଇଛି। ସରକାରୀ ବିଭାଗରେ ମଧ୍ୟ ଗ୍ରେଗେରିଆନ କ୍ୟାଲେଣ୍ଡର ବ୍ୟବହାର ହେଉଛି। ବିଭିନ୍ନ ଧର୍ମର ଲୋକମାନେ ସେମାନଙ୍କର ଧାର୍ମିକ କ୍ୟାଲେଣ୍ଡରଗୁଡ଼ିକୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି।

ରାଷ୍ଟ୍ରୀୟ ପଞ୍ଜିକା ନିର୍ଣ୍ଣୟ କରିବା ପାଇଁ ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର ମେଘନାଥ ସାହାଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନ ଭାରତ ସରକାର କ୍ୟାଲେଣ୍ଡର ରିଫର୍ମ କମିଟିକୁ ଗଠନ କରିଥିଲେ। ୧୯୫୨ ମସିହାରେ ବିଜ୍ଞାନ ଏବଂ ସଂସ୍କୃତିକୁ ପତ୍ରିକାରେ ପ୍ରକାଶିତ ରିପୋର୍ଟର ମୁଖ୍ୟ ବିଷୟଗୁଡ଼ିକ ହେଉଛି -ଖ୍ରୀଷ୍ଟିଆନ ଧର୍ମ ସହିତ ଖ୍ରୀଷ୍ଟିଆନ କ୍ୟାଲେଣ୍ଡରର କୌଣସି ମୌଳିକ ସମ୍ପର୍କ ନାହିଁ। ଏହି ଖ୍ରୀଷ୍ଟିୟାନ କ୍ୟାଲେଣ୍ଡରରେ ଏକ ବର୍ଷ ହେଉଛି ୧୦ ମାସ ଓ ୩୦୪ ଦିନ। ପୁରାତନ ରୋମାନ ସଭ୍ୟତାକୁ ମଧ୍ୟ ଜଣା ନଥିଲା ଯେ ସୌର ବର୍ଷ ଏବଂ ଚନ୍ଦ୍ର ମାସର ଅବଧି କ'ଣ? ସେମାନେ ଦଶ ମାସକୁ ଏକ ବର୍ଷ ରୂପେ ଗଣନା କରୁଥିଲେ। ସେନାପତି ଜୁଲିୟସ୍ ସିଜର ଏହାକୁ ସଂଶୋଧନ କରିଥିଲେ। ଯୀଶୁଙ୍କ ଜନ୍ମର ୫୩୦ ବର୍ଷ ବିତିଯିବା ପରେ, ଖ୍ରୀଷ୍ଟିଆନ ବିସପ୍ ମାନେ ଯଥେଷ୍ଟ କଳ୍ପନାଜଳ୍ପନା କରି ପରେ ଡିସେମ୍ବର ୨୫ କୁ ଯୀଶୁଙ୍କ ଜନ୍ମଦିନ ଭାବରେ ଘୋଷଣା କରିଥିଲେ। ୧୫୭୨ ମସିହାରେ ତ୍ରୟୋଦଶ ପୋପ୍ ଗ୍ରେଗୋରୀ ମହାଶୟ ଦଶ ଦିନ ପର୍ଯ୍ୟନ୍ତ କ୍ୟାଲେଣ୍ଡରକୁ ବଢ଼େଇ ଅକ୍ଟୋବର ୫ (ଶୁକ୍ରବାର)କୁ ଅକ୍ଟୋବର ୧୫ କରିଦେଲେ। ବ୍ରିଟେନ ଏହାକୁ ଦୁଇଶହ ବର୍ଷ ପରେ ୧୭୭୫ ମସିହାରେ ସ୍ୱୀକାର କଲା। ବ୍ରିଟେନ ଏହାକୁ ୧୧ ଦିନ ହ୍ରାସ କରି ୩ ସେପ୍ଟେମ୍ବର କୁ ୧୪ ସେପ୍ଟେମ୍ବର କଲା। ୟୁରୋପୀୟ କ୍ୟାଲେଣ୍ଡରର ମାସ ୨୮,୨୯,୩୦,୩୧ ଦିନ ଅଛି, ଯାହା ଅଜବ ଅଟେ। ଏଗୁଡ଼ିକ କୌଣସି ଜ୍ୟୋତିର୍ବିଜ୍ଞାନ ଗଣନା ଉପରେ କିମ୍ବା କୌଣସି ପ୍ରକୃତି ଚକ୍ର ଉପରେ ଆଧାରିତ ନୁହେଁ।

କ୍ୟାଲେଣ୍ଡର ରିଫର୍ମ କମିଟି ବିକ୍ରମ ସମ୍ବତ୍‌କୁ ଏକ ରାଷ୍ଟ୍ରୀୟ ସମ୍ବତ୍ କରିବାକୁ ସୁପାରିଶ କରିଥିଲେ। ପ୍ରକୃତରେ ବିକ୍ରମ ସମ୍ବତ୍ ଖ୍ରୀଷ୍ଟୀୟ ସମ୍ବତ୍ ଠାରୁ ୫୭ ବର୍ଷ ପୁରୁଣା ଥିଲା କିନ୍ତୁ ତତ୍କାଳୀନ ସରକାରଙ୍କ 'ଇଂରାଜୀ ମାନସିକତା' ହେତୁ ସେମାନେ ଏହି ସୁପାରିଶକୁ ପସନ୍ଦ କରିନଥିଲେ।

ଚିଲିଡ୍ରେନସ ବ୍ରିଟାନିକା ଭାଗ ୧.୩-୧୯୬୪ରେ କ୍ୟାଲେଣ୍ଡରର ଇତିହାସ ସଂପର୍କରେ କୁହାଯାଇଛି ଯେ ଗ୍ରେଗେରିଆନ କ୍ୟାଲେଣ୍ଡରରେ ଅନେକ ଥର ତ୍ରୁଟିବିଚ୍ୟୁତି ହୋଇଛି ଏବଂ ସେଥିରେ ଅନେକ ସଂଶୋଧନ କରିବାକୁ ପଡ଼ିଛି। ସେଥିରେ ମାସର ଗଣନା ଚନ୍ଦ୍ରର ଗତିବିଧି ଏବଂ ବର୍ଷର ଗଣନା ସୂର୍ଯ୍ୟଙ୍କ ଗତିବିଧି ଉପରେ ଆଧାରିତ। ଆଜି ମଧ୍ୟ ଏଥିରେ କୌଣସି ପାରସ୍ପରିକ ସମନ୍ୱୟ ନାହିଁ।

ଖ୍ରୀଷ୍ଟିଆନ ଧର୍ମରେ, ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଇତିହାସର ଏକ ନିର୍ଣ୍ଣାୟକ ଘଟଣା ଅଟେ। ତେଣୁ, ଇତିହାସକୁ ଖ୍ରୀଷ୍ଟପୂର୍ବ (ଖ୍ରୀଷ୍ଟଙ୍କ ପୂର୍ବରୁ) ବି. ସି. ଏବଂ ଏ. ଡି. (ଆନ୍ନୋ ଡୋମିନି) ରେ ବିଭକ୍ତ ଅର୍ଥାତ୍ ଆମ ପ୍ରଭୁଙ୍କ ବର୍ଷରେ ବଣ୍ଟାଗଲା। କିନ୍ତୁ ଖ୍ରୀଷ୍ଟଙ୍କ ଜନ୍ମର କିଛି ଶତାବ୍ଦୀ ପର୍ଯ୍ୟନ୍ତ ଏହି ପଦ୍ଧତି ପ୍ରୟୋଗ ହୋଇପାରିଲା ନାହିଁ।

ଆଜିର ଖ୍ରୀଷ୍ଟୀୟ କ୍ୟାଲେଣ୍ଡରର ମୂଳ ହେଉଛି ରୋମାନ୍ ସମ୍ବତ୍। ଖ୍ରୀଷ୍ଟଙ୍କ ଜନ୍ମର ୭୫୩ ବର୍ଷ ପୂର୍ବରୁ ଏହା ରୋମ ସହର ପ୍ରତିଷ୍ଠା ସହିତ ଆରମ୍ଭ ହୋଇଥିଲା। ସେହି ସମୟରେ ଏଥିରେ ବର୍ଷକ ୧୦ ମାସ ଥିଲା। ଏହି ଗଣନା ଅନୁସାରେ ପ୍ରଥମ ମାସ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା ଏବ ଶେଷ ମାସ ଡିସେମ୍ବର ଥିଲା ଏବଂ ବର୍ଷ ୩୦୪ ଦିନ ଥିଲା। ପରେ, ରାଜା ନୁମା ପିମ୍ପୋଲିୟସ୍ ଆଉ ଦୁଇମାସ ଜାନୁଆରୀ ଓ ଫେବୃଆରୀକୁ ଯୋଡିଥିଲେ। ସେହି ଦିନଠାରୁ ବର୍ଷକ ୧୨ ମାସ ଅର୍ଥାତ୍ ୩୫୫ ଦିନ ହୋଇଥିଲା। ତଥାପି ଏହି ଗଣନା ଠିକ୍ ନଥିଲା। ଏହା ଗ୍ରହମାନଙ୍କର ଗତିବିଧି ସହିତ ମେଳ ଖାଉ ନଥିଲା, ତେଣୁ ଜୁଲିୟସ୍ ସିଜର ଏହାକୁ ୩୬୫ ଏବଂ ୧/୪ ଦିନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କିଛି ମାସ ୩୦ ଦିନ ଏବଂ ଆଉ କିଛି ମାସ ୩୧ ଦିନ ତଥା ଫେବୃଆରୀ ମାସକୁ ୨୮ ଦିନ ଭାବରେ ତିଆରି କରାଯାଇଥିଲା। ଫେବୃୟାରୀ ମାସ ପ୍ରତି ଚାରି ବର୍ଷରେ ଥରେ ୨୯ ଦିନ ହୋଇଥାଏ। ଏହିପରି ଏହି ଗଣନା ଆରମ୍ଭରୁ ହିଁ ଅବୈଜ୍ଞାନିକ, ଅସଙ୍ଗତ, ଅସନ୍ତୁଳିତ, ବିବାଦୀୟ ଏବଂ କାଳ୍ପନିକ ଅଟେ।

ଗତ ଦୁଇ ହଜାର ବର୍ଷ ମଧ୍ୟରେ ଅନେକ ଭାରତୀୟ ଏବଂ ବିଦେଶୀ ରାଜା ସେମାନଙ୍କର ସାମ୍ରାଜ୍ୟବାଦୀ ଆକାଂକ୍ଷାକୁ ପୂରଣ କରିବା ଏବଂ ଦେଶକୁ ରାଜନୈତିକ ନିର୍ଭରଶୀଳ କରିବା ଲକ୍ଷ୍ୟରେ ଅନେକ ରାଜ୍ୟ ଶାସନ କରିଛନ୍ତି। କିନ୍ତୁ ଭାରତୀୟ ଜାତିର ସାଂସ୍କୃତିକ ପରିଚୟ କେବଳ ବିକ୍ରମ ସମ୍ବତ ସହ ଜଡିତ ରହିଲା। ଇଂରାଜୀ ଶିକ୍ଷା ଏବଂ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ହେତୁ ଆଜି (AD Samvat) ଖ୍ରୀଷ୍ଟୀୟ ସମ୍ବତ୍ ସର୍ବତ୍ର ପ୍ରଚଳିତ ହୋଇପାରେ ଏବଂ ଭାରତୀୟ କାଳଗଣନା,ତିଥି,ବାର ଏବଂ ମାସର ସମୟ ଗଣନା ବିଷୟରେ ଲୋକମାନେ ଅଜ୍ଞ ହୋଇ ପାରନ୍ତି, କିନ୍ତୁ ବାସ୍ତବତା ହେଉଛି ଦେଶର ସାଂସ୍କୃତିକ ପର୍ବ ରଥଯାତ୍ରା, ଗୁରୁବାର ଓଷା, ବିଷୁବ ସଂକ୍ରାନ୍ତି, ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ମହାଶିବରାତ୍ରି ତଥା ଶ୍ରୀମନ୍ଦିରରେ ୧୨ ମାସରେ ତେର ପର୍ବ ଏବଂ ବୁଦ୍ଧ, ମହାବୀର, ଶଙ୍କରାଚାର୍ଯ୍ୟ, ଗୁରୁ ନାନକ ଆଦି ମହାନ ବ୍ୟକ୍ତିଙ୍କ ଜୟନ୍ତୀ ଭାରତୀୟ ସମୟଗଣନା ଅନୁଯାୟୀ ପାଳନ କରାଯାଏ, ଏହା ଖ୍ରୀଷ୍ଟିଆନ ସମ୍ବତ୍ ଅନୁଯାୟୀ ନୁହେଁ। ନାମକାରଣ-ମୁଣ୍ଡାନର ଶୁଭ ସମୟ ହେଉ କିମ୍ବା ବିବାହ ପରି ସାମାଜିକ କାର୍ଯ୍ୟଗୁଡ଼ିକର ରୀତିନୀତି ହେଉ, ଏସବୁ ଭାରତୀୟ ପଞ୍ଜିକା ବ୍ୟବସ୍ଥା ଅନୁଯାୟୀ କରାଯାଇଥାଏ, ଏହା କୌଣସି ଖ୍ରୀଷ୍ଟୀୟ ସନ୍ ର ତାରିଖ ଅନୁଯାୟୀ ନୁହେଁ।

# ଶ୍ରୀଜୀଉଙ୍କ ବେଶ

କବୀର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,କଟକ
ମୋ : ୮୯୧୭୩୭୭୯୮୭

ମହାପ୍ରଭୁ ପ୍ରତ୍ୟହ ଷାଠିଏ ପଉଟି ଭୋଗ ଯେପରି ମଣୋହି କରିଥାନ୍ତି ସହଜେ ତ ତାଙ୍କର ରୀତିନୀତି ଠିକ ଆମମାନଙ୍କ ପରି। ତେବେ ତାଙ୍କୁ ସୌନ୍ଦର୍ଯ୍ୟରେ ଚମକାଇ ଦେଉଥିବା ଅନେକ ବେଶ ଗୁଡ଼ିକ ହେଉଛି ମୁଖ୍ୟତଃ ପରମ୍ପରା ଓ ସମ୍ପୃକ୍ତ ଦିନର ପର୍ବ ପର୍ବାଣୀର ମହାତ୍ମ୍ୟକୁ ନେଇ। ମହାପ୍ରଭୁଙ୍କ ଏହି ଚବିଶ ବେଶ ଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଶ୍ରୀରାମ ବେଶ, ଶ୍ରୀଗଣେଶ, ନୃସିଂହ, ବାମନ, ଶ୍ରୀକୃଷ୍ଣ। ମହାପ୍ରଭୁଙ୍କ ନିଜସ୍ୱ ବେଶ ରହିଛି ବାରଟି। ତେବେ ବେଶ ମଧ୍ୟ ତିନି ପ୍ରକାରର। ତାହା ହେଉଛି ପୁଷ୍ପ ବେଶ, ବସ୍ତ୍ର ବେଶ ଓ ଭୂଷଣ ବେଶ। ପ୍ରତ୍ୟେହ ସକାଳ ଆଠଟାରୁ ସାଢ଼େ ଆଠଟା ଭିତରେ ବେଶ ଲାଗିର ପରମ୍ପରା ସମ୍ପର୍କରେ ସ୍ୱତ୍ୱଲିପି ଓ ମାଦଳା ପାଞ୍ଜିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶ୍ରୀଜୀଉଙ୍କ ବସ୍ତ୍ର ଓ ଅଳଙ୍କାର ସେବା ଲାଗି ପୁଷ୍ପାଳକ ସେବାୟତମାନେ ରହିଛନ୍ତି। ଚୈତ୍ର କୃଷ୍ଣ ପ୍ରତିପଦା ଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଓ ମାର୍ଗଶୀର କୃଷ୍ଣ ପ୍ରତିପଦ ଠାରୁ ଓଢ଼ଣ ଷଷ୍ଠୀ ପର୍ଯ୍ୟନ୍ତ ସାଧାରଣ ବେଶ ହୋଇଥାଏ। ସ୍ନାନ ପୂର୍ଣ୍ଣିମା ଠାରୁ ରେଖା ପଞ୍ଚମୀ ପର୍ଯ୍ୟନ୍ତ ରାହୁ ଲେଖା ଲାଗି ହୁଏ ନାହିଁ।

ଆସନ୍ତୁ ମହାପ୍ରଭୁଙ୍କ ବିଭିନ୍ନ ବେଶ ସମ୍ପର୍କରେ ଜାଣିବା। ପ୍ରତିଦିନ ଅବକାଶ ବେଶ ହୋଇଥାଏ। ତେବେ ପହୁଡ଼ ବେଶ ଭାବେ ପ୍ରତିଦିନ ହୋଇଥାଏ ବଡ଼ ସିଂହାର ବେଶ। ସ୍କନ୍ଦ ପୁରାଣରେ ଚନ୍ଦନ ଲାଗି ବେଶ ସମ୍ପର୍କରେ ଉଲ୍ଲେଖ ରହିଛି। ବୈଶାଖ ମାସ ଶୁକ୍ଳ ଦଶମୀ ଦିନ ଚକ୍ରନାରାୟଣ ବେଶ ହେଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମଣୀ ହରଣ ବେଶ ହୋଇଥାଏ। ଶ୍ରୀଜୀଉଙ୍କ ସ୍ନାନ ବେଦୀରେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ଦିନ ଗଣପତି ବେଶ ବା ହାତୀ ବେଶ ହୋଇଥାଏ। ଅନବସରରୁ ଶ୍ରୀଜୀଉଙ୍କ ଯେଉଁ ପ୍ରଥମ ଦର୍ଶନଟି ଆଷାଢ଼ ଅମାବାସ୍ୟା ଦିନ ହୋଇଥାଏ ତାହା ହେଉଛି ନବ ଯୌବନ ବେଶ।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥାରୁଢ଼ ଶ୍ରୀଜୀଉଙ୍କ ସୁନାବେଶ ହୋଇଥାଏ। ଏହାକୁ ରାଜା ବେଶ ବା ତଡ଼ାଉ ବେଶ କୁହାଯାଏ। ଶ୍ରାବଣ ମାସର ଅମାବାସ୍ୟାରେ ଚିତାଲାଗି ବେଶ ହେଉଥିବାବେଳେ ଭାଦ୍ର କୃଷ୍ଣ ପଞ୍ଚମୀରେ ରେଖା ଲାଗି ବେଶ ହୋଇଥାଏ। ସଂକୀର୍ତ୍ତନ ଚେତନାର ବାର୍ତ୍ତାବହ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ବନଭୋଜି ବେଶ ଭାଦ୍ରବ କୃଷ୍ଣ ଦଶମୀ ଦିନ ହୋଇଥାଏ। ଭାଦ୍ର କୃଷ୍ଣ ଏକାଦଶୀ ତିଥିରେ ମାର୍କଣ୍ଡେୟ ପୁଷ୍କରିଣୀରେ କାଳୀୟ ଦଳନ ଲୀଳା ପରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ଅତ୍ୟନ୍ତ ଆନନ୍ଦମୟ ହୋଇଥାଏ। ଭାଦ୍ର କୃଷ୍ଣ ଦ୍ୱାଦଶୀରେ ଷୋଡ଼ଶ ଶତାବ୍ଦୀର ଭକ୍ତ ବଳରାମ ଦାଶଙ୍କ ପ୍ରବର୍ତ୍ତିତ ପ୍ରଳମ୍ବାସୁର ବଧ ବେଶ ହୋଇଥାଏ। ଭାଦ୍ର କୃଷ୍ଣ ତ୍ରୟୋଦଶୀରେ ଷୋଡ଼ଶ ଶତାବ୍ଦୀର ମହାନ ସିଦ୍ଧ ସାଧକ ଶ୍ରୀବଲ୍ଲଭାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ କୃଷ୍ଣ ବଳରାମ ବେଶ ମହାପ୍ରଭୁଙ୍କ କୃଷ୍ଣ ଚେତନାର ଭାବ ଭକ୍ତଜନଙ୍କୁ ଆଶୀର୍ବାଦ ଭାବରେ ମିଳିଥାଏ। ଏକାଦଶ ଶତକରେ କଳିଙ୍ଗ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିବା ବାମନ ଜନ୍ମ ଅବସରରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ବଳୀ ବାମନ ବେଶ ହୋଇଥାଏ। ମହାପ୍ରଭୁଙ୍କ ଭାବଚେତନା ଓ ଲୀଳା ମହାତ୍ମ୍ୟ ଉପରେ ଗବେଷଣ କରିଥିବା ପ୍ରଫେସର ଡକ୍ଟର ସୁରେନ୍ଦ୍ରନାଥ ଦାଶଙ୍କ ତଥ୍ୟ ମୁତାବକ ଆଶ୍ୱୀନ ଶୁକ୍ଳ ଦଶମୀ ଦିନ ରାଜା ବେଶ ହୋଇଥାଏ। ସେହିପରି ଆଶ୍ୱୀନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶ ହୋଇଥାଏ। ଏହି ବେଶ ପଞ୍ଚଦଶ ଶତକର ମହାନ ବୈଷ୍ଣବ ସମ୍ପ୍ରଦାୟର ସାଧକ ମାଧବାଚାର୍ଯ୍ୟ ପ୍ରବର୍ତ୍ତନ କରିଥିଲେ। ଦ୍ୱାଦଶ ଶତକରେ ରାମାନୁଜଚାର୍ଯ୍ୟ ପ୍ରବର୍ତ୍ତିତ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଅନୁଷ୍ଠିତ ହୁଏ। କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିନ ବାମନ ବେଶ ବା ବାଙ୍କଚୂଡ଼ ବେଶ ହୋଇଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ ଆଡ଼କିଆ ବେଶ ବା ନୃସିଂହ ବେଶ ହୋଇଥାଏ। ତେବେ ସ୍ୱତ୍ୱଲିପିର ତଥ୍ୟ ମୁତାବକ ନେପାଳର ରାଜା ଶ୍ରୀରାମ ଦାଶ ମଠ ତଥା ବଡ଼ଛତା ମଠ ସହାୟତାରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀଜୀଉଙ୍କ ଡାଳକିଆ ବେଶ ବା ପର୍ଶୁରାମ ବେଶ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଓ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥାନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ସ୍ମରଣୀୟ ପବିତ୍ର ମାସ ପୁର୍ଣ୍ୟ କାର୍ତ୍ତିକର ପଞ୍ଚୁକ ପାଞ୍ଚ ଦିନରେ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ହୋଇଥାଏ। ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି ଯେ ଏହି ବେଶକୁ ହିମାଚଳ ପ୍ରଦେଶର ପର୍ଶୁରାମ ଭକ୍ତ ତଥା ସନାତନ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିଲେ।

ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଭିତରେ ଅନ୍ୟତମ ଆକର୍ଷଣ ବେଶଟି ହେଉଛି ଘୋଡ଼ଲାଗି ବେଶ। ଅନେକ ଏହାକୁ ଓଢ଼ଣ ଲାଗି ବେଶ ମଧ୍ୟ କହିଥାନ୍ତି। ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ଘୋଡ଼ ଲାଗି ହୋଇଥାଏ। ତେବେ ଷୋଳଶ ଶତାବ୍ଦୀ କବୀର ଓ ନାନକଙ୍କ ପ୍ରବର୍ତ୍ତିତ ଠିଆ ଘୋଡ଼ଲାଗି ବେଶ ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ସମ୍ପାଦନ ହୋଇଥାଏ। ଏହି ବେଶରେ ଘୋଡ଼ ଲାଗି ଅର୍ଥାତ୍ ଶ୍ରୀଜୀଉଙ୍କ ସମ୍ପୂର୍ଣ୍ଣ ଶରୀର ଘୋଡ଼ ବା ଘୋଡ଼ା ହୋଇନଥାଏ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ପ୍ରତିପଦ ପର୍ଯ୍ୟନ୍ତ ଶ୍ରାଦ୍ଧ ବେଶ ହୋଇଥାଏ। ଠିକ ଆମ ମାନଙ୍କ ସାମାଜିକ ଚଳଣୀ ପରି ଶ୍ରୀଜୀଉମାନେ ତିନି ଦିନ ଧରି ଶ୍ରାଦ୍ଧ ଦାନ କରିବାର ପରମ୍ପରା ରହିଛି। ଓଡ଼ିଆ ମାସର ଆରମ୍ଭ କୁହାଯାଉଥିବା ମକର ସଂକ୍ରାନ୍ତି ଦିନ ମକର ଚୂଳ ଲାଗି ବେଶ ହୋଇଥାଏ। ତେବେ ମହାପ୍ରଭୁଙ୍କ ଅନ୍ୟତମ ବଡ଼ ଓ ଆକର୍ଷଣୀୟ ଭବ୍ୟ ବେଶ ହେଉଛି ପଦ୍ମବେଶ ବା ପଦ୍ମମୁଖ ବେଶ। ମାଘ ମାସ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ବେଶଟି ଶ୍ରୀଜୀଉଙ୍କ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପୁରୀକୁ ଟାଣି ଆଣିଥାଏ। ବଡ଼ଛତା ମଠ ଦ୍ୱାରା ଆୟୋଜିତ ସପ୍ତଦଶ ଶତକର ସନ୍ଥ ରଘୁବର ଦାସ ଏହାର ପ୍ରବର୍ତ୍ତନ କରିଥିଲେ।

ମାଘ ପୂର୍ଣ୍ଣିମା ଦିନ ଦ୍ୱାଦଶ ଶତକର ସାଧକ ରାମାନୁଜାଚାର୍ଯ୍ୟ ପ୍ରବର୍ତ୍ତିତ ଗଜ ଉଦ୍ଧାରଣ ବେଶ ବା ଗଜେନ୍ଦ୍ର ମୁଖ୍ୟ ବେଶ ଶ୍ରୀଜୀଉଙ୍କର ହୋଇଥାଏ। ଦୋଳଯାତ୍ରା ଅବସରରେ ଅର୍ଥାତ୍ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଚୈତ୍ର ପ୍ରତିପଦ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚାଚେରୀ ବେଶ ପରମ୍ପରା ରହିଛି। ପୌଷ ପୂର୍ଣ୍ଣିମା କିମ୍ବା ଚୈତ୍ର ଶୁକ୍ଳ ନବମୀ ଅର୍ଥାତ୍ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ତିଥିରେ ମହାପ୍ରଭୁ ରାମ ରାଜା ବେଶରେ ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାନ୍ତି। ଏହି ବେଶରେ ଦଣ୍ଡ ଛତ୍ର ନୀତି ଅନୁଷ୍ଠିତ ହୋଇଥାଏ। ତେବେ ମାଦଳା ପାଞ୍ଜିର ତଥ୍ୟ ମୁତାବକ ଜଗନ୍ନାଥଙ୍କୁ ଦର୍ଶନ କରି ଅତି ଆନନ୍ଦରେ ଭାବମୟ ହୋଇ ସନ୍ଥ ତୁଳସୀ ଦାସଙ୍କ ସ୍ମୃତିରେ ଏହି ବେଶଟି ହେଉଥିଲେ ମଧ୍ୟ ଷୋଡ଼ଶ ଶତକରେ ରାମାନୁଜାଚାର୍ଯ୍ୟ ଏହାର ପ୍ରବର୍ତ୍ତନ କରିଥିଲେ ବୋଲି ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଶ୍ରୀରାମ ନବମୀ ଅର୍ଥାତ୍ ଚୈତ୍ର ଶୁକ୍ଳ ନବମୀ ଦିନ ଶ୍ରୀଜୀଉଙ୍କ ରଘୁନାଥ ବେଶ ଅତ୍ୟନ୍ତ ଭାବମୟ କରିଦିଏ। ଏହି ବେଶଟି ମହାପ୍ରଭୁଙ୍କ ଏକ ପ୍ରକାର ବ୍ୟୟ ବହୁଳ ବେଶ କହିଲେ ଅତ୍ୟୁକ୍ତି ହେବନାହିଁ। ଷୋଡ଼ଶ ଶତକର ମହାନ ଆଧ୍ୟାତ୍ମିକ ସାଧକ ରାମାନୁଜଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଏହି ବେଶଟି ଏବେ ଅନେକ କାରଣରୁ ନିୟମିତ ହୋଇପାରୁନାହିଁ। ତେବେ ଏହି ସମସ୍ତ ବେଶଗୁଡ଼ିକ ମହାପ୍ରଭୁଙ୍କ କୋଟି କୋଟି ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାଏ।

# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ



ଡାକ୍ତର ଶୁଭଶ୍ରୀ ମିଶ୍ର
ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
ମୋ: ୯୮୬୧୪୬୩୪୦୬

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହା ପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବୀ ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱାଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ୍ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟାଲ ଫର୍ଟିଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଦ୍ଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତତିଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ୍ୟ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାଶିଂଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷ୍ଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିଡକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି। ତେଣୁ ବର୍ତ୍ତମାନ ପାଇଁ ଏକ ନିମ୍ନଗାମୀ ଟିଏଫଆରମ ଆମ ପାଇଁ ଏକ ସମସ୍ୟା ରୂପେ ଆବିର୍ଭୂତ ହୋଇନାହିଁ। କିନ୍ତୁ ଯଦି ଦୀର୍ଘକାଳ ଧରି ଏହି ଧାରା ଅବ୍ୟାହତ ରହେ ତେବେ ଦୂର ଭବିଷ୍ୟତରେ ଏକ ସମୟ ଆସିବ, ଯେତେବେଳେ ଆମକୁ ଆଜିର ଦକ୍ଷିଣ କୋରିଆ ବା ଜାପାନ ଭଳି ପରିବାର ନିୟୋଜନ ପରିବର୍ତ୍ତେ ଏକ ପରିବାର ସମ୍ପ୍ରସାରଣ ଅଭିଯାନ ଆରମ୍ଭ କରିବାକୁ ପଡ଼ିପାରେ।



କରଞ୍ଜିଆ(ଭାସ୍କର ନ୍ୟୁଜ): ପୁଣ୍ୟ ଉତ୍କଳ ଫାଉଣ୍ଡେସନ ରାଜ୍ୟ ସଭାପତି ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଫାଉଣ୍ଡେସନ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ଓ ଲୋକହିତକର କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଆଜି ୯୦ ତମ ଓଡ଼ିଶା ଦିବସ ପାଳନ ଅବସରରେ ଏହି ସଂଗଠନର କରଞ୍ଜିଆ ଶାଖା ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର କଚେରୀ ଛକ ନିକଟରେ ସ୍ଥାପନ କରାଯାଇଛି। ଏହି କେନ୍ଦ୍ରର ଉଦଘାଟନ ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ କରିଥିବା ବେଳେ କାର୍ଯ୍ୟାଳୟ ସେକ୍ସନ ଅଫିସର ଭୋଇ ସଂଗଠନ କରଞ୍ଜିଆ ଶାଖା ସଭାପତି ଭାଗବତ ଚନ୍ଦ୍ର ଦାସ, ଉପସଭାପତି ତଥା ପୂର୍ବତନ କରଞ୍ଜିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିଶ ଚନ୍ଦ୍ର ନାୟକ, ସମ୍ପାଦକ ତନ୍ମୟ କୁମାର ଦାସ, ସହ ସମ୍ପାଦକ ଶୁଭକାନ୍ତ ବାରିକ, କୋଷାଧ୍ୟକ୍ଷ ସୁକୁମାର ବେହେରା, କାର୍ଯ୍ୟକାରୀ ସଭାପତି ଟିକୁ ଭୁଜବଳ,ସ ମ୍ପଦ ପୁଷ୍ଟି ତଥା ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କରଞ୍ଜିଆ ସହର ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଉଛି। ଆଜି ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ସେଣ୍ଟିଗ୍ରେଡ ରହିଛି। ସହରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ କହିଲେ ଚଳେ। ଲୋକମାନେ ସହରକୁ ବିଭିନ୍ନ ଜିନିଷ କିଣିବାକୁ ଆସୁଥିବା ବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସଂଗଠନ ପକ୍ଷରୁ ଉଦ୍ୟମ ସ୍ୱରୂପ ଆଜି ଜଳଛତ୍ର କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ସଭାପତି ଶ୍ରୀ ଦାସ ସୂଚନା ଦେଇଛନ୍ତି ଏବଂ ଆଗକୁ ଜନସାଧାରଣଙ୍କ ଅନ୍ୟ କୌଣସି ଆବଶ୍ୟକତା ପୂରଣ ନିମନ୍ତେ ଚେଷ୍ଟା କରାଯିବ ବୋଲି ଆଶ୍ୱାସନା ମଧ୍ୟ ଦେଇଛନ୍ତି। ମହାବିଷୁବ ସଂକ୍ରାନ୍ତିରେ ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଓ ପଣା ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରିବାକୁ ପ୍ରୟାସ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।



## ଲୋଡିଂରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

# ଜଗନ୍ନାଥ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଧାରଣା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ଓ ଏହାର ସଠିକ ତଦନ୍ତ ଦାବୀ କରି ରବିବାର ଦିନଠାରୁ ଟ୍ରକ ମାଲିକମାନେ ସଂଘ କାର୍ଯ୍ୟାଳୟରେ ଅନିର୍ଦ୍ଧିଷ୍ଟକାଳ ପାଇଁ ଧାରଣାରେ ବସି ରହିଛନ୍ତି । ଗତ ତିନିମାସ ମଧ୍ୟରେ ସଂଘର କିଛି ଆଗଧାଡିର ସଭ୍ୟ ଚଞ୍ଚକତା କରି ସେମାନଙ୍କ ଟ୍ରକ ପାଖାପାଖି ୫୦୦ ଟ୍ରିପ ପରିବହନ କରି ବିପୁଳ ଅର୍ଥ ରୋଜଗାର କରିଥିବା ବେଳେ ୬ ଶହରୁ ଉର୍ଦ୍ଧ ସଭ୍ୟ ଟ୍ରିପ ଅଭାବରୁ ଗାଡିର କିସ୍ତି ସୁଝି ନପାରି ଆର୍ଥିକ ଦୁର୍ଦ୍ଦିନରେ ଗତି କରୁଥିବା ନେଇ ଅଭିଯୋଗ କରିଛନ୍ତି ଧାରଣାରତ ସଭ୍ୟ । ସେହିପରି ସଂଘର ବିଭିନ୍ନ ପଦପଦବୀରେ ଥିବା କିଛି ସଭ୍ୟ ବାହାର ଓ ନିଜ ଗାଡିକୁ ବେନିୟମ ଭାବେ ଲୋଡିଂ ଦେଉଛନ୍ତି ଯାହାର ଲୋଡିଂ ରିପୋର୍ଟ କିମ୍ବା ସଙ୍ଘର ସ୍ଲିପ ନଥିବା ଅଭିଯୋଗ ହୋଇଛି । ସେହିପରି ବିଭିନ୍ନ ଘଟଣାରେ ଅର୍ଥ ତୋଷାରପାତ ଅଭିଯୋଗ କରି ଏହିସବୁ ଘଟଣାର ସଠିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରାୟ ୪୦ରୁ ୫୦ ସଭ୍ୟ ସଙ୍ଘ କାର୍ଯ୍ୟାଳୟରେ ଦୁଇଦିନ ଧରି ଧାରଣାରେ ବସି ରହିଛନ୍ତି । ତେବେ ନିଜ ସ୍ୱାର୍ଥ ସୁରକ୍ଷା ପାଇଁ ଗଠିତ ଟ୍ରକ ମାଲିକ ସଙ୍ଘରେ ଏଭଳି ବ୍ୟତିକ୍ରମ ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଏବେ ରକ୍ଷକ ବଦଳରେ ଭକ୍ଷକ ସାଜି ଭସ୍ମାସୁର ପାଲଟିଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ତେବେ ଏନେଇ ସଂଘ କାର୍ଯ୍ୟକର୍ତ୍ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା, ଦିନରେ ପାଟୁଆ ଓ ରାତିରେ କାଳିକା ନୃତ୍ୟ ଅନୁଷ୍ଠିତ



କାକଟପୁର(ଭାସ୍କର ନ୍ୟୁଜ): ମଙ୍ଗଳବାର ଥିଲା ଚୈତ୍ର ମାସର ତୃତୀୟ ମଙ୍ଗଳବାର। ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ତୃତୀୟ ପାଳି ଯାତ୍ରା। ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା । ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ କରାଯାଇ ସର୍ବସାଧାରଣ ମାନଙ୍କ ଦର୍ଶନ ପାଇଁ ମନ୍ଦିରର ସାହାଣ ମେଲା କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ମାତୃଭକ୍ତ ବ୍ୟାରିକେଟ ମଧ୍ୟରେ ଧାଡ଼ିରେ ମନ୍ଦିର ଭିତରକୁ ଯାଇ ମା' ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ସଧବା ମହିଳା ମାନେ ନିଜ ସ୍ୱାମୀ ଓ ସନ୍ତାନ ମାନଙ୍କ ମଙ୍ଗଳ କାମନା କରି ମନ୍ଦିର ବେଢାରେ ଥିବା ପନ୍ଥେଇକୁ ପୂଜା କରିଥିଲେ। ଦିନ ପ୍ରାୟ ୨ଟାରେ ଜଗତସିଂହପୁର ଅଞ୍ଚଳରୁ ଆସିଥିବା ରାଉଳ ସେବକ ମାନେ ଓ ସ୍ଥାନୀୟ ଅଞ୍ଚଳର ଭୋଇ ସେବକ ମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ପାଣି ତୋଳି ଏକ ବିରାଟ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ। ମନ୍ଦିର ବେଢାରେ ଓ ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବିଳମ୍ବିତ ରାତିରେ ଭ୍ରମଣୀ ନୀତି ଓ ଭୋଗ ଅନୁଷ୍ଠିତ ହେବା ପରେ ଜୈନିକ ଖମାରେଇ ସେବକ ନିଜକୁ କାଳୀବେଶରେ ସଜ୍ଜିତ କରି ପହଞ୍ଚିଥିଲେ ମା' ମଙ୍ଗଳାଙ୍କ ପାଖରେ। ସେଠାରେ ତାଙ୍କୁ ମା'ଙ୍କ ଆଜ୍ଞାମାଳ ଓ ଖଡ୍ଗ ପ୍ରଦାନ କରିବା ପରେ ସେ ମନ୍ଦିର ବେଢ଼ା ଓ ସେବକ ସାହି ଦାଣ୍ଡରେ କାଳୀକା ନୃତ୍ୟ ପ୍ରଦର୍ଶନ କରିଥିଲେ ଯାହା ମା'ମଙ୍ଗଳାଙ୍କ ମନ୍ଦିରରେ ଏକ ଅନନ୍ୟ ପରମ୍ପରା ଭାବେ ଚାଲି ଆସିଛି କାହିଁ କେତେ କାଳରୁ। ତୃତୀୟ ପାଳି ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟ ରାସ୍ତାର ତୋରଣଠାରୁ ମନ୍ଦିର ପର୍ଯ୍ୟନ୍ତ ମେଳା ଲାଗିଥିଲା। ମଙ୍ଗଳବାର କାକଟପୁର ବଜାର ସମେତ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିବା ବେଳେ ପ୍ରବଳ ଗୁଳୁଗୁଳି ଓ ଗରମ ସତ୍ତ୍ୱେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମାତୃଭକ୍ତ ମାନେ ମା'ଙ୍କ ଦର୍ଶନ କରିଥିଲେ ।

## ଜିଲ୍ଲା ମହୋତ୍ସବ କଲ୍ଲୋଳ ଉଦ୍‌ଘାଟିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ୨୦୨୫ ଚଳିତ ବର୍ଷ ଏପ୍ରିଲ ୧ତାରିଖ ଠାରୁ ୫ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ପରିସରରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଙ୍କ ସଭାପତିତ୍ୱ ରେ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଜିଲ୍ଲା ମହୋତ୍ସବ କଲ୍ଲୋଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତ୍ରିତୋଲ ବିଧାୟକ ରମାକାନ୍ତ ଭୋଇ, ଜଗତସିଂହପୁର ଜିଲ୍ଲା ପରିଷଦ ମନୋଜ କୁମାର ଭୋଇ, ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ, ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ଯୋଗଦେଇ ଓଡିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳର ଐତିହ୍ୟ, ପରମ୍ପରା ସମ୍ପର୍କରେ ଉଦବୋଧନ ଦେଇଥିଲେ ।

## ଟ୍ରାକ୍ଟର ଓଲଟି ମାଲିକ ମୃତ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ପୋଖରୀ ଗାଁ ପଂଚାୟତ ପୋଲସରା ଗ୍ରାମର ଦିଲପ ମହାପାତ୍ର ( ୫୫) ନିଜ ବୋହୂ ନାମରେ ଆଣିଥିଲେ ଏକ ସ୍ୱରାଜ ଟ୍ରାକ୍ଟର। ଏହି ଟ୍ରାକ୍ଟରକୁ ୩ ମାସରୁ ଊର୍ଦ୍ଧ୍ୱ ହେବ ଆଣିଥିବା ବେଳେ ନମ୍ବର ନ ଲେଖି ନିଜେ ଚଲା ଉଥିଲେ। ଟ୍ରାକ୍ଟରଟି ହରିହର ପୋଲସରା ନଦୀବନ୍ଧରେ ଗତ ୩୦ ତାରିଖ ରବିବାର ଦିନ ଉଠାଉଥିବା ବେଳେ ଏହା ପଲଟିଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦିଲୀପଙ୍କୁ ଚିକିତ୍ସା କରାଯାଉଥିଲା, ହେଲେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଆଜି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## କାଳିଆପାଣି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଓଡିଶା ଦିବସ ପାଳିତ



କାଳିଆପାଣି(ଭାସ୍କର ନ୍ୟୁଜ): ଓଡିଶା ଖଣି ନିଗମ ପରିଚାଳିତ କାଳିଆପାଣି ଉଚ୍ଚ ବିଦ୍ୟାଳୟ ରେ ଓଡିଶା ଦିବସ ପାଳିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନା ରାଣୀ ଜେନାଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍କୁଲ ପରିସରରେ ଥିବା ଉତ୍କଳ ମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ମଧୁସୁଦନ ଦାସ, ନେତାଜୀ ସୁବାଷ ବୋଷ ଆଦି ପ୍ରବାଦପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓଡ଼ିଆ ସଂସକୃତି ଅନୁଯାଇ ବେଶ ଭୁଷା ପରିଧାନ କରି ବନ୍ଦେ ଉତ୍କଳ ଜନନୀ ଓଡିଶା ରାଜ୍ୟ ସଂଗୀତ ଗାନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ସମ୍ପାଦକ ତଥା ସୁକିନ୍ଦା ପ୍ରେସ କ୍ଲବ୍ ସଭାପତି ବିଶ୍ୱଜିତ ନାୟକ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସମାଜସେବୀ ଆଶିଷ କୁମାର ଜେନା, ସାମ୍ବାଦିକ ଅସିତ ମହାନ୍ତ, ମଧୁପ ରଞ୍ଜନ ନନ୍ଦ ଆଦି ଅତିଥି ଭାବେ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଓଡ଼ିଆ ଘରର ଚାଲି ଚଳଣି, ପିଠାପଣା, ଖାଦ୍ୟପେୟକୁ ପ୍ରସ୍ତୁତ କରାଯାଇ ପ୍ରଦଶ୍ରିତ କରାଯାଇଥିଲା । ସ୍କୁଲର ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ, ଅନୁରୂପ କାନୁନଗୋ, ଚିନ୍ମୟୀ ଦାସ ପରିଚାଳନା କରିଥିଲେ । ସର୍ବଶ୍ରୀ ସୂର୍ଯ୍ୟ ବଂଶୀ ତ୍ରିପାଠୀ, ଶୁଭେନ୍ଦୁ ମହାନ୍ତ, ଈଶ୍ୱର ମହାନ୍ତ, ସୋନାଲି ମୁଦୁଲି, ଅନୁରାଧା ମିଶ୍ର, ମଧୁସ୍ମିତା ପରିଡା, ଗୀତାଞ୍ଜଳି ସାହୁ, ଜିତେନ୍ଦ୍ର ଜେନା, ଦ୍ରୋପଦୀ ସାହୁ ଆଦି ପରିଚାଳନାରେ ସହଯୋଗ କରିଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳରେ ଲଜ୍ଜାକର ଘଟଣା । ନାବାଳିକାଙ୍କ ଫଟୋ ଭାଇରାଲ କରିବା ଧମକ ଦେଇ ଜଣେ ଯୁବକ ବାରମ୍ବାର ଦୁଷ୍କର୍ମ କରିବା ଓ ଜୀବନରେ ମାରି ଦେବାକୁ ଧମକ ଦେବା ଘଟଣାରେ ପୋଲିସ ସଂପୃକ୍ତ ଯୁବକକୁ ଗିରଫ କରିବାରେ ସଫଳ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ନାବାଳିକା ବଳଙ୍ଗା ଥାନା ଅଞ୍ଚଳ ମାମୁଁ ଘରେ ରହୁଥିବା ବେଳେ ଜଣେ ଯୁବକ ନାବାଳିକାର ଅଶ୍ଳୀଳ ଫଟୋକୁ ଭାଇରାଲ୍ କରି ଦେବାର ଧମକ ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲା । ଏ ନେଇ ମାମୁଁଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଜଣେ ଅଭିଯୁକ୍ତକୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି । ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ୧୬ବର୍ଷିୟା ନାବାଳିକା ପିଲା ବେଳୁ ନିଜ ମାମୁଁଘରେ ରହି ପାଠ ପଢୁଥିଲା ବେଳେ ନିଜ ସଂପର୍କୀୟ ମାମୁଁ ପୁଅ ତା' ମୋବାଇଲ୍‌ରେ ନାବାଳିକାର କିଛି ଆପତିଜନକ ଫଟୋକୁ ଉଠାଇବା ଏବଂ ପରବର୍ତୀ ସମୟରେ ଉକ୍ତ ଫଟୋକୁ ଡ଼ିଲିଟ୍ କରିବା ପାଇଁ ସାହିର ଜଣେ ସଂପର୍କୀୟ ଭାଇକୁ ମୋବାଇଲ ଦେଇଥିଲେ । ତେବେ ସଂପର୍କୀୟ ଭାଇ ଜଣକ ଚତୁରତାର ସହ ଉକ୍ତ ଅଶ୍ଳୀଳ ଫଟୋକୁ ନେଇ ନାବାଳିକାର ମୋବାଇଲକୁ ଛାଡ଼ି ତା' ସହିତ ଶାରୀରିକ ସଂପର୍କ ନ ରଖିଲେ ଫଟୋକୁ ଭାଇରାଲ କରି ଦେବାକୁ ଧମକ ଦେଇ ନାବାଳିକାର ଇଚ୍ଛା ବିରୁଦ୍ଧରେ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲା । ଫଳରେ ନାବାଳିକା ଜଣକ ଅତିଷ୍ଟ ହୋଇ ନିଜ ମାମୁଁଙ୍କୁ ଘଟଣା ସଂପର୍କରେ ଜଣାଇବାରେ ମାମୁଁ ଏ ନେଇ ସୋମବାର ଦିନ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସଂପର୍କୀ ଭାଇକୁ ବିଳମ୍ବିତ ରାତିରେ ଘରୁ ଉଠାଇ ଆଣିଥିଲା । ମଙ୍ଗଳବାର ଦିନ ନାବାଳିକା ଓ ଅଭିଯୁକ୍ତର ଡ଼ାକ୍ତରୀ ମାଇନା କରାଯିବା ପରେ ନାବାଳିକାକୁ ସୁଧାର ଗୃହରେ ଛଡ଼ା ଯାଇଥିବା ବେଳେ ମଙ୍ଗଳବାର ଦିନ ଜିଲ୍ଲା ପୋକ୍ସୋ କୋର୍ଟରେ ହାଜର କରାଯିବା ସହ ଅଭିଯୁକ୍ତକୁ ମଧ୍ୟ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମର ରାଷ୍ଟ୍ରଭାଷା ହିନ୍ଦୀ ହୋଇଥିଲେ ମଧ୍ୟ ସବୁ କ୍ଷେତ୍ରରେ ଇଂରାଜୀର ଆବଶ୍ୟକତା ରହୁଛି । ତଥାପି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କେକ୍ଷବବି ନିଜ ମାତୃଭାଷା ଓ ରାଷ୍ଟ୍ରଭାଷାକୁ ଭୁଲିବା ଉଚିତ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ନରହରି ସାହୁ ଯୋଗ ଦେଇଥିଲେ। ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ସମୀର କୁମାର ସାହୁ ବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିଳ୍ପା ସିଂ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିର୍ଶା ରାଣୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଭିନ୍ନ ଅନୁଷ୍ଠାନରେ ଉତ୍କଳ ଦିବସ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ସ୍ଥାନୀୟ ଶିଶୁ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଜାତୀୟ ପତାକାଉତ୍ତୋଳନ କରିବା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ ।ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ପରିଚାଳକ ସୀମାନ୍ତ ନାୟକ, ପ୍ରଦୀପ କୁମାର ଦାସ ପ୍ରମୁଖଙ୍କ ସମେତ ସଦନର ସମସ୍ତ କାର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପିଲା ମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କପାଳେଶ୍ୱର ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ସଭାପତି ଆଦିକନ୍ଦ ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭୁଦତ୍ତ ବର୍ଦ୍ଧନ, ଈଶ୍ୱର ଚନ୍ଦ୍ର ଜେନା, ରଘୁନାଥ ସ୍ୱାଇଁ, ଶିବ ପ୍ରସାଦ ପତି, ସୁରେନ୍ଦ୍ର ବାରିକ, ଆଦିକନ୍ଦ ବିଶ୍ୱାଳ, ରବିନ୍ଦ୍ର ମଲ୍ଲିକ, ଜଗତ ପରିଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ନିକୁଞ୍ଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ଧାର ଫାଉଣ୍ଡେସନ୍ ତରଫରୁ ସ୍ଥାନୀୟ ନାବାଳକ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ସଂଗଠନର ଅଧ୍ୟକ୍ଷ ନରୋତ୍ତମ ଦାସ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କେନ୍ଦ୍ରର ପିଲା ମାନଙ୍କୁ ବୁଝାଇଥିଲେ । ପରିବର୍ତ୍ତନ କେନ୍ଦ୍ର ବଦ୍ରୀ ନାରାୟଣ ଅଧିକାରୀ, ପ୍ରିୟଙ୍କା ଦାସ, ସୁବ୍ରତ ଖଟୁଆ, ଗୋଲାପ ସିଂ, ଅଞ୍ଜନା ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀ ଏଥିରେ ଅଂଶଗ୍ରହଣ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳନ ଓ ବୃକ୍ଷରୋପଣ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳ ପ୍ରାକ୍ତନ ଛାତ୍ର ସଂସଦ (ଆଲୁମନି ଆସୋସିଏସନ) ପକ୍ଷରୁ ମଙ୍ଗଳବାର ଦିନ ସକାଳେ ମହାବିଦ୍ୟାଳୟ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଆସୋସିଏସନ୍‌ର ସଭାପତି ତଥା ନଗରପାଳ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଶତପଥୀ ଯୋଗଦେଇ ଦିବସ ର ମହତ୍ତ୍ୱ ବିଷୟରେ କହିଥିଲେ। ସଂଘର ଉପଦେଷ୍ଟା ରବୀନ୍ଦ୍ର ଦାସ ଓଡ଼ିଶା ର ବରପୁତ୍ର ମାନଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ଆଲୁମୁନି ଆସୋସିଏସନର ଶଙ୍କର ପ୍ରସାଦ ରାଉତ, ଅମ୍ବିକା ପ୍ରସାଦ ମହାପାତ୍ର, ବିଧାନ ମଣ୍ଡଳ, ନଳିନୀ ପ୍ରଭା ସାହୁ, ମନମୋହନ ମିଶ୍ର ପ୍ରମୁଖ ବହୁ ସଂଖ୍ୟକ ପୁରାତନ ଛାତ୍ରଛାତ୍ରୀମାନେ ଉଦବୋଧନ ଦେଇଥିଲେ। ସଭାପତି ଶ୍ରୀ ବିଶ୍ୱାଳ ବରପୁତ୍ରମାନେ କିପରି ତ୍ୟାଗପୂତ ଜୀବନ ଓ ନିଷ୍ଠାର ସହ ଲକ୍ଷ୍ୟକୁ ପାଇବା ପାଇଁ ପ୍ରଚେଷ୍ଟା କରିଥିଲେ, ସେ ସଂପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆସୋସିଏସନ୍‌ର ସଂଯୋଜକ ତଥା ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଲେଫଟ୍ନେଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର। ସମସ୍ତ ବକ୍ତାମାନେ ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ରାମ ଚନ୍ଦ୍ର ଭଞ୍ଜଦେଓ, ଫକିର ମୋହନ ସେନାପତି, ବୃନ୍ଦାବନ ଦାସ, ଗୌରୀ ଶଙ୍କର ରାୟ, ପଣ୍ଡିତ ନୀଳକଣ୍ଠ ଦାସ ଆଦି ବରପୁତ୍ର ମାନଙ୍କର ଅବଦାନକୁ ସ୍ମରଣ କରିଥିଲେ । ସଭା କାର୍ଯ୍ୟ ପରେ ମହାବିଦ୍ୟାଳୟର ନୂତନ ଖେଳ ପଡିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

## ଚୌଦ୍ୱାରରେ ଉତ୍କଳ ଦିବସ ପାଳିତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବାସ ସମାରୋହରେ ପାଳିତ ହୋଇଯାଇଛି । ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୁଲ୍ୟରେ ଗାନ୍ଧୀଛକସ୍ଥିତ ମହିଳା ମହାବିଦ୍ୟାଳୟରେ ମଧୁବାବୁ, ଓଟିଏମ୍ ପରିବା ମାର୍କେଟସ୍ଥିତ



ଗୋପବନ୍ଧୁ, ବିଜୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବୈଷ୍ଣବ ଚରଣ ପ୍ରଧାନ, ଶିକ୍ଷାବିତ୍ ଭାଗିରଥୀ ମିଶ୍ର, ଶିବପ୍ରସାଦ ପତି, ଅକ୍ଷୟ ମିଶ୍ର, ନରହରି ନାୟକ, ବିଜୟ କୁମାର ନନ୍ଦ, ଶରତ କୁମାର ଖୁଣ୍ଟିଆ, ପବିତ୍ରମୋହନ ସାହୁ, ବିଭୁ ଦାସ ବର୍ଦ୍ଧନ, ସାମ୍ବାଦିକ ଗଂଗାଧର ସାହୁ, ସତ୍ୟବ୍ରତ ଦାସ, କେ.ସି.ପ୍ରତାପ ସିଂହ, ଝୁମୁକା ସଂପାଦକ ମାନସ ରଂଜନ ସାମଲ, ଅକ୍ଷୟ କୁମାର ଭୂୟାଁ, ଦେବେନ୍ଦ୍ର ପୃଷ୍ଟି, ପ୍ରତିମା ଦାସ, ବୁବୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂପାଦକ ଦିବ୍ୟଜ୍ୟୋତି ପାଣି, ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସଂପାଦିକା ସରିତା ଦାସ, ସହ ସଂପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚୌଦ୍ୱାର ପୌରପରିଷଦ ତରଫରୁ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରାକ୍ତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ଅଜୟ ବେହେରା, ଅର୍ଜୁନୀ ବେହେରା, ଦିଲ୍ଲିପ କୁମାର ସାହୁ, ବିମଳ କୁମାର ବେଉରା, ପୌର କର୍ମଚାରୀ ତପନ କୁମାର ସାହୁ ପ୍ରମୁଖ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ଚୌଦ୍ୱାର ମହିଳା ମହାବିଦ୍ୟାଳୟ ଛାତ୍ରୀ ଓ ଅଧ୍ୟାପିକାବୃନ୍ଦ ତଥା ଶିଶୁ ସଦନର ଅନ୍ତେବାସୀ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଞ୍ଚଳର ସମସ୍ତ ମହାବିଦ୍ୟାଳୟ, ବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘରେ ଓଡ଼ିଶା ଦିବସ ଉତ୍ସବ ପାଳିତ ହୋଇଛି ।

## ଆବର୍ଜନା ପାଣିରେ ଭାସୁଛି ରାସ୍ତା

## ଡ୍ରେନ୍ ପାଇଁ ପ୍ରତିଶ୍ରୁତି ଦେଲେ ବ୍ଲକ୍ ଅଧ୍ୟକ୍ଷ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ନୂଆ ଗାଁ ପଞ୍ଚାୟତ ମଝିଖଣ୍ଡ ଗ୍ରାମ ୧୭ ନମ୍ବର ୱାର୍ଡ ବସ୍ତି ରାସ୍ତା ଖରା ଦିନେ ବି ମଇଳା ଓ ଆବର୍ଜନା ପାଣି ଆଣ୍ଠୁଏ ଉଚ୍ଚର ଛିଡା ହୋଇଛି। ଯାହାକୁ ନେଇ ୱାର୍ଡ ଅଞ୍ଚଳ ବାସୀଙ୍କ ଅଭିଯୋଗ ପରେ ଘଟଣା ସ୍ଥଳରେ ପହଞ୍ଚି ଥିଲେ ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା। ୫୦ରୁ ଉର୍ଦ୍ଧ୍ୱ ସାଇ ଲୋକଙ୍କ ଅଭିଯୋଗ ପରେ ଡ୍ରେନ ପାଇଁ ପ୍ରତିଶୃତି ଦେଲେ ବ୍ଲକ ଅଧ୍ୟକ୍ଷ। ବସ୍ତି



ଲୋକଙ୍କ ଯାତାୟାତ ନିମନ୍ତେ ବାଧା ଉପୁଜିଥିବା ବେଳେ ଦୁର୍ଗନ୍ଧରେ ହଟହଟା ହୁଅନ୍ତି ପଥଚାରୀ। ଏଭଳି ଅଭିଯୋଗ ଆଣିଛନ୍ତି ଇସଲାମ ଖାନ, ଯୁବ ଖାନ, ସେକ ଆଇଦ, ସେକ ଅଲୁ, ସେକ ଇସଲାମ, ସେକ ହୁମାଇନ, ସେକ ହସନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ୧୭ ନମ୍ବର ୱାର୍ଡବାସୀ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୬ ତମ ବାର୍ଷିକ ଉତ୍ସବ



ଭୁବନ(ଭାସ୍କର ନ୍ୟୁଜ): ଭୁବନର ସର୍ବପୁରାତନ ବେସରକାରୀ ବିଦ୍ୟାଳୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୬ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଏହି ବିଦ୍ୟାଳୟରେ ଶିକ୍ଷାଦାନ ସହିତ ଆଧ୍ୟାତ୍ମିକ ଶିକ୍ଷା, ଯୋଗ ଶିକ୍ଷା, ଦେଶପ୍ରେମ ଶିକ୍ଷା ଓ ସଂସ୍କାର ଶିକ୍ଷା ଦିଆଯାଉଥିବାରୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ହିଁ ବାସ୍ତବରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ବିଶ୍ୱ ଭୁଷଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ମାତୃ ସମ୍ମିଳନୀରେ କୃତିତ୍ୱ ଅର୍ଜନ କରିଥିବା ମା ଏବଂ କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଗତି ଓ ସମ୍ମାନ ବୃଦ୍ଧି କରୁଥିବା କେତେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ରତିକାନ୍ତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଟ ସଦସ୍ୟ ବ୍ରହ୍ମାନନ୍ଦ ସାହୁ, ବେଣୁଧର ଗୁରୁ, ବାସୁଦେବ ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ନୂଆବଜାର ଅଞ୍ଚଳର ସମାଜସେବୀ ପ୍ରେମଲତା ପାଲ୍ ୮୫ଙ୍କ ହୃଦ୍‌ଘାତରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ୧୯୪୬ ମସିହା ମାର୍ଚ୍ଚ ୫ ତାରିଖରେ ଜନ୍ମଗ୍ରହଣ କରିଥିବାବେଳେ ୨୦୨୫ ମସିହା ମାର୍ଚ୍ଚ ୩୧ ତାରିଖରେ ମୃତ୍ୟୁ ବରଣ କରିଥିଲେ। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣା ମହିଳା ଭାବେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀଙ୍କ ସହିତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ପାରାଦୀପର ମାନ୍ୟଗନ ବ୍ୟକ୍ତିମାନେ ତାଙ୍କ ମରଶରୀର ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଗଭୀର ଶୋକ ପ୍ରକାଶ କରିଥିଲେ। ଭଜନ କୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରିବାପରେ ତାଙ୍କୁ ଅନ୍ତିମ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶବ ସଂସ୍କାର କରାଯାଇଥିଲା। ବଡ଼ପୁଅ ରଶ୍ମୀରଂଜନ ପାଲ୍ ମୁଖାଗ୍ନୀ ଦେଇଥିଲେ। ସାନପୁଅ ଜ୍ଞାନ ରଞ୍ଜନ ପାଲ୍, ଝିଅଜ୍ୱାଇଁ, ପରିବାର ବର୍ଗଙ୍କ ସହିତ ବନ୍ଧୁବାନ୍ଧବମାନେ ଉପସ୍ଥିତ ଥିଲେ।

## ଆମ ହସ୍ପିଟାଲ କୋଠା ନିର୍ମାଣ ନିମ୍ନମାନର

# କର୍ମଚାରୀ ମରୁଡ଼ି, ରୋଗୀସେବା ବିପର୍ଯ୍ୟସ୍ତ

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ଠାରେ ପୂର୍ବ ସରକାର ସମୟରେ ଷ୍ଟାଫ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆମ ହସ୍ପିଟାଲ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚରେ ମହଲା ବିଶିଷ୍ଟ କୋଠା ତିଆରି କରାଗଲା ସିନା କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନମାନର । ଅଧା କାମ ସାରିଥିଲେ ମଧ୍ୟ ଆହୁରି କାମ ବାକି ରହିଛି । ବିଭାଗ ପକ୍ଷରୁ କାର୍ଯ୍ୟରେ ନିୟୋଜିତ ଜେଇ ଆଶିଷ୍ଟାଣ୍ଟ ଇଂଜିନିୟର ବ୍ରହ୍ମପୁରରେ ରହି କାର୍ଯ୍ୟ ତଦାରଖ କରିଥିଲେ, କାମ କିପରି ହେଉଥିବା ସହଜେ ଅନୁମେୟ । ସଂପୂର୍ଣ୍ଣ କାମ ସମାପନ ସମ୍ପର୍କେ ଆମ ପ୍ରତିନିଧି ଉଭୟ ଅଧିକାରୀଙ୍କ ଯୋଗାଯୋଗ କରିବାରେ ସେମାନେ କହିଲେ ସୋରଡ଼ା ବିଡିଓ ବୁଝୁଛନ୍ତି, ବିଡିଓ ଆସିଷ୍ଟାଣ୍ଟ ଇଞ୍ଜିନିଅରଙ୍କୁ ପଚାରିବାରୁ କଣ୍ଟ୍ରାକ୍ଟର କରୁନଥିବା କହୁଥିବା ବେଳେ ରୋଗୀମାନେ ସୁବିଧା ପାଇବାରେ ବଞ୍ଚିତ ହୋଇ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ଆମ ହସିପିଟାଲ ନାମରେ ବିରାଟ କୋଠା ନିର୍ମାଣ କୋଟି କୋଟି ଟଙ୍କା ପାଣିରେ ପଡ଼ିଥିବା ଦେଖାଯାଇଛି । ବିରାଟ କୋଠା ନିର୍ମାଣ କାମମାନ ଓ ସେଥିରେ ବ୍ୟବହୃତ ସାମଗ୍ରୀମାନ ଅତି ନିମ୍ନମାନର ଅଟେ କୋଠା ଦେଖିବାକୁ ବାହାରୁ ସୁନ୍ଦର । କିନ୍ତୁ ଭିତରେ ପଶିଲେ ପରିଶ୍ରାଗାରଠାରୁ ଆରମ୍ଭକରି ଶୌଚାଳୟ ଓ ରୁମଗୁଡିକରେ ବ୍ୟବହୃତ କବାଟ, ଝରକାଠାରୁ ଆରମ୍ଭ କରି ଟେବୁଲ ଚେୟାର ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ନିମ୍ନମାନର ଥିବା ଯୋଗୁ ଆମ ହସ୍ପିଟାଲର ଅବସ୍ଥା ନା କହିଲେ ଭଲ । ଏତେବଡ ହସ୍ପିଟାଲ ଷ୍ଟାଫ ସଂଖ୍ୟା ମୋଟ ୨୭ ଜଣ ଥିବାବେଳେ ଆହୁରି ଷ୍ଟାଫର ଆବଶ୍ୟକ ଥିବାରୁ ତାହା ଇଚ୍ଛାଶକ୍ତିର ଅଭାବ ଯୋଗୁ ସଂଭବ ହୋଇପାରୁ ନାହିଁ । ସେଥିମଧ୍ୟରୁ ୩ଜଣ ଡାକ୍ତର କାର୍ଯ୍ୟରତ ତାହା ମଧ୍ୟ ପାଳିରେ ଚାଲିଛି ଓ ଷ୍ଟାଫ ସଂଖ୍ୟା ୨୪ ଅଟେ । ମାତ୍ର ଏଠାରେ ଡାକ୍ତରଙ୍କୁ ଲୋକେ ଜାଣିବା କଷ୍ଟକର ବ୍ୟାପାର । ୧୦ ଶଯ୍ୟା ବିଶିଷ୍ଟ ଆମ ହସ୍ପିଟାଲରେ ନାହିଁ ନାହିଁରେ ଚାଲିଛି ସୋରଡ଼ା ଗୋଷ୍ଠୀକେନ୍ଦ୍ର । ଏଠାରେ ମେଡିକାଲ ଇନଚାର୍ଜ ନଥିବାରୁ ପଦବୀ ଖାଲି ପଡିଛି । ବଡ଼ଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରୁ ଏଠାକୁ ୧୦ ଶଯ୍ୟା ବିଶିଷ୍ଟ ଆମ ହସ୍ପିଟାଲରେ ନାହିଁ ନାହିଁରେ ଚାଲିଛି ସୋରଡ଼ା ଗୋଷ୍ଠୀ କେନ୍ଦ୍ର । ଏଠାରେ ମେଡିକାଲ ଇନଚାର୍ଜ ନଥିବାରୁ ପଦବୀ ଖାଲି ପଡିଛି । ବଡ଼ଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏଠାକୁ ନାମକୁ ମାତ୍ର ଆସି ପରିଦର୍ଶନ କରି ପଳାଉଥିବାରୁ ହସ୍ପିଟାଲ ଅବ୍ୟବସ୍ଥା ନକହିଲେ ଭଲ ସଦୃଶ୍ୟ । ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଠିକରେ ଚାଲିନାଥିବା ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଆସ୍ଥା ହରାଇଲେଣି । ପ୍ରସ୍ତୁତି କକ୍ଷ, ଔଷଧ, ଇଞ୍ଜେକ୍ସନ ଦେବା ଡାକ୍ତରଙ୍କ ସହିତ ରାଉଣ୍ଡରେ ରହିବା ଓ ଷ୍ଟାଫ ମାନଙ୍କ ସଂଖ୍ୟା କମ ଓ ମରୁଡି ଥିବାରୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ହସ୍ପିଟାଲ ବିଫଳ । କୋଟା ଗ୍ଲାସ ଫିଟିଙ୍ଗ, ମାର୍ବଲ ପକାଇ କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବିଜେପି ସରକାର ଆସିଲା ପରେ ମେଡିକାଲ କଥା କେହିଁ ବୁଝୁନଥିବାରୁ ଦିନକୁଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହି ହସ୍ପିଟାଲ ଉପରେ ସୋରଡ଼ା ସହର ସମେତ ପ୍ରାୟ ୪ଗୋଟି ବ୍ଲକର ରୋଗୀମାନେ ନିର୍ଭର କରିବା ସହିତ ଦୁର୍ଘଟଣା ଓ ଅଘଟଣାରେ ଆଶୁଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ ଆସିଥାନ୍ତି । ଆବଶ୍ୟକ ସଂଖ୍ୟାକ ଡାକ୍ତର ଷ୍ଟାଫ ନଥିବାରୁ ସାଧାରଣ ଚିକିତ୍ସା ଛାଡିଦେଲେ ଗୁରୁତର ରୋଗୀମାନଙ୍କୁ ଏଠାରେ କାର୍ଯ୍ୟରତ ଡାକ୍ତର ମାନେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ଏକ ପ୍ରକାର ବାଧ ହେଉଥିବା ଦେଖାଦେଇଛି । ତେଣୁ ଜିଲ୍ଲା ପ୍ରଶାସନ, ସିଡିଏମଏ ଆମ ହସ୍ପିଟାଲ ପ୍ରତି ଦୃଷ୍ଟିଦେଇ ଷ୍ଟାଫ ନିଯୁକ୍ତି ଓ ନିମ୍ନମାନର କାର୍ଯ୍ୟ ଗୁଡିକର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାମ୍ବାଦିକ ସଂଘର ସୋରଡ଼ାର ଆରପଲ୍ଲୀ ସାରଥୀ ଦାବି କରିଛନ୍ତି ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ତୃତୀୟ-ଲିଙ୍ଗୀ ଦୃଶ୍ୟମାନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସଚେତନତା ସଭାରେ କେନ୍ଦୁଝର ଉପ ଜିଲ୍ଲାପାଳ ଉମାଶଙ୍କର ଦଳାଇ ଅଧକ୍ଷତା କରି ସମାଜରେ ବ୍ୟାପକ ସଂସ୍କାର ଅଣାଯାଇ କିନ୍ନର ସମ୍ପ୍ରଦାୟକୁ ସଶକ୍ତ କରାଯିବା ସହ ସେମାନଙ୍କ ନାର୍ଯ୍ୟ ଅଧିକାର ଯୋଗାଇ ଦେବା ପାଇଁ ପ୍ରଶାସନ ସଦା ସର୍ବଦା ତତ୍ପର ଥିବା କହିଥିଲେ । ସେମାନଙ୍କୁ ସମାଜରେ ସମାନ ସୁବିଧା ସୁଯୋଗ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି କିନ୍ନର ମାନଙ୍କୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକ ମାନଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ପ୍ରଥମ ତୃତୀୟ ଲିଙ୍ଗୀ ଆଇନଜୀବୀ ସଲମା ବେଗମ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତି ଯୋଗ ଦେଇଥିଲେ । ସଭା କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କୁମାର ସାମନ୍ତରାୟ ସଂଯୋଜନା କରି ପ୍ରାରମ୍ଭିକ ସୂଚନା ଦେବା ସହ ପରିଚାଳନା କରିଥିଲେ । ପ୍ରାରମ୍ଭରେ ତୃତୀୟ ଲିଙ୍ଗୀ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ନଗର ପରିକ୍ରମା କରିଥିଲା । ସବୁଜ ପତାକା ଦେଖାଇ ଉପଜିଲ୍ଲାପାଳ ଶ୍ରୀ ଦଳାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ।

# ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର

- କ୍ରସର ସାମଗ୍ରୀ ବଦଳରେ ବ୍ୟବହାର ହେଉଛି ସ୍ଥାନୀୟ ମାଟି ମିଶା ମେଟାଲ ଓ ଚିପ୍ସ
- ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସ୍କୁଲ ଛାତ୍ର
- ଘଟଣାସ୍ଥଳରୁ ଛାତ୍ରଙ୍କୁ ଉଦ୍ଧାର କଲେ ଚାଇଲ୍ଡ ହେଲ୍ପ ଲାଇନ ଟିମ୍



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିଶୁ ଶ୍ରମିକ ଉଚ୍ଛେଦ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ହେଲେ ଏହି କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରୁନାହିଁ । ଏବେବି ଛୋଟ ପିଲାମାନଙ୍କୁ ବିଭିନ୍ନ ସ୍ଥାନରେ କାମରେ ଲଗାଯାଉଛି । ଶିଶୁ ସୁରକ୍ଷା ଆଇନ ଆଖିରେ ଧୂଳି ଦେଇ କେତେକ ମୁଷ୍ଟିମେୟ ଲୋକେ କୋମଳମତି ଶିଶୁଙ୍କୁ ସରକାରୀ ଓ ବେସରକାରୀ କର୍ମ କ୍ଷେତ୍ରରେ ନିୟୋଜିତ କରୁଛନ୍ତି । ଏଭଳି ବେଆଇନ କାର୍ଯ୍ୟ ବିଭାଗୀୟ ଅଧିକାରୀ ମାନଙ୍କର ଜାଣତରେ ହେଉଥିବା ଅଭିଯୋଗ ହେଉଛି । ତେବେ ଖୋଲା ଖୋଲି ଭାବେ ଆଇନକୁ ଉଲଂଘନ କରି ଶିଶୁମାନଙ୍କୁ କାମରେ ଲଗାଉଥିବା ମାଲିକ, ଠିକାଦାର ଓ ନିର୍ମାଣ ହେଉଥିବା କାର୍ଯ୍ୟର ତଦାରଖ ଦାୟୀତ୍ୱରେ ଥିବା ଅଧିକାରୀ ମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ କି ପ୍ରକାର ଆଇନଗତ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଜଣା ପଡୁନାହିଁ । ମୁଖ୍ୟତଃ ଶିଶୁମାନେ ଠିକାଦାରଙ୍କ ନିକଟରେ ମୁଲ ଲାଗିବା ଭଳି କାର୍ଯ୍ୟ କରୁଥିବା ଦେଖିଲେ ଜିଲ୍ଲାର ଶିଶୁ ଶ୍ରମିକଙ୍କ ସାଙ୍ଘାତିକ ସ୍ଥିତି ବିଷୟରେ ଏଥିରୁ ସ୍ପଷ୍ଟ ଭାବେ ଜଣା ପଡେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲି ପଞ୍ଚାୟତ ଅଧିନସ୍ଥ କଟାପାଲି-୬ ନମ୍ବର ଗାଁରେ ଥିବା ସରକାରୀ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମାଣ ହେଉଥିବା ଅଙ୍ଗନୱାଡି କୋଠା କାର୍ଯ୍ୟରେ । ଏଠାରେ ଚାଲିଥିବା କାମରେ ଏହି ଗ୍ରାମର ଜଣେ ଛାତ୍ର ସ୍କୁଲ ପୋଷାକ ପିନ୍ଧି ପ୍ରାୟ ଏକ ସପ୍ତାହ ହେବ ଏହି କାର୍ଯ୍ୟରେ ନିୟୋଜିତ ଥିବା ଓ ଅନ୍ୟ ଶ୍ରମିକ ମାନଙ୍କ ସହିତ ନିୟମିତ କାମ କରୁଥିବା ଦେଖିବାକୁ ମିଳିଛି । ତେବେ ବ୍ଲକ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଆଇସିଡ଼ିଏସ୍ ବିଭାଗ ପକ୍ଷରୁ ୯ ଲକ୍ଷ୍ୟ ଟଙ୍କା, ସରକାରଙ୍କ ଏନ୍‌ଆର୍‌ଜିଏସ୍ ଯୋଜନାରେ ଶ୍ରମିକ ମାନଙ୍କ ମଜୁରୀ ବାବଦରେ ପାଇଁ ୨ ଲକ୍ଷ୍ୟ ଟଙ୍କା ଏବଂ ପଞ୍ଚାୟତ ପକ୍ଷରୁ ଷ୍ଟେଟ ଫାଇନାନ୍ସ କମିଶନଙ୍କ ଫଣ୍ଡରୁ ପ୍ରାୟ ୧ ଲକ୍ଷ୍ୟ ଟଙ୍କା ଏପରି ମୋଟ ପ୍ରାୟ ୧୨ ଲକ୍ଷ୍ୟ ଟଙ୍କା ବ୍ୟୟରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଏହି ଗୃହ ନିର୍ମାଣ କାର୍ଯ୍ୟରେ କ୍ରସର ସାମଗ୍ରୀ ବ୍ୟବହାର କରିବା ପାଇଁ କଡା ନିର୍ଦ୍ଦେଶ ରହିଛି । ହେଲେ ଏହି କାର୍ଯ୍ୟରେ ନିକଟସ୍ଥ ଅଞ୍ଚଳରୁ ନାଲି ମାଟି ମିଶା ମେଟାଲ ଓ ଚିପ୍ସରେ ଉକ୍ତ ଘରର ଫାଉଣ୍ଡେସନ ପଡୁଥିବା ଓ ଅତି ନିମ୍ନ ମାନର କାର୍ଯ୍ୟ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ଗୃହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ଏବଂ ଏହି କାର୍ଯ୍ୟରେ ଜଣେ ଶିଶୁ ଶ୍ରମିକ ଦୀର୍ଘ ୭ ଦିନ ଧରି ଅନ୍ୟ ଶ୍ରମିକଙ୍କ ସହ କାର୍ଯ୍ୟରେ ନିୟୋଜିତ ଥିବା ସମ୍ପର୍କରେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଆଦୌ ଜାଣି ପାଇଲେନି ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଠିକାଦାର ଓ ବିଭାଗୀୟ କର୍ତୃପକ୍ଷଙ୍କ ମିଳି ଭଗତରେ ଏହି କାମ ହେଉଥିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ନେଇ କିଛି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କୃତିବାସ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ କ'ଣ ସେ କାମ ପାଖରେ ଦିନ ରାତି ଜଗି ବସିଥାନ୍ତି କି ବୋଲି ଓଲଟା ପ୍ରଶ୍ନ କରିଥିଲେ । ଏ ସମ୍ପର୍କରେ ଉକ୍ତ ପଞ୍ଚାୟତର ଜିଆର୍‌ଏସ୍ ପଦ୍ମନାଭ ଗୋଲାରୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଆଦୌ ଜାଣିନଥିବା କହିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି ଗୋଲପେଡାଙ୍କୁ ଫୋନ କରିଥିଲୁ ସେ ଫୋନ ରିସିଭ ନକରିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ଏହି ଘଟଣା ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା । ତେବେ ଡିସିପିଓଙ୍କର ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ପ୍ରୋଜେକ୍ଟ କୋଡିନେଟର ଶ୍ୟାମ ସଗରିଆଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମରେ ପହଁଞ୍ଚି ଉକ୍ତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଓର୍କେଲ ଥାନାକୁ ଆଣି ଷ୍ଟେସନ ଡ଼ାଇରୀ କରିବା ପରେ ଡିସିପିଓଙ୍କ ନିକଟରେ ଦାଖଲ କରାଯିବ ବୋଲି ଶ୍ରୀ ସଗରିଆ କହିଛନ୍ତି । ତେବେ ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ଏବଂ ମାଲକାନଗିରି ଜିଲ୍ଲା ପରିଷଦ ସିଡିଓ ନରେଶ ଚନ୍ଦ୍ର ଶବରଙ୍କୁ ଅବଗତ କରିବା ପରେ ସେମାନେ କହିଛନ୍ତି ଯେ, ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଜିଲ୍ଲା ପ୍ରଶାସନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଆଇନ ଉଲଂଘନ କରି ଏହି ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଠିକାଦାର ଏବଂ ଏହି କାର୍ଯ୍ୟର ତଦାରଖ ଦାଇତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୬ଷ୍ଠ କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ପ୍ରତିଯୋଗିତା



କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଚଳିତ ମାର୍ଚ୍ଚ ମାସ ୨୯ ଓ ୩୦ ତାରିଖରେ କରୋନେସନ ପଡ଼ିଆ ସ୍ଥିତ ଆଥଲେଟିକ ଇଣ୍ଡୋର ହଲ ଠାରେ ୬ଷ୍ଠ ତମ କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ପ୍ରତିଯୋଗିତା ସହ ୨୧ତମ କଲର ବେଲ୍ଟ ଓ ୫ମ ବ୍ଲାକ ବେଲ୍ଟ ପରୀକ୍ଷା କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ସଙ୍ଘ ଓ ଫୁଲବାଣୀ ମାର୍ସଲ ଆର୍ଟ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ପ୍ରତିଯୋଗିତା ଦୁଇଟି ଇଭେଣ୍ଟ କିରୋଗୀ ଓ ପୂମସି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୫୦ ଜଣ ପ୍ରତିଯୋଗୀ ଉଭୟ କିରୋଗୀ ଓ ପୂମସି ଇଭେଣ୍ଟରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ପ୍ରତିଯୋଗିତାରେ ସୁପର ସବଜୁନିଅର (୩ ରୁ ୭ବର୍ଷ), ସବ ଜୁନିଅର (୮ରୁ ୧୧ବର୍ଷ), କ୍ୟାଡେଟ(୧୨ରୁ ୧୪ବର୍ଷ), ଜୁନିଅର (୧୫ରୁ ୧୭ବର୍ଷ ) ଓ ସିନିଅର ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଦୁଇଟି ଇଭେଣ୍ଟରେ ଉଭୟ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ । ୧୦ ଜଣ ଖେଳାଳି ବ୍ଲାକ ବେଲ୍ଟ ଓ ୪୦ ଜଣ ଖେଳାଳି କଲର ବେଲ୍ଟ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ । ଉଭୟ ଇଭେଣ୍ଟକୁ ଓଡିଶା ଟାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ସହ ତଦାରଖ କରିଥିଲେ । ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ସାହୁ ଓ ଏକେଡେମୀ କୋଚ ରମାକାନ୍ତ ବେହେରା ପ୍ରତିଯୋଗିତାକୁ ସଫଳତା ପାଇଁ ସହଯୋଗ କରିଥିଲେ । ଜିଲ୍ଲା ସଙ୍ଘର ସଭାପତି ପ୍ରତାପ କୁମାର ମୁଖୀ ସମସ୍ତ ପ୍ରତିଯୋଗୀ ତଥା ଅଫିସିଆଲ ଏବଂ ରାଜ୍ୟ ସମ୍ପାଦକଙ୍କୁ ପ୍ରତିଯୋଗିତା ସଫଳତା ପାଇଁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି ।

## ଆମେ ଜିଣିବା ଆମେ ଜାଣିବା' କାର୍ଯ୍ୟକ୍ରମ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଆମେ ଜିଣିବା ଆମେ ଜାଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଖଇରପୁଟ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଗୋବିନ୍ଦପାଲ୍ଲୀ ସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର ଯୋଗ ଦେଇଥିଲେ । ବିଭିନ୍ନ ବର୍ଗରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧକ୍ଷ ସ୍ୱର୍ଣ୍ଣକାର ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ସାଂସଦ ଅନନ୍ତ ନାୟକଙ୍କ ସହାୟତାରେ କେରଳରୁ ଫେରିଲା ଶ୍ରମିକଙ୍କ ଶବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଶ୍ରମିକ ହୋଇ କେରଳ ଯାଇଥିଲେ କିନ୍ତୁ ଦୁର୍ଘଟଣାରେ ଚାଲିଗଲା ଜୀବନ । ଗରିବ ପରିବାର ଶବ ଆଣିବା ପାଇଁ କେନ୍ଦୁଝର ସାଂସଦଙ୍କୁ ନେହୁରା ହେଲେ, ସାଂସଦଙ୍କ ପ୍ରଚେଷ୍ଟାରେ ଦାଦନ ଯାଇଥିବା ଆଦିବାସୀ ଯୁବକଙ୍କ ଶବ ଫେରିଲା । କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କାଳିଆହତା ପଞ୍ଚାୟତ ଲକ୍ଷ୍ମୀନାରାୟଣ ପୁର ଗ୍ରାମର ସିଲାଇ ହେମ୍ବ୍ରମ ବର୍ଷେ ପୂର୍ବରୁ ଗାଁର ଅନ୍ୟ ଯୁବକ ମାନଙ୍କ ସହିତ କେରଳ ଯାଇଥିଲେ ଶ୍ରମିକ ଭାବେ କାର୍ଯ୍ୟ କରିବାପାଇଁ । କେରଳର କୁନୁର ଜିଲ୍ଲାରେ ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ କାମ କରୁଥିଲେ ସିଲାଇ ହେମ୍ବ୍ରମ । ଗାଁରେ କାମ ଧନ୍ଦା ନମିଳିବାରୁ ଅନ୍ୟ ମାନଙ୍କ ସହିତ ଦୁଇ ପଇସା ରୋଜଗାର କରିବା ପାଇଁ କାଳିଆହତାରୁ କେରଳ ଯାଇଥିଲେ । ଏହି ପରିସ୍ଥିତିରେ ସମସ୍ୟାର ସମାଧାନ ହେବ ବୋଲି ବିଜେପିର ରାଜ୍ୟ ପରିଷଦ ସଦସ୍ୟ ମାନସ ନାୟକ ପ୍ରକାଶ କରିଛନ୍ତି । ଗତ ୨୪ ତାରିଖରେ କୁନୁରର ଏକ ରେଳ ଷ୍ଟେସନରେ ଦୁର୍ଘଟଣା ଘଟିବାରୁ ସିଲାଇ ହେମ୍ବ୍ରମଙ୍କ ମୃତ୍ୟୁ ହୋଇଯାଇଥିଲା । ଗରିବ ପରିବାର କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଜଣାଇବା ପରେ ସାଂସଦଙ୍କ ପ୍ରଚେଷ୍ଟାରେ ସିଲାଇଙ୍କ ଶବ ଗାଁକୁ ଫେରିଥିଲା । ଏଥିପାଇଁ ସାଧାରଣରେ ସାଂସଦଙ୍କୁ ଏହି ମହତ କାର୍ଯ୍ୟପାଇଁ ପ୍ରଶଂସାର ସୁଅ ଛୁଟିଛି ।

## କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ପାଲା ପ୍ରତିଯୋଗିତା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ସ୍ତରୀୟ ୫ଦିନିୟା ପାଲା ପ୍ରତିଯୋଗିତା ଚିଲିକା ନୂଆପଡା ବେହେରା ସାହି ସ୍ଥିତ ପାଲା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ପରିଚାଳନା କମିଟ ସଭାପତି ପ୍ରମୋଦ ବେହେରା ସମ୍ପାଦକ ନାରାୟଣ ବେହେରା ସମେତ ଗ୍ରାମର ସମସ୍ତ ଜନସାଧାରଣଙ୍କ ସହଯୋଗରେ ବ୍ଲକ କଳାକାର ପାଲା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବ୍ଲକର ନେତୃତ୍ୱ ନେଉଥିବା ବ୍ଲକ ଉପସଭାପତି ବିଜୟ କୁମାର ପଣ୍ଡା ସମ୍ପାଦକ କେଦାର ନାଥ କର ଗାୟକ ଧନେଶ୍ୱର ପଲେଇ ଜିଲ୍ଲା ପ୍ରଶିକ୍ଷକ ଗାୟକ ପଦ୍ମ କେଶରୀ ଅଶୋକ କୁମାର ଦଳେଇ ବିଡ଼ିଓ ଅମୀୟ କୁମାର ପଣ୍ଡା ବିଧାୟିକା ପ୍ରତିନିଧିଙ୍କ ଉପସ୍ଥିତିରେ ବ୍ଲକସ୍ତରୀୟ ପାଲା ପ୍ରତିଯୋଗିତାରେ ଗାୟିକା ବାଣି କଣ୍ଠି ବୀଣାପାଣି ବାରିକ ବାମନାଳ ନିମାପଡା ସୁନ୍ଦର ପାଲା ପରିବେଷଣ କରି ପ୍ରଶଂସା ସାଉଁଟି ଥିଲେ । ଶ୍ରୀମତି ବାରିକ ଆଗାମୀ ଜିଲ୍ଲା ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି ।

## ମୁକ୍ତାପଶି ମା'ମଙ୍ଗଳାଙ୍କ ପୀଠରେ ଚୈତ୍ର ମଙ୍ଗଳବାର ଓଷା

ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ପର୍ବପର୍ବାଣୀ ମଧ୍ୟରେ ପ୍ରତ୍ୟେକ ଦେବା ଦେବୀଙ୍କ ପୂଜା ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଆସୁଛି । ବିଶେଷ କରି ଚୈତ୍ର ମାସରେ ମା' ମଙ୍ଗଳାଙ୍କ ପୂଜା, ମା ତାରିଣୀଙ୍କ ପୂଜା ପ୍ରତ୍ୟେକ ପୁରପଲ୍ଲୀରେ ପାଳିତ ହୋଇଥାଏ । ଏହି ଅବସରରେ ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ମାନଙ୍କରେ ଆରାଧ୍ୟା ଦେବୀ ମା' ମଙ୍ଗଳା ଓ ମା ତାରିଣୀଙ୍କ ପୂଜା ଧୁମଧାମରେ ପାଳନ ହେଉଥିବା ବେଳେ ମୁକ୍ତାପଶି ଗ୍ରାମରେ ଚୈତ୍ର ମାସର ତୃତୀୟ ମଙ୍ଗଳବାରରେ ମା ମଙ୍ଗଳାଙ୍କ ପୂଜା ଲାଗି ମନ୍ଦିର ପୀଠ ଚଳଚଞ୍ଚଳ ଦେଖିବାକୁ ମିଳିଥିଲା । ବ୍ରତଧାରୀ ମହିଳା ମାନେ ନିଷ୍ଠାର ସହ ଉପବାସ ରହି ମା'ଙ୍କ ପୂଜା ପାଳନ କରୁଥିବା ବେଳେ ପୂଜା ସ୍ଥଳରେ ବିଭିନ୍ନ ପ୍ରକାରର ଭୋଗ ସାମଗ୍ରୀ ଓ ନୂଆ ବସ୍ତ୍ର ପୂଜାର୍ଚ୍ଚନା କରି ଘରେ ଆସି ପରିଧାନ କରି ଠାକୁରଙ୍କ ପ୍ରସାଦ ପାଇଥିଲେ । ଗ୍ରାମର ପୂଜକ କ୍ଷେତ୍ରବାସୀ ସାହୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ ସରୋଜ କୁମାର ଦେହୁରୀ ଓ କମିଟିର ସମସ୍ତ ସଦସ୍ୟ, ଶ୍ରଦ୍ଧାଳୁଓ ଗ୍ରାମବାସୀଙ୍କ ସହଯୋଗରେ ମା ମଙ୍ଗଳାଙ୍କ ପୂଜା ମହାଆଡମ୍ବରରେ ପାଳନ କରି ମାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।



## ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଫଳତା




ବରଗଡ଼, (ଭାସ୍କର ନ୍ୟୁଜ୍ ) : ବରଗଡ଼ ସହର ସ୍ଥିତ ଖଜୁରଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗତ ମାର୍ଚ୍ଚ ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ରାଉରକେଲା ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପରିମିତା ମାଝୀ, ଅଙ୍କିତ କୁମାର ଧରୁଆ ଓ ନିଖିଳ ଦେବତା ସ୍ୱର୍ଣ୍ଣପଦକ ଲାଭ କରି ବିଦ୍ୟାଳୟ ସହ ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି । କ୍ରୀଡ଼ା ଶିକ୍ଷୟିତ୍ରୀ ଝରଣା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ । ଏହି ସଫଳତା ନିମନ୍ତେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକ ଅଭିଭାବିକା ମାନଙ୍କ ସହ ଶିଶୁ କିଶୋର ପତ୍ରିକା ଯୁଗୋପଯୋଗୀ ସୁବର୍ଣ୍ଣଦୀପର ସଂପାଦକ ପ୍ରଦୀପ୍ତଭାନୁ ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଉତ୍କଳ ଦିବସ ଅବସରରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ

ଗୁଣପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ପ୍ରଶାସନ ଆନୁକୁଲ୍ୟରେ ପବିତ୍ର ଉତ୍କଳ ଦିବସ ସମାରୋହ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ନେଇ ଉତ୍କଳ ଦିବସ ପାଳନ ଓ ଓଡ଼ିଆ ଭାଷାକୁ ନେଇ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ସାହିତ୍ୟ ସଭା ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଏବଂ ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଯାଜପୁରରୁ ଆସିଥିବା ବିଶିଷ୍ଟ ସାହିତ୍ୟିକ ରୁଦ୍ର ନାରାୟଣ ପୃଷ୍ଟି, ଦୟାନିଧି ନାୟକ, ପ୍ରତାପ ରାୟ, ପ୍ରଭାତ ଶତପଥୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ପ୍ରମୁଖ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉପସ୍ଥିତ ଅତିଥି ମାନେ ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆ ସାହିତ୍ୟର ଭୂମିକା ଓ ଛାତ୍ର ଜୀବନରେ ଓଡ଼ିଆ ସାହିତ୍ୟର ପ୍ରଭାବ ଶୀର୍ଷକ ବିଷୟବସ୍ତୁରେ ଆଲୋକପାତ କରିଥିଲେ । ଏଥିସହ ଓଡ଼ିଆ ଭାଷାର ବହୁଳ ବ୍ୟବହାର ସହ ଆଗାମୀ ପିଢ଼ି ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାହିତ୍ୟିକ ତଥା ବଂଶଧାରା ସାହିତ୍ୟ ସମାଜର ପ୍ରତିଷ୍ଠାତା ନରସିଂହ ଦାସ, ଅବସରପ୍ରାପ୍ତ ଶିକ୍ଷକ ପ୍ରପନ୍ ତ୍ରିପାଠୀ, ବାସା ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ କବି କବୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଶ୍ୱିନୀ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆରସି, ଅକ୍ଷୟ କୁମାର ପଣ୍ଡା ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ରମେଶ ମିଶ୍ର କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅପହରଣ, ଦୁର୍ବ୍ୟବହାର ଘଟଣାରେ ଜେଜେବି ଗଲେ ୨ ନାବାଳକ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଥାନା ଅନ୍ତର୍ଗତ ଏକ ଗାଁରେ ଶିବରାତ୍ରି ପରଦିନ ଜଣେ ନାବାଳିକାଙ୍କୁ କୋରୁକୋଣ୍ଡା ଥାନା ଅଞ୍ଚଳର ୪ ଜଣ ଯୁବକ ଘରୁ ଅପହରଣ କରି ତାଙ୍କ ସହ ଦୁର୍ବ୍ୟବହାର କରିଥିବା ନେଇ ଝିଅଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେଶ ନଂ.୫୨/୨୫ରେ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଅଭିଷେକ ବିଶ୍ୱାସ (୨୪)ଙ୍କୁ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକ ଦ୍ୱୟଙ୍କୁ ଜେଜେବିରେ ହାଜର କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଘଟଣାରେ ସମ୍ପୃକ୍ତ ଥିବା ଅଭିଷେକଙ୍କୁ ସ୍ପେଶିଆଲ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି । ୨ ନାବାଳକଙ୍କୁ ଜୁଭେନାଲ ଜଷ୍ଟିସ୍ ବୋର୍ଡ (ଜେଜେବି)କୁ ପଠାଯାଇଥିବା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି ।

# ବିଚ୍ଛିନାଞ୍ଚଳରେ ସଙ୍କଟରେ ଓଡିଆ ଭାଷା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ବିଚ୍ଛିନାଞ୍ଚଳ ସମେତ ଉପାନ୍ତ ଅଞ୍ଚଳରେ ଓଡିଆ ଭାଷା ଉପେକ୍ଷିତ ଅବସ୍ଥାରେ ରହିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ଓଡିଶା ରାଜ୍ୟ ସହ ଥିବା ଏହି ଅଞ୍ଚଳ ହିନ୍ଦୀ ଭାଷାଭାଷୀ ବିହାର ରାଜ୍ୟ ଏବେ ଝାଡଖଣ୍ଡ ରାଜ୍ୟ ସହ ମିଶ୍ରଣ ଫଳରେ ବିବାଦ ଦେଖାଦେଇ ଆସୁଅଛି । ଉକ୍ତ ଅଞ୍ଚଳରେ ରହିଥିବା ଓଡିଆ ଭାଷାଭାଷୀ ଲୋକମାନେ ନିଜର ମାତୃଭାଷା ଓ ସଂସ୍କୃତିକୁ ବଜାଇ ରଖିବାକୁ ସଂଗ୍ରାମ ଜାରୀ ରଖିଥିଲେ ହେଁ ସରକାର ପୂର୍ଣ୍ଣମାତ୍ରାରେ ସହାୟତା ପ୍ରଦାନ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଝାଡଖଣ୍ଡ ରାଜ୍ୟରେ ଓଡିଆକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ମିଳିବା ପରେ ମଧ୍ୟ ଓଡିଆ ଭାଷା କ୍ଷେତ୍ରରେ ସେଭଳି କିଛି ଉଲ୍ଲେଖନୀୟ କାର୍ଯ୍ୟ ହୋଇ ପାରିନାହିଁ । ପ୍ରଶାସନିକ ଅବହେଳା ଯୋଗୁଁ ଝାଡଖଣ୍ଡ ରାଜ୍ୟ ସୀମାକୁ ଲାଗିଥିବା ଓଡିଶା ରାଜ୍ୟର କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଚମ୍ପୁଆ, ଯୋଡା, ବଡବିଲ, କିରିବୁରୁ, ବଲାଣି, ଭଦ୍ରାସାହି, ସେରେଣ୍ଡା, ଗୁଆଲି ଆଦି ଅଞ୍ଚଳରେ ମଧ୍ୟ ଓଡିଆ ଭାଷା ଓ ସାହିତ୍ୟ ବିପନ୍ନ ହୋଇପଡିଛି । ଏଣୁ ଉକ୍ତ ଅଞ୍ଚଳରେ ଭାଷା ଓ ସାହିତ୍ୟର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ ଅଞ୍ଚଳରେ ଓଡିଆ ଭାଷା ସହ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ପ୍ରଚଳନ ଅଧିକ ରହୁଥିବାରୁ ଏଥିପ୍ରତି ଓଡିଆ ଭାଷା ଓ ସଂସ୍କୃତି ବିଭାଗ ବେଳଠୁ ପଦକ୍ଷେପ ନ ନେଲେ ଉକ୍ତ ଅଞ୍ଚଳରେ ଓଡିଆ ଭାଷା ଲୋପ ପାଇଯିବା ସହ ଜିଲ୍ଲା ଓ ରାଜ୍ୟ ବାହାର ପାଇଁ ସମସ୍ୟା ସୃଷ୍ଟି କରୁଛି । ଯୋଡା-ବଡବିଲ-ଚମ୍ପୁଆ ଅଞ୍ଚଳରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱର ଲୋକ ହିନ୍ଦୀ ଓ ଅନ୍ୟ ଅଣ ଓଡିଆ ଭାଷାରେ କଥାବାର୍ତ୍ତା ଏବଂ ବାତ୍ରାଳାପ କରିଥାନ୍ତି । ବିଭିନ୍ନ ବ୍ୟବସାୟିକ ଶିଳ୍ପ ଓ ଖଣି ସଂସ୍ଥାରେ ହିନ୍ଦୀ ବ୍ୟବହାର ସର୍ବାଧିକ ଦୋକାନ, ବଜାର, ଘରମାନଙ୍କରେ ହିନ୍ଦୀ ଭାଷାର ପ୍ରଚଳନ ଅଧିକ । ଅଣଓଡିଆଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଉଥିବାବେଳେ ଓଡିଆମାନେ ଅଣଓଡିଆ ଭାଷାରେ କଥାବାର୍ତ୍ତା ହେବାକୁ ଅଧିକ ସହଜ ମନେ କରୁଛନ୍ତି । ଏହି ଉପାନ୍ତ ଅଞ୍ଚଳରେ ଓଡିଆ ବିଦ୍ୟାଳୟମାନଙ୍କରେ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନଥିବାରୁ ଘରୋଇ ବିଦ୍ୟାଳୟଗୁଡିକର ଚାହିଦା ବୃଦ୍ଧି ପାଉଛି । ସୀମାନ୍ତ ଉପାନ୍ତ ଅଞ୍ଚଳରେ ଓଡିଆ, ସଂସ୍କୃତ ଭାଷାର ସୁରକ୍ଷା ଦେବା ଜରୁରୀ । ଓଡିଆ ଭାଷା ଓ ସାହିତ୍ୟ ପାଇଁ ସଂଗ୍ରାମ କରୁଥିବା ସ୍ୱାଭିମାନୀ ଓଡିଆମାନେ ଏଥିଲାଗି କ୍ଷୋଭ ପ୍ରକାଶ କରୁଛନ୍ତି । ସରକାର ଓଡିଆ ଭାଷାର ସୁରକ୍ଷା ଦିଗରେ ଗୁରୁତ୍ୱ ଦେଇ ଓଡିଆ ଭାଷାର ସ୍ୱାଭିମାନ ରକ୍ଷା କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି । ଓଡିଶା ବିଧାନସଭା ସଂଖ୍ୟା ଲଘୁ ଭାଷା କମିଟି ଅତିଶୀଘ୍ର ଝାଡଖଣ୍ଡ ଗସ୍ତ କରି ତାଙ୍କ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଓଡିଆ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରିବା ପାଇଁ ଦାବି ହୋଇଛି । ଏହି କମିଟି ବିଚ୍ଛିନାଞ୍ଚଳ ପରିଦର୍ଶନ କରି ସେଠାରେ ଓଡିଆ ଭାଷାଭାଷୀ ଲୋକମାନଙ୍କ ସହିତ ମିଶିବା ସହିତ ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଓଡିଆ ଭାଷାର ଉନ୍ନତି କରିବା ଆବଶ୍ୟକ । ଏହା ଭିତରେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି । ଏଥିରେ ପ୍ରତ୍ୟେକ ବ୍ୟକ୍ତି ନିଜ ମାତୃଭାଷାର ଶିକ୍ଷା ଗ୍ରହଣ କରିବା ପାଇଁ ନିଜର ଅଧିକାର ଅଛି । ସେଥିପାଇଁ ଆମ ରାଜ୍ୟରେ ବୈଷୟିକ ଶିକ୍ଷା ଆଦି ଓଡିଆ ଭାଷାରେ ଆରମ୍ଭ ହେଲାଣି । ତେଣୁ ଏଥିପ୍ରତି ଆମକୁ ଅଧିକ ସଚେତନ ହେବାର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଛି । ସେହିପରି କିଛି ସାହିତ୍ୟିକ,ଭାଷାବିତ୍ ଓ ଶିକ୍ଷାବିତ୍ କହିଛନ୍ତି, ସଂସ୍କୃତି ବିଭାଗ ଅଧିନ ଓଡିଆ ଭାଷା ପ୍ରତିଷ୍ଠାନ ଯେମିତି ଲୋକପ୍ରିୟ ଶିଶୁ ପତ୍ରିକା 'ଶିଶୁଲେଖା' ବଣ୍ଟନ କରାଯାଉଛି ସେମିତି ନିକଟରେ ପୁନଃ ପ୍ରକାଶନ ହୋଇଥିବା 'ଛବିଳ ମଧୁ ବର୍ଣ୍ଣବୋଧ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଂଟନ କରାଯାଉ ।

# ବାହାର ରାଜ୍ୟର ବେପାରୀଙ୍କ ହାତରେ କେନ୍ଦୁପତ୍ର ବ୍ୟବସାୟ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାରେ ଏବେ ବାହାର ରାଜ୍ୟର କେନ୍ଦୁପତ୍ର ବେପାରୀ ସକ୍ରିୟ ହେଲେଣି । ସ୍ଥାନୀୟ ଅଞ୍ଚଳରେ ରହୁଥିବା ଦର୍ଶାଇ ଲାଇସେନସ ଏବଂ ଜିଏସଟି କରୁଥିବା ଅଭିଯୋଗ ହୋଇଛି । ଏଥିସହ ପତ୍ର ତୋଳାଳୀଙ୍କୁ ମନଇଛା ଟଙ୍କା ପ୍ରଦାନ କରି ଠକୁଥିବା ଅଭିଯୋଗ ହୋଇଛି । ଏଣୁ ବାହାର ବେପାରୀଙ୍କୁ ଲାଇସେନସ୍ ନଦେବାକୁ ଦାବି ହୋଇଛି । ଜିଲ୍ଲାରେ ଏବେ ଆନ୍ଧ୍ର, ଛତିଶଗଡ, ତେଲେଙ୍ଗାନା, ବିହାର, ଉତ୍ତରପ୍ରଦେଶର ବେପାରୀମାନେ ସକ୍ରିୟ ହେବା ସହ କିପରି ଏହି ଅଞ୍ଚଳରେ ସେମାନେ ଲାଇସେନସ ପାଇବେ ଏବଂ ଜିଏସଟି ମଧ୍ୟ କରିବେ ସେନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସ୍ଥାନୀୟ ଅଂଚଳରେ ଦୀର୍ଘ ବର୍ଷ ଧରି ଭଡାରେ ରହୁଥିବା ଦର୍ଶାଇବା ସହ ନକଲି କାଗଜ ପତ୍ର ହାତେଇ ନେଉଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ଧରି ଲାଇସେନସ ଏବଂ ଜିଏସଟି ନମ୍ବର ମଧ୍ୟ ହାତେଇ ନେଉଛନ୍ତି । ପତ୍ର ତୋଳାଳୀଙ୍କୁ ଠକି କମ୍ ଦରରେ କେନ୍ଦୁପତ୍ର ଖରିଦ କରି ବେଶ ଲାଭବାନ ହେଉଥିବା ଦେଖିବାକୁ ମିଳିଛି । ତେବେ ଏନେଇ ଜିଲ୍ଲା ପଞ୍ଚାୟତ ଅଧିକାରୀ, ବନ ବିଭାଗ ଅଧିକାରୀ ଏବଂ ଟ୍ୟାକ୍ସ ଅଧିକାରୀଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ଅଭିଯୋଗ ହୋଇଛି । ମାଲକାନଗିରି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଧାରା ୨୦(୫୦୬) ଅନୁଯାୟୀ କୌଣସି ବାହାର ରାଜ୍ୟର ବେପାରୀ ସ୍ଥାନୀୟ ଅଂଚଳରେ କେନ୍ଦୁପତ୍ର କ୍ରୟ କରିପାରିବେ ନାହିଁ ବୋଲି ସୂଚନା ରହିଛି । ଅନ୍ୟ ଦିଗରେ ସ୍ଥାନୀୟ ବେପାରୀ ଏନେଇ ପ୍ରତିବାଦ କଲେ କୌଣସି ଫରକ ପଡୁନଥିବା କୁହାଯାଇଛି । ବିଭାଗୀୟ ଅଧିକାରୀଙ୍କ ସହ ବାହାର ବେପାରୀ ମିଶି ଆଦିବାସୀଙ୍କୁ ଠକୁଥିବା କୁହାଯାଇଛି । ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁପତ୍ରର କୌଣସି ଦର ଧାର୍ଯ୍ୟ ହେଉନଥିବାରୁ ବେପାରୀ କେରୀ ପିଛା କେଉଁଠି ୨ଟଙ୍କା ୫୦ ପଇସା ତ ଆଉ କେଉଁଠି ୩ ଟଙ୍କା ଦେଉଛନ୍ତି । କିନ୍ତୁ, ଛତିଶଗଡରେ କେନ୍ଦୁପତ୍ର କେରୀ ପିଛା ୫ରୁ ୬ ଟଙ୍କା ରହିଛି । କମ୍ ଦାମରେ ବେପାରୀ ଏଠାରୁ କିଣି ଛତିଶଗଡ ଏବଂ ଆନ୍ଧ୍ରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି । ଅନ୍ୟଦିଗରେ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପଞ୍ଚାୟତଗୁଡିକକୁ ଏନେଇ ତଦାରଖ କରୁନଥିବା, ବନ ବିଭାଗ କେନ୍ଦୁପତ୍ର ଗାଡିର ଯାଞ୍ଚ ନକରି ଉକତ୍ରାଚ ନେଇ ରସିଦ ଦେବା ଏବଂ ଜିଲ୍ଲା ପ୍ରଶାସନ ମଧ୍ୟ ଆଦିବାସୀଙ୍କ ପାଇଁ କୌଣସି ପଦକ୍ଷେପ ନନେବା ଦୁଃଖର ବିଷୟ ବୋଲି ଜିଲ୍ଲାର ବିଭିନ୍ନ ଆଦିବାସୀ ସମାଜ ଅଭିଯୋଗ କରିଛନ୍ତି । ପଞ୍ଚାୟତରେ ୪୦ ହଜାର ଟଙ୍କା ପୈଠ କରି ସହଜରେ ଲାଇସେନସ ହାତେଇ ନେଉଥିବା ବେଳେ ଜିଏସଟି ନମ୍ବର ମଧ୍ୟ ସହଜରେ ଆଣିପାରୁଛନ୍ତି । ମାତ୍ର ୪୦ ହଜାର ଟଙ୍କା ବାନ୍ଧି ବେପାରୀ କୋଟି କୋଟି ଟଙ୍କାର କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି । କେନ୍ଦୁଲିଫ ବିଭାଗ ମଧ୍ୟ ପତ୍ର ତୋଳାଳୀ ସେମାନଙ୍କର ପ୍ରାପ୍ୟ ପାଇଲେ କି ନାହିଁ, ବେପାରୀ କେଉଁଠାରୁ ପତ୍ର କ୍ରୟ କରିଛି ଏବଂ କେତେ ଟଙ୍କା ପୈଠ କରିଛି ସେସବୁ ତଦନ୍ତ କରାଯାଉନଥିବା ଅଭିଯୋଗ ହୋଇଛି । ତେଣୁ ବେପାରୀ ଗୋଟିଏ ସ୍ଥାନରୁ କେନ୍ଦୁପତ୍ର ଖରିଦ କରି ଅନ୍ୟ ଏକ ସ୍ଥାନରେ ପତ୍ର ତୋଳାଳୀଙ୍କ ପଡି କାର୍ଡ ରଖି ସେମାନଙ୍କ ଠାରୁ ଖରିଦ କରୁଥିବା ଉଲ୍ଲେଖ କରୁଛି । ପତ୍ର ତୋଳାଳୀ ଯେପରି ଉଚିତ ପ୍ରାପ୍ୟ ପାଇପାରିବେ ସେନେଇ ଜିଲ୍ଲା ପ୍ରଶାସନ ଏକ ଦର ଧାର୍ଯ୍ୟ କରନ୍ତୁ ବୋଲି ଦାବି ହେଉଛି ।



ଆଳି, (ଭାସ୍କର ନ୍ୟୁଜ୍) : ଆଳିର ପୂର୍ବତନ ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ କ୍ରୀଡ଼ାବିତ ଦିବଂଗତ ଲଢୁଆ ନେତା ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଆଳି ଆଦର୍ଶ ବିଦ୍ୟାଳୟ ପାଖ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ବରିଷ୍ଠ ବିଧାୟକ ସୁର ରାଉତରାୟ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ବ୍ୟୋମକେଶ ରାୟ, ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଲେଖ ଜେନା, ବରିଷ୍ଠ କଂଗ୍ରେସ ନେତା ପଦ୍ମକର ଗୁରୁ, ସିଦ୍ଧାର୍ଥ ରାଉତରାୟ, ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ପୂର୍ବତନ ବିଧାୟକଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗଦେଇ ଦେବେନ୍ଦ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଦେବେନ୍ଦ୍ର ତାଙ୍କ ରାଜନୀତି ସମୟରେ ଆଳି ନିର୍ବାଚନ ମଣ୍ଡଳୀର ବିକାଶ କ୍ଷେତ୍ରରେ ଯେଉଁ ପଦକ୍ଷେପ ନେଇଥିଲେ ତାହା ମନେପକାଇଥିଲେ । ଜଣେ ଲଢୁଆ ବିଧାୟକ ଭାବେ ସେ ବିଧାନସଭାରେ ମଧ୍ୟ ନିଜର ଦମ୍ ଦେଖାଇବା ସହିତ ନିର୍ବାଚନ ମଣ୍ଡଳୀ ବିକାଶ କ୍ଷେତ୍ରରେ ଅନେକ ନିଷ୍ପତି ନେଇଥିଲେ । ଗମନା ଗମନଠୁ ଆରମ୍ଭ କରି ଅନେକ ବିକାଶ ମୂଳକ କାର୍ଯ୍ୟ ତାଙ୍କ ସମୟରେ ହୋଇଛି । ସେ ଜଣେ ସ୍ପଷ୍ଟବାଦୀ, ସ୍ନେହୀ ଦରଦି ମଣିଷ ଭାବେ ସମସ୍ତଙ୍କ ପ୍ରିୟ ହୋଇ ପାରିଥିଲେ । ଏହି ସ୍ମୃତି ସଭାରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଲଳିତ ବେହେରା, ଭୀଷ୍ମ ମହାନ୍ତି, ଧନ ରଞ୍ଜନ ବୋଷ ଙ୍କ ସମେତ ଅନେକ ନେତା ସୁଶ୍ରୀଦେବୀଙ୍କ ସ୍ମୃତିଚାରଣ କରିଥିଲେ ।

# ରାସ୍ତାକଡ଼ରେ ମାଳ ମାଳ ଇଟାଭାଟି, ବାଟୋଇ ହନ୍ତସନ୍ତ



ଆସିକା, (ଭାସ୍କର ନ୍ୟୁଜ୍ ) : ଆସିକା ବ୍ଲକ ଅନ୍ତର୍ଗତ ପଢାଳ ଠାରେ ରାସ୍ତା କଡରେ ଇଟାଭାଟି ଦେଖିବାକୁ ମିଳୁଛି । ରାସ୍ତାକଡରେ ଇଟା ପ୍ରସ୍ତୁତ କରି ପୋଡିବା ସହିତ ସରକାରୀ ଜାଗାକୁ ମାଡି ବସିଛନ୍ତି ଇଟାଭାଟି ମାଲିକ । କିଏ ଅନୁମତି ଦେଲା ରାସ୍ତା କଡ଼କୁ ଲଗେଇ ଇଟା ପୋଡିବା ପାଇଁ । ରାସ୍ତା କଡ଼ରେ ବେଆଇନ ଇଟା ପ୍ରସ୍ତୁତ କରି ସରକାରଙ୍କ ନିୟମକୁ ଫୁ କରି ଉଡାଇ ଦେଉଛନ୍ତି ଇଟାଭାଟି ମାଲିକ । ବିଶେଷ କରି ବରଗାଁ ଠାରୁ ପଢାଳ ଯିବା ବାଟରେ ରାସ୍ତା କଡ଼କୁ ଲାଗି ଇଟାଭାଟି ତିଆରି କରି ପୋଡିବା ଦେଖିବାକୁ ମିଳିଛି । ମୁଖ୍ୟ ରାସ୍ତା କଡରେ ଏଭଳି ଇଟା ଭାଟି ସୃଷ୍ଟି କରିବାକୁ ନେଇ ସ୍ଥାନୀୟ ଜନସାଧାରଣ ମହଲରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି । ଇଟା ପୋଡା ଯାଉଥିବା ସମୟରେ ଡଷ୍ଟ ଉଡି ବାଟୋଇମାନଙ୍କ ଆଖିରେ ପଡୁଥିବା ବେଳେ ମେଡିକାଲ ଯିବାପାଇଁ ବାଧ ହେଉଛନ୍ତି । ପ୍ରଦୂଷଣଜନିତ କାରଣରୁ ସ୍ଥାନୀୟ ଜନସାଧାରଣଙ୍କ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଠିକ ରାସ୍ତାକଡ଼କୁ ଲାଗି ଏଭଳି ବେଆଇନ ଇଟାଭାଟି କରିବା ପାଇଁ କିଏ ଅନୁମତି ଦେଲା ଓ କାହିଁକି ଏଭଳି ବେଆଇନ ଇଟାଭାଟିକୁ ସ୍ଥାନୀୟ ପ୍ରଶାସନ ପଶ୍ରୟ ଦେଉଛି ଏ ନେଇ ମଧ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ବର୍ଷ ବର୍ଷ ଧରି ଏଭଳି ବେଆଇନ ଇଟାଭାଟି ଚାଲୁଥିବାବେଳେ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ କିମ୍ବା ତହସିଲ ପକ୍ଷରୁ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳୁନାହିଁ । ବର୍ତ୍ତମାନର ଆସିକା ତହସିଲଦାର ସଂଗୀତା ସେଣ ଅବ୍ବନ ମୁଡ଼ରେ ଥିବାବେଳେ ଦେଖିବାକୁ ବାକି ରହିଲା ପଢାଳ ସ୍ଥିତ ରାସ୍ତାକଡ଼ର ଇଟାଭାଟି ଉପରେ ନଜର କେବେ ପଡୁଛି ।

# ବିଧାୟକଙ୍କ ବେତର ଗ୍ରାମ ଗସ୍ତ ଓ ରାସ୍ତା ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ପ୍ରଦାନ



ଅନୁଗୋଳ (ଭାସ୍କର ନ୍ୟୁଜ): ଅନୁଗୋଳ ବ୍ଲକ ଅନ୍ତର୍ଗତ ଶରଧାପୁର ଗ୍ରାମ ପଞ୍ଚାୟତ ର ବେତର ଗ୍ରାମକୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି । ହଠାତ ଗ୍ରାମବାସୀଙ୍କୁ କୌଣସି ସୂଚନା ନ ଦେଇ ବେତର ଗ୍ରାମରେ ବିଧାୟକ ପହଂଚି ଗ୍ରାମବାସୀଙ୍କ ସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ନେଇ ଆଲୋଚନା କରିଛନ୍ତି । ଜଙ୍ଗଲ ପାହାଡ ଘେରା ବେତର ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ବିଧାୟକ ନିଜସ୍ୱ ପାଣ୍ଠି ରୁ ୧୫ ଲକ୍ଷ ଅନୁଦାନ ପ୍ରଦାନ କରିଥିବା ଗ୍ରାମବାସୀଙ୍କୁ ଜଣାଇଛନ୍ତି । ଗ୍ରାମକୁ ରାସ୍ତା ନିର୍ମାଣ ହେବା ଦ୍ୱାରା ଗ୍ରାମବାସୀଙ୍କର ଜୀବନଜୀବିକା ଓ ଅନ୍ୟାନ୍ୟ କ୍ଷେତ୍ରରେ କ୍ରମଶଃ ବିକାଶ ଘଟିବ ବୋଲି ପ୍ରକାଶ କରିଛନ୍ତି । ବିଧାୟକଙ୍କୁ ହଠାତ ଦେଖି ଗ୍ରାମବାସୀ ଆଶ୍ଚର୍ଯ୍ୟ ହେବା ସହିତ ଆନନ୍ଦିତ ହୋଇ ଗ୍ରାମର ଆବାଳ ବୃଦ୍ଧ ବନିତା ଘେରି ଯାଇଥିଲେ ଏବଂ ସମ୍ବର୍ଦ୍ଧନା ଜଣାଇଥିଲେ । ଗତବର୍ଷ ନିର୍ବାଚନ ପ୍ରଚାରରେ ଆସିଥିବା ସମୟରେ ଗ୍ରାମବାସୀଙ୍କ ରାସ୍ତା ନିର୍ମାଣ ନେଇ ଦୃଢ ଅଭିଯୋଗ ଥିଲା । ଗ୍ରାମକୁ ରାସ୍ତା ନ ଥିବା ଘଟଣାରେ ବିଧାୟକ ନିଜେ ସେତେବେଳେ ମର୍ମାହତ ଥିବା ପ୍ରକାଶ କରିଥିଲେ । ବିଧାୟକ ପାଣ୍ଠିରୁ ବିଧାୟକ ସବୁଠାରୁ ଅଧିକ ଅନୁଦାନ ୧୫ ଲକ୍ଷ ବେତର ରାସ୍ତା ନିର୍ମାଣ ପାଇଁ ଦେଇଥିବା ପ୍ରକାଶ କରିଥିଲେ । ଗ୍ରାମର ପାନୀୟଜଳ, କୃଷି ପାଇଁ ଜଳ ସେଚନ, ବିଦ୍ୟୁତକରଣ, ସୋଲାର ବ୍ୟବସ୍ଥା, ଟେଲିଫୋନ ସଂଯୋଗୀକରଣ ସହିତ ମହିଳା ମାନଙ୍କ ଜୀବନଜୀବିକାର ଉନ୍ନତି ନେଇ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହା ପରେ ବିଧାୟକ ଶରଧାପୁର ଗ୍ରାମ ପଞ୍ଚାୟତର ପଥରଗଡ଼ ଓ ଶରଧାପୁର ଠାରେ ଗ୍ରାମବାସୀଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ । ଶରଧାପୁର ପଂଚାୟତ ଦେଇ ପ୍ରବାହିତ ଚିରସ୍ରୋତା ନାଳ ମାତିଳିଆ ଉପରେ ଛୋଟବଡ଼ ଚେକ ଡ୍ୟାମ କରାଯିବା ନେଇ ବିଭିନ୍ନ ସ୍ଥଟ ଦେଖିବାକୁ ଯାଇଥିଲେ । ଶରଧାପୁର ଗ୍ରାମ ପଂଚାୟତ ର ରହିଥିବା ୧୧ ଟି ୱାର୍ଡ ରେ ବିଧାୟକ ପାଣ୍ଠି ରୁ ଜରୁରୀ କାର୍ଯ୍ୟକ୍ରମ ଗୁଡିକୁ ଅନୁଦାନ ଦିଆଯିବା ସହିତ ଅସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡିକୁ ପୂର୍ଣ୍ଣାଙ୍ଗ କରାଯିବାକୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କ ସହିତ ଆଲୋଚନା ସମୟରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ , ପୂର୍ବତନ ସରପଞ୍ଚ ବ୍ରହ୍ମାନନ୍ଦ ସାହୁ, ବାସୁଦେବ ସାହୁ, ସୁରେଶ ବେହେରା, ସନ୍ତୋଷ ସାହୁ, କୁଶ ଅମାନ୍ତ, ସୁରେଶ ସାହୁ, ହାଡିବନ୍ଧୁ ଦେହୁରୀ, ପ୍ରହ୍ଲାଦ ସାହୁ, ଶରତ ନାଏକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଧୂମଧାମ୍‌ରେ ଇଦ୍-ଉଲ୍-ଫିତର ପାଳିତ



ଆସିକା, (ଭାସ୍କର ନ୍ୟୁଜ୍ ) : ସାରା ଦେଶରେ ଆଜି ଇଦ-ଉଲ-ଫିତର ପାଳିତ ହୋଇଯାଇଛି । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ଆସିକା ବ୍ରହ୍ମପୁର,ଭଞ୍ଜ ନଗର, ସୋରଡ଼ା, ଖଲ୍ଲିକୋଟ, ବୁଢ଼ାମ୍ବ, କୋଟି ନଡ଼ା ଓ ଆଠଗଡ଼ ଠାରେ ଇଦ-ଉଲ-ଫିତର ପାଳିତ ହୋଇଯାଇଛି । ଆଜି ସକାଳେ ସମସ୍ତ ମୁସଲିମ ପରିବାର ର ପୁରୁଷ ଲୋକମାନେ ନୂଆବସ୍ତ୍ର ପରିଧାନ କରି ନିକଟ ମସଜିଦ ଓ ଇଦଗାରେ ଏକତ୍ରିତ ହୋଇ ନମାଜ ପାଠରେ ସାମିଲ ହୋଇଥିଲେ । ନମାଜ ପରେ ସାରା ବିଶ୍ୱରେ ଶାନ୍ତି ମୈତ୍ରୀ ପାଇଁ ସମୂହ ପ୍ରାର୍ଥନା ଓ ଦୁଆ କରିଥିଲେ । ଆସିକା ଜାମିଆ ମସଜିଦ ର ଇମାମ ସାନାୱାଜ ହୁସେନ ଇସଲାମ ଧର୍ମ ଓ ପବିତ୍ର ମାସ ରାମଜାନ ସମ୍ପର୍କ ରେ ବିସ୍ତୃତ ବିବରଣୀ ପାଠ କରିଥିଲେ । ନମାଜ ପରେ ମୁସଲିମ ଭାଇ ମାନେ ପରସ୍ପର ମଧ୍ୟରେ ଆଲିଙ୍ଗନ କରି ଇଦ ମୁବାରକର ବଧେଇ ଦେଇଥିଲେ । ଗରିବ ଗୁରୁବାମାନଙ୍କୁ ଅର୍ଥ ଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମୁନାଫ ସାରିଫ,ହୁସେନ ସରିଫ, ନାଶେର ସାରିଫ, ମେହେମୁଦ ସାରିଫ, ୱାଲି ମହମ୍ମଦ, ରିଆଜ ମହମ୍ମଦ, ସେକ ଆସଲାମ, ସେକ ସାଜିଦ, ମେହେମୁଦ ଖାନ, ସେକ ଆସରାଫ, ହାନିଫ ସରିଫ, ସାୟାଦ ୱା ଜିର, ତାଜୁଦିନ ସାରିଫ ଆୟାଜ ସାରିଫ, ଆଲମାସ ସାରିଫଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ମୁସଲମାନ ସମ୍ପ୍ରଦାୟର ଲୋକେ ମସଜିଦ ଠାରେ ସାମୂହିକ ପ୍ରାର୍ଥନାରେ ଅଂଶଗ୍ରହଣ କରିଥିଲେ ।

# ସାଧୁ ସାହିରୁ ହରିଣ ଉଦ୍ଧାର



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବାଫଳରେ ଜଙ୍ଗଲରେ ଖାଇବାକୁ ନ ପାଇ ବିଭିନ୍ନ ଜାଗାରେ ଏବେ ଗାଁ ମୁହାଁ ହେଉଛନ୍ତି ନିରୀହ ପଶୁମାନେ । ପୁଣି ସହର ଭିତରକୁ ପଶିଲା ଗୋଟେ ନିରୀହ ହରିଣ । ତେବେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ । ଆଜି ସକାଳ ପ୍ରାୟ ୯ଘଟିକା ସମୟରେ ଗୋଲେଇ ପଟୁ ଏକ ହରିଣ ମହାବୀର ଛକ ଦେଇ ରାସ୍ତା ଅତିକ୍ରମ କରୁଥିବା ସମୟରେ କିଛି ଲୋକ ହରିଣ କୁ ଦେଖିବାକୁ ପାଇଥିଲେ । ହରିଣକୁ ଦେଖିବା ପରେ ଲୋକେ ତାକୁ ଘଉଡ଼େଇ ଦେବାରୁ ହରିଣ ରାସ୍ତା ବଣା ହୋଇ ଏପଟେ ସେପଟେ ଧାଇଁବାରେ ଲାଗିଲା । ସେହି ରାସ୍ତା ଦେଇ ଯୁବ ସାମ୍ବାଦିକ ସୁମନ୍ତ ପାତ୍ର ଯାଉଥିବା ସମୟରେ ହରିଣଟିକୁ ଦେଖିବାକୁ ପାଇବା ପରେ ସଙ୍ଗେସଙ୍ଗେ କରଞ୍ଜିଆ ବନ ବିଭାଗର ଫରେଷ୍ଟର ସୁରମହନ ବେହେରାଙ୍କୁ ଏ ବିଷୟରେ ଖବର ଦେଇଥିଲେ । ଖବର ପାଇ ଶ୍ରୀ ବେହେରା ବନ ବିଭାଗର କର୍ମଚାରୀ ଘଟଣା ସ୍ଥଳକୁ ପଠେଇଥିଲେ । କର୍ମଚାରୀ ମାନେ ହରିଣ ଟିକୁ ଉଦ୍ଧାର କରି ରସମତଳା ପଞ୍ଚାୟତ ଅନ୍ତର୍ଗତ ସାଧୁ ସାହିରେ ଅଞ୍ଚଳବାସୀ ଏବଂ ବନବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ହରିଣଟିକୁ ଉଦ୍ଧାର କରି ଶିମିଳିପାଳର ମିଲୁ ଜଙ୍ଗଲରେ ଛାଡି ଦେଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ହରିଣଟି ଗୋଟେ ମାଇ ହରିଣ ହୋଇଥିବା ବେଳେ ୩ରୁ ୪ବର୍ଷ ବୟସ ହୋଇଥିବା ଫରେଷ୍ଟର ଶ୍ରୀ ସୁର ମୋହନ ବେହେରା ସୂଚନା ଦେଇଛନ୍ତି ।

# ଶ୍ରୀରାମଚରିତ ମାନସ ପାରାୟଣ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମନବମୀ ଅବସରରେ ପରମପୂଜ୍ୟ ବାବା ଶ୍ରୀଶ୍ରୀବୈକୁଣ୍ଠନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ଗରାପୁରସ୍ଥିତ ଶ୍ରୀମହାବୀର ହନୁମାନ ଆଶ୍ରମରେ ନବଦିନ ବ୍ୟାପି ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶନିବାର ଠାରୁ ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ସକାଳ ଓ ଅପରାହ୍ନରେ ଶ୍ରୀରମଚରିତ ମାନସ, ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଓ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମକଥା ପ୍ରବଚନ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଅପ୍ରେଲମାସ ୬ତାରିଖ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଅବସରରେ ଆଶ୍ରମର ମୁଖ୍ୟ ତଥା ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଶନିବାର ଓ ରବିବାର ପ୍ରବଚକ ସତ୍ୟାନନ୍ଦ ଦାସ, ସୋମବାର ବାବାଜୀ ଅମୃତାନନ୍ଦ ଦାସ ରାମାୟଣ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କପାଳେଶ୍ୱର ଗ୍ରାମପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରବଚନ ଶ୍ରବଣ କରିବା ସହ ବିଭୁକୃପା ଲାଭ କରିଥିଲେ । ବାବାଜୀ ଶ୍ରଦ୍ଧାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର ପାଳିତ



## ହଜାର ହଜାର ଶ୍ରଦ୍ଧାଳୁଙ୍କ ସମୂହ ନମାଜ ପାଠ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକର ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଇଦ୍‌ଗା ପଡ଼ିଆ ଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ସମୂହ ନମାଜ ପାଠ କରିଥିଲେ । କମିଟିର ସଭାପତି ମୌଲାନା ଫକିରୁଦ୍ଦିନ୍ ହାସମୀ କାଶମୀ ଯୋଗଦେଇଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ସମୂହ ନମାଜ ପାଠ କରାଇଥିଲେ । ନମାଜ ପାଠ ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ । ଇତି ଅବସରରେ ରାଜନେତା ମାନେ ଯୋଗଦେଇଥିବା ଦେଖାଯାଇଥିଲା । ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଅରବିନ୍ଦ ସାମଲ, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ଚାରିନଙ୍ଗଳ ପଞ୍ଚାୟତ ସଭାପତି ଗୋଲାମ କିବ୍ରିୟା ଖାଁ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ, ଚାରିନଙ୍ଗଳ ସମିତି ସଭ୍ୟା ପ୍ରତିନିଧି ରଞ୍ଜିତ୍ କୁମାର ସାମଲ, ଯୁବବିଜେଡ଼ି ନେତା ରଶ୍ମିରଞ୍ଜନ ବଳ, ନିରଞ୍ଜନ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ବଳ, ରଞ୍ଜିତ କୁମାର ସାମଲ, ଧନେଶ୍ୱର ବଳ, ପ୍ରାକ୍ତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ଭୀମସେନ୍ ରାଉତ, ଉମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସାମଲ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ । ସମାଜିକ ଗଣମାଧ୍ୟମ ଜରିଆରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ନିର୍ବାଚନ ମଣ୍ଡଳୀର ସମସ୍ତ ମୁସଲମାନ ଧର୍ମାବଲମ୍ବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ କମିଟିର ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ହିବ୍‌ଜୁଲ ରହେମାନ, କୋତବୁଦ୍ଦିନ୍ ଖାଁ, ରସିକ୍‌ଦ୍ଦିନ୍ ଖାଁ, ମୁସ୍ଲୋଦ୍ଦିନ୍ ଖାଁ, ନିଆଜୁଦ୍ଦିନ୍ ଖାଁ, ସେକ୍ ଜ୍ୟାଉଲ୍ଲା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ଏକକ ଅଭିନେତା ସେକ୍ ଇକ୍‌ବାଲ ହୁସେନ୍, ସୁଲତାନ ସଇଫୁଲ୍ଲା ଖାଁ ପ୍ରମୁଖ କର୍ମକର୍ତ୍ତା ମାନେ ପର୍ବ ପରିଚାଳନାରେ ସହାୟତା କରିଥିଲେ । ଆଗନ୍ତୁକ ଅତିଥିମାନଙ୍କୁ ଚାରିନଙ୍ଗଳ ସରପଞ୍ଚ ନୁରୁଜାନ୍ ବେଗମ୍, ସମିତି ସଭ୍ୟା ଚନ୍ଦ୍ରକଳା ଜେନା ସାଧୁବାଦ ଜଣାଇଛନ୍ତି । ସେହିପରି ବ୍ଲକର ସୁଙ୍ଗୁଡ଼ା, ଦର୍ପଣି, ବାଡୋ, ଅରଖପୁର, କଟିକଟା, ବାଉଜଙ୍ଗ, ପଣସୁଧା, ପତରାଜପୁର, କଳାଶ୍ରୀ, ଝରକୁଳ ଆଦି ସ୍ଥାନମାନଙ୍କରେ ଆଜି ସୋମବାର ଇଦ୍-ଉଲ୍-ଫିତର ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥିବା ଦେଖାଯାଇଛି । ସମସ୍ତ ସ୍ଥାନରେ ପୋଲିସ ବାହିନୀ ନିୟୋଜିତ ହୋଇ ଶାନ୍ତିଶୃଙ୍ଖଳା ବଜାୟ ରଖିଥିବା ଜଣାପଡ଼ିଛି ।

# ଗୋରଖନାଥଙ୍କ ଭୋଗ ଟେଣ୍ଡରକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ : ବାର୍ଷିକ ରାଜସ୍ୱ ଲୁଟ୍ ଅଭିଯୋଗ



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଛପଡାପଞ୍ଚାୟତ କେରକେରା ଗ୍ରାମର ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁଗୋରେଖ ନାଥଙ୍କ ପ୍ରତିବର୍ଷ ଭଳି ଚଳିତବର୍ଷ ଭୋଗ, ଦୀପ, ଫୁଲ, ଯାଁବାଳ ଦୋକାନପାଇଁ ଗତ ୨୭ତାରିଖ ଠାରୁ ନିଲାମପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ନିଲାମପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଯେଉଁ ନିୟମାବଳୀ ରଖାଯାଇଛି ତାହାକୁ ନେଇ ନିଲାମରେ ଭାଗନେଇଥିବା ବ୍ୟକ୍ତିମାନେ ଅସନ୍ତୋଷ ବ୍ୟକ୍ତକରିବା ସହ ଏହାର ପରିବର୍ତ୍ତନ ପାଇଁ ଦେବୋତ୍ତର ବିଭାଗ ନିକଟରେ ଦାବି କରିଛନ୍ତି ।ଏହି ନିୟମାବଳୀ ଅନୁଯାୟୀ ଭୋଗଗୁଡିକୁ ଓମ୍ଫେଡ ଘିଅରେ ତିଆରି ଓ ଦୀପପାଇଁ ଓମ୍ଫେଡ ଘିଅ ବ୍ୟବହାର କରାଯିବ, ଦୋକାନରେ ଇଲେକ୍ଟ୍ରିକ ଇଲେକ୍ଟ୍ରି କଞ୍ଜୁମ ପାଇଁ ସବ୍‌ମିଟରରେ ବିଲ୍ ଦିଆଯିବ ସହ ବାରଣ୍ଡାରେ ଭୋଗ ବିକ୍ରିକରାଯିବ ନାହିଁ ଏବଂ ଏହି ଦୋକାନରେ ଅନ୍ୟନ୍ୟ ସାମଗ୍ରୀ ବିକ୍ରି କରାଯାଇପାରିବ ନାହିଁ । ଏଠାରେ ପ୍ରଶ୍ନଉଠେ ଜଣେ ନିଲାମଧାରୀ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ଦେଇ ଯଦି ଓମ୍ଫେଡ ଘିଅରେ ଭୋଗପ୍ରସ୍ତୁତ କରିବେ, ଦୀପରେ ଓମ୍ଫେଡ ଘିଅ ବ୍ୟବହାର କରିବେ ଏବଂ ବିଦ୍ୟୁତ୍ ବ୍ୟବହାର ପାଇଁ ମିଟର ଖର୍ଚ୍ଚ ଅଲଗା ଦେବା ସହିତ ଦୋକାନରେ ଅନ୍ୟାନ୍ୟ ଉପକରଣ ବିକ୍ରି କରିପାରିବେ ନାହିଁ । ତେବେ ମନ୍ଦିର ପକ୍ଷରୁ ଭୋଗବିକ୍ରି ପାଇଁ କିଲୋପିଛା ଯେଉଁ ମୂଲ୍ୟ ଧାର୍ଯ୍ୟ କରାଯାଇଛି ସେହିମୂଲ୍ୟରେ ଭୋଗ ଓ ଦୀପ ବିକ୍ରି କରିବା ସମ୍ଭବପର ନୁହେଁ । କାରଣ ଓମ୍ଫେଡ ଘିଅ କିଲୋପ୍ରତି ବଜାର ଦର ୭ଶହଟଙ୍କା ରହିଛି ।ଓମ୍ଫେଡ ଘିଅସହିତ ଭୋଗ ପ୍ରସ୍ତୁତ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟ କଞ୍ଚାମାଲର ମୂଲ୍ୟମଧ୍ୟ ବଢିଛି । ତେବେ ସମସ୍ତ ଖର୍ଚ୍ଚକୁ ଆକଳନ କଲେ ଦେବତ୍ତର ବିଭାଗ ପକ୍ଷରୁ କରାଯାଇଥିବା ଭୋଗ କିଲୋପିଛା ୨୨୦ପରିବର୍ତ୍ତେ ୬ଶହ ଟଙ୍କାରୁ ଉର୍ଦ୍ଧ୍ୱରେ ବିକ୍ରିକରିବାକୁ ପଡିବ । ଅଧିକ ମୂଲ୍ୟରେ ଭୋଗ ବିକ୍ରିକଲେ ପୁରୀ ମନ୍ଦିର ଭଳି ଭକ୍ତମାନେ ଭୋଗ କିଣିବା ପାଇଁ ସେତେଟା ଆଗ୍ରହ ପ୍ରକାଶ କରିବେନାହିଁ । ସେହିପରି ଓମ୍ଫେଡ ଘିଅର ଦୀପ ଗୋଟିଏ ୪୦ଟଙ୍କାରେ ବିକ୍ରି କରିବାକୁ ପଡିବ । ଅନ୍ୟ ପକ୍ଷରେ ନିଲାମଧାରୀ ପୀଠର ଭିଡକୁ ଦେଖି ବାରଣ୍ଡାରେ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି ।ଏଥିରେ ରୋକ ଲଗାଯିବା ଦୁର୍ଭାଗ୍ୟର କଥା । ଏହା ଶାରଳାମନ୍ଦିର ଠାରୁ ଆରମ୍ଭକରି ଅନ୍ୟପୀଠ ମାନଙ୍କରେ ମଧ୍ୟ ଦେଖିବାକୁ ମିଳିଥାଏ । ନିଲାମରେ ଭାଗନେଇଥିବା ବ୍ୟକ୍ତିଙ୍କ କହିବାକଥା ଯଦି ଦେବୋତ୍ତର ବିଭାଗ ଏହି ନିୟମ ଜାରିକରିଛନ୍ତି ତାହାଲେ ଭୋଗ ଓ ଦୀପ ଦୋକାନ ପାଇଁ ଧାର୍ଯ୍ୟ କରାଯାଇଥିବା ରାଜସ୍ୱକୁ ଅଧା କମେଇ ଦିଆଯାଉ ଓ ଉପରୋକ୍ତ ନିୟମକୁ କୋହଳ କରାଯାଉ । ଆଗରୁ ଏପରି ନିୟମ କେବେ କରାଯାଇନଥିଲା ।କିଛି ଷଡଯନ୍ତ୍ରକାରୀଙ୍କ ପ୍ରରୋଚନାରେ ପଡି ଦେବୋତ୍ତର ବିଭାଗ ଏହିନିୟମ କରିଛନ୍ତି । ଏହି ନିୟମମାନି କେହିବ୍ୟକ୍ତି ନିଲାମରେ ଭାଗ ନେବେନାହିଁ ଫଳରେ ନିଲାମ ପ୍ରକ୍ରିୟାରେ ବିଭ୍ରାଟ ଘଟିବ ।ଏହାର ସୁଯୋଗ ନେଇ ଶାଗମାଛ ମୂଲ୍ୟରେ ଦଲାଲମାନେ ଭୋଗ ଦୋକାନକୁ ନେଇ ପ୍ରଭୁଙ୍କର ରାଜସ୍ୱକୁ ଚଳ୍ଳକରିଦେବେ ବୋଲି ନିଲାମ ଫର୍ମ କିଣିଥିବା ବ୍ୟକ୍ତି ଅଭିଯୋଗ ଉଠାଇଛନ୍ତି । ଏହାର ପରିବର୍ତ୍ତନ ନହେଲେ ଆଗାମୀ ଦିନରେ ପ୍ରଭୁଙ୍କର ବହୁପରିମଣରେ ରାଜସ୍ୱ କ୍ଷତିଘଟିବ । ଏଥିପାଇଁ ଦାୟୀ କିଏ ରହିବ ବୋଲି ନିଲାମ ଅଞ୍ଚଳ କିଛି ବ୍ୟକ୍ତି ଗଣମାଧ୍ୟମରେ କହିଛନ୍ତି ।

# ରାଶିଫଳ

ବୁଧବାର, ୦୨ ଏପ୍ରିଲ ୨୦୨୫



**ମେଷ:** ବିଶେଷ କିଛି ଅସୁବିଧା ନହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ । ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ । କଳା, ସାହିତ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।



**ବୃଷ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ । ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ ।



**ମିଥୁନ:** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିବେ । ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି । ମନ ଦେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ । ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ ।



**କର୍କଟ:** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ । ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି । ଯେକୌଣସି କାମରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ । ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ ।



**ସିଂହ:** ଆଜି ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ । ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି ।



**କନ୍ୟା:** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ । ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ ।



**ତୁଳା:** ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ।ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ ।



**ବିଛା:** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, ମାତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ । ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ । ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ ।



**ଧନୁ:** ଛୋଟ ଛୋଟ କଥାକୁ ଧରି ବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ । ଆର୍ଥିକ୍ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବ । ସବୁ କାମରେ ପଛୁଆ ହେତୁ ମନରେ ନିଜକୁ ଅପାରଗ ମନେକରିପାରନ୍ତି । ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ ।



**ମକର:** ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟାକଲେ ଉପକୃତ ହେବେ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ । ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ ।



**କୁମ୍ଭ:** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ । ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମକରି ସଫଳତା ହାସଲ କରିବେ । ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି । ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ ।



**ମୀନ:** ଆଜି ଶିକ୍ଷା, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ । କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ । ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ ଅବଶ୍ୟ ଉପକୃତ ହେବେ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ) : ଏକଲ ବିଦ୍ୟାଳୟ ଅଭିଯାନର ଏକ ପାଞ୍ଚ ଦିବସୀୟ ଅଭ୍ୟାସ ବର୍ଗ ଉମରକୋଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହିବର୍ଗ ଦୁଷ୍ମନ୍ତ ପଟ୍ଟନାୟକ ଓ ପ୍ରଭାତୀ ଦେବନାଥ ଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା ।କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅତିଥିମାନେ ଆସି ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମାର୍ଗଦର୍ଶକ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାଢ଼ୀ, ଡ଼କ୍ଟର ପ୍ରଦୀପ କୁମାର ମିଶ୍ର,ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ସୁନୀଲ କୁମାର ବେହେରା, ବରିଷ୍ଠ ଆଇନଜୀବୀ ତପନ କୁମାର ଦେବନାଥ, ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ସତ୍ୟବ୍ରତ କର, ପ୍ରଶାନ୍ତ କର, ଭାସ୍କର ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବହିନୀପତି, ଅଂଚଳ ସଭାପତି ସର୍ବେଶ୍ୱର ତ୍ରିପାଠୀ, ସୌମ୍ୟ ଦାସ, ରମେଶ ସାହୁ, ସୁବାଷ ପାତ୍ର, ଉମରକୋଟ ଥାନା ଭାରପ୍ରାପ୍ତ ଅଧିକାରୀ ଶିବାଜୀ ପଣ୍ଡା, ସୁବାଷ ବିଶୋଇ, ସଂଜୀବ ସୁବୁଦ୍ଧି, ସମ୍ପାଦକ ଅଞ୍ଜନ କୁମାର ଜେନା ଅଞ୍ଚଳ ପ୍ରମୁଖ ଟିକେଶ୍ୱର ମାଝୀ, ଶାରୀରିକ ପ୍ରମୁଖ ରୁକଧର ଭତ୍ରା ପ୍ରମୁଖ ଶିବ୍ରାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ପର୍ବ ସଭାପତି ସମୀର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ଉମରକୋଟର ଗୋଷ୍ଠୀଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ, ବରିଷ୍ଠ ସାମ୍ବାଦିକ ଧିରେନ ମଲ୍ଲିକ ମୁଖ୍ୟବକ୍ତା ଭାବେ, ସୁନୀଲ କୁମାର ବେହେରା, ପ୍ରଭାତୀ ଦେବନାଥ, ଭାସ୍କର ମହାପାତ୍ର, ଟିକେଶ୍ୱର ମାଝୀ ପ୍ରମୁଖ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ହରିକଥାର ପ୍ରମୁଖ ସୁମତି ଗଣ୍ଡ ଓ ମିଥିଳା ଗଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଆର୍‌ଏସ୍‌ପିରେ ସ୍ୱଚ୍ଛତା ସଚେତନତା



ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି)ଦ୍ୱାରା ସ୍ୱଚ୍ଛତା ପକ୍ଷ - ୨୦୨୫ ପାଳନ ଅବସରରେ ମାର୍ଚ୍ଚ ୨୫ ତାରିଖ ଦିନ ନୂଆଗାଁ ବ୍ଲକ ଅନ୍ତର୍ଗତ ଅଙ୍କୁରପାଲି ଗ୍ରାମରେ ଏକ ଗ୍ରାମସଭା ଆୟୋଜନ କରାଯାଇଥିଲା। ଗ୍ରାମବାସୀଙ୍କ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ସଚେତନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମଟି ଆରଏସପିର ସିଏସଆର ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା। ଗ୍ରାମ ହାଟ ନିକଟରେ ଆୟୋଜିତ ଏହି ସଭାରେ ଆଖପାଖ ଅଞ୍ଚଳର ପ୍ରାୟ ୨୦୦ ଗ୍ରାମବାସୀ ଏକତ୍ରିତ ହୋଇ ଥିଲେ । ଏହି ସଭାରେ ଟାଉନ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡାକ୍ତର ଦୀପା ଲାଭଙ୍ଗରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସିଏସଆର ବିଭାଗର ଏଜିଏମ୍ ଟି.ବି. ଟପ୍ପୋ, ଅଙ୍କୁରପାଲି ସରପଞ୍ଚ, ସୁଶୀଲ ଟପ୍ପୋଙ୍କ ସମେତ ସିଏସଆର ବିଭାଗ ର ମ୍ୟାନେଜର ସୁଶ୍ରୀ ରିଚା ସୁଧିରାମ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ଅଭିଭାଷଣରେ ଡକ୍ଟର ଦୀପା ଲାଭଙ୍ଗରେ ସ୍ୱଚ୍ଛତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହିତ ସମାଜକୁ ସ୍ୱଚ୍ଛ ରଖିବା ଅଭ୍ୟାସ ଗ୍ରହଣ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କମ କରିବା, ପିଲାମାନଙ୍କୁ ପ୍ଲାଷ୍ଟିକ୍ ପାଉଚ୍ ଏବଂ ବୋତଲରୁ ପାଣି ପିଇବାରୁ ରୋକିବା, ପଶୁମାନଙ୍କ ପାଇଁ ଉପଯୁକ୍ତ ପରିଚ୍ଛନ୍ନତାକୁ ସୁନିଶ୍ଚିତ କରିବା, ଆବର୍ଜନାପୂର୍ଣ୍ଣ ପରିବେଶକୁ ଏଡାଇବା ଏବଂ ରାସ୍ତାରେ ଅଳିଆ ତଥା ପାଣି ଜମା ନ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ଏକ ସୁସ୍ଥ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ପରିବେଶ ବଜାୟ ରଖିବା ଉଦ୍ଦେଶ୍ୟରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଙ୍କୁରପାଲିର ସରପଞ୍ଚ ସୁଶୀଲ ଟପ୍ପୋ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଗ୍ରାମବାସୀଙ୍କ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ବିଷୟରେ ସଚେତନତାର ପ୍ରସାର କରିବାରେ ଆରଏସପିର ସିଏସଆର ବିଭାଗ ନିରନ୍ତର ପ୍ରୟାସ ପାଇଁ ଆରଏସପି କୁ ଅଶେଷ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଉପରେ ପ୍ରଦର୍ଶିତ ଏକ ପଥପ୍ରାନ୍ତ ନାଟକ ମୁଖ୍ୟ ଆକର୍ଷଣ ଥିଲା । ନାଟକଟି ଭାରି ଆକର୍ଷଣୀୟ ଏବଂ ଚିତ୍ତାକର୍ଷକ ହୋଇଥିଲା, ଯାହା ମାଧ୍ୟମରେ ସ୍ୱଚ୍ଛତାର ଗୁରୁତ୍ୱକୁ ସୂଚାଇ ଦିଆଯାଇଥିଲା। ଏହା ସ୍ଥାନୀୟ ଦର୍ଶକଙ୍କ ମଧ୍ୟରେ ସ୍ୱଚ୍ଛତା ଉପରେ ଗଭୀର ସଚେତନତା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଟିବି ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିବାବେଳେ ସୁଶ୍ରୀ ରିଚା ସୁଧିରାମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ସିଏସଆର ବିଭାଗ ଦ୍ୱାରା ସଂଯୋଜିତ ହୋଇଥିଲା।

## ଦୁର୍ଘଟଣାରେ ନାବାଳକ ମୃତ, ଜଣେ ଆହତ

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : କଲ୍ୟାଣସିଂହପୁର ଠାରୁ ଭାୟା ଥେରୁବାଲି ଦେଇ ରାୟଗଡ଼ା ଅଭିମୁଖେ ଯାଉଥିବା ହନୁମାନ ବସ ନଂ ଓଡ଼ି ୧୮ ଖ ୫୫୬୫ ସକାଳ ପ୍ରାୟ ୭ଟା ସମୟରେ ପରଡି ଗୁଡା ଗାଁନିକଟସ୍ଥ ରେ ବସ୍ ଓ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ନବମ ଶ୍ରେଣୀ ଛାତ୍ର ସୁମନ କଡ୍ରାକା ବୟସ ୧୪ଙ୍କର ଘଟଣା



ସ୍ଥଳ ରେ ମୃତ୍ୟୁ ଘଟିଛି । ନବୀନ ତାଡିକା ବୟସ ୨୧ ଆହତ ହୋଇଛନ୍ତି। ମୃତ ନାବାଳକ ଜଣକ କଲ୍ୟାଣସିଂହପୁର ସଦର ପଂଚାୟତ ପାଟବନ୍ଧ ଗ୍ରାମର ଲାଚା କାଡ୍ରାକାଙ୍କ ଏକ ମାତ୍ର ପୁଅ ଥିଲେ । ଏଭଳି ଅକସ୍ମିତ ଦୁର୍ଘଟଣା ରେ ପୁଅର ଜୀବନ ଚାଲି ଯିବା ପରେ ପରିବାର ଓ ଗାଁ ରେ ଶୋକ ର ଛାୟା ଖେଳିଯାଇଛି ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଲୋ-ଭୋଲଟେଜ୍ ଓ ବିଦ୍ୟୁତ୍ କାଟ୍‌କୁ ନେଇ ରାସ୍ତା ଅବରୋଧ ହଟିଲା

ରାଇଘର/ଉମରକୋଟ(ଭାସ୍କର ନ୍ୟୁଜ) : ପ୍ରଶାସନ ଦେଇଥିବା ପ୍ରତିଶୃତି ପାଳନ କଲେ ନାହିଁ,ଅନ୍ୟ ପଟେ ଜଳସେଚନ ଅଭାବରୁ ଚାଷ ପୋଡିଯାଉଛି। ପରିସ୍ଥିତି ଅଣାୟତ। ଜମିରେ ପାଣି ନ ମଡ଼େଇଲେ ଭାସିଯିବେ ରାଇଘର ଅଂଚଳ ର ଚାଷୀ କୁଳ। ଏହି ଭୟରେ ସାତ ଦିନ ବ୍ୟବଧାନରେ ପୁଣି ରାଜରାସ୍ତାରେ ଦୁଇଟି ସ୍ଥାନରେ ଶତାଧିକ ଚାଷୀ ରାସ୍ତା ଅବରୋଧ କରିଛନ୍ତି। ଏହି ଦୃଶ୍ୟ ହେଉଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସରଗୁଲି ଛକର। ଏଥର ଆନ୍ଦୋଳନ ଆଉ ଟିକେ ଜୋର ଧରିଛି। ସରଗୁଲି ଛକ ଠାରେ ଉମରକୋଟ ଠାରୁ ରାଇଘର କୁ ସଂଯୋଗ କରୁଥିବା ଚାଳିଶି ନମ୍ବର ରାଜ୍ୟ ରାଜପଥ ସହ ବିକଳ୍ପ ରାସ୍ତା ନିର୍ମାଣାଧୀନ ଭାରତମାଳା ରାସ୍ତାକୁ ମଧ୍ୟ ଅବରୋଧ କରିଛନ୍ତି ଚାଷୀ। ଲୋଭୋଲଟେଜ୍ ଏବଂ ଅଘୋଷିତ ବିଜୁଳି କାଟ ସମସ୍ୟାକୁ ନେଇ ରାଇଘର ଉମରକୋଟ ମୁଖ୍ୟ ରାସ୍ତା ସହ ଭାରତ ମାଳା ରାସ୍ତା ଅବରୋଧ କରିଛନ୍ତି ଚାଷୀ। ଏଠାରେ ସୂଚନା ଯୋଗ୍ୟ ଯେ ସମାନ ସମସ୍ୟା କୁ ନେଇ ଗତ କୋଡିଏ ତାରିଖରେ ଦୁଇ ଦିନ ରାସ୍ତା ଅବରୋଧ କରିଥିଲେ ପ୍ରଶାସନ ଲୋଭୋଲ୍‌ଟେଜ୍ ଏବଂ ଅଘୋଷିତ ବିଜୁଳି କାଟ ସମସ୍ୟା ର ସାମଧାନ ସକାଶେ ଲିଖିତ ପ୍ରତିଶୃତି ଦେବା ପରେ ରାସ୍ତାରୁ ହଟିଥିଲେ। ହେଲେ ପ୍ରଶାସନ ର ପ୍ରତିଶୃତି ପାଣିର ଗାର ଥିଲା । ଲୋଭୋଲ୍‌ଟେଜ୍ ଏବଂ ଅଘୋଷିତ ବିଜୁଳି କାଟ ସମସ୍ୟା ଯେମିତି ଥିଲା ସେମିତି ରହିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଇତି ମଧ୍ୟରେ ସ୍ଥାନୀୟ ବିଧାୟକ ତଥା ଓଡିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ଯୋଡ଼େଙ୍ଗା ଠାରେ ଏକ ଗ୍ରୀଡ଼ ଷ୍ଟେସନର ଉଦଘାଟନ କରିଥିଲେ । ବିଦ୍ୟୁତ ସମସ୍ୟା ର ସମାଧାନ ହେଇଯିବ ବୋଲି ପ୍ରକାଶ କରିଥିଲେ। କିନ୍ତୁ କାମରେ ଲାଗୁନାହିଁ ନୂଆ ଗ୍ରୀଡ଼। ଏଣୁ ପୁଣି ଆଜି ଦୁଇଟି ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି ଚାଷୀ।

# ଉତ୍କଳ ଦିବସ ପାଳିତ




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : ଆଜି ହେଉଛି ଏପ୍ରିଲ ମାସ ଏକ ତାରିଖ ।ଆଜିର ଦିନକୁ ଓଡ଼ିଆ ଜାତି ଅତି ଗର୍ବର ସହ ପାଳନ କରିଥାଏ। ଏଇ ଏକ ତାରିଖ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ସ୍ମରଣୀୟ ଦିନ। ଆଜିର ଏହି ଦିନରେ ଆମ ରାଜ୍ୟକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିଥିଲା ।ତେଣୁ ତାର ସ୍ମୃତି ରୂପେ ଆମେ ପ୍ରତିବର୍ଷ ଏପ୍ରିଲ ଏକ ତାରିଖକୁ 'ଉତ୍କଳ ଦିବସ' ଭାବରେ ପାଳନ କରିଥାଉ ।କିଛି ଦେସ ଦ୍ରୋହିଙ୍କ ହୀନ ଚକ୍ରାନ୍ତରେ ଆମ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିଲା। ପରିଶେଷରେ ଏଇ ଓଡିଶା ମାଟିରେ ଜନ୍ମିତ କିଛି ଯୁଗ ପୁରୁଷଙ୍କ ଆପ୍ରାଣ ଉଦ୍ୟମ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିପାରିଥିଲା ।ଏଇ କ୍ଷେତ୍ରରେ ସେଇ ଦିନକୁ ଆଜି ମନେ ପକାଇ ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ତରଫରୁ ବଡ଼ ଉତ୍ସାହ ର ସହ ଉତ୍କଳ ଦିବସ ପାଳନ ହୋଇଯାଇଛି ।କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ ଉତ୍କଳ ମଣି ଗୋପବନ୍ଧୁ ଦାଶ ଓ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଫଟ ଚିତ୍ର ଆଗରେ ଦ୍ୱୀପ ପ୍ରଜ୍ୱଳନ କରିଥିଲେ ।ପରେ ଉତ୍କଳ ଦିବସ ର ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ ।ଏଇ କ୍ଷେତ୍ରରେ ସହକାରୀ ଯନ୍ତ୍ରୀ ଏମ୍. ପବନ କୁମାର, ବ୍ଲକ ମଙ୍ଗଳ ଅଧିକାରୀ ଭାବତୋଷ ସ୍ୱାଇଁ, ଓଏଲଏମ କଡିନେଟର ପ୍ରକାଶ ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରାଙ୍କ ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଙ୍ଗୀୟ ସମାଜର ସପ୍ତମ ବାର୍ଷିକ ଉତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ପୋଟେରୁ ନରନାରାୟଣ ସେବାଶ୍ରମରେ ମାଲକାନଗିରି ଜିଲ୍ଲା ବଙ୍ଗୀୟ ସମାଜ ପକ୍ଷରୁ ପାଳନ ହେଇଛି ୭ମ ବାର୍ଷିକ ଉତ୍ସବ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଙ୍ଗାଳି ସମାଜର ସଭାପତି ଗୌରାଙ୍ଗ କର୍ମକାର ସଭାପତିତ୍ୱ କରିଥିଲେ ଏବଂ କୋର କମିଟିର ସଦସ୍ୟ ଉତ୍ତମ କୁମାର ଝା ସଭା ପରିଚାଳନା କରିଥିଲେ।




ମାଲକାନଗିରି ଜିଲ୍ଲାରୁ ୨୧୪ଟି ବଙ୍ଗାଳି ଗ୍ରାମ ରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ସଭାରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ କୁମାର ବିଶ୍ୱାସ, କୋର କମିଟି ସଦସ୍ୟ ଡ ଗୋପାଳ ଚନ୍ଦ୍ର ବିଶ୍ୱାସ ଓ ମାଲକାନଗିରି ଜିଲ୍ଲାର ବଙ୍ଗାଳି ସମାଜର ଜୋନ କମିଟିର ସଭାପତି, ସମ୍ପାଦକ , କୋର କମିଟି, ଜୋନ ସ୍ତରୀୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ । ଏହି ଉତ୍ସବରେ ସଭାପତି ମାଲକାନଗିରି ଠାରେ କମିଟିର ସ୍ଥାୟୀ କାର୍ଯ୍ୟାଳୟ କରିବା ପାଇଁ ଏକ ଜମି ନିଜ ଖର୍ଚ୍ଚାରେ ରେଜିଷ୍ଟ୍ରେସନ କରି କମିଟି କୁ ହସ୍ତାନ୍ତର କରିଛନ୍ତି। ଜିଲ୍ଲାର ବଙ୍ଗାଳି ସମାଜ ଆଗକୁ ଆହୁରି କେମିତି ଉନ୍ନତି ହୋଇ ପାରିବ ତାହା ଉପରେ ବିସ୍ତୃତ ଆଲୋଚନା କରା ଯାଇଥିଲା । ସମାଜର ବିଭିନ୍ନ ପ୍ରକାରର ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରି ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

# ଅନ୍ତର୍ଜାତୀୟ କ୍ଲୀବଲିଙ୍ଗ ଦିବସ ପାଳିତ




ମାଲକାନଗିରି(ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆନ୍ତର୍ଜାତୀୟ କ୍ଲିବ ଲିଙ୍ଗ ଦିବସ ପାଳନ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା କରାଯାଇଥିଲା ।ଏହି ପଦଯାତ୍ରାରେ ଜିଲ୍ଲାର ସମସ୍ତ କିନ୍ନର ସମାଜ ପ୍ରାୟ ୮୦ ରୁ ୯୦ ଜଣ ଯୋଗ ଦେଇଥିଲେ । ପଦଯାତ୍ରା କୁ ଅନୁଷ୍ଠାନିକ ଭାବରେ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଉଦଘାଟନ କରିଥିଲେ। ଏହାପରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ୱର୍କସପ୍ ମଧ୍ୟ ଆୟୋଜନ କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ସଦର ଯୋଗାଣ ଅଧିକାରୀ ମୁରଲୀ କ୍ରୀଷ୍ଣା, ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇଜଣ କିନ୍ନରଙ୍କୁ ସୁସ୍ଥ ସମାଜ ଗଠନରେ ତାଙ୍କର ସହାୟତା ପାଇଁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀଙ୍କ ସମେତ ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ



ଉମରକୋଟ(ଭାସ୍କର ନ୍ୟୁଜ୍)): ନବରଙ୍ଗପୁର ଜିଲ୍ଲା ଉମରକୋଟ ର ଇଷ୍ଟ ଦେବୀ ମା ଜଗତ ଜନନୀ ଓ ମା ଠାକୁରାଣୀଙ୍କ ନବ ଦିନ ଯାତ୍ରା ଆରମ୍ଭ ହୋଇଯାଇଛି । ତେବେ ଚଳିତ ବର୍ଷ ମା'ଙ୍କ ଯାତ୍ରା ଖୁବ୍ ଧୁମଧାମରେ ଆରମ୍ଭ ହୋଇଛି। ସୋମବାର ମଙ୍ଗଳା ମନ୍ଦିରରୁ ମା'ଙ୍କୁ ଆଡ଼ମ୍ବର ସହକାରେ ଆବାହନ କରି ସହରର ମଧ୍ୟ ଭାଗରେ ମା' ଙ୍କୁ ପରିକ୍ରମା କରାଯାଇ ଠାକୁରାଣୀ ମନ୍ଦିରକୁ ଅଣାଯାଇଛି । ନବ ଦିନ ଯାତ୍ରାରେ ମା' ୯ ଦିନ ଉମରକୋଟ ସହର ପ୍ରରିକ୍ରମା କରି ଘରକୁ ଘର ବୁଲି ଭକ୍ତଙ୍କ ଠାରୁ ପୂଜା ପାଇଥାନ୍ତି । ପ୍ରତ୍ୟେକ ବର୍ଷ ଏହି ଦିନକୁ ଉମରକୋଟ ସହର ବାସୀ ଜଗି ବସିଥାନ୍ତି । ପଡୋଶୀ ଛତିଶଗଡ଼ ରାଜ୍ୟ, ଜିଲ୍ଲା ବାହାରୁ ମଧ୍ୟ ଏହି ଯାତ୍ରା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ବିଶ୍ୱାସ ଅଛି ମା ସହର ପରିକ୍ରମା କଲେ ସହରରୁ ଦୁଷ୍ଟ ଶକ୍ତି ନିଷ୍କ୍ରିୟ ହୋଇ ରୋଗ ଶୋକ ଦୂର ହୋଇଥାଏ। ଉମରକୋଟ ସହରର ଝିଅମାନେ ଅନ୍ୟ ସହରରେ ବିବାହ କରିଥାନ୍ତି। ମା' ଙ୍କ ଏହି ପୂଜା ଦେଖିବାକୁ ସେମାନେ ବିଶେଷ କରି ଏହି ଦିନ ନିଜ ଘରକୁ ଆସିଥାନ୍ତି ।ତେଣୁ ମା'ଙ୍କ ପୂଜା ଆଗମନକୁ ସହରବାସୀ ଉତ୍ସୁକତାର ସହ ଜଗି ରହିଥାନ୍ତି। ଏହି ନଅ ଦିନ ସହର ଉତ୍ସବମୁଖର ହୋଇଉଠେ।

# ବ୍ଲକ କାର୍ଯ୍ୟାଳୟରେ ଓଡିଶା ଦିବସ ପାଳିତ



କୋଷାଗୁମୁଡା (ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏପ୍ରିଲ ୧ତାରିଖ ଠାରୁ ଏପ୍ରିଲ ୧୪ତାରିଖ ପର୍ଯ୍ୟନ୍ତ ସମୟକୁ 'ଓଡ଼ିଆ ପକ୍ଷ' ହିସାବରେ ପାଳନ କରିବା ନେଇ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ଚିଠି ପ୍ରେରଣ କରାଯିବା ପରେ ଆଜି ବିଭିନ୍ନ ବ୍ଲକରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଥିବା ବେଳେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପଞ୍ଚାୟତ ସମିତି ଅର୍ଥ ଅଧିକାରୀ ଜୟପ୍ରକାଶ ଅଧିକାରୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଲୋକସଭା ପ୍ରତିନିଧି ସୁରେଶ କୁମାର ପାତ୍ର, ଜିପିଓ ତ୍ରିଲୋଚନ ଛାଟନ ଓ ବ୍ଲକ ର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ଲକିଙ୍କୁ ମିଳିଲା ନୂଆପଡ଼ା ଜିଲ୍ଲା ଗୌରବ ସମ୍ମାନ



ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଅଗ୍ରେସନ ଭବନ ଠାରେ ହେଲପିଂ ଫର ହେଲପ୍ ଫାଉଣ୍ଡେସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ରେ ନୂଆପଡା ଜିଲ୍ଲା ଗୌରବ ସମ୍ମାନ, ରେ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥିଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ମୁଖ୍ୟ ବକ୍ତା ଭାବେ ଗୋରାଙ୍ଗ ସାହୁ ଏବଂ ସମାଜସେବୀ ଅକ୍ଷୟ ନନ୍ଦ ମଞ୍ଚାସୀନ ଥିଲେ। ଏଥିରେ ଲକି ତାଣ୍ଡି ଙ୍କୁ ନୂଆପଡା ଜିଲ୍ଲା ଗୌରବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା.। ଆଗରୁ ମଧ୍ୟ ଶ୍ରୀ ତାଣ୍ଡି ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରରେ ଅନେକ ପୁରସ୍କାର ପାଇସାରିଛନ୍ତି। ରାଜ୍ୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ସମାଜ ସେବା କ୍ଷେତ୍ରରେ, ବିଭିନ୍ନ ପୁରସ୍କାର ପାଇ ସମ୍ମାନିତ ହୋଇଛନ୍ତି। ଏସବୁ ସମ୍ମାନ ରେ ସମ୍ମାନିତ ହେଉଥିବାରୁ ତାଙ୍କୁ ଏ ଅଂଚଳରେ ବେଶ୍ ପ୍ରଶଂସା କରୁଛନ୍ତି।

# 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା କାର୍ଯ୍ୟକ୍ରମ




ବରଗଡ(ଭାସ୍କର ନ୍ୟୁଜ) : ବରଗଡ ଜିଲ୍ଲା ଭଟଲି ବ୍ଲକ ଗୋପାଳପୁର ଆଶ୍ରମ ସ୍କୁଲରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ହନୁମନ୍ତ ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇକୋ କ୍ଲବ ଶିକ୍ଷକ ଉଚ୍ଛବ ଭୁଏଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହାତରେ 'ଝିଅ ଆମର ଗର୍ବ ଗୌରବ, ବୋଝ ବୋଲି ତାକୁ କେବେ ନ ଭାବ', 'ନିଜ ସୁରକ୍ଷା ନିଜେ କରିବା , କନ୍ୟାରନ୍‌କୁ ଆଗେଇନେବା'। ଆଦି ଲିଖିତ ପ୍ଲାକାର୍ଡ ଧରି ଗୋପାଳପୁର ଗ୍ରାମ ପରିକ୍ରମା କରିବା ସହିତ ସ୍ଲୋଗାନ ମାଧ୍ୟମରେ ଶିଶୁ ଅଧିକାର, ସମାଜରେ ବାଲ୍ୟବିବାହ ପ୍ରଥା ଉଚ୍ଛେଦ,କନ୍ୟା ଭ୍ରୁଣ ହତ୍ୟା ନିରାକରଣ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ବୈଠକରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରେଡ୍ଡୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସାଧନକର୍ମୀ ଭାବରେ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇ ପୋକ୍ସୋ ଆକ୍ଟ,ବାଲ୍ୟ ବିବାହ ନିରାକରଣ, ଶିଶୁ ଅଧିକାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ 'ବେଟି ବଚାଓ, ବେଟି ପଢ଼ାଓ'ଶୀର୍ଷକ ଆଲୋଚନା ଚକ୍ରରେ କନ୍ୟା ଭ୍ରୂଣ ହତ୍ୟା କିପରି ରୋକାଯାଇପାରିବ ଓ ବାଳିକାମାନେ କିପରି ଉଚ୍ଚ ଶିକ୍ଷିତ ହୋଇ ପାରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଉତ୍ସବ ଭୁଏ, ରାଜୀବ ଲୋଚନ ସାହୁ,ଦିଲ୍ଲୀପ ପଧାନ,ଅଷ୍ଟମନ୍ୟୁ ବାରିକ,ଶିକ୍ଷୟିତ୍ରୀ ମମତା ସାହୁ,ଦୀପ୍ତି ତ୍ରିପାଠୀ,ପଞ୍ଚମୀ ନାଏକ, ସାବିତ୍ରୀ ସା,ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ,ସଦସ୍ୟା ସରସ୍ୱତୀ ନାଏକ,ପଦ୍ମିନୀ ବାଗ,ସୁଦେଷ୍ଣା ନାଏକ,ମାନସୀ ଷଣ୍ଢ, ସବିତା ବାଗ, ସାବିତ୍ରୀ ଭୁଏ, ସୀତା ନାଏକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ): ମାତୃଭୂମି ଓ ମାତୃଭାଷାର ସ୍ଥାନ ସବୁଠାରୁ ଉର୍ଦ୍ଧ୍ୱରେ । ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷା ସ୍ୱାଧୀନତା ପୂର୍ବରୁ ଭାଷା ଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ। ତେଣୁ ନିଜ ମାତୃଭାଷାକୁ ନେଇ ଗର୍ବ କରିବା ସହ ମାତୃଭାଷାର ସମ୍ମାନ ରଖିବା ପାଇଁ ଯଥାସାଧ୍ୟ ପ୍ରଯତ୍ନ କରିବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ ରେ ଆୟୋଜିତ ଓଡିଶା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଯୋଗ ଦେଇଥିଲେ। ୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଭାବେ ଗଠନ ହୋଇଥିବା ରାଜ୍ୟ ନିମନ୍ତେ ଯେଉଁ ବରପୁତ୍ରମାନେ ନିଜକୁ ସମର୍ପଣ କରି ଦେଇଥିଲେ ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଅଖଣ୍ଡ କରି ରଖିବା ପାଇଁ ଏପ୍ରିଲ୍ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରୁଛନ୍ତି। ଆଜି ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଗାନ୍ଧୀଜୀ ଓ ଗୋପବନ୍ଧୁ ଓ ଜିଲ୍ଲା ଅତିଥି ଭବନ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ସହରର ଅନ୍ୟ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ସେହିପରି ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତରେ ମଧ୍ୟ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଓ ରଞ୍ଜନ କୁମାର ଉପସ୍ଥିତ ଥିଲେ।

# ୩୦ କେ.ଜି ଗଞ୍ଜେଇ ଜବତ, ୨ ଗିରଫ




କୋରାପୁଟ(ଭାସ୍କର ନ୍ୟୁଜ) : ଦୁଇଟି ପୃଥକ ଘଟଣାରେ ଚୋରା ଚାଲଣ ହେଉଥିବା ୩୦କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି କୋରାପୁଟ ଜିଆରପି ପୋଲିସ। ଜଣେ ଯୁବକ ଉତ୍ତରପ୍ରଦେଶର ଅଙ୍କୁର ଏବଂ ଆଉ ଜଣେ ଯୁବତୀ ଉତ୍ତରପ୍ରଦେଶର ମୁସ୍କାନ ବୋଲି କହିଛନ୍ତି ଜିଆରପି ଇନ୍ସପେକ୍ଟର ସନ୍ତୋଷୀ ମହନ୍ତ । ସେହିପରି ଜଣେ ନାବାଳିକାକୁ ଅଟକ ରଖାଯାଇ ଥିବା ବେଳେ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଉପସ୍ଥିତ କରାଯିବ ବୋଲି କହିଛନ୍ତି ଇନ୍ସପେକ୍ଟର ମହନ୍ତ । ସକାଳୁ କୋରାପୁଟ ଷ୍ଟେସନରେ ସମଲେଶ୍ୱରୀ ଟ୍ରେନ ଛାଡିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜଣେ ନାବାଳିକା ସହ ମହିଳାଙ୍କୁ ଅଟକାଇଥିଲା ଜିଆରପି ଓ ଆରପିଏଫ ପୋଲିସ । ଏମାନଙ୍କ ହାତରେ ଥିବା ଟ୍ରଲି ବ୍ୟାଗ ଯାଂଚ କରିବାରୁ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ମହିଳା ଜଣଙ୍କ ଉତ୍ତରପ୍ରଦେଶର ମୁସ୍କାନ ଏବଂ ନାବାଳିକା ଜଣକ ବିହାରର ବୋଲି ଜିଆରପି ପୋଲିସ କହିଛି । ସେହିପରି ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଚଢିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ସନ୍ଦେହରେ ଜିଆରପି ଓ ଆରପିଏଫ ଅଟକ ରଖି ବ୍ୟାଗ ଯାଂଚ କରିଥିଲା । ଏଥିରେ ବି ଗଞ୍ଜେଇ ମିଳିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଅଭିଯୁକ୍ତ ମୁସ୍କାନଙ୍କ ବ୍ୟାଗରୁ ୧୯କିଲୋ ୭୦୦ ଗ୍ରାମ ଓ ଅଭିଯୁକ୍ତ ଅଙ୍କୁରଙ୍କ ବ୍ୟାଗରୁ ୧୦କିଲୋ ମିଳିଥିବା ଜିଆରପି ପୋଲିସ କହିଛି । ଏନେଇ କୋରାପୁଟ ଜିଆରପି ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ମହନ୍ତ କହିଛନ୍ତି ।

## ଫୁଲବାଣୀର ରାଜୀବ ମିଷ୍ଟର ଇଣ୍ଡିଆ ପାଇଁ ଯୋଗ୍ୟ ବିବେଚିତ



କନ୍ଧମାଳ(ଭାସ୍କର ନ୍ୟୁଜ) : ୧୮ ତମ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାରୁ ଫୁଲବାଣୀ ସଦର ମହକୁମା ପିଅନପଡା ସ୍ଥିତ ଭଞ୍ଜସାହିର ରାଜୀବ ମହାନ୍ତି ବୟସ (୪୨) ମିଷ୍ଟର ଇଣ୍ଡିଆରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ବର୍ତ୍ତମାନ କନ୍ଧମାଳ ବଡି ବିଲ୍‌ଡିଂ ଆସୋସିଏସନର ସମ୍ପାଦକ ଭାବେ ଅଛନ୍ତି କିନ୍ତୁ ତାଙ୍କର ନିଜସ୍ୱ ଏକ ରାଜୀବ ବଡି ବିଲଡିଂ ସେଣ୍ଟର ରହିଛି । ରାଜୀବ ମାଷ୍ଟର କେଟୋଗୋରୀ ବର୍ଗରେ ଜିଲ୍ଲା ସ୍ତରରୁ ରାଜ୍ୟସ୍ତରକୁ ଆସନ୍ତା ଏପ୍ରିଲ ୬ ରେ ସମ୍ବଲପୁର ଠାରେ ହେବାକୁ ଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ସେଠାରେ ଯୋଗ୍ୟ ବିବେଚିତ ହେଲେ ଜାତୀୟସ୍ତରକୁ ସାହା ଅଡିଟୋରିଏମ ନିଉଦିଲ୍ଲୀ ରେ ଭାଗ ନେବାପାଇଁ ମନୋନୀତ ହେବେ ବୋଲି ସୂଚନା ଦେଇଛନ୍ତି ରାଜୀବ ।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ପନ୍ଦରଦୋଳ ଯାତ୍ରା ଅମୃତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ବିଜେପି ବିଧାୟକ ପ୍ରାଥୀ ତଥା ସାଂସଦଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମହୋତ୍ସବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶୀ , ଆଧୁନିକ ନୃତ୍ୟ , ସମ୍ବଲପୁରୀ , ସାଇକଳା ସଂସଦ ଭୁବନେଶ୍ୱର ଓଡ଼ିଶୀ ନୃତ୍ୟ , କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନ ବରଗଡ଼ ସମ୍ବଲପୁରୀ ନୃତ୍ୟ , ଅନ୍ୱେଷଣ ସାଂସ୍କୃତିକ କଳା ପରିଷଦ ଯାଜପୁର , ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ବୋଲଗଡ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକୁ କାର୍ଯ୍ୟକ୍ରମ ରାଜ୍ୟ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବରିଷ୍ଠ ଶିକ୍ଷାବିତ୍ ହରିବନ୍ଧୁ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ବୋଲଗଡ ବ୍ଲକସାଂସଦ ପ୍ରତିନିଧି ତଥା ବିଜେପି ଯୁବ ନେତା ରବୀନ୍ଦ୍ର କୁମାର ସୁବୁଦ୍ଧି , ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୁଭେନ୍ଦୁ କୁମାର ଭଞ୍ଜଦେଓ , ସମାଜସେବୀ ଦିପନ କୁମାର ବିଶ୍ୱାଳ , ବିଜେପି ବୋଲଗଡ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା , ସମବାୟବିତ ଲଲାଟେନ୍ଦୁ କେଶ୍ୱରି ସିଂହ , ସମାଜସେବୀ ମାନସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବଂଶୀଧର ମହାବିଦ୍ୟାଳୟ ପ୍ରତିଷ୍ଠାତା ଅବିନାଶ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସ୍ଥାପକ ତଥା ଶିକ୍ଷକ ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିଲେ।

## ବାଣପୁରରେ ଉତ୍କଳ ଦିବସ ପାଳିତ



ବାଣପୁର(ଭାସ୍କର ନ୍ୟୁଜ): ଆଜି ଦିନରେ ଆମ ରାଜ୍ୟ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହୋଇଥିଲା, ଯେଉଁଥିରେ ସର୍ବୋଚ୍ଚ ବଳିଦାନର ପରାକାଷ୍ଠା ପ୍ରଦର୍ଶନର ସ୍ୱରୂପ ଏକ ସ୍ୱତନ୍ତ୍ର ନିସ୍ୱାର୍ଥପର ସେନାନୀଙ୍କ ଅଦମ୍ୟ ବଳିଦାନର ଫଳାଫଳ ଆଜିର ପବିତ୍ର ଦିବସ 'ଉତ୍କଳ ଦିବସ' ଏବଂ ଏହି ମହାନ ଦିବସର ଆଦିପୀଠ ପାଇକ ମାଟି ବାଣପୁରରେ ବାଣପୁର ଏନଏସିର ଜନପ୍ରିୟ ଚେୟାରମ୍ୟାନ ମିଟୁ ନାୟକ ମହୋଦୟଙ୍କ ନେତୃତ୍ୱରେ ଜାତୀୟ ପିତା ମହାତ୍ମା ଗାନ୍ଧୀ, ବରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ର, ସହିଦ କୃତିବାସ ପାଟଶାଣି, ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସ୍ୱରୂପ ସେମାନଙ୍କ ଜୟଗାନ କରିବା ସହିତ ଅଦମ୍ୟ ସାହସୀ ନେତୃଗଣ ଙ୍କ ମହିମାଗାନ କରିଥିଲେ ନିକଟରେ ବିଜୁ ଜନତା ଦଳ ନଗର ସଭାପତି ଉମାକାନ୍ତ ଲାଠି ମହୋଦୟ, ପୂର୍ବଉପ ନଗରପାଳ ଦାଶରଥି ସାହୁ ମହୋଦୟ, ବରିଷ୍ଠ ଯୁବ ସଂଗଠକ ମନୋଜ ବାରିକ ମହୋଦୟ, ପ୍ରଚାର କମିଟି ଅଧ୍ୟକ୍ଷ ପ୍ରଶାନ୍ତ ସାହୁ ମହୋଦୟ, ଯୁବଜନତା ଦଳ ସଭାପତି ସୁବ୍ରତ ଦାସଙ୍କ ସମେତ ୯ ନମ୍ବର ୱାର୍ଡ କାଉନସିଲର ସମିମ ଉଦ୍ଦିନ ଖାନ, ୬ ନମ୍ବର ୱାର୍ଡ କାଉନସିଲର ଦୀପକ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ଏବଂ ଛାମୁଆ ସଂଗଠକଗଣ ସଦୟ ଉପସ୍ଥିତ ରହିଥିଲେ ଏବଂ ପବିତ୍ର ଉତ୍କଳ ଦିବସର ସମସ୍ତ ସ୍ମୃତିଚାରଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳି ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ୨୪.ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବର ସହକାରେ ସୋମବାର ଦିନ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ସ୍ଥାୟୀ ସଭାପତି ରାଜକିଶୋର ବ୍ରହ୍ମାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ. ବୋଲଗଡ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ପ୍ରଦୀପ କୁମାର ବାରିକ. ବେଲେଶ୍ୱର ସାହୁ, ଟାଟା ପାୱାରର ଡେପୁଟି ଜେନେରାଲ ମ୍ୟାନେଜର ଟୁନି ଲତା ନାୟକ, ନୟାଗଡ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ଫୁଲ ଚନ୍ଦନ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ଉତ୍ସବ ର ପ୍ରାରମ୍ଭ ରେ ଶିକ୍ଷା ଅନୁଷ୍ଠାନର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିବା ବେଳେ ଗୁରୁମା ସସ୍ମିତା ସାହୁ ବେଦପାଠ କରିଥିଲେ । ସଭାପତି ରାଜକିଶୋର ବ୍ରହ୍ମାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁରୁମା ଦୀପିକା ମିଶ୍ର ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ. ଶିକ୍ଷା ଅନୁଷ୍ଠାନର ସମ୍ପାଦକ ନବକିଶୋର ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ. ଶିକ୍ଷା ଅନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥି ମାନେ ପୁରସ୍କାର, ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ସମସ୍ତ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ସମାଜରେ ଭଲ ମଣିଷ ହେବାପାଇଁ ଚେଷ୍ଟା କରିବା ଉଚିତ ବୋଲି ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷା ବିନା ଜୀବନ ବୃଥା ଓ ଅନ୍ଧକାରମୟ ବୋଲି ସେ ମତ ପ୍ରକାଶ କରିଥିଲେ । ସମସ୍ତ ଗୁରୁଜୀ ଗୁରୁମାମାନେ ବିଦ୍ୟାଳୟ ର ମଣିଷ ଗଢ଼ା କାରଖାନା ର ବିନ୍ଧାଣି ହୋଇଥିବା ରୁ ସେମାନେ ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ଭଲ ପାଇ ଗୁଣାତ୍ମକ ଶିକ୍ଷା ଦାନ ପ୍ରଦାନ କରିବାକୁ ମୁଖ୍ୟବକ୍ତା ରମେଶ ଚନ୍ଦ୍ର ସାହୁ ସୂଚନା ପ୍ରଦାନ କରିଥିଲେ । ଗୁରୁମା ସରିତା, ଦୀପିକା. ସସ୍ମିତା, ପ୍ରମୁଖଙ୍କ ମିଳିତ ନୃତ୍ୟ ନିର୍ଦ୍ଦେଶ ନାଁରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ମନରଞ୍ଜନ ଧର୍ମୀ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ଶିକ୍ଷା ଅନୁଷ୍ଠାନ ର କର୍ମକର୍ତ୍ତା, ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରି ପରିଚାଳନା କରିଥିଲେ । ଅନୁଷ୍ଠାନର ଶ୍ରେଷ୍ଠ ଗୁରୁମାଙ୍କୁ ସସ୍ମିତା ବେହେରାଙ୍କୁ ସମ୍ପାଦକ ନବକିଶୋର ରଥ ମାନପତ୍ର. ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ବିଦ୍ୟାଳୟ ର ମୁଖ୍ୟ ପରିଚାଳକ ବିନୟ କୁମାର ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋଲଗଡ଼ ଅମୃତ ମହୋତ୍ସବ ଉଦ୍‌ଯାପିତ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ଅମୃତ ମହୋତ୍ସବ ଅନ୍ତିମ ତଥା ଉଦଯାପନୀ ସନ୍ଧ୍ୟାରେ ଐତିହାସିକ ରବୀନ୍ଦ୍ର କୁମାର ପରିଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ ମାନସ କୁମାର ବେହେରା, ମନୋଜ କୁମାର ପ୍ରଧାନ, ଆଇନଜୀବୀ ଅମୀୟ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସାହୁ , ଓ ସମିତିସଭ୍ୟା ନିର୍ମଳା ପ୍ରଧାନ, ସୁମନ୍ତ କୁମାର ପ୍ରଧାନ,କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର, ରଂଜିତ ଦାସ, ପ୍ରମୁଖ ଯୋଗଦେଇଥିଲେ ।ସମ୍ବର୍ଦ୍ଧନା ଉତ୍ସବରେ ସାମ୍ବାଦିକ, ସମାଜସେବୀ ଓ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଦୀର୍ଘ ୩ଦିନ ବ୍ୟାପି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଖ୍ୟାତି ସମ୍ପନ୍ନ କଳାକାର ମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟଙ୍କ ନିର୍ଦ୍ଦେଶନାରେ କୁନିକୁନି କଳାକାର ମାନଙ୍କ ପକ୍ଷରୁ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟକୁ ସୁନ୍ଦର ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ କାନ୍ତ ନାୟକ ସଂଯୋଜନା କରିଥିଲେ । ପରିଶେଷରେ ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଡମ୍ବର ସହ ଉତ୍କଳ ଦିବସ ପାଳିତ



ରାଇଘର, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ୮୯ତମ ଉତ୍କଳ ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୬, ଟା ସମୟରେ ପ୍ରଭାତ ଫେରି ଅପରାହ୍ନ ୪ ଟା ସମୟରେ କବିତା ଆସର ସନ୍ଧ୍ୟା ୫ ଟା ସମୟରେ ଅନ୍ତକ୍ଷରି , ସନ୍ଧ୍ୟା ୬,୩୦ ରେ ସାଧାରଣ ସଭା ରାତ୍ର ୮ ଘଂଟା ସମୟରେ ନାଟକ ଦେହ କଳିକତା ମନ ଓଡ଼ିଶା ମଞ୍ଚସ୍ଥ ହୋଇଥିଲା ।ରାଇଘର ଡି ଏନ୍ କେ ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ମହାପୁରୁଷମାନଂକ ଫୋଟୋରେ ପୁଷ୍ପମାଲ୍ୟ ଦେଇ ସଭା କାର୍ଯ୍ୟ ଆରଂଭ ହୋଇଥଲା ।, ଅତିଥି ମାନେ ଯୋଗଦେଇ କହିଥିଲେ ଯେ ଓଡିଆ ଆମ ଭାଷା ଏବଂ ଓଡ଼ିଆ ଭାଷାକୁ ଗୁରୁପ୍ତ ଦେବା, ଆଦି ଉପରେ ଆଲୋକ ପାତ୍ କରିଥଲେ ।

## ଅଜଣା ବ୍ୟକ୍ତିର ମୃତ୍ୟୁ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଅନେକ ବର୍ଷ ଧରି ଲକ୍ଷ୍ମୀପୁର ଅଞ୍ଚଳରେ ଜଣେ ଅଜଣା ବ୍ୟକ୍ତି ଏଠି ସେଠି ରହି କୁଲିଭୁତି କରି ରହି ବଞ୍ଚୁ ଥିଲେ ।ହେଲେ ବୟସନୁକ୍ରମେ ସିଏ ଲକ୍ଷ୍ମୀପୁର ଠାରେ ବିଭିନ୍ନ ମନ୍ଦିରରେ ରହି ଭିକ ମାଗି ଚଳି ଆସୁଥିଲେ । ହେଲେ ଗତ ମାସ ୨୯ ତାରିଖ ଦିନ ସେ ରାସ୍ତା କଡରେ ମୁମୂର୍ଷ ଅବସ୍ଥାରେ ପଡି ରହିଥିବା ଦେଖି କିଛି ସଦହୃଦୟ ବ୍ୟକ୍ତି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ଡାକ୍ତର ଦୀନବନ୍ଧୁ ଚୌଧୁରୀ ଙ୍କ ରିପୋର୍ଟ ଅନୁଯାୟୀ ଲକ୍ଷ୍ମୀପୁର ଥାନାରେ ୨/୨୫ ରେ ଏକ ଅପ ମୃତ୍ୟୁ ମାମଲା ରୁଜୁ ହୋଇଥିଲା । ବର୍ତ୍ତମାନ ସୁଧା ତାଙ୍କ ମୃତ ଦେହ କୋରାପୁଟ ଜିଲ୍ଲା ମେଡିକାଲ କାକେଜାରେ ରଖା ଯାଇଥିବା ବେଳେ ବୁଧବାର ଦିନ ମାଜିଷ୍ଟ୍ରେଟଙ୍କ ଉପ ସ୍ଥିତିରେ ମୃତ ଦେହକୁ ପୋତାଯିବ ବୋଲି ଶୁଣିବାକୁ ମିଳିଛି ।ଏଯାଏଁ କୌଣସି ଦାବିଦାର ପହଞ୍ଚି ନଥିବା ଜଣା ପଡ଼ିଛି ।

**ଦ.ପୂ. ରେଳପଥ-ଟେଣ୍ଡର**

ଡିଆରଏମ୍/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ କାର୍ଯ୍ୟ କରୁଛନ୍ତି ଏବଂ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ, ଏବଂ ପ୍ରାପ୍ତ ହୋଇଥିବା ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନଂ.:୧। ଟେଣ୍ଡର ନୋଟିସ୍ ନମ୍ବର: ସିକେପି-ଦକ୍ଷିଣ-୨୪-୨୫-୫୮, ତାରିଖ: ୨୮.୦୩.୨୦୨୫। କାର୍ଯ୍ୟର ନାମ: ସିନିଅର ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁର କ୍ଷେତ୍ରାଧିକାରଙ୍କ ଅଧୀନରେ ଝିଙ୍କପାଣି-ତାଲାବୁରୁ ସେକ୍ସନ ମଧ୍ୟରେ ପିଏସ୍‌ସି-୧୪ ସ୍ଲିପରରେ ବିସ୍ତାରିତ ୬୦ କିଲୋଗ୍ରାମ ୯୦ୟୁଟିଏସ୍ ରେଳର ଟିଏଫ୍‌ଆର ସହିତ ନୂତନ ୬୦ କିଲୋଗ୍ରାମ ୯୦ୟୁଟିଏସ୍/ଆର୍୨୬୦ ରେଳ (ଏଲ୍‌ଡବ୍ଲୁଆର୍) ସହିତ ବରଜାମଡା ଜଂ-ଗୁଆ-ଟିଆର୍‌ଆର୍ (ପି)-୪.୫୦୦ ଟିକେଏମ୍ ପଡାପାହାର-ବୋଲାନିଖାଦନ-ଟିଆର୍‌ଆର୍ (ପି)-୫.୫୦୦ ଟିକେଏମ୍ ଏବଂ ପଡାପାହାର-ନୟାଗଡ଼-ଟିଆର୍‌ଆର୍ (ପି)-୨୮.୧୧୨ ଟିକେଏମ୍ ଏବଂ ୧.୫୯୫ ଟିଆର୍ କେଏମ୍ ଟଚ ଲାଇନରେ ଅପ୍ ଲାଇନ କି.ମି.୩୩୧.୦୦-୩୩୨.୫୯୫ ମାଧ୍ୟମରେ ରେଳ ନବୀକରଣ (ପ୍ରାଥମିକ) (୨ୟ କଲ୍)। ଟେଣ୍ଡର ମୂଲ୍ୟ: ୩,୫୧,୩୧,୫୯୬। ସର୍ବଶ୍ରେଷ୍ଠ ମୂଲ୍ୟ:ଟ.୩,୨୫,୭୦୦। କ୍ରମିକ. ନଂ.:-୨. ଟେଣ୍ଡର ନୋଟିସ୍ ନମ୍ବର: ସିକେପି-ଦକ୍ଷିଣ-୨୪-୨୫-୬୧, ତାରିଖ: ୨୮.୦୩.୨୦୨୫। କାର୍ଯ୍ୟର ନାମ: ସିନିୟର ଡେନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ ଅଧିକାର କ୍ଷେତ୍ର ଅଧୀନରେ ରାଜଖରସାୱାନ-ପାଦପାହାଡ଼, ପାଦପାହାଡ଼-ଜାରୋଲି, ପାଦପାହାଡ଼-ବୋଲାନିଖାଦନ ସେକ୍ସନରେ ୨୫.୬୩୭ କିଲୋମିଟର ପାଇଁ ପିଏସ୍‌ସି-୧୪ ସ୍ଲିପରରେ ନୂତନ ୬୦ କିଲୋଗ୍ରାମ ୯୦ୟୁଟିଏସ୍/ଆର୍୨୬୦ ରେଲ୍ (ଏଲ୍‌ଡବ୍ଲୁଆର୍) ସହିତ ବିଦ୍ୟମାନ ୬୦ କିଲୋଗ୍ରାମ ୯୦ୟୁଟିଏସ୍ ରେଲ୍‌ର ଟିଏଫ୍‌ଆର୍ ବିସ୍ତାର ସହିତ ରେଳ ନବୀକରଣ (ପ୍ରାଥମିକ) (୨ୟ କଲ୍)। ଟେଣ୍ଡର ମୂଲ୍ୟ:ଟ.୨,୨୧,୩୯,୬୩୭.୧୫। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୬୦,୭୦୦। ଟେଣ୍ଡର ଫର୍ମର ମୂଲ୍ୟ:ଟ. ୦ (କ୍ରମାଙ୍କ ୧ ଏବଂ ୨ ପ୍ରତ୍ୟେକ ପାଇଁ)। ଖୋଲିବାର ତାରିଖ: ୨୨.୦୪.୨୦୨୫(କ୍ରମାଙ୍କ ୧ ଏବଂ ୨ ପ୍ରତ୍ୟେକ ପାଇଁ)। ଟେଣ୍ଡରଟି ୱେବସାଇଟ୍ https://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା / ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ। **ଟିପ୍ପଣୀ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃତ୍ୱ-ରେଳବାଇ ବୋର୍ଡର ଚିଠି ସଂଖ୍ୟା ୨୦୨୦/ସିଇ-ଓ/ସିଟି/୩ଇ/ଜିସିସି/ ପଲିସି ତାରିଖ ୧୬.୦୭.୨୦୨୦)।

(PR-03)

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ଚଣ୍ଡୀ ମନ୍ଦିର ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଆଜି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ହିମାଂଶୁ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଗରିକ ସଂଘର ସଦସ୍ୟ ଯୋଗଦେଇ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ଡମ୍ବରୁଧର ନାୟକ, ସୁକେଶ ମିଶ୍ର, ଗୌତମ ବେହେରା, ସବିତା ମହାନ୍ତି, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଜାମିନ ନାଏକ, ଓକିଲ ସଂଘ ପକ୍ଷରୁ ସଭାପତି ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର ବାରିକ, ରଣଜିତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

## ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଉତ୍କଳ ଦିବସ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ 'ସମ୍ବାଦ ସାହିତ୍ୟଘର' ପକ୍ଷରୁ ବେତନଟୀ ଡ଼ାକବଙ୍ଗଳା ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସାହିତ୍ୟଘର ସଭାପତି ଡାକ୍ତର ମନ୍ଦାକିନୀ ସାହୁ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ କବି, ଲେଖକ ଓ ବରିଷ୍ଠ ସାହିତ୍ୟିକ ଯୋଗ ଦେଇଥିଲେ । ସମ୍ବାଦର ସଂପାଦିକା ତନ୍ମୟା ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାହିତ୍ୟଘରର ସଦସ୍ୟମାନେ ହସ୍ତତନ୍ତ ଲୁଗା ପରିଧାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅବସରପ୍ରାପ୍ତ ଶିକ୍ଷକ ସବିତା ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଭାତୀ ମହାନ୍ତି, ସମ୍ପାଦିକା ଗୀତାଞ୍ଜଳୀ ଭୂୟାଁ, ବିନୋଦିନୀ ମହାନ୍ତ, ଅନନ୍ଦିତା ସାହୁ , ମନିଲତା ବଳା, ପିଙ୍କି ସୂଇଁନ , ରସ୍ମିତା ଦାସ, ଶୋନା ଖାତୁନ, ମିନତି ସାହୁ, ଉମା ଜାଦବ, ରଞ୍ଜୀତା କର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବେତନଟୀ ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୀର ସୁରେନ୍ଦ୍ର ସାଏ ସାଂସ୍କୃତିକ ସଂଗଠନ ପକ୍ଷରୁ ଉତ୍କଳ ଦିବସ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ର ସାଏ ସାଂସ୍କୃତିକ ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ସଞ୍ଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ନିଖିଳ ଓଡ଼ିଶା ପାଇକ ମହାସଂଘର ସଭାପତି ଅଶୋକ ପାଲଟା ସିଂହ, ସମାଜସେବୀ ଭୋଳାନାଥ ମହାରଣା ଯୋଗଦାନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ଆଲୋକପାତ କରିଥିଲେ । ଏଥିରେ ହେମସାଗର ସ୍ୱାଇଁ, ମାନସ କୁମାର ବେହେରା, କାର୍ତ୍ତିକେଶ୍ୱର ପଣ୍ଡା, କିଶୋର କୁମାର ପାତ୍ର, ପ୍ରତାପ ପୃଷ୍ଟି, ଜିତେନ୍ଦ୍ର ପୂର୍ତ୍ତି ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ଯୁବନେତା ହେମସାଗର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

**PARADIP PORT AUTHORITY**
ADMINISTRATIVE DEPARTMENT
e-Tender Call Notice No.AD/OE/GL-72/15(Pt.V)/546 Dtd. 20.03.2025
Name of the work :-"Watch & ward of Port properties at different sites of PPA round the clock for a period of one year". Estimated cost put to tender ₹ 3,60,96,807.00 (excluding GST @ 18% & Contractor's Commission). The last date & time of submission of bid is 09.04.2025 upto 1700 Hrs. for details please refer our website: www.paradipport.gov.in / https://eprocure.gov.in/eprocure/app.
Asst. Secretary (Admn.),
Paradip Port Authority
PPA/PR/71/2024-25, Dt.28/03/25

**NOTICE**
By virtue of an affidavit sworn before Notary Public, Bhubaneswar, I Subhalaxmi Sahoo W/o Amarendra Sahoo, resident of Sanapada, Gadishagoda, VTC : Basantapur, Po.- Kanas, Dist.-Puri, Odisha-752017 currently residing at plot no-605, Palasuni, GGP Colony, Rasulgarh, Bhubaneswar, Khordha, Odisha-751025 declare that I have changed my name from Khukei Parida to Subhalaxmi Sahoo. Henceforth I shall be known as SUBHALAXMI SAHOO for all purposes.
**Sd/-Subhalaxmi Sahoo**

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ମାଓ ପ୍ରଭାବିତ...

ନକ୍ସଲ ପ୍ରଭାବିତ ଅଞ୍ଚଳରେ ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା, ରାସ୍ତା ସମ୍ପ୍ରସାରଣ, ପରିବହନ ସୁବିଧା, ପାଣି, ବିଜୁଳି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ଗ୍ରାମବାସୀଙ୍କ ପାଖରେ ପହଞ୍ଚିବା ଭଳି ବିକାଶମୂଳକ କାର୍ଯ୍ୟ ଯୋଗୁ ସମ୍ଭବ ହୋଇପାରିଛି ।

### ଆଜିଠୁ ପରୀକ୍ଷାଖାତା...

ତେବେ ସେମାନଙ୍କ ପରୀକ୍ଷାଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକ ସମୟରେ ପ୍ରକାଶ ପାଇବ । କାଉନସିଲ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚରେ ଏହି ଛାତ୍ରଛାତ୍ରୀଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯିବ । ଚଳିତବର୍ଷ ମୋଟ ୩ଲକ୍ଷ ୯୩ ହଜାର ୬୧୬ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

### ଆଜିଠାରୁ...

ଝଡ଼ବର୍ଷା ହେବ । କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ ଓ ଅନୁଗୋଳ ଜିଲ୍ଲାରେ ବଜ୍ରପାତ ସହିତ ଝଡ଼ବର୍ଷା ହୋଇପାରେ । ଏପରିକି କିଛି ଅଞ୍ଚଳରେ ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଚଳିତବର୍ଷ ଦେଶରେ ବର୍ଷା ସ୍ୱାଭାବିକ ରହିବ । ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ ଓ ପଶ୍ଚିମ କେନ୍ଦ୍ରୀୟ ଭାରତରେ ବର୍ଷାର ପରିମାଣ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ଥିବାବେଳେ ଅବଶିଷ୍ଟ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସେ କହିଛନ୍ତି ।

### ଶୁଭେଚ୍ଛା ଜଣାଇଲେ...

ଯେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଆମ ଓଡ଼ିଶା ପ୍ରଥମ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହେବାର ଗୌରବ ଲାଭ କରିଥିଲା । ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଆ ସଂସ୍କୃତିକୁ ଉଚିତ ପରିଚୟ ଦେବାପାଇଁ ସଂଘର୍ଷ କରିବା ସହ ବଳିଦାନ ଦେଇଥିବା ସମସ୍ତ ମହାପୁରୁଷଙ୍କୁ ମୋର ପ୍ରଣାମ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଏହି ଦିବସ ଆମ ସମସ୍ତଙ୍କ ପାଇଁ ଅନନ୍ୟ । ଏହି ଅବସରରେ ଓଡ଼ିଆ ପକ୍ଷ ପାଳନ ପାଇଁ ସେ ଆହ୍ୱାନ ଦେଇଛନ୍ତି । ସେ କହିଥିଲେ, ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଆମେ ଓଡ଼ିଆ ପକ୍ଷ ଭାବେ ପାଳନ କରୁଛୁ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଂଗୀତ ଓ ସଂସ୍କୃତିର ଉତ୍ସବ । ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ୧୯୩୬ ମସିହାରେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରିକରଣ ସମ୍ଭବ ହୋଇଥିଲା, ସେହି ବିନ୍ଧାଣୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ସେ ଆହ୍ୱାନ ଦେଇଥିଲେ ।

### ଜନ୍ମମାଟି...

ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଜନ୍ମସ୍ଥାନର ଉନ୍ନତିକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଏନ୍ତୁଡିଶାଳର ଉନ୍ନତିକରଣ, ଅତିଥିଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ କରାଯିବ ବୋଲି କହିଥିଲେ । ଶ୍ରୀ ମାଝୀ କହିଥିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ରମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଥିଲେ, ସେ ଋଣକୁ ଆମେ କେବେ ସୁଝି ପାରିବା ନାହିଁ । ତେବେ ଏକ ସମୃଦ୍ଧ ଓଡ଼ିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚିତ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ରାଜ୍ୟରେ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ପ୍ରକୃତ ସମ୍ପଦ ହେଉଛନ୍ତି ଆପଣମାନେ । ଆମେ ସାଢେ ୪କୋଟି ଓଡ଼ିଶାବାସୀ । ଆମର ପ୍ରତ୍ୟେକ ରକ୍ତବିନ୍ଦୁରେ ଓଡ଼ିଆ ଅସ୍ମିତା ଭରି ରହିଛି । ଏହି ଅସ୍ମିତାକୁ ଆଗେଇ ନେବାପାଇଁ ଆମେ ପ୍ରତିବଦ୍ଧ । ସେଥିପାଇଁ ଆଜିଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆମେ ଓଡ଼ିଆ ପକ୍ଷ ପାଳନ କରୁଛୁ । ଏହି ସମୟରେ ପ୍ରତ୍ୟେକ ଓଡ଼ିଆ ପାରମ୍ପରିକ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ବାର୍ତ୍ତାଳାପ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତିଚାରଣ କରିଥିଲେ । ଏଥିସହ ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ଅନେକ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ସ୍ୱପ୍ନ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତି ପୂଜ୍ୟପୂଜାର ପରମ୍ପରାରେ ବିଶ୍ୱାସ ରଖେ ବୋଲି ମତ ଦେଇଥିଲେ । ଆମ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜ୍ୟପୂଜା ପରମ୍ପରା ସବୁଦିନ ପାଇଁ ଅବ୍ୟାହତ ରହିବ ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରାଯାଇଥିଲା । ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା । କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ସୋଫିଆ ଫିର୍ଦ୍ଦୋଷ, ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ସାରଦା ପ୍ରଧାନ ଓ ବିଜୟ ଦଳବେହେରା ଯୋଗ ଦେଇଥିଲେ । କେନ୍ଦ୍ରାଞ୍ଚଳ ଆରଡିସି ବି.ପରମେଶ୍ୱରନ ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ ।

### ସେବା ଓ ସୁରକ୍ଷା...

କରିବା ସହ ସେମାନଙ୍କ ପରିବାର ବର୍ଗଙ୍କୁ ଶ୍ରଦ୍ଧା ଓ ସମବେଦନା ଜ୍ଞାପନ କରିଥିଲେ । ୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡିଶା ପ୍ରଦେଶ ଗଠନ ସହ ଓଡିଶା ପୋଲିସ ପ୍ରତିଷ୍ଠା ହୋଇଥିଲା । ଦୀର୍ଘ ୯୦ବର୍ଷର ଅତିକ୍ରମ ପଥରେ ଓଡିଶା ପୋଲିସ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରତ୍ୟେକଥର ସଫଳତାର ସହିତ ସମସ୍ତ ସମସ୍ୟାର ମୁକାବିଲା କରି ଲୋକମାନଙ୍କୁ ନିରନ୍ତର ସେବା ପ୍ରଦାନ କରିବାରେ ସଫଳ ହୋଇଛୁ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି । ପୋଲିସର ସୁବନ୍ଦୋବସ୍ତ ଯୋଗୁଁ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ଆରକ୍ଷୀ ନିର୍ଦ୍ଦେଶକ ସମ୍ମିଳନୀ, ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିବା ଭାରତୀୟ ନୌସେନା ଦିବସ, "୧୮ ତମ ପ୍ରବାସୀ ଭାରତୀୟ ଦିବସ", ଏବଂ "ଉତ୍କର୍ଷ ଓଡିଶା – ୨୦୨୫", ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯକ୍ରମ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା । ସେଥିପାଇଁ ଡିଜିପି ସମସ୍ତ ପୋଲିସ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ । ଆସନ୍ତା ୭ ରୁ ୧୫ ତାରିଖ ପର୍ଯନ୍ତ ଓଡ଼ିଶା ପୋଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଠାରେ ସର୍ବ ଭାରତୀୟ ପୋଲିସ ହକି ଚାମ୍ପିୟନସିପ ଆୟୋଜିତ ହେବାକୁ ଯାଉଛି । ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ଓ ସୁପରିଚାଳନା ନିମନ୍ତେ ସମସ୍ତେ ଯତ୍ନବାନ ହେବେ ବୋଲି ଡିଜିପି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଡିଜିପି ଶ୍ରୀ ଖୁରାନିଆ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ପାଟପୁର ଥାନାର ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କେନ୍ଦ୍ର ଗୃହ ମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ସଚିବଙ୍କ ଦସ୍ତଖତ ଥିବା ସାର୍ଟିଫିକେଟକୁ ଡିଜିପି ପ୍ରଦାନ କରିଥିଲେ । ଏହି ଅବସରରେ ତଦନ୍ତ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଅତିରିକ୍ତ ଏସପି ପ୍ରଭାତ କୁମାର ବିଶ୍ୱାଳ, ଏସଡିପିଓ ପ୍ରଶାନ୍ତ କୁମାର ସାହୁ, ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ମହାନ୍ତି, ଡିଏସପି ମାନସ ରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ପଦକ ପ୍ରଦାନ କରାଯାଇଥିଲା । ଏହା ପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ସେବା ନିବୃ□ ଅଧିକାରୀ ପୋଲିସ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଓଡିଶା ଦିବସରେ ବରପୁତ୍ରଙ୍କୁ ମାଲ୍ୟାର୍ପଣ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲାସ୍ତରୀୟ ୯୦ ତମ ଓଡିଶା ଦିବସ ପାଳନ ଅବସରରେ ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା । ସିଂହଦ୍ୱାର ସ୍ଥିତ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଡା ଦେବେନ୍ଦ୍ର ନାଥ ତରାଇ, ସମ୍ପାଦକ ଉମାକାନ୍ତ ନାୟକ, ସର୍ବୋଦୟ ମେଳା ସମିତି ସମ୍ପାଦକ ଶିବ ପ୍ରସାଦ ମିଶ୍ର, ବରିଷ୍ଠ ପତ୍ରକାର ଜଗନ୍ନାଥ ବସ୍ତିଆ,ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ମାୟାଧର ମହାରଣା, ଅନାମ ସାହୁ, ଶିବ ସୁନ୍ଦର ମିଶ୍ର ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମାଲ୍ୟାର୍ପଣ କରିବା ସହ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ୧୩ ମାଓବାଦୀ ଗିରଫ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲାରେ ପୋଲିସକୁ ମିଳିଲା ଆଉ ଏକ ବଡ ସଫଳତା । ଜଙ୍ଗଲ ଭିତରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ୧୩ ଜଣ ସକ୍ରିୟ ମାଓବାଦୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା ବାହିନୀ । ଏମାନଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡ ଉପରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା । ଉସୁର ଥାନା ଅନ୍ତର୍ଗତ ଜଙ୍ଗଲ ଭିତରେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଲଗାଉଥିବା ବେଳେ ୭ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ । ସେହିପରି ବାସାଗୁଡ଼ା ଥାନା ଅଞ୍ଚଳର ଦୁଇ ଜଣ ଗ୍ରାମବାସୀଙ୍କୁ ହତ୍ୟା କରିବା ଅଭିଯୋଗରେ ୬ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି । ଡିଆରଜି, କୋବ୍ରା ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ବିଜାପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏହି ୧୩ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି । ସେଇ ଭଳି ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ମଧ୍ୟ ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ଯବାନଙ୍କୁ ମିଳିଛି ବଡ଼ ସଫଳତା ।

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

ବିଜ୍ଞାପନ

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଅଛି । ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**OFFICE OF THE CHIEF ENGINEER, MEGA LIFT**
**BHUBANESWAR**
A-1248
Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 17ML/2024-25**

On Line open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work**: Execution of 04 nos. of Lift Irrigation Schemes with intake points on IB River, Hirakud Reservoir & Bheden River (Confluence point of Bheden & IB) having Command area between 500Ha. to 2000 Ha. in **Cluster No. XXXII** in the district of Jharsuguda including its distribution network, up to 1 Ha Chak having total planned Culturable Command Area of 6,480 Ha. on "EPC –Turn Key" basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion**: 36 (Thirty-six) calendar months including rainy season.
3. **Date & time of availability of bid document in the portal** : 05.04.2025, 10 A.M.
4. **Last date/Time for receipt of bids in the portal** : 25.04.2025 up to 5.00 P.M
5. **Name & address of the officer inviting Bid** :Chief Engineer, Megalift A-8/2, Bhoi Nagar, Bhubaneswar,Pin – 751022

Further details can be seen from the e-procurement portal "https://tendersodisha.gov.in"

Sd/-Chief Engineer, Megalift
Bhubaneswar

OIPR 32504/11/0040/2425



ଚଣ୍ଡିଗଡ଼: ରାସ୍ତା ମଝିରେ ରିଲ୍ ସ୍ତ୍ରୀ ରିଲ୍ କରିବାରୁ ସ୍ୱାମୀ କନଷ୍ଟେବଲ ଅଜୟ କୁଣ୍ଡୁଙ୍କୁ ନିଲମ୍ବିତ ହୋଇଛନ୍ତି। ୨୦ ମାର୍ଚ୍ଚ ଅପରାହ୍ନ ପ୍ରାୟ ଅପରାହ୍ନ ସମୟରେ ଘଟିଥିବା ଏହି ଘଟଣା ଟ୍ରାଫିକ୍ ବାଧା ସୃଷ୍ଟି କରିଥିଲା ଏବଂ ବିବାଦ ସୃଷ୍ଟି କରିଥିଲା। ଉଲ୍ଲେଖଯୋଗ୍ୟ, ସେକ୍ଟର ୩୨ରେ ଏକ ମନ୍ଦିର ଦର୍ଶନ କରିବା ପରେ ଜ୍ୟୋତି ତାଙ୍କ ଭାଉଜ ପୂଜାଙ୍କ ସହାୟତାରେ ଏହି ରିଲ୍ ସୁଟିଂ କରିଥିଲେ। ଭାଇରାଲ ହୋଇଥିବା ଭିଡିଓରେ ଜ୍ୟୋତି ଏକ ଲୋକପ୍ରିୟ ହରିୟାଣଭି ଗୀତରେ ନାଚୁଥିଲେ, ଯେତେବେଳେ କି ଏହା ଟ୍ରାଫିକ୍ ଜାମ୍ ସୃଷ୍ଟି କରିଥିଲା। ଭିଡିଓ ଭାଇରାଲ ହେବା ପରେ, ହେଡ୍ କନଷ୍ଟେବଲ ଜସବୀର ଚଣ୍ଡିଗଡ଼ର ସେକ୍ଟର ୩୪ ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଛନ୍ତି। ତଦନ୍ତ ପରେ ବିଏନ୍ଏସ୍ ର ଧାରା ୧୨୫, ୨୯୨ ଏବଂ ୩(୫) ଅନୁଯାୟୀ ମହିଳାଙ୍କ ବିରୁଦ୍ଧରେ ଏଫ୍ଆଇଆର୍ ରୁଜୁ ହୋଇଥିଲା। କନଷ୍ଟେବଲ ଅଜୟ କୁଣ୍ଡୁଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଭିଡିଓ ଅପଲୋଡ୍ ହେବା ପରେ ତାଙ୍କୁ ସେକ୍ଟର ୧୯ ପୋଲିସ ଷ୍ଟେସନରୁ ମଧ୍ୟ ନିଲମ୍ବିତ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ଦିଲ୍ଲୀରେ ପାଳନ ହେବ 'ଓଡ଼ିଶା ପର୍ବ'



ନୂଆଦିଲ୍ଲୀ: ଉତ୍କଳ ଦିବସରେ ଅବସରରେ ବଡ଼ ଘୋଷଣା କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା। ଦିଲ୍ଲୀରେ ପାଳନ ହେବ ଓଡ଼ିଶା ପର୍ବ । ତେବେ ଉତ୍କଳ ଦିବସ ଅବସରରେ ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ଦିଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପୂର୍ଜାର୍ଚ୍ଚନା କରି ଉତ୍କଳ ଦିବସ ଅବସରରେ ସମସ୍ତ ଓଡ଼ିଆ ଏବଂ ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଦିଲ୍ଲୀରେ ରହୁଥିବା ଓଡ଼ିଆମାନଙ୍କର ବିକାଶ ଏବଂ ସମୃଦ୍ଧି କାମନା କରିଛନ୍ତି ରେଖା ଗୁପ୍ତା । ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ରହୁଥିବା ଓଡ଼ିଆଙ୍କ ପାଇଁ ଖୁସି ଖବର ଦେଇଛନ୍ତି ରେଖା। ଜଗନ୍ନାଥ ମନ୍ଦିରରୁ ଘୋଷଣା କରି କହିଛନ୍ତି କି ଆଗାମୀ ଦିନରେ ଦିଲ୍ଲୀରେ ରେଖା ସରକାରଙ୍କ ତରଫରୁ ଓଡ଼ିଶା ପର୍ବ ଧୂମଧାମରେ ପାଳନ ହେବ ଏବଂ ଏହି ଘୋଷଣା ପରେ ସେହି ସମୟରେ ଜୟ ଜଗନ୍ନାଥ ନାରାରେ କମ୍ପିଥିଲା ପରିବେଶ । ତେବେ ଗତ କିଛି ଦିନ ତଳେ ଓଡ଼ିଶା ଆସି ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଯାଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ।

# ଯୁବପିଢ଼ିଙ୍କୁ ଉତ୍ସାହିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଦେଶବ୍ୟାପୀ ଯୁବ ବନ୍ଧୁମାନଙ୍କୁ ଗ୍ରୀଷ୍ମ ଛୁଟି ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେମାନଙ୍କୁ ଏହି ସମୟକୁ ଉପଭୋଗ, ଶିକ୍ଷା ଏବଂ ବ୍ୟକ୍ତିଗତ ବିକାଶ ପାଇଁ ଉପଯୋଗ କରିବାକୁ ଉତ୍ସାହିତ କରିଛନ୍ତି । ଲୋକସଭା ସାଂସଦ ତେଜସ୍ୱୀ ସୂର୍ଯ୍ୟାଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ସେ ଲେଖିଛନ୍ତି 'ମୁଁ ମୋର ସମସ୍ତ ଯୁବ ବନ୍ଧୁମାନଙ୍କ ପାଇଁ ଏକ ସୁନ୍ଦର ଅଭିଜ୍ଞତା ଏବଂ ଆନନ୍ଦମୟ ଛୁଟି କାମନା କରୁଛି । ଯେମିତିକି ଗତ ରବିବାର ଦିନ 'ମନ୍ କି ବାତ୍'ରେ ମୁଁ କହିଥିଲି, ଗ୍ରୀଷ୍ମ ଛୁଟି ଉପଭୋଗ କରିବା, ଶିଖିବା ଏବଂ ବ୍ୟକ୍ତିଗତ ବିକାଶ ପାଇଁ ଏକ ମହାନ ସୁଯୋଗ ପ୍ରଦାନ କରେ । ଏହି ସମୟରେ ଏପରି ପ୍ରୟାସ ଖୁବ୍ ଭଲ।'

# ଚିଲି ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମିଳିତ ପ୍ରେସ୍ ବିବୃତ୍ତି



ନୂଆଦିଲ୍ଲୀ: ରାଷ୍ଟ୍ରପତି ବୋରିକଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ। ଲାଟିନ ଆମେରିକାରେ ଚିଲି ଭାରତ ପାଇଁ ଏକ ମୂଲ୍ୟବାନ ବନ୍ଧୁ ଏବଂ ସହଯୋଗୀ ଦେଶ । ଆଜିର ଆଲୋଚନାରେ ଆମେ ଆଗାମୀ ଦଶନ୍ଧିରେ ଆମର ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଅନେକ ନୂତନ ପଦକ୍ଷେପ ଚିହ୍ନଟ କରିଛୁ । ଆମେ ପାରସ୍ପରିକ ବାଣିଜ୍ୟ ଏବଂ ନିବେଶର ସମ୍ପ୍ରସାରଣକୁ ସ୍ୱାଗତ କରୁଛୁ ଏବଂ ଆମେ ସହମତ ଯେ ଆଗକୁ ସହଯୋଗର ଅନେକ ସମ୍ଭାବନା ରହିଛି। ପାରସ୍ପରିକ ଲାଭଦାୟକ ବ୍ୟାପକ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ଉପରେ ଆଲୋଚନା ଆରମ୍ଭ କରିବାକୁ ଆଜି ଆମେ ଆମ ଟିମ୍ ଗୁଡ଼ିକୁ ନିର୍ଦ୍ଦେଶ ଦେଉଛୁ। ଚିଲିର ସ୍ୱାସ୍ଥ୍ୟ ସୁରକ୍ଷାକୁ ସମର୍ଥନ କରିବାରେ ଭାରତ ଏକ ବିଶ୍ୱସ୍ତ ଅଂଶୀଦାର ହୋଇଛି ଏବଂ ଆମେ ଏହି ସହଯୋଗକୁ ଆହୁରି ସୁଦୃଢ଼ କରିବାକୁ ରାଜି ହୋଇଛୁ । ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଆମର ଗଭୀର ପାରସ୍ପରିକ ବିଶ୍ୱାସର ପ୍ରତୀକ । ସମସ୍ତ ଉତ୍ତେଜନା ଓ ବିବାଦର ସମାଧାନ ଆଲୋଚନା ମାଧ୍ୟମରେ ହେବା ଉଚିତ ବୋଲି ବିଶ୍ୱସ୍ତରେ ଭାରତ ଓ ଚିଲି ସହମତ ହୋଇଛନ୍ତି। ଯଦିଓ ଭାରତ ଏବଂ ଚିଲି ବିଶ୍ୱ ମାନଚିତ୍ରର ଭିନ୍ନ ଭିନ୍ନ ପ୍ରାନ୍ତରେ ଅଛନ୍ତି, ବିଶାଳ ସମୁଦ୍ର ଦ୍ୱାରା ଅଲଗା, ତଥାପି ଆମର କିଛି ଅନନ୍ୟ ପ୍ରାକୃତିକ ସାମଞ୍ଜସ୍ୟ ରହିଛି। ରବୀନ୍ଦ୍ରନାଥ ଟାଗୋର ଏବଂ ଅକ୍ଟାଭିଓ ପାଜଙ୍କ ଚିନ୍ତାଧାରାରେ ପ୍ରେରଣା ପାଇଥିବା ମହାନ ଚିଲି କବି ତଥା ନୋବେଲ ବିଜେତା 'ଗାବ୍ରିଏଲା ମିଷ୍ଟ୍ରାଲ'। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଉପରେ ଆଜି ହୋଇଥିବା ସମ୍ମତିକୁ ଆମେ ସ୍ୱାଗତ କରୁଛୁ । ଆପଣଙ୍କ ଗସ୍ତ ଆମ ସମ୍ପର୍କରେ ନୂତନ ଶକ୍ତି ଏବଂ ଉତ୍ସାହ ଆଣିଛି । ଏହି ଶକ୍ତି ଆମର ଦ୍ୱିପାକ୍ଷିକ ସମ୍ପର୍କ ସହିତ ସମଗ୍ର ଲାଟିନ୍ ଆମେରିକୀୟ ଅଞ୍ଚଳରେ ଆମର ସହଯୋଗକୁ ନୂତନ ପ୍ରୋତ୍ସାହନ ଏବଂ ଦିଗ ପ୍ରଦାନ କରିବ।

# ମହଙ୍ଗା ହେଲା ଅତ୍ୟାବଶ୍ୟକୀୟ ଔଷଧ



ନୂଆଦିଲ୍ଲୀ: ୧ ଏପ୍ରିଲରୁ ଦେଶରେ ୯୦୦ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ବୃଦ୍ଧି ଘଟିଛି। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ଏହି ସମସ୍ତ ୯୦୦ରୁ ଅଧିକ ଅତ୍ୟାବଶ୍ୟକ ଔଷଧର ମୂଲ୍ୟରେ ୧.୭୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିଛି। ବର୍ଦ୍ଧିତ ମୂଲ୍ୟ ସହିତ ଏହି ଔଷଧ ତାଲିକାରେ ଗୁରୁତର ସଂକ୍ରମଣ, ହୃଦରୋଗ, ମଧୁମେହ ଇତ୍ୟାଦି ରୋଗର ଔଷଧ ଅନ୍ତର୍ଭୁକ୍ତ। ଔଷଧର ମୂଲ୍ୟ ବୃଦ୍ଧି ସମ୍ପର୍କରେ କେନ୍ଦ୍ର ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଲୋକ ସଭାରେ ଏକ ଲିଖିତ ଉତ୍ତର ଦେଇଛନ୍ତି। ତାଙ୍କ ଲିଖିତ ଉତ୍ତରରେ ସେ କହିଛନ୍ତି, 'ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର, ୨୦୧୩ (DPCO, ୨୦୧୩) ର ବ୍ୟବସ୍ଥା ଅନୁଯାୟୀ, ସମସ୍ତ ସୂଚୀବଦ୍ଧ ଔଷଧର ମୂଲ୍ୟ ପ୍ରତିବର୍ଷ ହୋଲସେଲ ମୂଲ୍ୟ ସୂଚକାଙ୍କ (WPI) (ସମସ୍ତ ସାମଗ୍ରୀ) ଆଧାରରେ ସଂଶୋଧନ କରାଯାଏ। ସେହି ସମୟରେ, WPIରେ ବାର୍ଷିକ ପରିବର୍ତ୍ତନ ଆଧାରରେ ୧ ଏପ୍ରିଲ, ୨୦୨୪ରେ ଆର୍ଥିକ ବର୍ଷ ୨୦୨୪-୨୫ପାଇଁ ସୂଚୀବଦ୍ଧ ଔଷଧର ମୂଲ୍ୟ ୦.୦୦୫୫୧ ପ୍ରତିଶତ ବୃଦ୍ଧି କରାଯାଇଥିଲା।'

# ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ: ୧୩ ମୃତ



ନୂଆଦିଲ୍ଲୀ: ମଙ୍ଗଳବାର ଗୁଜରାଟର ବନାସକାଣ୍ଠା ଜିଲାରେ ଏକ ବାଣ କାରଖାନାରେ ଅଗ୍ନିକାଣ୍ଡ ଘଟି ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ପରେ ଅନେକ ବିସ୍ଫୋରଣ ହୋଇଥିଲା। ଏହି କାରଣରୁ, ଦୀସା ସହର ନିକଟରେ ଅବସ୍ଥିତ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ଦୀସା ଗ୍ରାମୀଣ ପୋଲିସ ଷ୍ଟେସନର ଇନ୍ସପେକ୍ଟର ବିଜୟ ଚୌଧୁରୀ କହିଛନ୍ତି ଯେ ଦୀସା ପୌରପାଳିକାର ଅଗ୍ନିଶମ କର୍ମଚାରୀମାନେ ଭଗ୍ନାବଶେଷ ତଳେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ବନାସକାଣ୍ଠା କଲେକ୍ଟର ମିହିର ପଟେଲ କହିଛନ୍ତି, 'ଆଜି ସକାଳେ ଆମେ ଡିସା ଶିଳ୍ପ ଅଞ୍ଚଳରେ ଏକ ବଡ଼ ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇଲୁ।' ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳେ ସେ ଘଟଣା ସ୍ଥଳରେ ସାତ ଜଣ ଶ୍ରମିକଙ୍କ ମୃତ୍ୟୁ ବିଷୟରେ କହିଥିଲେ। କିନ୍ତୁ, ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇଛି। ଆହତ ଶ୍ରମିକମାନଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନାର ସ୍ଲାବ୍ ଭୁଶୁଡ଼ି ପଡ଼ିଲା। ଆମେ ଭଗ୍ନାବଶେଷ ତଳେ ଫସି ରହିଥିବା ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ଏକ ସନ୍ଧାନ ଅଭିଯାନ ଚଳାଇଛୁ।

# ଓଡ଼ିଶା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ଅନିଲ ଅଗ୍ରୱାଲ



ନୂଆଦିଲ୍ଲୀ : ଓଡ଼ିଶା ଦିବସ ଅବସରରେ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ରାଜ୍ୟର ସାଂସ୍କୃତିକ ପରମ୍ପରା, ଜୀବନ୍ତ ଐତିହ୍ୟ ଏବଂ ବିକାଶମୂଳକ ପଦକ୍ଷେପକୁ ସମ୍ମାନ ଜଣାଇ ଓଡ଼ିଶାର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଅଗ୍ରୱାଲ ତାଙ୍କ ବାର୍ତ୍ତାରେ ଓଡ଼ିଶାର ଆଧ୍ୟାତ୍ମିକ ଗଭୀରତା, ପାରମ୍ପରିକ କଳା, ରନ୍ଧନ ପ୍ରଣାଳୀ ଏବଂ ସମୃଦ୍ଧ ପ୍ରାକୃତିକ ଦୃଶ୍ୟ ଦ୍ୱାରା ଗଠିତ ସ୍ୱତନ୍ତ୍ର ପରିଚୟ ବିଷୟରେ କହିଥିଲେ। ନିଜର ସମର୍ପଣ ଏବଂ ପ୍ରତିଭା ଜରିଆରେ ବିଶ୍ୱ ମଞ୍ଚରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରିବାରେ ଓଡ଼ିଆ ଜନସାଧାରଣଙ୍କ ଦୀର୍ଘସ୍ଥାୟୀ ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ଓଡ଼ିଶାକୁ 'ବିଶ୍ୱର ଆଲୁମିନିୟମ ରାଜଧାନୀ' ବୋଲି ଅଭିହିତ କରି ଶ୍ରୀ ଅଗ୍ରୱାଲ ରାଜ୍ୟ ସହିତ ବେଦାନ୍ତର ଦୃଢ଼ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ଉଭୟ ଭୂପୃଷ୍ଠ ଏବଂ ଭୂତଳ କ୍ଷେତ୍ରରେ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗୁଁ ଓଡ଼ିଶା ବିଶ୍ୱସ୍ତରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ବେଦାନ୍ତର ଗୋଷ୍ଠୀଗତ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଥିଲେ, 'ଏହା ମୋ ପାଇଁ ଗର୍ବର ବିଷୟ ଯେ ଆମେ କାଳାହାଣ୍ଡିରେ ସମୃଦ୍ଧି ଆଣିବାର ସ୍ୱପ୍ନ ପୂରଣ କରିପାରିଛୁ। ସେଠାକାର ପ୍ରତ୍ୟେକ ଘର ଏକ ସକାରାତ୍ମକ ପରିବର୍ତ୍ତନ ଅନୁଭବ କରିଛି। ଓଡ଼ିଶାର ଭବିଷ୍ୟତ ପାଇଁ ସେ ଆଶାବ୍ୟକ୍ତ କରି କହିଥିଲେ, 'ଭଗବାନ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ନୂତନ ଉଚ୍ଚତାରେ ପହଞ୍ଚିବ।' ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଆର୍ଥିକ ଏବଂ ଶିଳ୍ପ ପରିଦୃଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଲାଞ୍ଜିଗଡ଼ରେ ୩.୫ଏମଟିପିଏ ଆଲୁମିନା ବିଶୋଧନାଗାର ଏବଂ ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର ମଧ୍ୟରୁ ଗୋଟିଏ ପରିଚାଳନା କରେ।କମ୍ପାନୀ ନୂତନ ନିବେଶରେ ୨୫,୦୦୦କୋଟି ଟଙ୍କାରୁ ଅଧିକ ପ୍ରତିଶ୍ରୁତିବଦ୍ଧ, ଯାହାର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟର ସମ୍ପ୍ରସାରଣ ଏବଂ ନିଯୁକ୍ତି, ଭିତ୍ତିଭୂମି ଏବଂ ବୈଷୟିକ ପ୍ରଗତି ସୃଷ୍ଟି କରିବା। ଅନ୍ତର୍ଭୁକ୍ତ ବିକାଶ ଉପରେ ନିଜର ଧ୍ୟାନ ଜାରି ରଖି ବେଦାନ୍ତ ସକ୍ରିୟ ଭାବେ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ସୁବିଧା ଏବଂ ପରିବେଶଗତ ସ୍ଥିରତା ପ୍ରତି ସମର୍ଥନ କରୁଛି। ଓଡ଼ିଶାର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ପାଇଁ କମ୍ପାନୀ ଗଭୀର ଭାବେ ପ୍ରତିବଦ୍ଧ।

# ସ୍ୱଦେଶ ପ୍ରତ୍ରିକା ସମାଜରେ ଭାରତୀୟତା ଭାବ ସୃଷ୍ଟି କରୁଛି : ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ରାଜଧାନୀ ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ରାଷ୍ଟ୍ରୀୟ ବିଚାର ପତ୍ରିକା ସ୍ୱଦେଶ ପକ୍ଷରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମୟ ଏବେ ଧାର୍ମିକ ଭାବନା ସୃଷ୍ଟି କରୁଛି। ସେ ଆହୁରି କହିଥିଲେ କେବଳ ମନ ନୁହେଁ ଆପଣଙ୍କ ପରିବାର, ସମାଜ, ଗାଁ ଏବଂ ରାଷ୍ଟ୍ର ସବୁଆଡେ ରାମମୟ ଦିଶୁଛି। ରାମଙ୍କ ଗୁଣାବଳୀ ଉଲ୍ଲେଖ କରି ସେ କହିଥିଲେ ତାଙ୍କର ଜୀବନ, ବଚନ ପାଳନ, ଧୈର୍ଯ୍ୟ, କରୁଣାଭାବ, କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ସ୍ୱଦେଶୀ ପ୍ରତ୍ରିକା କେବଳ ଛତିଶଗଡ ନୁହେଁ ସାରା ଦେଶ ପାଇଁ ଏକ ଜାତୀୟତାଭାବ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମରେ ବିଧାନସଭା ଅଧ୍ୟକ୍ଷ ଡ. ରମଣ ସିଂ, ରାଷ୍ଟ୍ରୀୟ ସ୍ୱୟଂ




ଅଯୋଧାରେ ମନୋନିବେଶ କରିବା ବିଷୟ ଉପରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ କାର୍ଯ୍ୟବାହୀ ରାମଦତ୍ତ ଚକ୍ରଧର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଥିଲେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଆଦର୍ଶ ଏବଂ ଗୁଣାବଳୀ ଆମ ମନ ଭିତରେ ଏକ ପରାମର୍ଶ, ନ୍ୟାୟ ଏବଂ ଅହଂକାର ତ୍ୟାଗ ସହ ମିତ୍ରତା ଭାବ ସୃଷ୍ଟି କରିବା ଆଜିର ସମାଜକୁ ପ୍ରେରଣା ଯୋଗାଇବ। ଚକ୍ରଧର ଆହୁରି କହିଥିଲେ ଯେ ଶ୍ରୀରାମଙ୍କ ଜୀବନରେ ବହୁ ଘଟଣାଳବୀ ଘଟିଯାଇଛି। ଯେଉଁମାନେ ତାଙ୍କ ଆଦର୍ଶ ଓ ଗୁଣକୁ ନିଜର ବୌଦ୍ଧିକ ଶକ୍ତି ବଳରେ ବୁଝିବାରେ ସମର୍ଥ ହୋଇପାରିଛନ୍ତି ସେମାନେ ରାମଙ୍କ ତ୍ୟାଗ ଉପଲବ୍ଧି ସେବକ ସଂଘର ଛତିଶଗଡ ପ୍ରାନ୍ତ ପ୍ରଚାରକ ଅଭୟରାମ, ପ୍ରାନ୍ତ ସଂଘ ଚାଳକ ଟାମ୍ପ ଲାଲ ବର୍ମା, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ, ଅର୍ଥମନ୍ତ୍ରୀ ଓପି ଚୌଧୁରୀ, ବାଣିଜ୍ୟ ମନ୍ତ୍ରୀ ଲଖନଲାଲ ଦେବଗନ, ବିଧାୟକ ଚିରନ୍‌ଦେବ, ପୁରନ୍ଦର ମିଶ୍ରା, ସୁନୀଲ ସୁନୀ, ଖୁସ୍ୱନ୍ତ ସାହେବ ଓ ପ୍ରବନ ସାଏ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଏପ୍ରିଲ ୧ ରେ ସୁନା ସର୍ବୋଚ୍ଚ ସ୍ତର ଛୁଇଁଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୧,୯୫୧ ଟଙ୍କା ବୃଦ୍ଧି ପାଇ ସର୍ବକାଳୀନ ସର୍ବାଧିକ ୯୧,୧୧୫ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହା ୮୯,୧୬୪ ଟଙ୍କା ଥିଲା। ତେବେ ଆଜି ରୁପା ଦାମ ହ୍ରାସ ପାଇଛି। ଏକ କିଲୋ ରୁପାର ମୂଲ୍ୟ ୧,୨୫୧ ଟଙ୍କା ହ୍ରାସ ପାଇ ୯୯,୬୪୧ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ ୧,୦୦,୮୯୨ ଟଙ୍କା ଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ସୁନା ୧୪,୯୫୩ ଟଙ୍କା ମହଙ୍ଗା ହେଲାଣି। ଚଳିତ ବର୍ଷ ଆରମ୍ଭରୁ ଅର୍ଥାତ୍ ଜାନୁଆରୀ ୧ ରୁ ଏପର୍ଯ୍ୟନ୍ତ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୭୬,୧୬୨ ଟଙ୍କାରୁ ୧୪,୯୫୩ ଟଙ୍କା ବୃଦ୍ଧି ପାଇ ୯୧,୧୧୫ ଟଙ୍କା ହେଲାଣି। ସେହିପରି ରୁପାର ମୂଲ୍ୟରେ ମଧ୍ୟ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ରୁପା କିଲୋଗ୍ରାମ ପିଛା ୮୬,୦୧୭ ଟଙ୍କାରୁ ୧୩,୬୨୪ ଟଙ୍କା ବୃଦ୍ଧି ପାଇ ୯୯,୬୪୧ ଟଙ୍କା ହୋଇଛି। ଗତ ବର୍ଷ ଅର୍ଥାତ୍ ୨୦୨୪ ମସିହାରେ, ସୁନା ୧୨,୮୧୦ ଟଙ୍କା ମହଙ୍ଗା ହୋଇଥିଲା।

# ନୂତନ ରେକର୍ଡ ସ୍ଥାପନ କଲା ଏମ୍‌ସିଏଲ୍

ସମ୍ବଲପୁର (ଭାସ୍କର ନ୍ୟୁଜ୍) : ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ୨୦୨୪-୨୫ ଆର୍ଥିକ ବର୍ଷରେ ୨୨୫.୨ ନିୟୁତ ଟନ୍ କୋଇଲା ଉତ୍ପାଦନର ରେକର୍ଡ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୯% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ବିଦ୍ୟୁତ୍ କ୍ଷେତ୍ରକୁ କୋଇଲା ପଠାଣରେ ମଧ୍ୟ ବୃଦ୍ଧି ରେକର୍ଡ କରିଛି, ଆର୍ଥିକ ବର୍ଷ ୨୪ରେ ଏହା ୧୫୦ ନିୟୁତ ଟନ୍ ଥିଲା, ଯାହା ୫% ବୃଦ୍ଧି। ଏମସିଏଲ ୩୩୮ ନିୟୁତ ଘନ ମିଟର ଅତିରିକ୍ତ ଜଳ ସଫା କରି ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୨% ଅଭିବୃଦ୍ଧି ହାସଲ କରିଛି। ଏହି ସଫଳତା କମ୍ପାନୀକୁ ଚଳିତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିବ। ୨୦୨୪-୨୫ ଆର୍ଥିକ ବର୍ଷ ଗଉଖ ପାଇଁ ଏକ ମାଇଲଖୁଣ୍ଟ ଥିଲା, ଯେଉଁଠାରେ କମ୍ପାନୀ କୋଇଲା ଉତ୍ପାଦନ, ପ୍ରେରଣ ଏବଂ ଓଭରବର୍ଡେନ କ୍ଲିୟରାନ୍ସର ତିନୋଟି ପ୍ରମୁଖ କାର୍ଯ୍ୟଦକ୍ଷତା ପାରାମିଟରରେ ନୂତନ ରେକର୍ଡ ସ୍ଥାପନ କରିଥିଲା। ଏହି ସଫଳତା ପାଇଁ ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାଓଲେ ଅଧିକାରୀ, କର୍ମଚାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଏବଂ ଅର୍ଥନୈତିକ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ବଜାୟ ରଖି, ଏମସିଏଲ ହେଉଛି ଓଡ଼ିଶାର ସର୍ବବୃହତ ପିଏସୟୁ ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ସିଏସଆର ପଦକ୍ଷେପ ଅଧୀନରେ ପ୍ରାୟ ୨୧୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଏମସିଏଲ ଦେଶର ସର୍ବବୃହତ କୋଇଲା ଉତ୍ପାଦନକାରୀ କମ୍ପାନୀ ଏବଂ ଏହାର ଖଣି କାର୍ଯ୍ୟକଳାପ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାରେ ବ୍ୟାପିଛି।

# ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କଲା ପ୍ରୋଜିଲ୍ ଗ୍ରୀନ୍ ଏନର୍ଜି

ନୂଆଦିଲ୍ଲୀ : ରାଜସ୍ୱ ଦୃଷ୍ଟିରୁ ଭାରତର ଚତୁର୍ଥ ବୃହତମ ସୋଲାର ଇପିସି କମ୍ପାନି ପ୍ରୋଜିଲ୍ ଗ୍ରିନ୍ ଏନର୍ଜି ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ୭୦୦ କୋଟି ଟଙ୍କାର ଇକ୍ୱିଟି ସେୟାରକୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ଉପଲବ୍ଧ କରିବ। ଏହି ଅଫରରେ ୩୫୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ଅଂଶଧନକାରୀମାନେ ୩୫୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ସୋବିତ ବୈଜନାଥ ରାୟ ୧୬୮.୫ କୋଟି ଟଙ୍କା, ମନନ ହିତେନ୍ଦ୍ରକୁମାର ଠକର ୧୬୮.୦ କୋଟି ଟଙ୍କାର, ଏଏଆର୍ ଇଏମ୍ ଭେଂଚର୍ସ ଏଲ୍ଏଲ୍‌ପି ୩ କୋଟି ଙ୍କାର, ଭବେଶ କୁମାର ବଚୁଭାଇ ମେହେଟ୍ଟା ୨ କୋଟି ଟଙ୍କା, ଜୟ ଚନ୍ଦ୍ରକାନ୍ତ ଗୋଗରି ୬ କୋଟି ଟଙ୍କାର, ମନୋଜ ମୁଜଲି ଛେଡା ୨ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଅଫର୍‌ର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ୍ ଲିମିଟେଡ୍ ଓ ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟସ୍ ଲିମିଟେଡ୍। ପ୍ରୋଜିଲ୍ ଗ୍ରିନ୍ ଏନର୍ଜି ସଫଳତାର ସହିତ ଭାରତର ୧୭ଟି ରାଜ୍ୟରେ ୮୭୩.୯୮ ମେଗାୱାଟ୍‌ର ୧୮୨ଟି ସୌର ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଏବଂ ନେପାଳରେ ଗୋଟିଏ ପ୍ରକଳ୍ପ ସହିତ ୧୨୫ କ୍ଲାଏଂଟ୍‌କୁ ସେବା ପ୍ରଦାନ କରିଛି। ଟୋରେଂଟ ପାୱାର, ଏଏମ୍ ଗ୍ରିନ୍ ଏନର୍ଜି, ଜିଏଚ୍‌ସିଏଲ୍, ଆଲେମ୍ବିକ୍ ଫାର୍ମାସ୍ୟୁଟିକାଲ୍ସ, ଅସାହି ସଙ୍ଗୱାନ କଲର୍ସ, ମାର୍କ ଆଲୟଜ୍, ଅଜୟ କଷ୍ଟପିନ୍ ଇଣ୍ଡଷ୍ଟ୍ରିଜ୍, ପଶୁପତି କଷ୍ଟପିନ୍ ଓ ଏସିଜି ଆସୋସିଏଟେଡ୍ କ୍ୟାପସୁଲ୍ ଆଦିକୁ ଏହା ସେବା ପ୍ରଦାନ କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନିର ପରିଚାଳନା ରାଜସ୍ୱ ୨୮୭.୧୮ କୋଟି ଟଙ୍କା ଥିଲା ଏବଂ ୨୦୨୩-୨୪ ସୁଦ୍ଧା ତାହା ୯୪୮.୮୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ସମୟରେ ଏହା ଇବିଆଇଟିଡିଏ ୨୪.୭ କୋଟି ଟଙ୍କାରୁ ୨୨୮.୭୧ ପ୍ରତିଶତ ବୃଦ୍ଧି ପାଇ ୬୮.୭୧ କୋଟି ଟଙ୍କା ହୋଇଛି। ଏହାର ଲାଭ ପରିମାଣ ୧୦.୦୧ କୋଟି ଟଙ୍କାରୁ ୨୦୨.୬୪ ପ୍ରତିଶତ ବୃଦ୍ଧି ପାଇ ୫୧.୫୯ କୋଟି ଟଙ୍କା ହୋଇଛି।

# 'ବେଦାନ୍ତ ଓଡ଼ିଶାକୁ ବିଶ୍ୱ ଶକ୍ତି କେନ୍ଦ୍ରରେ ପରିଣତ କରିଛି'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ହେଉଛି ଅନେକ ସଫଳତାର ରାଜ୍ୟ। ଏହାର ଖଣିଜ-ସମୃଦ୍ଧ ଭଣ୍ଡାର ରାଜ୍ୟକୁ ଭାରତର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି ଯାହା ସବୁଠାରୁ ସଫଳ ଶିଳ୍ପ ଇକୋସିଷ୍ଟମ ମଧ୍ୟରୁ ଗୋଟିଏ । ଏହି ପରିବର୍ତ୍ତନ ରାଜ୍ୟର ପ୍ରଗତିଶୀଳ ବ୍ୟବସାୟିକ ପରିବେଶ, ପ୍ରଚୁର ସମ୍ବଳ ଏବଂ କୁଶଳୀ ମାନବ ପୁଞ୍ଜି ଦ୍ୱାରା ପରିଚାଳିତ ହେଉଛି। ଏହି ବୃଦ୍ଧି ରାଜ୍ୟର ଧାତୁ ଏବଂ ଖଣି କ୍ଷେତ୍ର ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଭାବରେ ପରିଚାଳିତ। ଦେଶର ପ୍ରଥମ ମହିଳା ପରିଚାଳିତ ପଟଲାଇନ ସହିତ ପରମ୍ପରାକୁ ଭାଙ୍ଗିବା ଠାରୁ ଆରମ୍ଭ କରି ଆମର ଦକ୍ଷତା ବିକାଶ ଏବଂ ପରିବେଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ, ଆମେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତକୁ ରୂପ ଦେବା ପାଇଁ ଗଭୀର ଭାବରେ ପ୍ରତିଶ୍ରୁତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି। ଆଲୁମିନିୟମ, ଯାହାକୁ ଭବିଷ୍ୟତର 'ଧାତୁ' ଭାବେ ବ୍ୟାପକ ଭାବେ ପ୍ରଶଂସା କରାଯାଉଛି, ଉଦୀୟମାନ ସବୁଜ ପ୍ରଯୁକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଭାବେ ଚିହ୍ନଟ କରାଯାଇଛି। ଏହିପରି, ଓଡ଼ିଶାର ଅପାର ସମ୍ଭାବନା ଉପରେ ବେଦାନ୍ତର ଆତ୍ମବିଶ୍ୱାସ ଏହାର ବ୍ୟାପକ ପରିଚାଳନା ଏବଂ ରାଜ୍ୟର ସର୍ବବୃହତ ନିବେଶକ ଭାବରେ ସ୍ଥିତି ଦ୍ୱାରା ୧,୦୦,୦୦୦ କୋଟି ଟଙ୍କାର ମିଳିତ ବିନିଯୋଗ ସହିତ ସ୍ପଷ୍ଟ ହୋଇଛି ଯାହା ବିଶ୍ୱ ସ୍ତରରେ ବେଦାନ୍ତର ସର୍ବବୃହତ ବିନିଯୋଗ ଭାବରେ ଛିଡ଼ା ହୋଇଛି। ଝାରସୁଗୁଡ଼ାରେ ବେଦାନ୍ତର ବାର୍ଷିକ ୧୮ ଲକ୍ଷ ଟନ୍ (ଏମଟିପିଏ) ସ୍ମେଲ୍ଟର ସୁବିଧା ବିଶ୍ୱର ସର୍ବବୃହତ ଏବଂ ସମ୍ମାନଜନକ ବିଶ୍ୱସ୍ତରୀୟ ୧ ନିୟୁତ ଟନ୍ କ୍ଲବରେ ଏକମାତ୍ର ଭାରତୀୟ ସ୍ମେଲ୍ଟର ଭାବରେ ଛିଡ଼ା ହୋଇଥିବାବେଳେ କମ୍ପାନୀ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ୩.୫ ଏମଟିପିଏ ଆଲୁମିନା ବିଶୋଧନାଗାର ମଧ୍ୟ ପରିଚାଳନା କରୁଛି। ତେଣୁ, ୨୦,୦୦୦ ରୁ ଅଧିକ ଏମ୍‌ଏସ୍‌ଏମ୍‌ଇ କମ୍ପାନୀର ବ୍ୟାପକ ଉତ୍ପାଦନ ଏବଂ ଯୋଗାଣକାରୀ ନେଟୱାର୍କ ଦ୍ୱାରା ପ୍ରୋତ୍ସାହିତ ହୋଇ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବଢ଼ିଛନ୍ତି। ଉତ୍କର୍ଷ ଓଡ଼ିଶା ଗ୍ଲୋବାଲ ଇନଭେଷ୍ଟମେଣ୍ଟ କନକ୍ଲେଭରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୧ ଲକ୍ଷ କୋଟି ଟଙ୍କାର ନିବେଶ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ରାଜିନାମା ଝାରସୁଗୁଡ଼ାରେ ୩ ଏମଟିପିଏ ଆଲୁମିନିୟମ ପ୍ଲାଣ୍ଟ ଏବଂ ଏକ ଅତ୍ୟାଧୁନିକ ଆଲୁମିନିୟମ ପାର୍କର ବିକାଶକୁ ଚିହ୍ନିତ କରେ। ବେଦାନ୍ତ ଆଲୁମିନିୟମ ଦ୍ୱାରା ଭୁବନେଶ୍ୱରରେ ଅବସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସ ଅଧିଗ୍ରହଣ ଓଡ଼ିଶାର କ୍ରୀଡ଼ା ଐତିହ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦର୍ଶାଉଛି।

# ଆର୍‌ଏସ୍‌ପି ପକ୍ଷରୁ ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା




ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ୨୦୨୪-୨୫ ବର୍ଷରେ ବୃତ୍ତିଗତ ଶିକ୍ଷାଲାଭ ନିମନ୍ତେ ସୁନ୍ଦରଗଡ ଜିଲ୍ଲା, ମଡେଲ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୧୪ ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରଛାତ୍ରୀମାନଙ୍କୁ ମାର୍ଚ୍ଚ ୨୫ ତାରିଖରେ ବୃତ୍ତିଗତ ଛାତ୍ରବୃତ୍ତି ପ୍ରଦାନ କରିଛି। ଏହି ଯୋଜନା ଅଧିନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୨୦ ଜଣ ବିଦ୍ୟାର୍ଥୀ (୧୦ ଜଣ ଛାତ୍ର ଓ ୧୦ ଜଣ ଛାତ୍ରୀ) ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ ଜଣ ବିଦ୍ୟାର୍ଥୀ (୫ ଜଣ ଛାତ୍ର ଓ ୫ଜଣ ଛାତ୍ରୀ) ଙ୍କୁ ଏହି ବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଉଛି। ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଅର୍ଥାତ ୨ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଇଞ୍ଜିନିୟରିଂ ଭଳି ବି ଟେକ, ବିଇ / ବିଏସସି –କୃଷି ଏବଂ ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା, ୫ ବର୍ଷୀୟ ଏମବିବିଏସ ଡାକ୍ତରୀ ଡିଗ୍ରୀ କିମ୍ବା ଇଣ୍ଟିଗ୍ରେଟେଡ୍ ଇଞ୍ଜିନିୟରିଂ ନିମନ୍ତେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ସିଏସଆର ବିଭାଗର ଇନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରୀ ଡେଭଲପମେଣ୍ଟରେ ଆୟୋଜିତ ଏକ ଉତ୍ସବରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା କାର୍ଥା ସମ୍ମାନିତ ଅତିଥି ରରୂପେ ଉପସ୍ଥିତ ଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଏବଂ ଚେକ୍ ପ୍ରଦାନ କରିଥିଲେ।

# ଇନ୍‌ଫିନିକ୍ସ ପକ୍ଷରୁ ନୋଟ ୫୦ଏକ୍ସ ୫ଜି+ର ଶୁଭାରମ୍ଭ



ନୂଆଦିଲ୍ଲୀ: ଏଇନ୍‌ଫିନିକ୍ସ ପକ୍ଷରୁ ଏକ ଅତ୍ୟାଧୁନିକ ନୋଟ ୫୦ଏକ୍ସ ୫ଜି+ର ଉନ୍ମୋଚନ କରାଯାଇଛି । ୧୦,୪୯୯ ଟଙ୍କା (ଅଫର ସମେତ)ର ଏକ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ନୋଟ ୫୦ଏକ୍ସ ୫ଜି+ ଆସନ୍ତା ଏପ୍ରିଲ ୩ ତାରିଖ ୨୦୨୫ରୁ ଫ୍ଲିପ୍‌କାର୍ଟରେ କ୍ରୟ ପାଇଁ ଉପଲବ୍ଧ ହେବ। ୩ଟି ଆକର୍ଷଣୀୟ ରଙ୍ଗ ସି ବ୍ରିଜ ଗ୍ରୀନ (ଭେଗାନ ଲେଦର), ଟାଇଟାନିୟମ ଗ୍ରେ ଓ ଏନ୍‌ଚାଂଟେଡ ପର୍ପଲ (ମେଟାଲିକ ଫିନିଶ)ରେ ଉପଲବ୍ଧ ଏହି ଡିଭାଇସକୁ ଟେକ୍ନୋଲୋଜି ଉତ୍ସାହୀଙ୍କଠାରୁ ଆରମ୍ଭ କରି ସାଧାରଣ ଉପଭୋକ୍ତାଙ୍କ ପର୍ଯ୍ୟ' ବିବିଧ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ବିଶ୍ୱର ପ୍ରଥମ ମିଡିଆଟେକ ଡାଇମେନସିଟି ୭୩୦୦ ଅଲ୍ଟିମେଟ ପ୍ରୋସେସର ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ସ୍ପିଡ, ଗେମିଂ ଓ ଚତୁର ପ୍ରଦର୍ଶନ ପାଇଁ ଏକ ନୂଆ ବେଂଚମାର୍କ ସ୍ଥିର କରିଛି। ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ଏକ ୫୫୦୦ ଏମଏଏଚ ସେମି-ସଲିଡ ଷ୍ଟେଟ ବ୍ୟାଟେରୀ ବାଧାମୁକ୍ତ ପାୱାର ନିଶ୍ଚିତ କରିଥାଏ। ଏହି ସ୍ମାର୍ଟଫୋନରେ ଏକ ୬.୬୭ ଇଂଚ ଏଚ୍‌ଡି+ ୧୨୦ଏଚଜେଡ ପଂଚ-ହୋଲ ଡିସ୍‌ପ୍ଲେ ସହ ଡିଟିଏସ-ପରିଚାଳିତ ଡୁଆଲ ସ୍ପିକର ରହିଛି, ଯାହା ଏକ ନିମଜ୍ଜିତ ମନୋରନ ଅନୁଭୂତି ପ୍ରଦାନ କରୁଛି। ଫଟୋଗ୍ରାଫି ଉତ୍ସାହୀମାନେ ୧୨ରୁ ଅଧିକ ଫଟୋଗ୍ରାଫି ମୋଡ ସହ ଏହାର ୫୦ଏମପି ଡୁଆଲ ରିୟର କ୍ୟାମେରା ଏବଂ ଫ୍ରଂଟ ଓ ସ୍କ୍ରିନ ଫ୍ଲାଶ ସହ ୪କେ ଭିଡିଓ ରେକର୍ଡିଂ ପାଇଁ ସକ୍ଷମ ଥିବା ଏକ ୮ଏମପି ସେଲ୍‌ଫି କ୍ୟାମେରା ପାଇବେ। ଏହି ଅବସରରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, 'କାର୍ଯ୍ୟଦକ୍ଷତା ସବୁବେଳେ ଆମ ଯାତ୍ରାର କେନ୍ଦ୍ରରେ ରହିଛି ଏବଂ ୨୦୨୫ରେ ଆମେ ଏହାକୁ ଆହୁରି ଆଗକୁ ବଢାଇଛୁ । ଏଭଳି ଡିଭାଇସ ପ୍ରଦାନ କରୁଛୁ ଯାହା ଆଧୁନିକ ଟେକ୍ନୋଲୋଜିକୁ ଦୈନନ୍ଦିନ ଉପଯୋଗିତା ସହ ସହଜରେ ଏକୀକୃତ କରିଥାଏ। ଉପଭୋକ୍ତାଙ୍କ ତଥ୍ୟ ଉପରେ ଆଧାର କରି ଡିଜାଇନ କରିବା ସହ ଆମେ ଏକ ନିର୍ଭୀକ ସିଏମଏଫ୍ ଆଭିମୁଖ୍ୟ ଗ୍ରହଣ କରିଛୁ ଯାହା ବ୍ୟକ୍ତିତ୍ୱକୁ ପ୍ରତିଫଳନ କରୁଥିବା ଷ୍ଟାଇଲିଶ ସ୍ମାର୍ଟଫୋନ ନିର୍ମାଣ କରି ପ୍ରିମିୟମ ଟେକ୍ସଚର, ଅଭିନବ ସାମଗ୍ରୀ ଓ ସମସାମୟିକ ରଙ୍ଗଗୁଡିକୁ ମିଶ୍ରଣ କରିଛି। ନୋଟ ୫୦ଏକ୍ସ ୫ଜି+ର ଶୁଭାରମ୍ଭ ଏହି ଆଭିମୁଖ୍ୟ ପ୍ରତି ଏକ ପ୍ରମାଣ ଅଟେ। ଇନ୍‌ଫିନିକ୍ସ ନୋଟ ୫୦ଏକ୍ସ ୫ଜି+ରେ ନେକ୍ସଟ-ଜେନ ଇନଫିନିକ୍ସ ଏଆଇ ରହିଛି ଯାହା ଏକ ଅନନ୍ୟ ଏଆଇ-ପରିଚାଳିତ ଅନୁଭୂତି ପ୍ରଦାନ କରୁଛି, ଅନ-ସ୍କ୍ରିନ ଆୱାରନେସ, ଏଆଇଜିସି ପୋର୍ଟ୍ରେଟ, ଏଆଇ ନୋଟ, ରାଇଟିଂ ଆସିଷ୍ଟାଂଟ ଓ ଫୋଲାକ୍ସ (ଏଆଇ ଭଏସ ଆସିଷ୍ଟାଂଟ) ଭଳି ଫିଚରଗୁଡ଼ିକ ମାଧ୍ୟମରେ ଆନନ୍ଦ ଓ ଉତ୍ପାଦକତାକୁ ମିଶ୍ରଣ କରୁଛି।

# ଜିଓ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଅଫର ଘୋଷଣା

ମୁମ୍ବାଇ: କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର, ଜିଓ ଏହାର ନୂତନ ଏବଂ ବର୍ତ୍ତମାନର ଗ୍ରାହକଙ୍କ ପାଇଁ ଆଣିଥିବା ସ୍ୱତନ୍ତ୍ର ଅସୀମିତ କ୍ରିକେଟ ଅଫରକୁ ୧୫ ଏପ୍ରିଲ ୨୦୨୫ ଯାଏଁ ବୃଦ୍ଧି କରିଛି। ପୂର୍ବରୁ ଏହି ଅଫର ୩୧ ମାର୍ଚ୍ଚରେ ଶେଷ ହେବାକୁ ଯାଉଥିଲା। ଏହି ଅଫର ଅଧୀନରେ, ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜ କରି ଜିଓ ଗ୍ରାହକମାନେ ଜିଓହଟଷ୍ଟାରରେ ମାଗଣାରେ ଆଇପିଏଲ କ୍ରିକେଟ୍ ସିଜିନ୍ ଉପଭୋଗ କରିପାରିବେ। ଏହି ଅସୀମିତ କ୍ରିକେଟ୍ ଅଫରରେ, ଗ୍ରାହକମାନେ ଟିଭି କିମ୍ବା ମୋବାଇଲରେ ୯୦ ଦିନର ମାଗଣା ଜିଓହଟଷ୍ଟାର ସବସ୍କ୍ରିପସନ୍ ପାଉଛଁି ଏବଂ ତାହା ମଧ୍ୟ ୪କେ ଗୁଣବତ୍ତାରେ। ଏହାର ଅର୍ଥ ହେଉଛି ଗ୍ରାହକମାନେ ଆଇପିଏଲ କ୍ରିକେଟ ସିଜିନ ମାଗଣାରେ ଉପଭୋଗ କରିପାରିବେ। ଏହା ସହିତ, ଜିଓ ଘର ପାଇଁ ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ୍ୟ ପ୍ରଦାନ କରିବ। ଅଲ୍ଟ୍ରା-ଫାଷ୍ଟ ଇଣ୍ଟରନେଟର ମାଗଣା ଟ୍ରାଏଲ୍ ସଂଯୋଗ ୫୦ ଦିନ ପାଇଁ ମାଗଣା ରହିବ। ଗ୍ରାହକମାନେ ୪କେ ଗୁଣବତ୍ତାରେ ଇମର୍ସିଭ୍ କ୍ରିକେଟ୍ ଦେଖିବାର ଅନୁଭୂତି ସହିତ ଶ୍ରେଷ୍ଠ ହୋମ ଏଣ୍ଟରଟେନମେଣ୍ଟ ବା ଘରୋଇ ମନୋରନର ମଧ୍ୟ ମଜା ନେଇପାରିବେ। ଜିଓଫାଇବର କିମ୍ବା ଜିଓଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ସହିତ ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ମଧ୍ୟ ମିଳିବ। କ୍ରିକେଟ ପ୍ରେମୀ ଗ୍ରାହକଙ୍କ ବିପୁଳ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ଅଫର ଗ୍ରାହକମାନଙ୍କ ପାଇଁ ଏବେ ୧୫ ଏପ୍ରିଲ ୨୦୨୫ ଯାଏଁ ଉପଲବ୍ଧ ହେବ। ଏହି ଅଫରର ଲାଭ ପାଇବା ପାଇଁ, ବର୍ତ୍ତମାନର ଜିଓ ସିମ୍ ବ୍ୟବହାରକାରୀଙ୍କୁ ଅତି କମରେ ୨୯୯ ଟଙ୍କା କିମ୍ବା ଅଧିକ ମୂଲ୍ୟର ପ୍ଲାନ ରିଚାର୍ଜ କରିବାକୁ ପଡିବ। ଅନ୍ୟ ପକ୍ଷରେ ନୂତନ ଜିଓ ସିମ୍ ଗ୍ରାହକମାନଙ୍କୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ନେବାକୁ ପଡିବ। ଯେଉଁ ଗ୍ରାହକମାନେ ପୂର୍ବରୁ କୌଣସି ରିଚାର୍ଜ କରିସାରିଛନ୍ତି ସେମାନେ ମଧ୍ୟ ୧୦୦ ଟଙ୍କାର ଏକ ଆଡ-ଅନ୍ ପ୍ୟାକ୍ ନେଇ ଏହି ଅଫରର ଲାଭ ଉଠାଇପାରିବେ।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର





ମୁମ୍ବାଇ: ଭାରତର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ବ୍ରିଟିଶ ଗାୟକ ଜସ୍ମିନ ୱାଲିୟାଙ୍କ ବନ୍ଧୁତା ଏବେ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର କାରଣ ପାଲଟିଛି । ଉଭୟ ପରସ୍ପରକୁ ଭଲ ପାଉଥିବା ନେଇ ମଧ ଆଲୋଚନା ହେଉଛି । କୋଲକାତା ନାଇଟ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ ଅବସରରେ ଏ ଭଳି ଏକ ଘଟଣା ଘଟିଲା ଯାହା ଫଳରେ ଉଭୟଙ୍କ ପ୍ରେମ ସମ୍ପର୍କ ଏକପ୍ରକାର ନିଶ୍ଚିତ ହୋଇଯାଇଛି । ମ୍ୟାଚ ପରେ ମୁମ୍ବାଇ ଇଣ୍ଡିଆନ୍ସ ବସରେ ଜସ୍ମିନ ଚଢ଼ୁଥିବା ଦେଖିବାକୁ ମିଳିଥିଲା । ଏହି ବସରେ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିଙ୍କ ପରିବାର ସଦସ୍ୟ, ବାନ୍ଧବୀଙ୍କ ପାଇଁ ପ୍ରାୟତଃ ଉଦ୍ଦିଷ୍ଟ ରହିଥାଏ । ଏହା ପୂର୍ବରୁ ଉଭୟ ଗ୍ରୀସରେ ଛୁଟି ମନେଇଥିଲେ । ସେ ସମୟରେ ଉଭୟ ଫଟୋ ଇନଷ୍ଟାଗ୍ରାମରେ ଭାଇରାଲ ହୋଇଥିଲା । ହାର୍ଦ୍ଦିକ ୨୦୨୦ରେ ନାତାଶ ଷ୍ଟାନକୋଭିଚଙ୍କୁ ବିବାହ କରିଥିଲେ । ଅବଶ୍ୟ ଏହା ପରେ ଉଭୟଙ୍କ ମଧରେ ମତଭେଦ ହେବାରୁ ଅଲଗା ହୋଇ ଯାଇଥିଲେ । ଚଳିତ ଇଣ୍ଡିଆନ ପ୍ରିମିୟର ଲିଗରେ ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୨ଟି ମ୍ୟାଚରେ ପରାଜିତ ହେବା ପରେ ଏବେ କୋଲକାତା ନାଇଟ ରାଇଡର୍ସ ହରାଇ ବିଜୟଧାରାକୁ ଫେରିଛି । ଗତ ସଂସ୍କରଣରେ ହାର୍ଦ୍ଦିକଙ୍କ ନେତୃତ୍ୱରେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରି ଶେଷ ସ୍ଥାନରେ ରହିଥିଲା । କୋଲକାତା ପ୍ରଥମେ ବ୍ୟାଟିଂ କରି ୧୬.୨ ଓଭରରେ ୧୧୬ ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଅଙ୍ଗକ୍ରିଶ ରଘୁବଂଶୀ ୨୬, ରମନଦୀପ ସିଂ ୨୨ ରନ କରିଥିଲେ । ମୁମ୍ବାଇ ପକ୍ଷରୁ ଅଶ୍ୱିନୀ ସର୍ବାଧିକ ୪ଟି ୱିକେଟ ନେଇଥିବାବେଳେ ଦୀପକ ଚହର ୨ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ମୁମ୍ବାଇ ମାତ୍ର ୧୨.୫ ଓଭରରେ ୨ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ରିଆନ ରିକଲଟନ ୬୨ ରନ ଓ ସୂର୍ଯ୍ୟକୁମାର ୨୭ ରନ କରିଥିଲେ ।

**୧୩ତମ ମ୍ୟାଚ୍ | ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବନାମ ପଞ୍ଜାବ କିଙ୍ଗ୍ସ**

# ଲକ୍ଷ୍ନୌକୁ ୮ ୱିକେଟରେ ପରାସ୍ତ କଲା ପଞ୍ଜାବ



ଲକ୍ଷ୍ନୌ : ଲକ୍ଷ୍ନୌର ଭାରତରତ୍ନ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲର ୧୩ତମ ମ୍ୟାଚରେ ଲକ୍ଷ୍ନୌ ସୁପରଜାୟାଣ୍ଟସକୁ ୮ ୱିକେଟରେ ପରାସ୍ତ କରିଛି ପଞ୍ଜାବ କିଙ୍ଗସ୍ । ଲକ୍ଷ୍ନୌ ଦ୍ୱାରା ରଖାଯାଇଥିବା ୧୭୨ ରନର ଲକ୍ଷ୍ୟକୁ ପଞ୍ଜାବ ୧୬.୨ ଓଭରରେ ୧୭୭ ରନ କରି ହାସଲ କରିନେଇଥିଲା । ଦଳ ପକ୍ଷରୁ ପ୍ରଭସିମରନ ସିଂ ୬୯ ରନ କରିଥିବାବେଳେ ଶ୍ରେୟସ ଆୟର ୫୨ ରନ ଓ ନିହାଲ ୱାଧେରା ୪୩ରନ କରିଥିଲେ । ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ଆରମ୍ଭରୁ ମିଚେଲ ମାର୍ସଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା । ସେ ଖାତା ଖୋଲିପାରିନଥିଲେ । ସେହିପରି ଅଧିନାୟକ ଋଷଭ ପନ୍ତ ମଧ ୨ ରନ କରିଥିଲେ । ତେବେ ଆଇଡେନ ମାର୍କରାମ ଓ ନିକୋଲାସ ପୁରନ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଇଥିଲେ । ମାର୍କରାମ ୨୮ ରନ ଓ ପୁରନ ୪୪ ରନ କରିଥିଲେ । ଆୟୁଷ ବାଦୋନି ୪୧ ରନ ଓ ଅବଦୁଲ ସମଦ ୨୭ ରନ କରିଥିଲେ । ଡେଭିଡ ମିଲର ୧୯ ରନ କରିଥିଲେ । ଏହା ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୧ ରନ କରିଥିଲା । ଏହାର ଜବାବରେ ପଞ୍ଜାବ କିଙ୍ଗ୍ସ ୨୨ଟି ବଲ୍ ବାକି ଥାଇ ୮ ୱିକେଟରେ ମ୍ୟାଚ୍ ଜିତି ନେଇଛି । ୧୬ ଓଭର ୨ଟି ବଲରେ ମାତ୍ର ୨ ୱିକେଟ ହରାଇ ପଞ୍ଜାବ କିଙ୍ଗ୍ସ ୧୭୭ ରନ୍ ସଂଗ୍ରହ କରିଥିଲା । ଆଇପିଏଲ୍ ଟେବୁଲ ତାଲିକାରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ସମାନ ପଏଣ୍ଟ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ।

# ଅନ୍ତର୍ଜାତୀୟ ହକିରୁ ଅବସର ନେଲେ ବନ୍ଦନା



ନୂଆଦିଲ୍ଲୀ: ଭାରତୀୟ ମହିଳା ହକି ଦଳର ଷ୍ଟାର ଖେଳାଳି ବନ୍ଦନା କଟାରିଆ ମଙ୍ଗଳବାର ଦିନ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି । ୧୫ ବର୍ଷ ଧରି ଭାରତ ପାଇଁ ଖେଳୁଥିବା ବନ୍ଦନା ୩୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଏବଂ ୧୫୮ ଗୋଲ ସହିତ, ଭାରତୀୟ ମହିଳା ହକି ଇତିହାସରେ ସର୍ବାଧିକ କ୍ୟାପ୍ ଖେଳାଳି ଭାବରେ ବିଦାୟ ନେଇଛନ୍ତି । ୨୦୦୯ ମସିହାରେ ସିନିୟର ଦଳରେ ଡେବ୍ୟୁ କରିଥିବା ଏହି ୩୨ ବର୍ଷୀୟା ଫରୱାର୍ଡ ଖେଳାଳି କିଛି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ଏକ ଅଂଶ ଥିଲେ, ଯେଉଁଥିରେ ଟୋକିଓ ୨୦୨୦ ଅଲିମ୍ପିକ୍ସରେ ଭାରତର ଐତିହାସିକ ଚତୁର୍ଥ ସ୍ଥାନ ହାସଲ ମଧ ସାମିଲ ଥିଲା, ଯେଉଁଠାରେ ସେ ହ୍ୟାଟ୍ରିକ୍ ସ୍କୋର କରିଥିବା ପ୍ରଥମ ଏବଂ ଏକମାତ୍ର ଭାରତୀୟ ମହିଳା ହୋଇଥିଲେ । ଫେବୃଆରୀରେ ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ର ଭୁବନେଶ୍ୱର ପର୍ଯ୍ୟାୟରେ ବନ୍ଦନା ଭାରତ ପାଇଁ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ବନ୍ଦନା ତାଙ୍କର ଅବସର ଘୋଷଣା କରି ତାଙ୍କ ଭାବନା ସେୟାର କରି କହିଛନ୍ତି ଯେ, 'ଏହି ନିଷ୍ପତ୍ତି ସହଜ ନଥିଲା, କିନ୍ତୁ ମୁଁ ଜାଣେ ଏହା ସଠିକ୍ ସମୟ । ଭାରତୀୟ ଜର୍ସି ପିନ୍ଧିବା ସବୁଠାରୁ ବଡ଼ ସମ୍ମାନ ଥିଲା । କିନ୍ତୁ ପ୍ରତ୍ୟେକ ଯାତ୍ରାର ଏକ ଗତି ଥାଏ ଏବଂ ମୁଁ ଅତ୍ୟନ୍ତ ଗର୍ବ, କୃତଜ୍ଞତା ଏବଂ କ୍ରୀଡ଼ା ପ୍ରତି ପ୍ରେମ ସହିତ ବିଦାୟ ନେଉଛି । ଭାରତୀୟ ହକି ମହାନ ହାତରେ ଅଛି, ଏବଂ ମୁଁ ସର୍ବଦା ଏହାର ସବୁଠାରୁ ବଡ଼ ସମର୍ଥକ ରହିବି । ତାଙ୍କ ଯାତ୍ରାରେ ଭୂମିକା ଗ୍ରହଣ କରିଥିବା ସମସ୍ତଙ୍କୁ ସେ ହୃଦୟରୁ କୃତଜ୍ଞତା ଜଣାଇ କହିଛନ୍ତି 'ମୁଁ ମୋର ପ୍ରଶିକ୍ଷକ, ସାଥୀ ଖେଳାଳି, ସହାୟକ କର୍ମଚାରୀ, ହକି ଇଣ୍ଡିଆ, ମୋ ପରିବାର ଏବଂ ବର୍ଷ ବର୍ଷ ଧରି ମୋତେ ସମର୍ଥନ କରିଥିବା ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି । ପ୍ରତ୍ୟେକଟି ଚିୟର୍ସ, ପ୍ରତ୍ୟେକ ବାର୍ତ୍ତା, ପ୍ରତ୍ୟେକ ଉତ୍ସାହର ଶବ୍ଦ ମୋ ପାଇଁ ଦୁନିଆ ଥିଲା ।' ଭାରତୀୟ ହକିରେ ତାଙ୍କର ଅପୂର୍ବ ଅବଦାନ ପାଇଁ ଭାରତର କିଛି ପ୍ରତିଷ୍ଠିତ ପୁରସ୍କାର ତଥା ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତାଙ୍କୁ ଅର୍ଜୁନ ପୁରସ୍କାର (୨୦୨୧) ଏବଂ ପଦ୍ମଶ୍ରୀ (୨୦୨୨) ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏଥିସହ ୨୦୧୪ରେ ବର୍ଷର ଶ୍ରେଷ୍ଠ ଖେଳାଳି (ମହିଳା) ପାଇଁ ହକି ଇଣ୍ଡିଆ ବଲବୀର ସିଂହ ସିନିୟର ପୁରସ୍କାର, ୨୦୨୧ରେ ଉତ୍କୃଷ୍ଟ ସଫଳତା ପାଇଁ ହକି ଇଣ୍ଡିଆ ପ୍ରେସିଡେଣ୍ଟ ପୁରସ୍କାର, ୨୦୨୧ ଏବଂ ୨୦୨୨ ଲାଗି ଫରୱାର୍ଡ ଅଫ୍ ଦି ଇୟର ପାଇଁ ହକି ଇଣ୍ଡିଆ ଧନରାଜ ପିଲ୍ଲେ ପୁରସ୍କାର ଏବଂ ଅନ୍ୟାନ୍ୟ ଅନେକ ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି । ସେ ଭାରତର ଶ୍ରେଷ୍ଠ ଫରୱାର୍ଡମାନଙ୍କ ମଧ୍ୟରୁ ଅନ୍ୟତମ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିଥିଲେ ।

# ଡେବ୍ୟୁ ମ୍ୟାଚ୍‌ରେ ଦମ୍ ଦେଖାଇଲେ ଅଶ୍ୱିନୀ



ମୁମ୍ବାଇ: ମୁମ୍ବାଇ ଇଣ୍ଡିଆନ୍ସର ଆଉ ଜଣେ ବିସ୍ମୟ ହେଉଛନ୍ତି ଅଶ୍ୱିନୀ କୁମାର । ଘରୋଇ କ୍ରିକେଟରେ ସେମିତି ବିଶେଷ ଅଭିଜ୍ଞତା ନାହିଁ । ପଞ୍ଜାବ ଦଳରୁ ପ୍ରତିନିଧିତ୍ୱ କରି ଘରୋଇ କ୍ରିକେଟ୍‌ରେ ୨ଟି ରଣଜୀ, ୪ଟି ଲିଷ୍ଟ୍ ଏ' ଏବଂ ୫ଟି-ଟ୍ୱେଣ୍ଟି ଖେଳିଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ଗତ ନିଲାମୀରେ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଥିଲା । ପୂର୍ବ ଦୁଇ ମ୍ୟାଚ୍‌ରେ ଅଶ୍ୱନୀ ଖେଳିବାର ସୁଯୋଗ ପାଇନଥିଲେ । ହଠାତ କୋଲକାତା ବିପକ୍ଷରେ ଅଧିନାୟକ ପାଣ୍ଡ୍ୟା ତାଙ୍କୁ ଦଳରେ ସାମିଲ କରିଥିଲେ । ପଦାର୍ପଣରେ ହିଁ ଘାତକ ବୋଲିଂ କଲେ ୨୩ ବର୍ଷୀୟ ବାମହାତୀ ପେସର ଅଶ୍ୱନୀ । ମାତ୍ର ୨୪ ରନ୍ ? ଦେଇ ସେ ନେଇଥିଲେ ୪ଟି ୱିକେଟ୍ । ନିଜ ପ୍ରଥମ ଓଭରର ପ୍ରଥମ ବଲରେ ହିଁ ପାଇଥିଲେ ୱିକେଟ୍ । ମୁମ୍ବାଇ ଏହି ମ୍ୟାଚ୍ ୮ ୱିକେଟ୍‌ରେ ବିଜୟୀ ହେଲା ଏବଂ ସେ ହେଲେ ପ୍ଲେୟାର ଅଫ୍ ଦ ମ୍ୟାଚ୍ । ଅଶ୍ୱିନୀଙ୍କ ଘର ପଞ୍ଜାବ । ସେ କହିଛନ୍ତି, 'ମୁଁ ଯେତେବେଳେ ଜାଣିଲି କୋଲକାତା ବିପକ୍ଷରେ ଖେଳିବି, ଖୁସିରେ ବିଭୋର ହୋଇପଡ଼ିଥିଲି । ମଧାହ୍ନଭୋଜନ କରିନଥିଲି । କେବଳ ଗୋଟିଏ କଦଳୀ ଖାଇ ରହିଥିଲି । ମୋ ପରିବାର ଏବଂ ମୋର ଗାଁ ଲୋକ ଆଇପିଏଲରେ ମୋର ପଦାର୍ପଣକୁ ଅପେକ୍ଷା କରି ରହିଥିଲେ । ଭଗବାନଙ୍କ କୃପାରୁ ପଦାର୍ପଣରେ ଭଲ ପ୍ରଦର୍ଶନ କରିପାରିଛି ।

# ୨୯ ଅଗଷ୍ଟରୁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ୍




ନୂଆଦିଲ୍ଲୀ: ବିହାରର ରାଜଗିର ସହରରେ ହକି ଏସିଆ କପ୍ ୨୦୨୫ ଆୟୋଜିତ ଅନୁଷ୍ଠିତ ହେବ । ଏ ନେଇ ସୋମବାର ହକି ଇଣ୍ଡିଆ ଏବଂ ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ୨୯ ଅଗଷ୍ଟରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜଗିର ହକି ଷ୍ଟାଡିୟମରେ ଖେଳାଯିବ । ନଭେମ୍ବର ୨୦୨୪ରେ ଆୟୋଜିତ ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପରେ ରାଜଗିର ଦ୍ୱାରା ଆୟୋଜିତ ଏହା ଦ୍ୱିତୀୟ ଆନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ହେବ । ସୂଚନାଥାଉକି, ଏହି ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଭାରତ ବିଜୟ ହାସଲ କରିଥିଲା । ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ, ପାକିସ୍ତାନ, ଜାପାନ, କୋରିଆ, ଚୀନ୍ ଏବଂ ମାଲେସିଆ ସମେତ ଆଠଟି ଦଳ ଅଂଶଗ୍ରହଣ କରିବେ । ବାକି ଦୁଇଟି ଦଳ ଯୋଗ୍ୟତା ଅର୍ଜନ ଟୁର୍ଣ୍ଣାମେଣ୍ଟ ଇଏୖର କପ୍ ମାଧ୍ୟମରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିବେ । ପୁରୁଷ ଏସିଆ କପ୍ ଇତିହାସରେ ଦକ୍ଷିଣ କୋରିଆ ପାଞ୍ଚଟି ଟାଇଟଲ (୧୯୯୪, ୧୯୯୯, ୨୦୦୯, ୨୦୧୩ ଏବଂ ୨୦୨୨) ସହିତ ସବୁଠାରୁ ସଫଳ ଦଳ ହୋଇଛି । ଏହା ପରେ ଭାରତ (୨୦୦୩, ୨୦୦୭ ଏବଂ ୨୦୧୭) ଏବଂ ପାକିସ୍ତାନ (୧୯୮୨, ୧୯୮୫ ଏବଂ ୧୯୮୯) ପ୍ରତ୍ୟେକେ ତିନି ତିନି ଥର ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି । ଏହି ହିରୋ ଏସିଆ କପ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ହେବ; କାରଣ ବେଲଜିୟମ ଏବଂ ନେଦରଲ୍ୟାଣ୍ଡ ଦ୍ୱାରା ଆୟୋଜିତ ହେବାକୁ ଥିବା ୨୦୨୬ ଋଓଏୖ ପୁରୁଷ ହକି ବିଶ୍ୱକପ୍ ପାଇଁ ଏହା ଏକ ଯୋଗ୍ୟତା ଇଭେଣ୍ଟ । ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ । ତେବେ ହକି ଇଣ୍ଡିଆର ସଭାପତି ଡକ୍ଟର ଦିଲ୍ଲୀପ ତିର୍କୀ କହିଛନ୍ତି ଯେ, ରାଜଗିରରେ ୨୦୨୫ ହିରୋ ଏସିଆ କପ୍ ଆୟୋଜନ କରିବା ଭାରତୀୟ ହକି ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଷ୍ଟାଡିୟମଟି ଅନ୍ତର୍ଜାତୀୟ ମାନର, ଏବଂ ମୁଁ ନିଶ୍ଚିତ ଯେ ଏହା ଖେଳାଳି ଏବଂ ଦର୍ଶକଙ୍କ ପାଇଁ ଏକ ରୋମାଞ୍ଚକର ପରିବେଶ ପ୍ରଦାନ କରିବ । ୨୦୨୬ ବିଶ୍ୱକପ୍ ପାଇଁ ଏସିଆ କପ୍ ଏକ ଯୋଗ୍ୟତା ଅର୍ଜନ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ଆମକୁ ରୋମାଞ୍ଚକର ଏବଂ ଦକ୍ଷତା ପରିପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିବ ।

# ରୋହିତଙ୍କୁ ଅଣଦେଖା କଲେ ନୀତା ଅମ୍ବାନୀ



ନୂଆଦିଲ୍ଲୀ: ରୋହିତ ଶର୍ମାଙ୍କ ପାଇଁ ଆଇପିଏଲ ସେତେଟା ଫଳପ୍ରଦ ହେଉନାହିଁ । ପ୍ରଥମ ତିନୋଟି ମ୍ୟାଚରେ ହିଟମ୍ୟାନଙ୍କ ପ୍ରଦର୍ଶନ ବହୁତ ଲଜ୍ଜାଜନକ ରହିଛି । ଯାହାଫଳରେ ସମାଲୋଚନାର ଶିକାର ହେଉଛନ୍ତି ରୋହିତ । ରୋହିତ କେକେଆର ବିପକ୍ଷରେ ଶେଷ ମ୍ୟାଚରେ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳିଥିଲେ । ତଥାପି, ରୋହିତ ତାଙ୍କର ପ୍ରଭାବ ଛାଡିବାରେ ବିଫଳ ହୋଇଥିଲେ । ମ୍ୟାଚ ଶେଷ ହେବା ପରେ ଦଳର ମାଲିକାଣୀ ନୀତା ଅମ୍ବାନୀ ତାଙ୍କ ସହ ବହୁତ ସମୟ କଥା ହୋଇଥିଲେ । ସୋସିଆଲ ମିଡିଆରେ ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହା ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବନାମ କେକେଆର ମ୍ୟାଚ ସହିତ ଜଡିତ । ଏଥିରେ ମୁମ୍ବାଇର ସୁପରଷ୍ଟାର ରୋହିତ ଶର୍ମା ଏବଂ ଫ୍ରାଞ୍ଚାଇଜ ମାଲିକ ନୀତା ଅମ୍ବାନୀଙ୍କ ମଧ୍ୟରେ ଗମ୍ଭୀର ଆଲୋଚନା ହେଉଥିବାର ଦେଖିବାକୁ ମିଳିଥିଲା । ଭିଡିଓର ଶେଷରେ, ହିଟମ୍ୟାନ କିଛି କହୁଥିଲେ । ଏହି ସମୟରେ, ନୀତା ଅମ୍ବାନୀ ସେମାନଙ୍କଠାରୁ ମୁହଁ ଫେରାଇ ନେଇ କୋଲକାତା ନାଇଟ ରାଇଡର୍ସର ଖେଳାଳିମାନଙ୍କ ସହିତ କଥାବାର୍ତ୍ତା କରିବା ଆରମ୍ଭ କଲେ । ରୋହିତ ଶର୍ମା ଆଇପିଏଲ ୨୦୨୫ର ପ୍ରଥମ ତିନୋଟି ମ୍ୟାଚରେ ମାତ୍ର ୨୧ ରନ କରିଛନ୍ତି । ସେ ସିଏସ୍‌କେ ବିପକ୍ଷରେ ପ୍ରଥମ ମ୍ୟାଚରେ ଶୂନ୍ୟ ସ୍କୋରରେ ଆଉଟ ହୋଇଥିଲେ । ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୮ ରନ ଓ କେକେଆର୍ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ୧୩ ରନ କରିଥିଲେ । ଖରାପ ଫର୍ମ ଯୋଗୁଁ, ପ୍ଲେଇଂ ଏକାଦଶରେ ତାଙ୍କର ସ୍ଥାନ ନିଶ୍ଚିତ ହେବା ପରି ମନେ ହେଉନାହିଁ ।

# ମହାବୀରଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍: ସେଭେନ -୨ କ୍ଲବ୍ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ ଟି ଗ୍ରାମ ଅଧିବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡିଆରେ ଅନୁଷ୍ଠିତ ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧାର ବି.ବି.ଜି କ୍ଲବ୍‌କୁ ଟାଇ ବ୍ରେକରରେ ହରାଇ ଠଣାପଲ୍ଲୀର ସେଭେନ-୨ କ୍ଲବ ପରବର୍ତ୍ତୀ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍‌ଟି ଗୋଲ ଶୂନ୍ୟ ଥିବା ବେଳେ ଫଳାଫଳ ନିର୍ଣ୍ଣୟ ପାଇଁ ଟାଇ ବ୍ରେକରର ସହାୟତା ନିଆଯାଇଥିଲେ । ଏଥିରେ ଠଣାପଲ୍ଲୀ ଦଳ ୬-୫ ଗୋଲରେ ବିଜୟୀ ହୋଇଥିଲା । ଏହି ମ୍ୟାଚଟିକୁ ରେଫରୀ ଭାବେ ଶରତ ଛୋଟରାୟ, ସୁଶାନ୍ତ ମିଶ୍ର, ବୈକୁଣ୍ଠ ମହାପାତ୍ର ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ବାହାନ ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ । ଅତିଥି ଭାବେ ଦେବଗୁରୁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାତା ବାବା ଦୀନବନ୍ଧୁ ଲେଙ୍କା, ସାମାଜିକ କର୍ମୀ ପ୍ରଭାତ ପ୍ରହରାଜ, ଦେବାନନ୍ଦ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ ଓ ଶିକ୍ଷାବିତ ପୁରୁଷୋତ୍ତମ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବୁଧବାର ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚରେ ସରଧାପୁରର ଡ଼ାଇମଣ୍ଡ ଫୁଟବଲ କ୍ଲବ ଓ ଜଟଣୀ ପୋଡ଼ାପାଟଣାର ବାବା ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଭାସ୍କର ଚୌଧୁରୀ ସୂଚନା ଦେଇଛନ୍ତି ।

# ନିୟମ ଭାଙ୍ଗି ପଡ଼ିଆ ଭିତରେ ପଶିଲେ ପ୍ରଶଂସକ



ନୂଆଦିଲ୍ଲୀ: ପ୍ରାୟତଃ ଦେଖାଯାଏ ପ୍ରଶଂସକମାନେ ନିଜ ପ୍ରିୟ ଖେଳାଳିଙ୍କୁ ଭେଟି ଉତ୍ସାହିତ କରି ଥାଆନ୍ତି । ସମୟ ସମୟରେ ପଡ଼ିଆରେ ପ୍ରିୟ କ୍ରିକେଟରଙ୍କୁ ଚୌକା ଏବଂ ଛକା ମାରିବା ଦେଖିବା ପରେ ପ୍ରଶଂସକମାନେ ଏତେ ଉତ୍ସାହିତ ହୋଇଯାଇଥାଆନ୍ତି ଯେ ସେମାନେ ନିୟମ ଭାଙ୍ଗି ପଡ଼ିଆ ଭିତରକୁ ଚାଲି ଯାଇଥାଆନ୍ତି । ଯାହାଫଳରେ ସେମାନେ ଦଣ୍ଡିତ ହୋଇଥାନ୍ତି । ମାର୍ଚ୍ଚ ୨୬ରେ ଗୌହାଟୀରେ ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଆଇପିଏଲ ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ କୋଲକାତାର ରନ ଚେଜ୍ ସମୟରେ ଜଣେ ଅଜଣା ବ୍ୟକ୍ତି ପଡ଼ିଆ ଭିତରକୁ ପଶି ଆସି ରାଜସ୍ଥାନ ରୟାଲ୍ସର ଅଧିନାୟକ ରିଆନ୍ ପରାଗଙ୍କ ପାଦ ଛୁଇଁଥିଲେ ଏବଂ ପରେ ତାଙ୍କୁ କୁଣ୍ଢେଇ ପକାଇଥିଲେ । ଏହି ସମୟରେ ମ୍ୟାଚକୁ କିଛି ମିନିଟ୍ ପର୍ଯ୍ୟନ୍ତ ବନ୍ଦ କରାଯାଇ ଅଜଣା ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରୁ ନେବାର ବନ୍ଦୋବସ୍ତ କରିଥିଲେ । ଯଦି କେହି ଭାରତରେ ଏହା କରନ୍ତି, ତେବେ ତାଙ୍କ ବିରୋଧରେ ଆଇପିସି ଧାରା ୪୪୭ ଅନୁଯାୟୀ ମାମଲା ରୁଜୁ କରାଯାଇପାରିବ । ଏପରି କାର୍ଯ୍ୟ କରୁଥିବା ପ୍ରଶଂସକଙ୍କୁ କେବଳ ଗ୍ରାଉଣ୍ଡରୁ ବାହାର କରିଦିଆଯାଏ ନାହିଁ, ବରଂ ଯଦି ଜଣେ ବ୍ୟକ୍ତି ଏହି କାର୍ଯ୍ୟ ବାରମ୍ବାର କରନ୍ତି ତେବେ ତାଙ୍କୁ ଆଜୀବନ ଷ୍ଟାଡିୟମରେ ପ୍ରବେଶ କରିବାକୁ ବାରଣ କରାଯାଏ । ଅନେକ କ୍ଷେତ୍ରରେ ପାଞ୍ଚରୁ ଦଶ ବର୍ଷ ପର୍ଯ୍ୟନ୍ତ ପ୍ରତିବନ୍ଧକ ମଧ ଲାଗୁ କରାଯାଇଥାଏ । ଅନେକ ଦେଶ (ଉଦାହରଣ ସ୍ୱରୂପ-ଇଂଲଣ୍ଡ, ଅଷ୍ଟ୍ରେଲିଆ)ରେ ଖେଳ ଚାଲିଥିବା ବେଳେ କେହି ଯଦି ପଡ଼ିଆ ଭିତରକୁ ପ୍ରବେଶ କରନ୍ତି ତେବେ ତାଙ୍କ ବିରୋଧରେ ଜରିମାନା ମଧ ଲାଗୁ କରାଯିବା ସହିତ ୬ମାସ ଜେଲ ଦଣ୍ଡ ବି ହୋଇପାରେ ।

# ୱିକେଟ୍ କିପିଂ ଲାଗି ଅନୁମତି ଲୋଡିଲେ ସଞ୍ଜୁ



ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସ(ଆରଆର) ଅଧିନାୟକ ସଞ୍ଜୁ ସାମସନ ଆଇପିଏଲ୍‌ରେ ଉଇକେଟ କିପିଂ ଦାୟିତ୍ୱ ତୁଲାଇବା ଲାଗି ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ଠାରୁ ଅନୁମତି ମାଗିଛନ୍ତି । ଡାହାଣ ହାତ ବିଶି ଆଙ୍ଗୁଠିରେ ଅସ୍ତ୍ରୋପଚାର ପରେ ତାଙ୍କୁ କେବଳ ଖେଳିବା ପାଇଁ ସାମୟିକ ଅନୁମତି ମିଳିଥିଲା । ତାଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଗତ ୩ ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ । ସାମସନ ଜଣେ ବ୍ୟାଟର ଭାବେ ଖେଳିଥିବା ବେଳେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ । କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ସିଓଇଠାରେ ସ୍ପୋର୍ଟସ ସାଇନ୍ସ ଡିଭିଜନ ଦ୍ୱାରା ସାମସନଙ୍କର ଆଙ୍ଗୁଠି ଅବସ୍ଥାର ମୂଲ୍ୟାଙ୍କନ କରାଯିବ । ଯଦି ତାଙ୍କୁ ଅନୁମତି ମିଳେ, ସେ ଦଳର ନେତୃତ୍ୱ ଭାର ସମ୍ଭାଳିବେ ।

# ୨୦୨୭ ଏକଦିବସୀୟ ବିଶ୍ୱକପ୍ ଖେଳିବେ ବିରାଟ !



ନୂଆଦିଲ୍ଲୀ: ଭାରତୀୟ ଦଳର ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି କହିଛନ୍ତି ଯେ ତାଙ୍କର ପରବର୍ତ୍ତୀ ଟାର୍ଗେଟ ୨୦୨୭ ଏକଦିବସୀୟ ବିଶ୍ୱକପ୍ । ୨୦୨୭ରେ ହେବାକୁ ଥିବା ଏକଦିବସୀୟ ବିଶ୍ୱକପରେ କୋହଲି ଅଂଶଗ୍ରହଣ କରିବେ କି ନାହିଁ ସେ ବିଷୟରେ ମଧ ବହୁତ ଆଲୋଚନା ହେଉଛି । କୋହଲି କହିଛନ୍ତି ଯେ ତାଙ୍କର ନଜର ଆଗାମୀ ବିଶ୍ୱକପ୍ ଜିତିବା ଉପରେ ରହିଛି । ଭାରତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଏବଂ ଏହି ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ଏହି ଦୁଇଟି ଆଇସିସି ଟୁର୍ଣ୍ଣାମେଣ୍ଟରେ କୋହଲି ଭାରତୀୟ ଦଳର ଅଂଶ ଥିଲେ । କୋହଲି ଆଇପିଏଲ୍ ୨୦୨୫ ରେ ଅଂଶଗ୍ରହଣ କରୁଛନ୍ତି । କୋହଲି ସମ୍ପ୍ରତି ଏକ କାର୍ଯ୍ୟକ୍ରମରେ ତାଙ୍କ କ୍ୟାରିଅର ବିଷୟରେ କହିଥିଲେ ଏବଂ ବିଶ୍ୱକପ୍ ଜିତିବାର ଇଚ୍ଛା ପ୍ରକାଶ କରିଥିଲେ । ୨୦୨୭ ମସିହାରେ ଦକ୍ଷିଣ ଆଫ୍ରିକାରେ ଏକଦିବସୀୟ ବିଶ୍ୱକପ୍ ଅନୁଷ୍ଠିତ ହେବ । କୋହଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେଉଁଥିରେ ସେ ତାଙ୍କ କ୍ୟାରିୟରର ପରବର୍ତ୍ତୀ ବଡ଼ ଲକ୍ଷ୍ୟ ବିଷୟରେ କହୁଛନ୍ତି । ମୋର ପରବର୍ତ୍ତୀ ବଡ଼ ପଦକ୍ଷେପ ଭାଇରାଲ ଭିଡିଓରେ କୋହଲି କହିଛନ୍ତି ଯେ ମୁଁ ଜାଣିନାହିଁ, ହୁଏତ ମୁଁ ପରବର୍ତ୍ତୀ ବିଶ୍ୱକପ୍ ୨୦୨୭ ଜିତିବାକୁ ଚେଷ୍ଟା କରିବି । ୨୦୨୩ ବିଶ୍ୱକପରେ ସର୍ବାଧିକ ରନ୍ ଭାରତ ଏହାର ଆୟୋଜନରେ ୨୦୨୩ ରେ ଓଡିଓ ବିଶ୍ୱକପ୍ ଜିତିବାର ବହୁତ ନିକଟତର ହୋଇଥିଲା । ଦଳ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଥିଲା, କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା । କୋହଲି ଟୁର୍ଣ୍ଣାମେଣ୍ଟରେ ୧୧ଟି ମ୍ୟାଚ୍ ଖେଳି ୭୬୫ ରନ୍ କରିଥିଲେ ଏବଂ ତାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା । ୨୦୨୩ ଓଡିଓ ବିଶ୍ୱକପରେ କୋହଲି ତିନୋଟି ଶତକ ଏବଂ ଛଅଟି ଅର୍ଦ୍ଧଶତକ ମାରିଥିଲେ ।

# କଳାହାଣ୍ଡି କପ୍: ଭୁବନେଶ୍ୱର-ଏ', ଅନୁଗୁଳ, ରାଉରକେଲା, କଟକ-ବି', ଗଞ୍ଜାମ ବିଜୟୀ



କଟକ : କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଭୁବନେଶ୍ୱର-ଏ', ଅନୁଗୁଳ, ରାଉରକେଲା, ମାଲକାନଗିରି, ସମ୍ବଲପୁର-ଏ', ଝାରସୁଗୁଡ଼ା, ଭଦ୍ରକ, କଟକ-ବି, ଗଞ୍ଜାମ ବିଜୟୀ ହୋଇଛନ୍ତି । ଭୁବନେଶ୍ୱର-ଏ'ର ରଘୁନାଥ ମଲ୍ଲ (୧୨୪ ରନ୍), ରାଉରକେଲାର ଶୁଭଙ୍କର ବିଶ୍ୱାସ (୧୨୨ ରନ୍) ଶତକ ଅର୍ଜନ କରିଥିଲା ବେଳେ ବରଗଡ଼ର ସୟଦ ଜାକି ୫ ୱିକେଟ୍ ସଫଳତା ପାଇଛନ୍ତି । ରେଭେନ୍ସା ପଡ଼ିଆ-୨ରେ ଭୁବନେଶ୍ୱର-ବି' ୧୪୪ ରନ୍‌ରେ ଦେବଗଡ଼କୁ, ପଡ଼ିଆ-୧ରେ ଅନୁଗୁଳ ୨୬ ରନ୍‌ରେ ବଲାଙ୍ଗୀରକୁ , ଖୋର୍ଦ୍ଧା ପଡ଼ିଆରେ ରାଉରକେଲା-ଏ' ୧୬୫ ରନ୍‌ରେ ପୁରୀକୁ, ଜଟଣୀ ରେଳବାଇ ପଡ଼ିଆରେ ମାଲକାନଗିରି ୫ ୱିକେଟ୍‌ରେ ବାଲେଶ୍ୱରକୁ, ସନସାଇନ୍ ପଡ଼ିଆରେ ସମ୍ବଲପୁର-ଏ' ୧୫୬ ରନ୍‌ରେ ବରଗଡ଼କୁ, ଏମ୍‌ଜିଏମ୍ ପଡ଼ିଆରେ ଝାରସୁଗୁଡ଼ା ୬ ୱିକେଟ୍‌ରେ ସୋନପୁରକୁ, ଅଡ଼ଶପୁର ପଡ଼ିଆରେ ଭଦ୍ରକ ୬ ୱିକେଟ୍‌ରେ ରାୟଗଡ଼ାକୁ, ରେଳବାଇ ପଡ଼ିଆରେ କଟକ-ବି ୨୪ ରନ୍ ?ରେ କିଟ୍‌କୁ, ଡ୍ରିମ୍ସ ପଡ଼ିଆରେ ଗଞ୍ଜାମ ୫ ୱିକେଟ୍‌ରେ ଢେଙ୍କାନାଳକୁ ପରାସ୍ତ କରିଛି ।



ଖବରକାଗଜରେ ଏଭଳି ଅନେକ ହାନିକାରକ ରସାୟନ ଏବଂ ସ୍ୟାହି ରହିଥାଏ ଯାହା ଆପଣଙ୍କ ଶରୀରକୁ ବିପଦ ଆଡ଼କୁ ଠେଲିଦିଏ । ଯଦି ଆପଣ ପେପର୍ ଉପରେ ଖାଦ୍ୟ ରଖି ଖାଉଛନ୍ତି ତେବେ ଜାଣିରଖନ୍ତୁ ଏହାଦ୍ୱାରା କେଉଁ କେଉଁ ରୋଗକୁ ଆପଣ ନିମନ୍ତ୍ରଣ କରୁଛନ୍ତି । ସେଥିପାଇଁ ଗରମ ଖାଦ୍ୟ ଖବରକାଗଜରେ ରଖି ଖାଇବାରୁ ଯଥେଷ୍ଟ ଦୂରେଇ ରୁହନ୍ତୁ । ନଚେତ୍ କ୍ୟାନ୍ସର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ । ସେଥିପାଇଁ ଗରମ ଖାଦ୍ୟ ଖବରକାଗଜରେ ରଖି ଖାଇବାରୁ ଯଥେଷ୍ଟ ଦୂରେଇ ରୁହନ୍ତୁ । ନଚେତ୍ କ୍ୟାନ୍ସର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ । ଯେତେବେଳେ ଖାଦ୍ୟ ପେପରରେ ଆମେ ଆଣିଥାଉ ପେପର୍ ରେ ଥିବା କେମିକାଲ ଖାଦ୍ୟରେ ଲାଗିଥାଏ। ଯାହା ଆମ ପେଟ ଭିତରେ ଏକ ଅମ୍ଳ ସୃଷ୍ଟି କରିଥାଏ। ଯେତେବେଳେ ଖାଦ୍ୟ ପେପରରେ ଆମେ ଆଣିଥାଉ ପେପର୍ ରେ ଥିବା କେମିକାଲ ଖାଦ୍ୟରେ ଲାଗିଥାଏ। ଯାହା ଆମ ପେଟ ଭିତରେ ଏକ ଅମ୍ଳ ସୃଷ୍ଟି କରିଥାଏ। ଆଖି ଧପ୍ ଧପ୍ କରିବା, ଧଳା ଦେଖା ଦେବା ଭଳି ସମସ୍ୟା ଦେଖାଦେଇପାରେ ତା ସହ ଶରୀରର ବିଭିନ୍ନ ହର୍ମୋନ୍ ଥାଇରଏଡ୍ , ଇନ୍ସୁଲିନ୍ , ଏଷ୍ଟ୍ରୋଜନ୍ ଆଦି ବିଗିଡ଼ିବାର ସମ୍ଭାବନା ଥାଏ । ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ । ଆଖି ଧପ୍ ଧପ୍ କରିବା, ଧଳା ଦେଖା ଦେବା ଭଳି ସମସ୍ୟା ଦେଖାଦେଇପାରେ। ତା ସହ ଶରୀରର ବିଭିନ୍ନ ହର୍ମୋନ୍ ଥାଇରଏଡ୍ , ଇନ୍ସୁଲିନ୍ , ଏଷ୍ଟ୍ରୋଜନ୍ ଆଦି ବିଗିଡ଼ିବାର ସମ୍ଭାବନା ଥାଏ ।

## କ୍ରିକେଟରଙ୍କ ପ୍ରେମରେ ମଲାଇକା !

ବଲିଉଡର ଫିଟନେସ୍ କ୍ୱିନ୍ ମଲାଇକା ଆରୋରା ପ୍ରାୟତଃ ଚର୍ଚ୍ଚାରେ ରହିଥା'ନ୍ତି। କେତେବେଳେ ତାଙ୍କ ଫିଟନେସ୍‌କୁ ନେଇ ତ ଆଉ କେତେବେଳେ ଆଫେୟାର୍ସକୁ ନେଇ। ନିକଟରେ ଅଭିନେତ୍ରୀଙ୍କର କିଛି ସମୟ ପୂର୍ବରୁ ଅର୍ଜୁନ କପୁରଙ୍କ ସହ ବ୍ରେକଅପ୍ ହୋଇଥିଲା। ଏହାପରେ ତାଙ୍କ ନାଁ ପ୍ରତିଦିନ କାହା ନା କାହା ସହିତ ଯୋଡା ହେଉଛି। ଏଥି ମଧ୍ୟରେ ମଲାଇକା ଶ୍ରୀଲଙ୍କାର ଦିଗଜ କ୍ରିକେଟର କୁମାର ସଙ୍ଗକାରାଙ୍କୁ ଡେଟ୍ କରୁଥିବା ଗୁଜବ ହେଉଛି। ବାସ୍ତବରେ, ମଲାଇକା ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଗୌହାଟିର ବାରସପରା କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚିଥିଲେ। ତାଙ୍କୁ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ କୁମାର ସଙ୍ଗକାରାଙ୍କ ସହ ଦେଖିବାକୁ ମିଳିଥିଲା।




ଏହି ସମୟରେ ଅଭିନେତ୍ରୀ ରାଜସ୍ଥାନ ରୟାଲ୍ସର ଜର୍ସି ପିନ୍ଧିଥିବାର ନଜର ଆସିଥିଲେ। ଯାହାର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଭାଇରାଲ ଫଟୋରେ କୁମାର ସଙ୍ଗକାରାଙ୍କୁ ଆରଆର ଡଗଆଉଟ୍ ଏରିଆରେ ମଲାଇକାଙ୍କ ପାଖରେ ବସିଥିବାର ଦେଖିବାକୁ ମିଳିଛି। ଯାହା ଉଭୟଙ୍କ ମଧ୍ୟରେ ଡେଟିଂ ଗୁଜବ ସୃଷ୍ଟି କରିଛି। ମଲାଇକା ଏବଂ ସଙ୍ଗକାରାଙ୍କ ଫଟୋ ଭାଇରାଲ ହେବା ପରେ ନେଟେନିଜେନମାନେ ମଧ୍ୟ କମେଣ୍ଟ୍ ଦେବାରେ ପଛାଇ ନାହାଁନ୍ତି। ଅନେକ ସୋସିଆଲ୍ ମିଡିଆ ୟୁଜର୍ସ କମେଣ୍ଟ ଦେଇ ଲେଖିଛନ୍ତି ଯେ ମଲାଇକା ଆରୋରା ସଙ୍ଗକାରାଙ୍କୁ ଡେଟ୍ କରୁଛନ୍ତି।

## ଚର୍ଚ୍ଚାରେ ରଶ୍ମିକା

ରଶ୍ମିକା ମନ୍ଦାନା ବଲିଉଡ୍‌ରେ ଚର୍ଚ୍ଚିତ ପାଲଟିଛନ୍ତି। ତାଙ୍କର ସଲମାନ ଖାନଙ୍କ ସହ ସିକନ୍ଦର ସିନେମା ରିଲିଜ୍ ହୋଇଛି। ଓପନିଂ ଡେ୍ ରେ ପ୍ରଶଂସକଙ୍କ କ୍ରେଜି ରିଆକ୍ସନ ଦେଖିବାକୁ ମିଳୁଛି। ଏହି ମଧ୍ୟରେ ରଶ୍ମିକା ଇଣ୍ଡଷ୍ଟ୍ରିରେ ନିଜର କମ୍ପିଟିସନକୁ ନେଇ ଯାହା କହିଛନ୍ତି , ଆସନ୍ତୁ ସେ ବିଷୟରେ ଜାଣିବା । ରଶ୍ମିକା ମନ୍ଦାନା ଏନଡିଟିଭିକୁ ଦେଇଥିବା ଇଣ୍ଟରଭ୍ୟୁରେ କହିଛନ୍ତି , ମୁଁ ଅଲଗା ଅଲଗା ଇଣ୍ଡଷ୍ଟ୍ରୀ କନ୍ନଡ , ତେଲୁଗୁ , ତାମି ଓ ହିନ୍ଦୀକୁ ଖୋଜିବାର ବିକଳ୍ପ ବାଛିଛି ଏବଂ ମୋତେ ଖୁବ୍ ଶୀଘ୍ର ମଲାୟାଲମ୍ (ଇଣ୍ଡଷ୍ଟ୍ରୀ) ରେ କାମ କରିବାର ଆଶା ରହିଛି। ରଶ୍ମିକା ଆହୁରି କହିଛନ୍ତି , ମୋ ନିଷ୍ପତ୍ତି ମୋ ନିଜର , କାରଣ ମୋର ଜର୍ଣ୍ଣି ଅଲଗା ପ୍ରକାରର। ମୁଁ କୁର୍ଗର । ମୁଁ କନ୍ନଡରୁ ଆରମ୍ଭ କରିଛି ଏବଂ ତାମିଲ ଓ ହିନ୍ଦୀକୁ ଆସିଲି। ମୁଁ ନିଜର ବିକଳ୍ପ ଗୁଡ଼ିକ ଓ ଏଥିରୁ ହେବାକୁ ଥିବା ଭବିଷ୍ୟତର ପୂରା ଦାୟିତ୍ୱ ନେଇଛି। ରଶ୍ମିକା ଇଣ୍ଡଷ୍ଟ୍ରିରେ କମ୍ପିଟିସନକୁ ନେଇ କହିଛନ୍ତି ,ଏଥିପାଇଁ ମୋତେ ଏମିତି ଲାଗୁଛି ଯେ, ଯେମିତି ହିଁ ଆପଣ କମ୍ପିଟିସନ କୁହନ୍ତି , ମୋର ଏହା ସହ ଲେଣଦେଣ ନାହିଁ, କାରଣ ...। ଏହା ପୂର୍ବରୁ ମଝିରେ ସଲମାନ ଖାନ କହିଥିଲେ, ସମସ୍ତେ ନିଜ ନିଜର କାମ କରୁଛନ୍ତି। କମ୍ପିଟିସନରେ ହିଁ ଆପଣଙ୍କର ବିକାଶ ହୋଇଥାଏ। ଆପଣଙ୍କୁ ନିତି ନିଜ ଉପରେ କାମ କରିବା ଉଚିତ୍। ସିକନ୍ଦର ଫିଲ୍ମର କଥା ଯଦି କହିବା ତ ଏହା ଇଦ୍ ଅବସରରେ ୩୦ ମାର୍ଚ୍ଚରେ ରିଲିଜ୍ ହୋଇ ଯାଇଛି। ଏଥିରେ ସଲମାନ ଓ ରଶ୍ମିକାଙ୍କ ବ୍ୟତୀତ କାଜଲ ଅଗ୍ରୱାଲ , ସତ୍ୟରାଜ , ପ୍ରତୀକ୍ ବବର ଓ ଶରମନ ଯୋଶୀଙ୍କ ଭଳି ଷ୍ଟାର ଅଛନ୍ତି। ଏହାର ନିର୍ଦ୍ଦେଶନା ଗଜନୀ ଫେସ୍ ଏଆର ମୁରୁଗାଦାସ ଦେଇଛନ୍ତି। ଫିଲ୍ମର ପ୍ରଥମ ଦିନ ୪୦ରୁ ୪୫ କୋଟି କମାଇବାର ଆଶା କରାଯାଉଛି। ଏହାର ବଜେଟ୍ ୨୦୦ କୋଟି ଟଙ୍କା ଥିବା କୁହାଯାଉଛି।





## ବିବାଦରେ ନେହା କକ୍କର

ମେଲବର୍ଣ୍ଣ କନସର୍ଟରେ ବିଳମ୍ବରେ ପହଞ୍ଚିବା ନେଇ ବିବାଦରେ ଅଛନ୍ତି ବଲିଉଡର ପ୍ରସିଦ୍ଧ ଗାୟିକା ନେହା କକ୍କର। ୩ ଘଣ୍ଟା ବିଳମ୍ବରେ ପହଞ୍ଚିବା ଯୋଗୁଁ ହଟହଟା ହୋଇଥିଲେ ନେହା। ଲୋକେ ତାଙ୍କୁ ଟ୍ରୋଲ ମଧ୍ୟ କରିଥିଲେ। ଖାଲି ଏତିକି ନୁହେଁ ଗୋ ବ୍ୟାକ୍ ନାରାରେ କମ୍ପିଥିଲା ମେଲବର୍ଣ୍ଣ ଲାଇଭ କନସର୍ଟ ଭେନ୍ୟୁ। ଆଉ ଏବେ ଆୟୋଜକଙ୍କ ୪.୫୨ କୋଟି ଟଙ୍କାର କ୍ଷତି ଦାବି ଉପରେ ଜବାବ ଦେଇଛନ୍ତି ନେହା। ମେଲବର୍ଣ୍ଣ କନସର୍ଟ, ଯେଉଁଠାରେ ନେହା ଲାଇଭ୍ ପ୍ରଦର୍ଶନ ସମୟରେ ବହୁତ କାନ୍ଦୁଥିବାର ଦେଖାଯାଇଥିଲା। କନସର୍ଟକୁ ବିଳମ୍ବରେ ପହଞ୍ଚିବା ଯୋଗୁଁ ଲୋକ ତାଙ୍କୁ ଫେରିଯିବାକୁ ମଧ୍ୟ କହିଥିଲେ। ପରେ, ନେହା ସ୍ପଷ୍ଟ କରିଥିଲେ ଯେ, ଆୟୋଜକମାନେ ତାଙ୍କ ଟଙ୍କା ନେଇ ପଳାଇ ଯାଇଥିଲେ ଏବଂ ତାଙ୍କ ଦଳକୁ ଖାଦ୍ୟ, ପାଣି ଏବଂ ହୋଟେଲର କୌଣସି ସୁବିଧା ଦିଆଯାଇ ନଥିଲା। ତଥାପି, ସୋ'ର ଆୟୋଜକ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିବା ସହ ନେହାଙ୍କ ଅବହେଳା ଯୋଗୁଁ ସେମାନଙ୍କର ୪.୫୨ କୋଟି ଟଙ୍କାର କ୍ଷତି ହୋଇଛି ବୋଲି ଦାବି କରିଛନ୍ତି।





## ଜଲୱା ଦେଖାଇଲେ କରୀନା

ନିକଟରେ ସେ ଲାକ୍ମି ଫ୍ୟାଶନ ସପ୍ତାହରେ ରାମ୍ପ୍ ଚାଲିଥିଲେ କରୀନା। ସେ ତାଙ୍କ ଲୁକ୍‌ର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ କରୀନା କପୁର ଏକ ଡିପ୍ କଟ୍ ବ୍ଲାଉଜରେ ନଜର୍ ଆସିଛନ୍ତି। ଏହା ସହିତ ସେ ଫୁଲରେ ସଜାଯାଇଥିବା ଏକ ଶାଢି ପିନ୍ଧିଛନ୍ତି। ଏହି ଶାଢିରେ ସେ ବହୁତ ସୁନ୍ଦର ଦେଖାଯାଉଛନ୍ତି। କରୀନା ହାଲୁକା ମେକଅପ୍ ସହିତ ଚୁଟିକୁ ଖୋଲା ରଖିଛନ୍ତି। ସେ ଏକ ହୀରା ହାରରେ ନିଜ ଲୁକ୍‌କୁ ସମାପ୍ତ କରିଛନ୍ତି। କରୀନା ଏହି ପୋଷାକରେ ଅନେକ ପୋଜ୍ ଦେଇଛନ୍ତି। କରୀନା ଏହି ଫଟୋ ସହିତ ଏକ ଲମ୍ବା ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି। ସେ ଚାରି ବର୍ଷ ପରେ ଏହି ଫ୍ୟାଶନ ସପ୍ତାହକୁ ଫେରିଛନ୍ତି। କରୀନାଙ୍କ ଫଟୋରେ ଲୋକମାନେ ବହୁତ କମେଣ୍ଟ ଦେଉଛନ୍ତି। ଜଣେ ଲେଖିଛନ୍ତି - ଓଏମ୍‌ଜି କ'ଣ ରାଣୀ ମ। ଅନ୍ୟ ଜଣେ ଲେଖିଛନ୍ତି - ଆପଣ ଦିନକୁ ଦିନ ଅଧିକ ସୁନ୍ଦର ହେଉଛନ୍ତି। ଲୋକମାନେ କରୀନାଙ୍କ ଏହି ଫଟୋଗୁଡ଼ିକରୁ ନଜର କାଢି ପାରୁନାହାନ୍ତି। ଏହି ଫଟୋଗୁଡ଼ିକୁ ଲକ୍ଷ ଲକ୍ଷ ଲୋକ ମଧ୍ୟ ପସନ୍ଦ କରିଛନ୍ତି।

**Advertisement Tariff w.e.f. 1st April, 2025**

ଓଡ଼ିଶା ଭାସ୍କର

(Tariff per Sq.cm.)

| Page Position | B/W | Colour |
|---|---|---|
| Front | 1600 | 2100 |
| Back | 1350 | 1450 |
| Inner | 1200 | 1300 |
| Solus | 50% Extra | |
| Appointment | 750 | |
| Tender/Notice | 1000 | |
| Classified | Each Word Rs. 50/- (Upto 25 words) each additional word Rs. 75/- | |

Legal Notice Rs. 400/Sq.cm

Sky bus: Rs:1,20,000/- (Front) Rs.90,000/- (Back)

Display Classified (Monthyly) : Rs. 20,000/- (B/W) (5cm x 4 cm)

Strip (Monthly) : Rs. 95,000/- (Back Page, Colour) (5cm x a cm)
: Rs. 80,000/-(Inner, Colour) (Scm x 8 cm)
: Rs. 60,000/- (Inner, B/W) (5cm x 8 cm)

GST as Applicable

MECHANICAL DATA

| | |
|---|---|
| Print Area | H.52 cm x W. 33 cm |
| Column Height | 52 cm |
| Colum Width | 3.8 cm (One Column) |
| | 8 cm (Two Column) |
| | 12.2cm (Three Column) |
| | 16.3 cm (Four Column) |
| Ear Panel (Single) | (W.-9cm x H-7 cm) |
| Sky bus | (W·33cm x H- 5cm) |

Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, E-mail: odishabhaskaradvt@gmail.com

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଛତ୍ରପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୯୦ ତମ ଉତ୍କଳ ଦିବସ ସହ ନୂତନ ଶିକ୍ଷା ବର୍ଷର ପ୍ରଥମ ଦିନୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର କୋଷାଧକ୍ଷ ସିମାଞ୍ଚଳ ପାତ୍ର ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ବିନୋଦ କୁମାର ମିଶ୍ର ଓ ଆଚାର୍ଯ୍ୟ ରଶ୍ମିତା ଦାଶ ଉତ୍କଳ ଦିବସର ମହତ୍ୱ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିକ୍ଷାବର୍ଷ ୨୦୨୫-୨୬ ଶୁଭାରମ୍ଭ ନିମନ୍ତେ ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁଙ୍କ ପୌରହିତ୍ୟରେ ବିଦ୍ୟା ସଂସ୍କାର ଯଜ୍ଞ ଆୟୋଜନ କରାଯାଇଥିଲା। ଶିଶୁ ବାଟିକା ବିଭାଗର ନୂତନ ନାମଲେଖା ଶିଶୁଙ୍କ ପ୍ରଥମ ଦିନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ୬୦ଜଣ ନୂତନ ଶିଶୁ ଓ ସେମାନଙ୍କର ଅଭିଭାବକ ଉପସ୍ଥିତ ରହିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ସୀମାନ୍ତ ଜୁମଡାଙ୍ଗ ଗାଁରେ ଆନ୍ଧ୍ରର ଆଧିପତ୍ୟ



ମାଲକାନଗିରି, (ଭାସ୍କର ନ୍ୟୁଜ୍): କୋରାପୁଟର କୋଟିଆ ପରେ ମାଲକାନଗିରି ଜିଲ୍ଲାର ସୀମାନ୍ତ ଗ୍ରାମ ଜୁମଡାଙ୍ଗକୁ କବ୍ଜା କରିଛି ଆନ୍ଧ୍ରପ୍ରଦେଶ। ଗାଁ'ପିଲାଙ୍କୁ ତେଲୁଗୁ ଶିକ୍ଷକ ପାଠ ପଢ଼ାଉଥିବା ବେଳେ ବିଜୁଳି ଓ ପାଣି ମାଗଣାରେ ଯୋଗାଉଛି ଆନ୍ଧ୍ର। ଆବାସ ଓ ବାର୍ଦ୍ଧକ୍ୟଭତ୍ତା ପରି ସମସ୍ତ ସୁବିଧା ଦେଉଛି ଆନ୍ଧ୍ର, ଫଳରେ ଲୋକେ ଓଡ଼ିଶା ଛାଡ଼ି ଆନ୍ଧ୍ର ମୁହାଁ ହେଲେଣି। ଗଣମାଧ୍ୟମରୁ ଅବଗତ ହେବା ପରେ ଅନୁଧ୍ୟାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ। ଚିତ୍ରକୋଣ୍ଡା ବ୍ଲକ୍ ଧୂଳିପୁଟ ପଞ୍ଚାୟତର ଜୁମଡାଙ୍ଗ ଗ୍ରାମ। ଗ୍ରାମରେ ୫୦ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ। ପଞ୍ଚାୟତ ସଦର ମହକୁମାରୁ ଗାଁର ଦୂରତା ୧୦ କିମି। ପୂର୍ବରୁ ଗାଁକୁ ଯାତାୟାତ ପାଇଁ ରାସ୍ତା ନଥିଲା। ଦୁଇଟି ପାହାଡ଼ ଚଢ଼ି ଲୋକେ ଯାଉଥିଲେ। ମୌଳିକ ସୁବିଧା ସୁଯୋଗ ଯୋଗାଇବାରେ ଓଡ଼ିଶା ଅବହେଳା କରିବା ପରେ ଏହାର ଫାଇଦା ଉଠାଉଛି ଆନ୍ଧ୍ର। ଗାଁକୁ ଆନ୍ଧ୍ର ମାଗଣାରେ ବିଦ୍ୟୁତ୍ ସେବା ଯୋଗାଇବା ସହ ଝରଣା ପାଣିକୁ ସଂରକ୍ଷିତ କରି ଟାଙ୍କି ବସାଇ ଘରକୁଘର ଟ୍ୟାପ୍ ମାଧ୍ୟମରେ ପାଣି ଯୋଗାଇଦେଉଛି। ଆବାସ ଗୃହ ପାଇଁ ଗାଁର ୧୨ ଜଣଙ୍କୁ ୩ଲକ୍ଷ ୩୦ହଜାର ଟଙ୍କା ଲେଖାଏଁ ଅନୁଦାନ ସହ କାର୍ଯ୍ୟାଦେଶ ପ୍ରଦାନ କରିଛି। ଗୃହକାର୍ଯ୍ୟ ଆରମ୍ଭ କରି କିଛି ହିତାଧିକାରୀ କିସ୍ତି ଟଙ୍କା ମଧ୍ୟ ପାଇଲେଣି। ଏପରିକି ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୪ ହଜାର ଟଙ୍କା ସହ ପରିବାରକୁ ମାଗଣାରେ ୩୫ କିଲୋ ଚାଉଳ ମଧ୍ୟ ଦେଉଛି ଆନ୍ଧ୍ର। ଗାଁରେ ଆନ୍ଧ୍ର ପକ୍ଷରୁ ନିର୍ମାଣ ହୋଇଥିବା ସ୍କୁଲରେ ତେଲୁଗୁ ଶିକ୍ଷକ ପାଠ ପଢ଼ାଉଛନ୍ତି। ଫଳରେ ଗ୍ରାମର ପିଲାମାନେ ଓଡ଼ିଆ ବୁଝିପାରୁ ନଥିବା ବେଳେ ତେଲୁଗୁରେ ପଢ଼ିବା ସହ ଲେଖି ମଧ୍ୟ ପାରୁଛନ୍ତି। ଗ୍ରାମବାସୀଙ୍କ ପାଖରେ ରହିଛି ଉଭୟ ରାଜ୍ୟର ପରିଚୟ ପତ୍ର। କିନ୍ତୁ ଓଡ଼ିଶା ଅପେକ୍ଷା ଆନ୍ଧ୍ରରୁ ଅଧିକ ସୁବିଧା ସୁଯୋଗ ମିଳୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଆନ୍ଧ୍ରମୁହାଁ ହେଉଛନ୍ତି ଜୁମଡାଙ୍ଗ ଗ୍ରାମବାସୀ। ଓଡ଼ିଶା ପକ୍ଷରୁ କେବଳ ଗାଁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଇଛି। ତେବେ ଅଧପନ୍ତରିଆ ଅବସ୍ଥାରେ ରହିଛି ଅଙ୍ଗନବାଡ଼ି କେନ୍ଦ୍ର।

## ଚମ୍ପୁଆ ବସ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ନିର୍ବାଚନ ପାଇଁ ସଜବାଜ ଆରମ୍ଭ ହୋଇଥିଲା ବେଳେ ନୂତନ ସଭ୍ୟ ଗ୍ରହଣକୁ ନେଇ ଏହି ସଂଘ ଅଧୀନରେ ଥିବା ବସ ମାଲିକ ବର୍ତ୍ତମାନ ଦୁଇ ଗୋଷ୍ଠୀରେ ପରିଣତ ହୋଇ ଥାନା ଓ ପ୍ରଶାସନର ଦ୍ୱାରସ୍ଥ ହେବା ଘଟଣା ଏବେ ଆଲୋଚନାର ବିଷୟବସ୍ତୁ ହୋଇଛି। ଘଟଣାରୁ ପ୍ରକାଶ ଯେ, ସଂଘର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ପୁରିଯିବା ପରେ ସଂଘର ବାଇ ଲ ଅନୁସାରେ ନିର୍ବାଚନ କରି ନୂତନ କର୍ମକର୍ତ୍ତା ନିର୍ବାଚିତ ହେବା କଥା, ତେବେ ଏଥିସକାଶେ ଗତ ମାର୍ଚ୍ଚ ୧୬ତାରିଖରେ ସଂଘର ସାଧାରଣ ପରିଷଦ ବୈଠକରେ ଆସନ୍ତା ଏପ୍ରିଲ ୪ ତାରିଖରେ ନିର୍ବାଚନ କରିବାର ନିଷ୍ପତ୍ତି ନେଇ ପୁରୁଣା କମିଟିକୁ ଭାଙ୍ଗି ନିର୍ବାଚନ ପରିଚାଳନା ଓ ନୂତନ କମିଟି ଗଠନ ପର୍ଯ୍ୟନ୍ତ ସଂଘ ପରିଚାଳନା ପାଇଁ ଏକ ପାଞ୍ଚଜଣିଆ କମିଟି ଗଠନ କରାଯାଇଛି। ବର୍ତ୍ତମାନ ସଂଘରେ ୫୪ ଜଣ ବସ ମାଲିକ ସଦସ୍ୟ ରହିଥିବା ବେଳେ ଏହିମାନେ ହିଁ ନିର୍ବାଚନରେ ଭାଗ ନେଇପାରିବେ ଓ ନୂତନ ସଭ୍ୟ ଗ୍ରହଣ କରିବା କ୍ଷମତା କେବଳ ସଂଘର କାର୍ଯ୍ୟନିର୍ବାହୀ କମିଟି ଓ ପରେ ସାଧାରଣ ପରିଷଦର ଅଛି ବୋଲି ସଂଘର ପୂର୍ବତନ ସମ୍ପାଦକ ଓ ପାଞ୍ଚ ଜଣିଆ ପରିଚାଳନା କମିଟିର ସଦସ୍ୟ ଭୋଳାନାଥ ମହାନ୍ତ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପାଞ୍ଚଜଣିଆ କମିଟିରେ ଉଜ୍ଜ୍ୱଳ କୁମାର ସେଠୀ, ଉତ୍ତମ କର, ଭୋଳାନାଥ ମହାନ୍ତ, ଦିଲୀପ ମହାନ୍ତ ଓ ସୁମନ୍ତ ଗିରି ରହିଥିବା ଜଣାପଡିଛି। ଏହି ପାଞ୍ଚଜଣ ସଭ୍ୟଙ୍କ ମଧ୍ୟରେ ନୂଆ ସଦସ୍ୟ ନିଆଯିବାକୁ ନେଇ ଫାଟ ସୃଷ୍ଟି ହୋଇ ସଂଘ ଦୁଇ ଗୋଷ୍ଠୀରେ ପରିଣତ ହୋଇ ପ୍ରଥମେ ଚମ୍ପୁଆ ଥାନା, ଚମ୍ପୁଆ ଉପଜିଲ୍ଲାପାଳ ଓ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନିଜ ନିଜ ସପକ୍ଷରେ ଯୁକ୍ତି ଲିଖିତ ଭାବେ ଉପସ୍ଥାପିତ କରିଛନ୍ତି। ଇତିମଧ୍ୟରେ ଗତ ୧୬ ତାରିଖ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି ଯାହା ହୋଇଥିଲା ତା ବ୍ୟତୀତ ଆହୁରି ପରେ ଗୋଟେ ଗୋଷ୍ଠୀ ନିଜକୁ ସୁହାଇଲା ଭଳି ରିଜୋଲୁସନ କରିବା ଅଭିଯୋଗ କରିଥିଲେ ଓ ଏଥିରେ ସଭାପତି ଏମ୍.ଡି ଇଶ୍ରାଲ ଅଲ୍ଲୀ ନିଜେ ଦସ୍ତଖତ କରିନାହାନ୍ତି କହି ରିଜୋଲୁସନ ଖାତାଟିକୁ ସଭାପତି ନେଇଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ମଧ୍ୟ ଦୁଇଗୋଷ୍ଠୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା ଓ ଅଭିଯୋଗ ଆଧାରରେ ଗତ ମାର୍ଚ୍ଚ ୨୭ତାରିଖ ଚିଠି ନମ୍ବର ୩୩୭ ଅନୁସାରେ ସଂଘର ବାଇ ଲ ଅନୁଯାୟୀ ନିର୍ବାଚନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ୫ ଜଣିଆ ପରିଚାଳନା କମିଟିର ବୈଠକରେ ନୂତନ ସଦସ୍ୟ ଗ୍ରହଣ ପାଇଁ ଗୋଟିଏ ଗୋଷ୍ଠୀ ଜିଦ ଧରିଥିଲା ବେଳେ ଅନ୍ୟ ଏକ ଗୋଷ୍ଠୀ ନୂତନ ସଭ୍ୟ ସଂଗ୍ରହ ବାଇ ଲ ଅନୁଯାୟୀ ଗ୍ରହଣ କରାଯାଇପାରିବ ନାହିଁ ଓ ବର୍ତ୍ତମାନ ସଂଘର ୫୪ ସଭ୍ୟଙ୍କ ମଧ୍ୟରେ ନିର୍ବାଚନ କରିବାକୁ ଅଡ଼ି ବସିବାରୁ ଏହି ବିଷୟ ପୁଣି ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ବାଇ ଲ ଅନୁଯାୟୀ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେବାପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ବାଇ ଲ ଅନୁସାରେ ନିୟମକୁ ମାନି ନିର୍ବାଚନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଟଣାଓଟରା ମଧ୍ୟରେ ଏପ୍ରିଲ ୪ ତାରିଖ ସୁଦ୍ଧା ନିର୍ବାଚନ ହେବା ସମ୍ଭବ ନୁହେଁ ବୋଲି କିଛି ସଦସ୍ୟ କହୁଥିଲା ବେଳେ ନିର୍ବାଚନ ବିଳମ୍ବ ହେବା ନିଶ୍ଚିତ ବୋଲି ସେମାନେ କହିଛନ୍ତି ଓ ନିର୍ବାଚନ ଆସିଲେ ସବୁଥର ଏହିପରି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୁଏ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଶାଳ ଚଉକାଠ ବୋଝେଇ ପିକପ୍ ଜବଦ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ବିଶେଷ ସୂତ୍ରରୁ ଖବର ପାଇ ରୁଗୁଡିବେଡା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ଏକ ଶାଳ ଚଉକାଠ ବୋଝେଇ ପିକଅପ୍ ଜବଦ କରି ଠାକୁରମୁଣ୍ଡା ବନବିଭାଗ କାର୍ଯ୍ୟାଳୟକୁ ଆଣିଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ବିଶେଷ ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ରୁଗୁଡିବଡା ଗ୍ରାମ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ଜଗି ରହିଥିଲେ। ଗାଡ଼ିକୁ ଅଟକାଇ ତଲାସୀ କରିବାରୁ ୩୪ ପିସ୍ ଶାଳ ଚଉକାଠ ଦେଖିବାକୁ ପାଇଥିଲେ। ଲୋକ ଭିଡ଼ର ସୁଯୋଗ ନେଇ ପିକଅପର ଡ୍ରାଇଭର ଦୌଡ଼ି ପଳାଇ ଯାଇଥିଲା। ଘଟଣା ସ୍ଥଳରୁ ବନବିଭାଗ ଗାଡ଼ିକୁ ଜବଦ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଜାରି ରଖିଛନ୍ତି। ଏହି ଚଢ଼ାଉରେ ଠାକୁରମୁଣ୍ଡା ଫରେଷ୍ଟର ବିଦ୍ୟାଧର ମହାନ୍ତ, ପ୍ରଦିପ କିଶୋର ହାଇବ୍ରୁରୁ, ଚନ୍ଦ୍ରଭାନୁ ମହାନ୍ତ, ବନରକ୍ଷୀ ବିକାଶ ମହାନ୍ତ, ଗାୟତ୍ରୀ ମହାନ୍ତ, ଏବଂ ସମସ୍ତ କର୍ମଚାରୀ ସାମିଲ ଥିଲେ। ୩୪ ପିସ୍ ଶାଳ ଚଉକାଠର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କା ହେବ ବୋଲି ବନବିଭାଗ ସୂଚନା ଦେଇଛି।

## ଘର ମାଲିକଙ୍କ ସନ୍ଦେହଜନକ ମୃତ୍ୟୁ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଲନଗର ଛକରେ ଥିବା ଘର ମାଲିକ ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ସୋମବାର କେନ୍ଦ୍ରାପଡ଼ାରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ମାମଲାରେ ସନ୍ଦେହରେ ଥିବା ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁଙ୍କୁ ଜେରା କରିବା ପାଇଁ କ୍ରାଇମବ୍ରାଞ୍ଚ ଦଳ ଖୋଜିଥିଲେ ମଧ୍ୟ ସେ କେଉଁଆଡେ ଫେରାର ହୋଇଯାଇଥିଲେ। ଫଳରେ କ୍ରାଇମବ୍ରାଞ୍ଚ ଦଳ ଯେଉଁ ସ୍ଥାନରେ ପବିତ୍ର ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା ସେଠାରେ ଯାଞ୍ଚ କରିଥିଲେ। ଏହା ସହ ସରୋଜ ଏବେ ଯେଉଁଠାରେ ରହୁଛନ୍ତି ସେ ସ୍ଥାନକୁ ଯାଇଥିଲେ। ହେଲେ ତାଙ୍କୁ ପାଇ ନଥିଲେ। ସୂଚନା ଥାଉକି ୨୦୨୨ ମସିହା ମାର୍ଚ୍ଚ ମାସ ୨୫ ତାରିଖରେ ପ୍ରଧାନଙ୍କ ନିଜ ଘରେ ମୃତ୍ୟୁ ଘଟିଥିଲା। ପ୍ରଧାନ ଉପର ମହଲାରେ ରହୁଥିବା ବେଳେ ସରୋଜ ସେହି ଅଟାଳିକାର ତଳ ମହଲାରେ ରହୁଥିଲେ। ମାର୍ଚ୍ଚ ୨୫ ତାରିଖ ରାତିରେ ସରୋଜ ସାହୁ, ତାଙ୍କ ଡ୍ରାଇଭର ପବିତ୍ରଙ୍କୁ ନେଇ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଯାଇଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ପବିତ୍ରଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତେଣୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପବିତ୍ରଙ୍କ ପୁଅ ଉତ୍କଳ କେଶରୀ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। କାରଣ ପବିତ୍ରଙ୍କ ଶରୀରରେ ୧୭ଟି କ୍ଷତ ଚିହ୍ନ ରହିଥିଲା। ହେଲେ ସେତେବେଳେ ପୋଲିସ ସରକାରୀ ଦଳର ଜଣେ ମନ୍ତ୍ରୀଙ୍କ ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ତେଣୁ ପୋଲିସ ଉପରୁ ଭରଷା ତୁଟାଇ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ମୂଳଲକ୍ଷ୍ୟ ହେଲା ସମଗ୍ର ଓଡ଼ିଶାରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ମାଗଣାରେ ଦିଆଯିବ। ଆଗରୁ କେବଳ ମଧ୍ୟାହ୍ନ ଭୋଜନ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିଲା। ଏହି ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଲାଗୁ ହେବା ଫଳରେ ଅନେକ ଗରିବ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ପାଇଁ ରନ୍ଧା ହୋଇଥିବା ଖାଦ୍ୟ ସ୍ୱାଦିଷ୍ଟ ହୋଇଛି କି ନାହିଁ ଜାଣିବା ପାଇଁ ମନ୍ତ୍ରୀ ଛାତ୍ରୀମାନଙ୍କ ସହିତ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏହା ପରେ ମନ୍ତ୍ରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଠାରେ ମାଣ୍ଡିଆ ଲଡୁ ବଣ୍ଟନ କରିଥିଲେ। ଆଜିଠାରୁ ସପ୍ତାହର ତିନିଦିନ ପ୍ରତ୍ୟେକ ସରକାରୀ ସ୍କୁଲରେ ଏହି ମାଣ୍ଡିଆ ଲଡୁ ଦିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଓ ଅନେକ ବିଜେପି କର୍ମୀ ଯୋଗ ଦେଇଥିଲେ।

## ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଓ.ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି




କୋଇଡା, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିଳ୍ପପତି ଏବଂ ଓ.ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବାଉଜୀ ଭାବେ ବେଶ ଲୋକପ୍ରିୟ ଓମ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୂଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ଶ୍ରଦ୍ଧାର ସହ ପାଳିତ ହୋଇଛି। ମାର୍ଚ୍ଚ ୩୧ ତଥା ତାଙ୍କ ପୂଣ୍ୟ ତିଥିରେ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଣ୍ୟତିଥି ପାଳନ ଅବସରରେ କଲୋନି ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ.ଡି, କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ଟେନସା ମାଇନ୍ସ ୟୁନିଟ ହେଡ୍ ରଘୁରାଜ ରଘୁବଂଶୀ ଓ ଏଚଆର ଏଣ୍ଡ.ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପୂଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିନ୍ଦଲ ନଗରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଓପି ଜିନ୍ଦଲଙ୍କ ସ୍ମୃତିଚାରଣ କରିଥିଲେ। ସମସ୍ତ ୩ଟି ୟୁନିଟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ପେଲେଟ ପ୍ଲାଣ୍ଟ ଓ କାଶିଆ ମାଇନ୍ସରେ କେନ୍ଦୁଝର ଓ ଟେନସା ମାଇନ୍ସରେ ସୁନ୍ଦରଗଡ଼ ଜିଲ୍ଲା ବ୍ଲଡ଼ବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୩ଶହରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କର୍ମଚାରୀଙ୍କ ସମେତ ପାରିପାର୍ଶ୍ୱିକ ଅଞ୍ଚଳର ଲୋକେ ମଧ୍ୟ ଉତ୍ସାହର ସହ ରକ୍ତଦାନ କରିଥିଲେ। ସମାଜ ପ୍ରତି ଜିନ୍ଦଲ ଷ୍ଟିଲର ଉତ୍ତର ଦାୟିତ୍ୱ ଏହି ଶିବିର ମାଧ୍ୟମରେ ପ୍ରତିଫଳିତ ହୋଇଥିଲା। ସେହିପରି ଲେଡିଜ କ୍ଲବ ପକ୍ଷରୁ ଟାଉନସିପରେ ଏକାଧିକ ସ୍ମୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀ ଓ ବିଜନେସ ଆସୋସିଏଟ୍ସ ସାମିଲ ହୋଇଥିଲେ। ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଶ୍ରୀ ଓପି ଜିନ୍ଦଲଙ୍କୁ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଶାନ୍ତ ହୋତା, ପ୍ରେସିଡେଣ୍ଟ ଓ ଗ୍ରୁପ ହେଡ୍ ସିଏସଆର, ମେକ୍ ଇନ ଇଣ୍ଡିଆର ଭିତ୍ତିଭୂମି ପ୍ରତିଷ୍ଠା ତଥା ଶିଳ୍ପ ପ୍ରତିଷ୍ଠା ଦ୍ୱାରା ସାମଗ୍ରିକ ସାମାଜିକ ବିକାଶ କ୍ଷେତ୍ରରେ ଓପି ଜିନ୍ଦଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓମପ୍ରକାଶ ଜିନ୍ଦଲ (୭, ଅଗଷ୍ଟ ୧୯୩୦- ମାର୍ଚ୍ଚ ୩୧, ୨୦୦୫) ହରିୟାଣାର ହିସାରରେ ଜନ୍ମଲାଭ କରିଥିଲେ। ସେ ଜିନ୍ଦଲ ଗ୍ରୁପ୍ ଅଫ୍ କମ୍ପାନିର ପ୍ରତିଷ୍ଠା କରିଥିଲେ ଏବଂ ଏହାର ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଶିଳ୍ପ ଜଗତର ଜଣେ ମାର୍ଗ ଦର୍ଶକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଭାରତୀୟ ଇସ୍ପାତ ଶିଳ୍ପ ପ୍ରତି ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ବେଙ୍ଗଲ ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ୨୦୦୪ ନଭେମ୍ବରରେ ତାଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ୟବସାୟ ବ୍ୟତିରେକ ସେ ଜନସେବାରେ ମଧ୍ୟ ନିଜକୁ ବ୍ରତୀ କରିଥିଲେ। ହରିୟାଣା ବିଧାନସଭା ତଥା ସଂସଦକୁ ନିର୍ବାଚିତ ହୋଇଥିଲେ। ସେ ଶକ୍ତିମନ୍ତ୍ରୀ ଭାବେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ

## ବିଜେଡ଼ି ପକ୍ଷରୁ ଉତ୍କଳ ଦିବସ

ନିଆଳି, (ଭାସ୍କର ନ୍ୟୁଜ୍): ଉତ୍କଳ ଦିବସ ଉପଲକ୍ଷେ ନିଆଳି ଉଚ୍ଚ ବିଦ୍ୟାୟରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ, ଜାତୀୟ ପତାକା ଉତ୍ତଳନ, ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ, ଆଲୋଚନା ଚକ୍ର ଓ ପିଲାମାନଙ୍କୁ ରାଶି ଲଡୁ ଓ ବାଦାମ ଲଡୁ ପ୍ରଦାନ କରାଯାଇଥିଲା। ନିଆଳି ସ୍କୁଲ୍ ପଡିଆ ପାଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ପରିସର ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବିଲାଶୁଣି ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ




ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ବିଜୁ ଜନତା ଦଳ ନିଆଳି ଯୁବ ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ଛାତ୍ର ସଭାପତି ଅଜୟ ସ୍ୱାଇଁ, କସର୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ସମିତି ସଭ୍ୟ ସମ୍ପଦ ମହାନ୍ତି, ବରିଷ୍ଠ କର୍ମୀ ଅତୁଲ୍ୟ ଜେନା, ପ୍ରମୋଦ କୁମାର ବେହେରା, ପ୍ରଦୀପ ଦାସ, ଚିତ୍ତରଞ୍ଜନ ପ୍ରଧାନ, ଶେଖ୍ ହୁମାୟୁନ, ଉମେଶ ସିଂହ, ଲିଟୁ ସିଂହ ବିଶ୍ୱଜିତ୍ ଜେନା ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସମ୍ବାଦ ସାହିତ୍ୟଘର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ସମ୍ବାଦ ସାହିତ୍ୟଘର ପକ୍ଷରୁ ମଙ୍ଗଳବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତିହିଡ଼ି ସୈନିକ ସ୍କୁଲ ପରିସରେ ସାହିତ୍ୟଘର ଆବାହକ ପ୍ରଭାତ କୁମାର ରାଉଳଙ୍କ ଆବାହକତ୍ୱ ଏବଂ ସଭାପତି ଶଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ନାରାୟଣ ଚନ୍ଦ୍ର ବାରିକ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ. ବିଶ୍ୱରଂଜନ ଦାସ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି, କବି ସଂଜିତ କୁମାର ବଳ ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଶୁବ୍ରତ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ କବି ଆଇନଜୀବୀ ନୀଳମାଧବ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ତପୁନ କୁମାର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନିର୍ମଳ ଚନ୍ଦ୍ର ଦଳେଇ, ପି. ହୃଷିକେଶ, ବିଶ୍ୱମୈତ୍ରୀ ନାୟକ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଶଶିକାନ୍ତ ବେହେରା, ବାବୁରାମ ରାଉତ, ବସନ୍ତ ଦାସ, ଆଶୁତୋଷ କରଣ, ସୁଧାରଂଜନ ମହାନ୍ତି, ସୁବାସ ଦାସ, ବିଶ୍ୱଜିତ ବେହେରା, ନିରଞ୍ଜନ ବାରିକ, ବିଷ୍ଣୁ ବିହାରୀ ସାହୁ, ଅକ୍ଷୟ କୁମାର ଦାସ, ନରହରି ନାୟକ, ପୀତାମ୍ବର ସେଠୀ, ରୁବିଲତା ଦାସ, ରୀନାରାଣୀ ପାତ୍ର, ତ୍ରିଲୋଚନ ଗୌତମ, ହରିହର ମଳିକ, ବେଣୁଧର ଦାସ, ଲକ୍ଷ୍ମୀକାନ୍ତ ଗିରି, ନୀଳାମ୍ବର ସେଠୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଶୁଭଲକ୍ଷ୍ମୀ ମାହୁନ୍ତ, ଶୁଭଶ୍ରୀ ଦାସ, ଶୁଭଲକ୍ଷ୍ମୀ ଦାସ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏଥିରେ ବହୁ କବି ଓ ସାହିତ୍ୟିକ ଯୋଗ ଦାନ କରିଥିଲେ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସଞ୍ଜୀବ କୁମାର ମହାନ୍ତି ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ସ୍ୱାମୀ ବିବେକାନନ୍ଦ, ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଦୀନବନ୍ଧୁ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଡ. ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ଓ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ କିଭଳି ଗଠନ ହୋଇଥିଲା ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲି, ପ୍ରଫେସର ନନ୍ଦକିଶୋର ପରିଡା, ଅଧ୍ୟାପକ ଅଶୋକ କୁମାର ଦାସ, ରମାନାଥ ମହାନ୍ତି, ଡ. ଦେବକାନ୍ତ ଷଡଙ୍ଗୀ, ଦୀପା ସେନାପତି, ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଶାରଦାରେ ଉତ୍କଳ ଦିବସ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ପବିତ୍ର ଉତ୍କଳ ଦିବସ ମଙ୍ଗଳବାର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସାହ ସହକାରେ ପାଳନ କରାଯାଇଛି। ଉକ୍ତ ଉତ୍ସବକୁ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସମ୍ପାଦକ ପବନ କୁମାର ନାୟକ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଗୁରୁମା ସ୍ନେହଲତା ମହାନ୍ତି ଓ ରୀନାରାଣୀ ପଣ୍ଡାଙ୍କ ସଂଯୋଜନାରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଶ୍ମିତା ବେହେରା, ମଧୁସ୍ମିତା ରାଉତ ଓ ସୁଦେଷ୍ଣା ପାତ୍ରଙ୍କ ସଂଯୋଜନାରେ ଓଡ଼ିଶା ମାନଚିତ୍ର ଓ ଉତ୍କଳର ବରପୁତ୍ରମାନଙ୍କ ଚିତ୍ର ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ମୋ ଓଡ଼ିଶା, ସୁନ୍ଦର ଓଡ଼ିଶା' ପ୍ରତିଯୋଗୀତାରେ ପ୍ରିୟଙ୍କା ସେନାପତି, ସାଇକ୍ରିଷ୍ଟା ଧଳ, ସ୍ମୃତିରେଖା ବେହେରା, ସୁଚିତ୍ରା ସ୍ୱରୂପା ସାହୁ ଓ ଲୋହିତ କୁମାର ରାଉତ ପୁରସ୍କୃତ ହୋଇଥିଲେ। 'ଓଡ଼ିଆ ଅସ୍ମିତା' ଶିର୍ଷକ ଭାଷଣ ପ୍ରତିଯୋଗିତାରେ ଆଦ୍ୟାଶା ବେହେରା, ଗୌତମ ସାହୁ ଓ କୁମୁଦିନୀ ପଣ୍ଡା ପୁରସ୍କୃତ ହୋଇଥିଲେ। 'ମୁଁ ଖାଣ୍ଟି ଓଡ଼ିଆ' ବେଶ ପ୍ରତିଯୋଗିତାରେ ଶୁଭଲକ୍ଷ୍ମୀ ପାତ୍ର, ତୃପ୍ତି ସ୍ୱାଇଁ, ଅଙ୍କିତା ପ୍ରିୟଦର୍ଶିନୀ, ଅରିଜିତ ରାଉତ ଓ ଭୂମିକା ଦାସ ପୁରସ୍କୃତ ହୋଇଥିଲେ। ଏଥିସହ ଭାଗବତ ପାଠ ସହ ଟଙ୍କତୋରାଣୀ ବଣ୍ଟନ କରାଯାଇଥିଲା। ଲାବଣ୍ୟବତୀ ସାହୁ, କୁଞ୍ଜଲତା ସେନାପତି, ସୁସ୍ମିତା ସ୍ୱାଇଁ, ପ୍ରଭାତୀ ବାହାଳିଆ, ହରପ୍ରିୟା ପାଣିଗ୍ରାହୀ, ସୁଶାନ୍ତ ସେନାପତି, ଚିତ୍ତରଞ୍ଜନ ନାୟକ, ଅଜୟ ରାଉତ, ଦିଲ୍ଲିପ ଜେନା ପ୍ରମୁଖ ଗୁରୁମା ଓ ଗୁରୁଜୀ ଉତ୍ସବ ପରିଚାଳନା କରିଥିଲେ।

## ପୁରୁଷୋତ୍ତମପୁର ଏନ୍‌ଏସି



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନ୍‌ଏସିରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସିର ବରିଷ୍ଠ କର୍ମଚାରୀ ତଥା ଲାଇବ୍ରେରିଆନ୍ ଅନୁପ କୁମାର ପାଢ଼ୀ ଓ ବଳରାମ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପ୍ରଥମେ ଅଫିସ ଗୃହରେ ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ମୁଖ୍ୟ ବଜାର ସ୍ଥିତ ମହାତ୍ମା ଗାନ୍ଧୀ ଓ ପାଣ୍ଡିଆ ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯେଉଁ କେତେଜଣ କ୍ଷଣ ଜନ୍ମା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ମୁଖ୍ୟ ବିପ୍ଳବର କର୍ଣ୍ଣଧାର ସାଜି ଉତ୍କଳ ସମ୍ମିଳନୀ ଗଠନ କରି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଆଣିଥିଲେ ସେହି ବୀର ସ୍ୱାଧୀନତା ପ୍ରେମୀମାନଙ୍କୁ ଆଜିର ଦିନଟି ସାରା ରାଜ୍ୟବାସୀ ମନେପକାଇ ପାଳନ କରାଯାଉଅଛି ବୋଲି ଅଧ୍ୟକ୍ଷ ପଣ୍ଡା ଉଦବୋଧନ ଦେଇଥିଲେ। ପରିଷଦର କାଉନସିଲର ଭାସ୍କର ବେହେରା, ଅଶୋକ କୁମାର ମହାକୁଡ଼, କେ ପ୍ରମୋଦ କୁମାର ଆଚରି, ଭବାନୀ ଶଙ୍କର ନାହକ, କାଉନସିଲର ପ୍ରତିନିଧି ବୀପ୍ର ବେହେରା, ଲୋକନାଥ ବେହେରା ଯୋଗଦେଇ ମହାପୁରୁଷମାନଙ୍କୁ ଦୀପ ପ୍ରଜ୍ୱଳନ କରି ପୁଷ୍ପଗୁଚ୍ଛ ଦେଇ ପାଳନ କରିଥିଲେ। ଏଥିରେ ଏନଏସିର ସ୍ୱଚ୍ଛ ସାଥୀ ଓ ସ୍ୱୟଂସହାୟିକା ଗୋଷ୍ଠୀମାନେ ଉପସ୍ଥିତ ରହି ଦିବସକୁ ପାଳନ କରିଥିଲେ।

## ଜାଭିୟର ଇଣ୍ଟରନେସନାଲ ସ୍କୁଲ୍




ଆଳି, (ଭାସ୍କର ନ୍ୟୁଜ୍): ନିଆଳିସ୍ଥିତ ଜାଭିୟର ଇଣ୍ଟରନେସନାଲ ବିଦ୍ୟାଳୟ ପ୍ରେକ୍ଷାଳୟରେ ଉତ୍କଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୃତ୍ୟ, ଗୀତ, ସଙ୍ଗୀତ କାର୍ଯ୍ୟକ୍ରମ ସହିତ ଓଡ଼ିଶାର ଖାଦ୍ୟପେୟର ପର୍ବ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ମାନସୀ ସାହୁ, ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା, ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଓ ଶିକ୍ଷା ଉପଦେଷ୍ଟା ଅଧ୍ୟାପକ ଅର୍ଜୁନ ବିଶ୍ୱାଳ ଉତ୍କଳ ଦିବସ ପାଳନ କରିବାର ଆଭିମୁଖ୍ୟ ବିଷୟରେ ନିଜନିଜ ଅଭିମତ ରଖିଥିଲେ। ବିଦ୍ୟାଳୟର ପ୍ରଶାସକ ସ୍ୱାଧୀନ ଦାସ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଶୁଭଶ୍ରୀ ଆଚାର୍ଯ୍ୟ, ଅର୍ପିତା ରାୟ, ସଞ୍ଜିବନି ପରିଡ଼ା ଓ ସ୍ୱପ୍ନା ପ୍ରିୟଦର୍ଶନୀ ପ୍ରଧାନ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଓଡ଼ିଆ ଖାଦ୍ୟପେୟ ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଲ୍ଲବୀ ରାଉତ ଦ୍ୱାରା ଆୟୋଜନ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ମାଲକାନଗିରି, (ଭାସ୍କର ନ୍ୟୁଜ୍): ନକ୍ସଲଙ୍କୁ ଦମନ କରିବାରେ ପୁଲିସ ଆଉ ପାଦେ ଆଗେଇଛି। ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଠାରୁ ଗୋଲାପାଲୀ ରାସ୍ତାର ଉସକାବାୟା ଠାରେ ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ନକ୍ସଲଙ୍କୁ ଘରକୁ ଫେରିଆସ ଯୋଜନାରେ ଏହି କ୍ୟାମ୍ପ କରାଯାଇଥିବା ପୁଲିସ କହିଛି। କୋଣ୍ଟା ଠାରୁ ଗୋଲାପାଲି ଏବଂ କିଷ୍ଟାରାମକୁ ଯାଉଥିବା ରାସ୍ତା ଏବେ ନକ୍ସଲ ମୁକ୍ତ ହୋଇଛି। କୋଣ୍ଟା ଠାରୁ କିଷ୍ଟାରାମ ଯିବା ପାଇଁ ୧୦୦ କିମି ଦୂର ପଡୁଥିଲା। ଏହି ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ କୋଣ୍ଟାରୁ କିଷ୍ଟାରାମ ମାତ୍ର ୪୦ କିମି ଦୂର ପଡ଼ିବା ସରକାର କୋଣ୍ଟାରୁ କିଷ୍ଟାରାମ ପର୍ଯ୍ୟନ୍ତ ଏକ ନୂତନ ସଡ଼କ ନିର୍ମାଣ କରିବେ ଏହି ଅଞ୍ଚଳରେ ନକ୍ସଲଙ୍କ ଗତିବିଧି ବଢୁଥିବା ବେଳେ ଏଥିରେ ଅଙ୍କୁଶ ଲାଗିବ ବୋଲି ପୁଲିସ କହିଛି। ଏହି ଅଞ୍ଚଳର ଲୋକେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ବର୍ତ୍ତମାନ ଯୋଗ୍ୟ ହିତାଧିକାରୀ ସମସ୍ତ ଯୋଜନାରେ ସାମିଲ ହୋଇପାରିବେ। ୨୦୨୪ ମସିହାରୁ ଆଜି ପର୍ଯ୍ୟନ୍ତ ସୁକମା ଜିଲ୍ଲାରେ ୧୨ଟି ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇସାରିଲାଣି। ସୁକମାରେ ୨୦୨୪ରୁ ଆଜି ପର୍ଯ୍ୟନ୍ତ ୩୭୬ ଜଣ ନକ୍ସଲ ଆତ୍ମସମର୍ପଣ କରି ସାରିଲେଣି। ଏହି କ୍ୟାମ୍ପ ପ୍ରତିଷ୍ଠା ପରେ ଏହି ଅଞ୍ଚଳର ନକ୍ସଲ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ପୁଲିସ ଆଶା ଓ ବିଶ୍ୱାସ ରଖିଛି।

# ଜିଲ୍ଲା ସ୍ତରୀୟ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ାରେ ୯୦ତମ ଜିଲ୍ଲା ସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜଜାଙ୍ଗ ସ୍ଥିତ ପୋଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପ୍ୟାରେଡ଼ରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ କଟାରିଆ ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ ବାର୍ତ୍ତାକୁ ପାଠ କରିବା ପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥି ସହିତ ଗତ ୨୦୨୪ ମସିହାରେ କେନ୍ଦ୍ରାପଡ଼ା ପୋଲିସ ଜିଲ୍ଲାର ଶ୍ରେଷ୍ଠ ପୋଲିସ ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ମହାଳିକ, ଶ୍ରେଷ୍ଠ ଏ.ଏସ.ଆଇ. ଅକ୍ଷୟ କୁମାର ନାୟକ, ଶ୍ରେଷ୍ଠ ହାବିଲଦାର ଜୁଏଲ କଣ୍ଡୁଲାନା, ଶ୍ରେଷ୍ଠ ଓ.ଆର. କନେଷ୍ଟବଳ ବିଶ୍ୱଜିତ ବେଉରା, ଶ୍ରେଷ୍ଠ ଏ.ପି.ଆର. କନେଷ୍ଟବଳ ନିଗମାନନ୍ଦ ନାୟକ ଏବଂ ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ରାଜେଶ କୁମାର ସେଠୀଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି ପ୍ୟାରେଡ଼କୁ ପରିଚାଳନା କରିଥିବା ବେଳେ ସବ ଇନ୍ସପେକ୍ଟର ପୋଲିସ (ଆର୍ମଡ଼) ଅକ୍ଷୟ ଘଡ଼େଇ ଏଥିରେ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ ଓ ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ସଦରଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାତି ଅଧରେ ଘରେ ପଶି ଆକ୍ରମଣ

## ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ

## ଜାତିଆଣା ଆକ୍ଷେପ କରାଯାଇ ଥିବାର ଥାନାରେ ଅଭିଯୋଗ

## ମାମଲାରେ ଜଣେ ଅଟକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା କେଣ୍ଡାଳୋ ଗ୍ରାମ ପଂଚାୟତ ମଲ୍ଲିପୁର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ରାଜନୈତିକ ନେତାଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା କେତେକ ବ୍ୟକ୍ତି ବିଶେଷ ମାରଣାସ୍ତ୍ରରେ ଜଣେ ଦଳିତ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଏପରିକି ଏହି ପରିବାରକୁ ଜାତିଆଣା ଆକ୍ଷେପ କରାଯାଇ ଥିବାର ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଥାନା ପୋଲିସ ଗତକାଲି ରାତିରେ ସ୍ଥାନୀୟ ଜଣେ ଲୋକପ୍ରତିନିଧିଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଜଣେ ବ୍ୟକ୍ତିଙ୍କୁ ଧରିଆଣି ତଦନ୍ତ ଜାରି ରଖିଥିବାର ଥାନା ଆଇଆଇସି ଯୁଗଳକିଶୋର ଦାସଙ୍କ ସୂତ୍ରରୁ ପ୍ରକାଶ। ଗତ ୨୮ତାରିଖ ରାତ୍ରର ବିଳମ୍ବିତ ପ୍ରହରରେ ମଲ୍ଲିପୁର ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଘରେ ୧୦-୧୫ଜଣ ବ୍ୟକ୍ତି ହାତରେ ମାରଣାସ୍ତ୍ର, ଲୁହାରଡ ଓ ବନ୍ଧୁକ ଭୁଜାଲି ଫାର୍ସା ଧରି ତାଙ୍କ ଘରର କବାଟ ବାଡେଇଥିଲେ। ଏପରିକି ତାଙ୍କ ପରିବାର ବର୍ଗଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଘରର ମହିଳା ମାନଙ୍କୁ ମଧ୍ୟ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ଘରର ମହିଳା ମଞ୍ଜୁଲତା ବେହେରାଙ୍କୁ ଧକ୍କା ମାରି ପିନ୍ଧିଥିବା ବସ୍ତ୍ରକୁ ଟଣାଓଟରା କରିଥିଲେ। ଏପରିକି ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ତେବେ ମହିଳାଙ୍କ ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଦୌଡି ଆସି ମହିଳାଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ମହିଳାଙ୍କ ସ୍ୱାମୀ ଓ ପୁତ୍ରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ମହିଳାଙ୍କ ସ୍ୱାମୀ ଓ ପୁତ୍ରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ତାଙ୍କର ସ୍ଥାନୀୟ ମାଳିଆଛକରେ ଥିବା ଏକ ଟେଣ୍ଟ ହାଉସକୁ ପୋଡି ଦେଇଥିବାର ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ତାଙ୍କର ବହୁ ସାମଗ୍ରୀ ପୋଡି ଯାଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ମଞ୍ଜୁଲତା ବେହେରା ନିଶ୍ଚିନ୍ତକୋଇଲି ଥାନାରେ ଗତ ୨୯ ତାରିଖ ଦିନ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଗତକାଲି ରାତ୍ରରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଚଢାଉ କରି ସ୍ଥାନୀୟ କୁଳସୁକରପଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ତାଙ୍କ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିବାର ଜଣାଯାଇଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ଥାନୀୟ ଜନପ୍ରତିନିଧିଙ୍କ ଏକାନ୍ତ ଅନୁଗତ ବୋଲି ଜଣାଯାଇଛି। ତେବେ ଓଡ଼ିଶା ପ୍ରସିଦ୍ଧ ଅସୁରେଶ୍ୱର ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଶ୍ରୀରାମ ନବମୀ ଯାତ୍ରା ଆଉମାତ୍ର ୫ଦିନ ଥିଲା ବେଳେ ଏଠାରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିବାରୁ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷରେ ଗିରଫ ଭୟରେ ଅନ୍ୟ ବ୍ୟକ୍ତିମାନେ ଫେରାର ହୋଇଯାଇ ଥିବାର ଜଣାଯାଇଛି।

# କଳସୀ ମା' ଠାକୁରାଣୀଙ୍କ ଆରମ୍ଭ ହେଲା ଗ୍ରାମ ପରିକର୍ମା



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ମାଆ କଳସି ଠାକୁରାଣୀଙ୍କ ଗ୍ରାମ ପରିକର୍ମା ଆରମ୍ଭ ହୋଇଯାଇଛି। ମଙ୍ଗବାରଠାରୁ ଠାରୁ ଆରମ୍ଭ ହୋଇଥିବା ଏହି ପରୀକର୍ମା ରେ କଳସ ସ୍ଥାପନ ସହ ଗ୍ରାମ ର ପ୍ରତେକ ସାହି ବୁଲି ମା କଳସୀ ଗୁଡ଼ି ଠାକୁରାଣୀ ପୂଜା ପାଇଥାନ୍ତି। ମା'ଙ୍କ ଗ୍ରାମ ପରୀକର୍ମା ମଙ୍ଗଳବାର ଅର୍ଥାତ୍ ୧ ଏପ୍ରିଲ୍ ଠାରୁ ମା'ଙ୍କ ଗ୍ରାମ ପରିକର୍ମା ଆରମ୍ଭ ହୋଇ ଏପ୍ରିଲ ମାସ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ୮ତାରିଖ ଦିନ ମା' ନିଜର ସ୍ଥାନକୁ ଫେରି ସେଠାରେ ଥିବା କଳସୀ ଗୁଡ଼ି ପଡିଆ ଠାରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ। ଏହି ମଣ୍ଡେଇ ଯାତ୍ରା ପରମ୍ପରା ଅନୁଯାୟୀ ପ୍ରତେକ ବର୍ଷ ଚଳିଆସୁଅଛି। ମଣ୍ଡେଇ ଯାତ୍ରା ରେ ଛତିଶ ଗଡ଼ ରୁ ଆରମ୍ଭ କରି ଆନ୍ଧ୍ର ପ୍ରଦେଶ ତଥା ସ୍ଥାନୀୟ ଅଂଚଳର ବହୁ ବ୍ୟବସାୟୀ ଆସି ପସରା ମେଳାଇ ଥାଆନ୍ତି। ଏହି ଅବସରରେ ସ୍ଥାନୀୟ ଯୁବ ସମାଜ, ଭିତର ଗଡ ଯୁବକ ସଂଘ ଏବ ସମସ୍ତଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳା ସହ ପାଳନ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଛି। ଚଳିତ ବର୍ଷ ଏହି କମିଟି ରେ ସଭାପତି ଭାବେ ଦେବେନ୍ଦ୍ର ମିଶ୍ର ସଂପାଦକ ଭାବେ, ଭୀଷ୍ମ ନାୟକ, ବସନ୍ତ ଡଙ୍ଗିରି ଓ ଚନ୍ଦନ ସତନମିଙ୍କୁ ଉପ ସଭାପତି ଭାବେ ସହ ସମ୍ପାଦକ ଭାବେ ପ୍ରଶାନ୍ତ ରାଇ,କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣା ଦାୟିତ୍ୱ ଦିଆଯାଇଛି। ତା'ସହ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳା ସହ ଯେମିତି ସମାପନ ହେବ ତାରି ଉପରେ ନଜର ରଖିବାକୁ ଗ୍ରାମମୁଖ୍ୟ ବା ଗାଉଁଟିଆ ତଥା ସତାପାଲିର ମୁଖ୍ୟମାନେ ଗୁରୁତ୍ୱାରୋପ କରିଥିଲେ।

# ପ୍ରୋତ୍ସାହନ ଅଭାବରୁ ଜିଲ୍ଲାରେ ୧୦୩ରୁ ୫୭ଖଣି ଚାଲୁନି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଖଣିଜ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାରେ ଲୁହାପଥରକୁ ଭିତ୍ତି କରି ଶିଳ୍ପ ପ୍ରତିଷ୍ଠା କରିବାର ସମସ୍ତ ଭିତ୍ତିଭୂମି ରହିଥିବାବେଳେ ଶିଳ୍ପ ବ୍ୟବସାୟ କରିବାକୁ ରୁଚି ରଖିଥିବା ଶିଳ୍ପପତିମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜିଲ୍ଲାରେ ଅନେକ ସ୍ପଞ୍ଜ ଆଇରନ୍ କାରଖାନା ଓ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଛନ୍ତି। ମାତ୍ର ଆବଶ୍ୟକ ପରିମାଣର କଞ୍ଚାମାଲ ଉପଯୁକ୍ତ ମୂଲ୍ୟରେ ମିଳୁ ନ ଥିବା ଫଳରେ ଜିଲ୍ଲାର ୯୦ ପ୍ରତିଶତ ସ୍ପଞ୍ଜ ଆଇରନ କାରଖାନା ଆର୍ଥିକ ଦୁର୍ଗତି ଦେଇ ଚାଲୁଥିବା ସହ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ମାନସିକ ନିର୍ଯ୍ୟାତନାର ଶିକାର ହେଉଥିବା ଆଲୋଚନା ହେଉଛି। ଏତଦ୍ ବ୍ୟତୀତ ପ୍ରଦୂଷଣ ମୁକ୍ତ ତଥା ଗ୍ରୀନ୍ ପ୍ରୋଜେକ୍ଟ ଭାବରେ ଖ୍ୟାତ ଜିଲ୍ଲାରେ ପ୍ରତିଷ୍ଠା ଲାଭ କରିଥିବା ପିଲେଟ୍ ପ୍ଲାଣ୍ଟ ଗୁଡିକ ମଧ୍ୟରୁ କେତେକ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ବନ୍ଦ ହେବାକୁ ଯାଉଛି ବୋଲି ଜଣାପଡିଛି। ଏହା ଦ୍ୱାରା ସମ୍ପୃକ୍ତ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ, କର୍ମଚାରୀ ଓ ଶିଳ୍ପପତିଙ୍କ ମୁଣ୍ଡରେ ଚଡକ ପଡିବା ସଦୃଶ ହୋଇଛି। ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାରେ ଥିବା ୧୦୩ଟି ଖଣି ମଧ୍ୟରୁ ବର୍ତ୍ତମାନ ୫୭ଖଣି କାର୍ଯ୍ୟକ୍ଷମ ନ ଥିବାବେଳେ ପ୍ରାୟ ୪୬ଟି ଲୌହ, ପାଉଡର ଓ ମାଙ୍ଗାନିଜ ଖଣି ଚାଲୁଥିବା ଜଣାପଡିଛି। ଯୋଡା ଖଣି ମଣ୍ଡଳ ଅଧିନରେ ୨୨ଟି ଲୌହ,୨ଟି ମାଙ୍ଗାନିଜ,୯ଟି ମିଶି ରହିଥିବା ଲୌହ ଓ ମାଙ୍ଗାନିଜ ଖଣି,ଗୋଟିଏ ଲୌହ ଓ ଡୋଲମାଇଟ ମିଶି ରହିଥିବା ଖଣି ଓ ଅନାନ୍ୟ ୫ଟି ଖଣି ରହିଥିବାବେଳେ ୧୯ଟି ଲୌହ,୧୩ଟି ମାଙ୍ଗାନିଜ ସମେତ ମୋଟ ୫୫ଟି ଖଣି ବନ୍ଦ ରହିଛି। କେନ୍ଦୁଝର ଖଣି ମଣ୍ଡଳରେ ୨ଟି ଖଣି ବନ୍ଦ ରହିଛି ଓ ୭ଟି ଖଣି ଚାଲୁ ରହିଛି। ଏହି ଖଣି ଗୁଡିକରେ ନିୟମିତ ଖଣିଜ ଉତ୍ତୋଳନ ଚାଲୁ ରହିବା ସହିତ ରାଜ୍ୟ ରାଜକୋଷକୁ କୋଟି କୋଟି ଟଙ୍କା ରାଜସ୍ୱ ଆକାରରେ ଯାଉଛି। ଅଭିଯୋଗ ହୁଏ ଯେ,ତେବେ ଖଣି ମାଲିକମାନଙ୍କ ଚାଲ୍ ଯୋଗୁଁ ତଥା ଆନ୍ତରିକତାର ଅଭାବ ଯୋଗୁଁ ଅଧିକରୁ ଅଧିକ ପିଲେଟ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରୁ ନାହିଁ। ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଅନେକ ସ୍ପଞ୍ଜ ଆଇରନ କାରଖାନା ଓ ପିଲେଟ୍ ପ୍ଲାଣ୍ଟ ଭିନ୍ନ ଭିନ୍ନ କାରଣରୁ ଅନେକ ସମୟରେ ବନ୍ଦ ହେଉଥିବା ଯୋଗୁ ଶିଳ୍ପପତି ମାନେ କ୍ଷତି ସହୁ ଥିବାବେଳେ ହଜାର ହଜାର ଶ୍ରମିକଙ୍କ ଅବସ୍ଥା କହିଲେ ନ ଚଳେ। ଜିଲ୍ଲାରେ ପ୍ରତିଷ୍ଠିତ ଯୋଡା ଖଣି ମଣ୍ଡଳ ଅଧିନରେ ୧୫ଟି ସ୍ପଞ୍ଜ ଆଇରନ କାରଖାନା,କେନ୍ଦୁଝର ଖଣି ମଣ୍ଡଳ ଅଧିନରେ ୩ଟି, ଯୋଡା ଖଣି ମଣ୍ଡଳରେ ପିଲେଟ, ପିଗ, ଫେରୋ ଆଲଏଜ, ବେନିଫିକେସନ, ମାଙ୍ଗାନିଜ ପ୍ରସେସିଂ ଏପରି ୧୬ଟି ପିଲେଟ୍ ପ୍ଲାଣ୍ଟ, କେନ୍ଦୁଝର ଖଣିମଣ୍ଡଳରେ ସ୍ପଞ୍ଜ ଓ ପେଲେଟ, ଗୋଟିଏ ମାଙ୍ଗାନିଜ ବେନେଫିକେସନ ପ୍ଲାଣ୍ଟ, ଗୋଟଇଏ କ୍ରୋମ ଓ ୩ଟି ପାଇରୋଫ୍ଲାଇଟ ବେନେଫିକେସନ ପ୍ଲାଣ୍ଟ ରହିଛି। ପିଲେଟ୍ ପ୍ଲାଣ୍ଟ ପାଇଁ ଫାଇନ୍ସ ଦରକାର ହେଉଥିବା ବେଳେ ବର୍ତ୍ତମାନ କଞ୍ଚାମାଲର ଅଭାବରୁ ଏହି ଶିଳ୍ପଗୁଡିକ ବନ୍ଦ ହେବା ଅବସ୍ଥା ସୃଷ୍ଟି ହୋଇଛି। ଅନ୍ୟ କେତେକ ଖଣି ଲିଜଧାରୀ ସଂସ୍ଥା ସ୍ଲରି ପାଇପ ଯୋଗେ ଖଣିଜ ପଦାର୍ଥ ପରିବହନ କରୁଥିବାବେଳେ ଏହା କେନ୍ଦୁଝର ଜିଲ୍ଲାର ଅର୍ଥନିତୀ ଉପରେ କୁପ୍ରଭାବ ପକାଉଛି। ଏହି ସ୍ଲରି ପାଇପ ଲାଇନ ଉପରେ ପଦକ୍ଷେପ ନେବା ଓ ବନ୍ଦ କରିବାର ସମୟ ଆସିଚି ବୋଲି ଆଲୋଚନା ହେଉଛି। କେନ୍ଦୁଝର ଜିଲ୍ଲାରେ ଏକାଧିକ ଓ ବଡ ବଡ ଖଣି ହାତରେ ରଖିଥିବା ଓଡିଶା ଖଣି ନିଗମ ତରଫରୁ ପିଲେଟ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଦାବୀ ହୋଇଛି। ବର୍ଷକୁ ହଜାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିବା ଓଡିଶା ସରକାରଙ୍କ ଏହି ସଂସ୍ଥା ଜିଲ୍ଲାରେ ଅଧିକରୁ ଅଧିକ ପିଲେଟ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଦାବୀ ହେଉଛି।

# ପିଏମ ପୋଷଣ ଖାଦ୍ୟ ଯୋଜନା ଆରମ୍ଭ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ରେ ମଙ୍ଗଳବାର ଆର୍ଥିକ ବର୍ଷ ୨୫-୨୬ ପିଏମ ପୋଷଣ ଖାଦ୍ୟ ଯୋଜନା ଆରମ୍ଭ ହୋଇଛି। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଗଲା ଏବଂ ଏଥିସହିତ ସପ୍ତାହରେ ତିନି ଦିନ ମଙ୍ଗଳବାର, ଗୁରବାର୍ ଓ ଶନିବାର ଦିନ ପୋଷଣ ଯୁକ୍ତ



ମଣ୍ଡିଆ ଲଡ୍ଡୁ ପ୍ରଦାନ କରାଯିବ। ଯୋଜନାର ପ୍ରଥମ ଦିନରେ ଗୋଷ୍ଠୀ ଶିକ୍ଷା ଅଧିକାରି ସୁପ୍ରିୟା ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ, କେ.ଜି ବି.ଭି ପଣ୍ଡୁଗୁଡାରେ ଉପସ୍ଥିତ ଥିବା ବେଳେ ସହଦେବ ଉଚ୍ଚ ବିଦ୍ୟାଳୟ, ପଣ୍ଡୁଗୁଡା ଠାରେ ଛାତ୍ରଛାତ୍ରୀଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସିଆରସିସି ବିଧାନ ରାଉତ, ପଣ୍ଡୁଗୁଡା ସିଆର ସିସି ଦୁଷ୍ମନ୍ତ ସାହୁ, ସଂଜୟ ବେହେରାଙ୍କ ସହ ବିଦ୍ୟାଳୟମାନଙ୍କ ଶିକ୍ଷକ,ଶିକ୍ଷୟତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଓକିଲ ସଂଘର ଯୁଗ୍ମ ସମ୍ପାଦକ ଭାବେ ନିକୁଞ୍ଜ ପୁହାଣ ନିର୍ବାଚିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ, ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମର ଆଇନଜୀବୀ ନିକୁଞ୍ଜ କୃଷ୍ଣ ପୁହାଣ ଭଦ୍ରକ ଓକିଲ ସଂଘର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ନିର୍ବାଚନରେ ୩୬୮ଖଣ୍ଡ ଭୋଟ ପାଇ ଷଷ୍ଠଥର ପାଇଁ ଯୁଗ୍ମ ସମ୍ପାଦକ ଭାବେ ବିଜୟଲାଭ କରିଛନ୍ତି। ସେ ବହୁ ଭୋଟରେ ବିଜୟଲାଭ କରିଥିବାରୁ ଓକିଲ ସଂଘର ସମସ୍ତ ସଦସ୍ୟ, ସଦସ୍ୟାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୁହାଣ ପୁନର୍ବାର ବିଜୟଲାଭ କରିଥିବାରୁ ତିହିଡ଼ି ଅ□ଳର ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସେ ତିହିଡ଼ିରେ କୋର୍ଟ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ବଦ୍ଧ। ପୁହାଣ ବର୍ତ୍ତମାନ ପାଳିଆବିନ୍ଧା ସେବା ସମବାୟ ସମିତିର ପରିଚାଳନା ବୋର୍ଡ଼ ସଦସ୍ୟ ଅଛନ୍ତି। ସମିତିରେ ସେ ପୂର୍ବରୁ ସଭାପତି ରହି ଚାଷୀ ମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ।

# ଅଗ୍ନି ବିପନ୍ନ ପରିବାରକୁ ସମାଜସେବୀ ପ୍ରଦାନ କଲେ ସହାୟତା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ଗ୍ରାମର ଅଗ୍ନି ବିପନ୍ନ ପରିବାର ପ୍ରତି କେନ୍ଦ୍ରାପଡା ଜିଲ୍ଲା ଚାନ୍ଦୋଳସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସମାଜସେବୀ ମନୋଜ କୁମାର ପ୍ରଧାନ ଆର୍ଥୀକ ସହାୟତାର ହାତ ବଢାଇଥିବାର ଜଣାଯାଇଛି। ଗତକାଲି ଅପରାହ୍ନରେ ଏହି ଗ୍ରାମର ରାମଚନ୍ଦ୍ର ସେଠୀଙ୍କ ଗୃହରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତାଙ୍କର ୨ବଖରା ଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା ବେଳେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ପ୍ରଧାନ ଓ କର୍ମଚାରୀ ଅବିନାଶ ପଲେଇ, ଅନିଲ କୁମାର ଦାସ, ଶୁଭଙ୍କର ସାହୁ, ସାମ୍ବାଦିକ ଲକ୍ଷ୍ମଣ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଗଭୀର ସମବେଦନା ଜଣାଇବା ସହ ବିପନ୍ନ ପରିବାରକୁ ଆର୍ଥୀକ ସହାୟତା ପ୍ରଦାନ କରିଥିଲେ। ତେବେ ପ୍ରଧାନଙ୍କ ଏହି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଗଞ୍ଜାମ ଆନୁକୂଲ୍ୟରେ ସାମାଜିକ ସମରସତ୍ତା ଅଭିଯାନ ସମ୍ମିଳନୀ ଅନୁଷ୍ଠିତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲରେ ବିଶ୍ୱହିନ୍ଦୁ ପରିଷଦ ଗଞ୍ଜାମ ଓ ବଜରଙ୍ଗ ଦଳ ଗଞ୍ଜାମଙ୍କ ଆନୁକୂଲ୍ୟରେ ଭାରତୀୟ ସାମାଜିକ ସମରସତା ଅଭିଯାନର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଅଖିଳ ଭାରତୀୟ କେନ୍ଦ୍ରୀୟ ସାମାଜିକ ସମରସତା ପ୍ରମୁଖ ଦେଓଜୀ ରାୱାତ୍ ଯୋଗ ଦେଇ ଭାରତ ବର୍ଷର ସାମାଜିକ ସମରସତାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କ୍ଷେତ୍ରୀୟ ସାମାଜିକ ସମରସତା ପ୍ରମୁଖ ଗୌତମ ସରକାର ହିନ୍ଦୁ ଜାତିର ବିଭାଜନରେ ଅଣହିନ୍ଦୁମାନଙ୍କ ପ୍ରଚେଷ୍ଟା ଓ ସାମାଜିକ ସମରସତା ଅଭାବ ସମ୍ପର୍କେ ଆଲୋଚନା କରିଥିଲେ। ପ୍ରାନ୍ତ ସମରସତା ପ୍ରମୁଖ ତରଣୀସେନ ଦାସ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଧର୍ମାନ୍ତିକରଣ ଓ ବନବାସୀ ମାନଙ୍କ ସମସ୍ୟା ଉପରେ ବକ୍ତବ୍ୟ ଦେଇଥିଲା ବେଳେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ହିନ୍ଦୁ ସମାଜରେ ଦେଖା ଦେଇଥିବା ବିଶୃଙ୍ଖଳା ତଥା ଅଣହିନ୍ଦୁ ମାନଙ୍କ ପ୍ରଲୋଭନ ଉପରେ ବକ୍ତବ୍ୟ ଦେଇଥିଲେ। ମଞ୍ଚରେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ବିଶେଷ ସଂପର୍କ ପ୍ରମୁଖ ଅଶୋକ କୁମାର ପାଳ ଉପସ୍ଥିତ ରହି ବନବାସୀ, ଆଦିବାସୀ ମାନଙ୍କ ସହ ଆମ ସମ୍ପର୍କର ଅଭାବରେ ଅଣହିନ୍ଦୁଙ୍କ ପ୍ରବେଶ ସମ୍ପର୍କେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଗଞ୍ଜାମ, ଗଜପତି ଜିଲ୍ଲାର ବିଭିନ୍ନ ବର୍ଗର କୁଳ ମୁଖିଆ, ଜାତି ମୁଖିଆ, ସମାଜସେବୀ ପୂଜ୍ୟ ସନ୍ଥ ମହନ୍ତମାନେ ଯୋଗଦେଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସମ୍ପାଦକ ଜି. ଶ୍ରୀନିବାସ ଆଚାରୀ, ଗଞ୍ଜାମ ଜିଲ୍ଲା ସମରସତା ପ୍ରମୁଖ ରବିନାରାୟଣ ବେହେରା, ଗଞ୍ଜାମ ଜିଲ୍ଲା ବଜରଙ୍ଗ ଦଳ ପ୍ରମୁଖ ଅଜୟ ବେହେରା,ବିଶ୍ୱ ହିନ୍ଦୁ ପରିଷଦ ବ୍ରହ୍ମପୁର ମହାନଗର ସମ୍ପାଦକ କେଦାରନାଥ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସହ ସମ୍ପାଦକ ଅରୁଣ ପ୍ରସାଦ ପାଢ଼ୀ, ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ନରେନ୍ଦ୍ର କୁମାର ଜାନୀ, ଗଜପତି ଜିଲ୍ଲା ସଭାପତି କୈଳାଶ ଚନ୍ଦ୍ର ଗୌଡ଼, ଶବର ସମାଜ କଲ୍ୟାଣ ସମିତି ମୁଖ୍ୟ କୃଷ୍ଣଚନ୍ଦ୍ର ଗମାଙ୍ଗ, ସମାଜସେବୀ ଅରକ୍ଷିତ ମଣ୍ଡଳ, ବଜରଙ୍ଗ ଦଳ ପ୍ରାନ୍ତ ସହ ସଂଯୋଜକ ରାଜୀବ ନେତ୍ର ଖାଡଙ୍ଗା, ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ରଥ ପ୍ରମୁଖଙ୍କ ସମେତ ସମସ୍ତବର୍ଗର ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ତିହିଡ଼ିରେ ଉତ୍କଳ ଦିବସରେ ପୂଜ୍ୟପୂଜା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଉତ୍କଳ ଦିବସରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ବୈରାଗୀ ଚରଣ ଜେନା ଓ ପୂର୍ବତନ ବିଧାୟକ ତଥା କବି ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ତାଳପଦା ସ୍ଥିତ କାନ୍ତକବିଙ୍କ ସ୍ମୃତି ମନ୍ଦିରରେ ଥିବା ପ୍ରତିମୂର୍ତ୍ତି, ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୂର୍ବତନ ମନ୍ତ୍ରୀ ବୈରାଗୀ ଚରଣ ଜେନାଙ୍କ ପ୍ରତିମୂର୍ତ୍ତି, ତିହିଡ଼ି ବଜାରରେ ଥିବା ପୂର୍ବତନ ବିଧାୟକ କବି ବିଷ୍ଣୁ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ବଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଏବଡିଓ ମାନସ କୁମାର ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସମିତିସଭ୍ୟ ଶୁକଦେବ ମଲିକ, ବିଜେପିନେତା ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ଉଷାକାନ୍ତ ନାୟକ, କେଶବ ବେହେରା, ସଂଗ୍ରାମ ମହାନ୍ତି, ସୂର୍ଯ୍ୟନାରାୟଣ ଭୋଇ, ପ୍ରମୋଦ ଦାସ, ତପନ ପାଢ଼ୀ, ସାଇଶରଣ ବେହେରା, ସରୋଜ ନାୟକ, ରଘୁନାଥ ମଲିକ, ତପୁନୁ ପାଣି, ଦେବବ୍ରତ ପାଢ଼ୀ, ଯଜ୍ଞଦତ୍ତ ପତି, ଆନନ୍ଦ ପଣ୍ଡା, ଭାଗିରଥି ବୈୟାରୀ ପ୍ରମୁଖ ତାଳପଦା, ତିହିଡ଼ି, ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# କୁରାଳ ଜାତି ସମାଜର ୪ର୍ଥ ବାର୍ଷିକ ଉତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ କୁସୁମାନାଳି ସ୍ଥିତ ଆମ୍ବତୋଟାରେ ପରଜଙ୍ଗ ବିଷ କୁରାଳ ଜାତି ସମାଜର ୪ର୍ଥ ବାର୍ଷିକ ଉତ୍ସବ ୨୦୨୫ ମହାସମାରୋହରେ ପାଳିତ ହୋଇଅଛି। ଜାତି ସମାଜର ମୁଖ୍ୟ ବେହେରା ଭାବେ ସଚ୍ଚିଦାନନ୍ଦ ବେହେରାଙ୍କ ନେତୃତ୍ୱରେ ସଭାପତି ଦୋଳ ଗୋବିନ୍ଦ ବେହେରା, ସମ୍ପାଦକ ସଦାନନ୍ଦ ବେହେରା, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ବେହେରା, କୋଷାଧକ୍ଷ ସଞ୍ଜୟ ମୁଦୁଲିଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ତାଙ୍କର ଆରାଧ୍ୟ ଦେବାଦେବି ଲକ୍ଷ୍ମୀନାରାୟଣଙ୍କ ପାଦପଦ୍ମରେ ପୂଜାର୍ଚ୍ଚନା ଓ ନାମସଂକୀର୍ତ୍ତନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସଭାରେ ଆଠଗୋଟି ମୌଜା ଯଥା ପରଜଙ୍ଗ, ବାରିହାପୁର, କୁଆଳୁ, କଙ୍କଡ଼ାଶୋଡା, ଝଟଣାବହାଲ, କଙ୍କିଳି, ବସୋଇ ଓ କନ୍ଦରସିଂହାରୁ ଶତାଧିକ ସଭ୍ୟ ଯୋଗଦାନ କରିଥିଲେ। ମା' ମାଟିକୁ ସମ୍ମାନ ଜଣାଇ ମାଟି ଆମର ଜୀବିକା, ମାଟି ଆମର ଲକ୍ଷ୍ମୀ, ମାଟି ଆମର ସ୍ୱର୍ଗ, ମାଟି ଆମର ଚନ୍ଦନ, ମାଟି ନାହିଁ ଯାହାର ପାଟି ନାହିଁ ତାହାର ଏହିଭଳି ମାଟି ଓ ମାଟି ସହିତ ନିଜର ଜୀବିକା ନିର୍ବାହ ଏବଂ କୌଳିକ ବୃତ୍ତି ଉପରେ ସଭାପତି ବିସ୍ତୃତଭାବେ ବକ୍ତବ୍ୟ ରଖିଥିଲେ। ଜାତି ସମାଜକୁ ସୁଦୃଢ କରିବା ପାଇଁ ଶୃଙ୍ଖଳା ଚଳଣି ଓ ନିୟମକୁ ମାନି ଚଳିବା, ନିଜନିଜ ମଧ୍ୟରେ ସୁସମ୍ପର୍କ ରଖି ଭାବ ଆଦାନପ୍ରଦାନ କରିବା ଆବଶ୍ୟକ ବୋଲି ବରିଷ୍ଠମାନେ ପରାମର୍ଶ ଦେଇଥିଲେ। ଏହି ଆୟୋଜିତ ସଭା କାର୍ଯ୍ୟକ୍ରମ ବସୋଇ ଗ୍ରାମର ଦିବାକର ବେହେରା, ଜନକ ରାଉଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ, ପରିଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ସହିତ ସଭା ସାଙ୍ଗ ହୋଇଥିଲା।

# ନାବାଳିକା ଅପହରଣ, ଜଣେ ଗିରଫ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳରୁ ନାବାଳିକା ଅପହରଣ ମାମଲାରେ ଅସ୍ତରଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ୨୦୨୪ ଫେବୃଆରୀ ୪ତାରିଖ ରେ ଅସ୍ତରଙ୍ଗ ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ ହୋଇଥିବା ନେଇ ନାବାଳିକାଙ୍କ ଜେଜେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅସ୍ତରଙ୍ଗ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଅପହରଣ ହୋଇଥିବା ନାବାଳିକାକୁ ବାଙ୍ଗାଲୋର ଅଂଚଳରୁ ପୁଲିସ ଉଦ୍ଧାର କରିଥିଲା। ଏହା ସହ ଅପହରଣ କରିଥିବା ଯୁବକ ଜନତ କାଣ୍ଡି (୨୪)ଙ୍କୁ ବାଙ୍ଗାଲୋରରୁ ଧରି ଅସ୍ତରଙ୍ଗ ଥାନାରେ ମଙ୍ଗଳବାର ପୂର୍ବାହ୍ନ ରେ ପହଂଚିଥିଲେ। ଯାହା ସୂଚନା ମିଳିଛି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଓ ନାବାଳିକା କୁ ଥାନାରେ ପଚରାଉଚରା ପରେ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଅଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲ୍ଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ପୋଲିସ ପଡିଆ ଠାରେ ଗଞ୍ଜାମ ଜିଲ୍ଲା ସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଯୋଗଦେଇ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆଇନଶୃଙ୍ଖଳା ରକ୍ଷା କରିବା ସହ ଅପରାଧ ନିୟନ୍ତ୍ରଣ ପୋଲିସ କରିଆସୁଛି ବୋଲି ଏସପି କହିଥିଲେ। ଏହା ସହ ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ହେଉଛି ଆମ୍ଭର ପ୍ରଥମ ଧର୍ମ ବୋଲି ଏସପି କହିଥିଲେ। ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଏସପି ପଠନ କରିଥିଲେ। କର୍ତ୍ତବ୍ୟନିଷ୍ଠା ଓ ସାହସିକତା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରିଥିବା ଗଞ୍ଜାମ ପୋଲିସ ଜିଲ୍ଲାର ୫ ଜଣ ପୋଲିସ କର୍ମଚାରୀଙ୍କୁ ଏସପି ପୁରସ୍କୃତ କରିଥିଲେ। ସେଥିମଧ୍ୟରେ ଏସଆଇ ଶୁଭ୍ରଜିତ ସାମନ୍ତରାୟ, ଏଏସଆଇ ସୁମନ୍ତ କୁମାର ବେହେରା, ହାବିଲଦାର ବି. କାମରାଜୁ ଦୋରା, ଏପିଆର କନେଷ୍ଟବଳ ଟୁନା ମଲିକ ଓ କନେଷ୍ଟବଳ ଦିଲୀପ କୁମାର ବେହେରାଙ୍କୁ ଏସ୍‌ପି ସମ୍ମାନିତ କରିବା ସହ ପୁରସ୍କୃତ କରିଥିଲେ। ରିଜର୍ଭ ଇନିସପେକ୍ଟର ଅମୁଲ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ୟାରେଡ୍ ପରିଚାଳନା କରାଯାଇଥିଲା।



କୁଜଙ୍ଗ(ଭାସ୍କର ନ୍ୟୁଜ): ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କୁ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର, ପାରାଦ୍ୱୀପ ରୋଗୀ କଲ୍ୟାଣ ସମିତିର ସଭ୍ୟ ଭାବେ ମନୋନୀତ କରାଯାଇଛି । ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସୁପାରିସ ଆଧାରରେ ଜଗତସିଂହପୁର ଜିଲ୍ଲାପାଳ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସମେତ ଯୁଗଳ କିଶୋର ପ୍ରଧାନ ଓ ପାରାଦ୍ୱୀପ ବିଜେପି ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନଙ୍କୁ ମନୋନୀତ କରିଛନ୍ତି । ବନ୍ଦର ନଗରୀ ପାରାଦ୍ୱୀପରେ ଥିବା ଏହି ପୁରାତନ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ଶ୍ରୀ ବେହେରାଙ୍କୁ ରୋଗୀ କଲ୍ୟାଣ ସମିତିର ସଭ୍ୟ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ପାରାଦ୍ୱୀପ-କୁଜଙ୍ଗ ଅଞ୍ଚଳର ଅଧିବାସୀମାନେ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କୁ ପାରାଦ୍ୱୀପ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତିର ସଭ୍ୟ ଭାବେ ମନୋନୀତ କରିଥିବାରୁ ଶ୍ରୀ ବେହେରା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି । ରୋଗୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

### ଚାଷୀଙ୍କୁ ମିଳିଲା ଧାନର ଉଚିତ୍ ମୂଲ୍ୟ

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡିଶା ତଥା କେନ୍ଦୁଝର ଜିଲ୍ଲାରେ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ କୃଷକ ମୋର୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ । ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ଓ ଓଡ଼ିଶାର ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀମାନ ମୋହନଚରଣ ମାଝୀ ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ମାନ ପ୍ରଣୟନ କରିଛନ୍ତି । ଓଡିଶା ରାଜ୍ୟ କୃଷି ପ୍ରଧାନ ରାଜ୍ୟ ଅଟେ ଓ ଧାନ ଚାଷ ପ୍ରଧାନ ଚାଷ ଅଟେ । ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରରେ ୨୪ ବର୍ଷ ଶାସନ କାଳରେ ଓଡ଼ିଶାର ଧାନ ଚାଷୀ ମାନେ ଧାନ କିଣା ବିକା ରେ ଘୋର ସଂକଟ ଜନକ ପରିସ୍ଥିତି ର ସମୁଖୀନ ହେବାକୁ ପଡୁଥିଲା । ତତସହିତ ଧାନ ଚାଷୀ ତାର ପ୍ରକୃତ ଲାଭଜନକ ମୁଲ୍ୟ ନପାଇ ଋଣଗ୍ରସ୍ତ ହେଇ ଆତ୍ମହତ୍ୟା କରିଥିଲା । ୨୦୧୫ ମସିହା ରେ ବରଗଡ ଜିଲ୍ଲା ସୋହେଲା ଠାରେ ଏକ ଚାଷୀ ସମାବେଶ ରେ ସେତେବେଳେ ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାନ କୁଇଣ୍ଟାଲ ପ୍ରତି ୧ ଶତ ଟଙ୍କା ବୋନସ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ କିନ୍ତୁ ତାଙ୍କ ସରକାର ପଳାଇଲା ୯ ବର୍ଷ ଭିତରେ ଶହେ ଟଙ୍କା ବୋନସ ଦେଲେ ନାହିଁ । ଓଡ଼ିଶା ର ଚାଷୀ ମାନଙ୍କୁ ନବୀନ ପଟ୍ଟନାୟକ ବିଶ୍ୱାସ ଘାତକତା କଲେ । ୨୦୨୪ ନିର୍ବାଚନ ରେ ବିଜେପି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରକାର ଆସିବା ପରେ ଚାଷୀ ମାନଙ୍କୁ ଚଳିତ ଖରିଫ ଧାନ କିଣା ରେ କୁଇଣ୍ଟାଲ ପ୍ରତି ୩୧୦୦ ଶହ ଟଙ୍କା ପ୍ରଦାନ କରବା ପାଇଁ ଘୋଷଣା କରିଥିଲେ । ଚଳିତ ଖରିଫ ଧାନ କିଣା କାରବାରରେକୁ ସ୍ୱଚ୍ଛତାର ସହିତ କରିବା ପାଇଁ ବିଜେପି ସରକାର ବ୍ୟାପକ ବ୍ୟବସ୍ଥା କରିଥିଲେ । ରାଜ୍ୟ ର ୩୦ ଗୋଟି ରାଜସ୍ୱ ଜିଲ୍ଲାରେ ସର୍ବ ମୋଟ ୪ ହଜାର ୧୯୩ ଗୋଟି ଧାନମଣ୍ଡୀ ଦ୍ୱାରା ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କାର୍ଯ୍ୟ ରାଜ୍ୟ ସରକାର କରିଥିଲେ । ୨୦୨୩ - ୨୪ ବର୍ଷ ରେ ଖରିଫ ଧାନ ଓଡିଶା ରେ ୫୮ ଲକ୍ଷ ମୋଟ୍ରିକ ଟନ ସରକାର କିଣିଥିଲେ । ୨୦୨୪-୨୫ ବର୍ଷ ଖରିଫ୍ ଧାନ ୧୬ ଲକ୍ଷ ୫୯ ହଜାର ୧୪୧ ଜଣ ଚାଷୀ ମାନଙ୍କ ଠାରୁ ରାଜ୍ୟ ସରକାର ୭୩ ଲକ୍ଷ ୪୩ ହଜାର ୬୪୬ କୁଇଣ୍ଟାଲ ଧାନ ସଂଗ୍ରହ କରି ସମସ୍ତ ରୋକଡ୍ ଭଙ୍ଗ କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି । ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରକାର ଧାନ କିଣା କାରବାର ଶୃଙ୍ଖଳିତ ଓ ସ୍ୱଚ୍ଛତାର ସହିତ କରିବା ସହ ସମସ୍ତ ଚାଷୀ ମାନଙ୍କ ର ଧାନ କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରେ ମୂଲ୍ୟ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରି ସାରା ଦେଶରେ ସୁନାମ ଅର୍ଜନ କରିଛନ୍ତି । ଏଥି ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀମାନ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଏକ ପ୍ରେସମିଟ କରି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି । କେନ୍ଦୁଝର ଜିଲ୍ଲା ରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ୯୫ ଗୋଟି ଧାନମଣ୍ଡୀ ଦ୍ୱାରା ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯାଇଥିଲା । ୨୦୨୩-୨୪ ମସିହା ରେ ୬୦ ହଜାର ୯୪୧ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୪୨ ହଜାର ୬୫୮ ଜଣ ଚାଷୀ କେନ୍ଦୁଝର ଜିଲ୍ଲା ରେ ଚାଷୀ ମାନଙ୍କ ଠାରୁ ଧାନ ୧୫ ଲକ୍ଷ ୮୦ ହଜାର ୪୮.୬୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା । ୨୦୨୪-୨୫ ମସିହା ରେ କେନ୍ଦୁଝର ଜିଲ୍ଲା ରେ ୫୯ ହଜାର ୬୭୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ଧାନମଣ୍ଡୀ କୁ ୫୬ ହଜାର ୫୬୮ ଜଣ ଚାଷୀ ଧାନ ବିକ୍ରି ପାଇଁ ଆଣି ୨୧ ଲକ୍ଷ ୮୮ ହଜାର ୮୪୩. ୫୯ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି । କେନ୍ଦୁଝର ଜିଲ୍ଲା ରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାର ରେକେଡ୍ ସୃଷ୍ଟି କରିଛି । ଧାନ କିଣା କାରବାରରେ ବାଧା ସୃଷ୍ଟି କରିବା ଓ ଚାଷୀ ମାନଙ୍କୁ ହଇରାଣ ହରକତ କରିଥିବା ଅଭିଯୋଗ ରେ ଦେଓଗାଁ ସେବା ସମବାୟ ସମିତି ଓ ଖାଲିଆମେଣ୍ଟା ସେବା ସମବାୟ ସମିତି ର ସଂପାଦକ ଙ୍କୁ ଚାକିରି ରୁ ନିଲମ୍ବିତ କରାଯାଇଥିବା ବେଳେ ଦେଓଗାଁ ସେବା ସମବାୟ ସମିତି ର ଡିଏଓ ଙ୍କୁ ମଧ ନିଲମ୍ବିତ କରାଯାଇଛି । ଧାନ କିଣା କାରବାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରକାର ଐତିହାସିକ ପଦକ୍ଷେପ ତଥା ଶୃଙ୍ଖଳିତ ଓ ସଚ୍ଚୋଟତାର ସହିତ କରିଥିବା ରୁ ଚାଷୀ ମାନଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇଛି । ଓଡ଼ିଶା ର ଧାନ ଚାଷୀ ଆଜି ଲାଭାନ୍ୱିତ ହେବା ସହିତ ମୋହନ ଚରଣ ମାଝୀ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ଏଥର ଧାନ କିଣା କାରବାର ବିଜେପି ସରକାର ର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଧାନ କିଣା କାରବାର ସଫଳତା ର ସହିତ କରିଥିବା ରୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀମାନ କୃଷ୍ଣ ଚନ୍ଦ୍ର ପାତ୍ର, ଓଡିଶା ର ସମସ୍ତ ପ୍ରଶାସନିକ ଅଫିସର ଓ କର୍ମଚାରୀ, ବିଜେପି କୃଷକ ମୋର୍ଚ୍ଚା ର ରାଜ୍ୟ ର ସମସ୍ତ କାର୍ଯ୍ୟକର୍ତା ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ବିଜେପି ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ସଂଯୋଜନା କରିଥିବା ବେଳେ ଜିଲ୍ଲା କୃଷକ ମୋର୍ଚା ସଭାପତି ଭାଗିରଥି ସିଂହ, ବିଜେପି ନେତା ସୁବ୍ରତ ମହାନ୍ତି ଓ ବିଜେପି ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶଚନ୍ଦ୍ର ସୂତ୍ରଧର ଉପସ୍ଥିତ ଥିଲେ ।

## ଜଙ୍ଗଲରେ ଲାଗିଲା ନିଆଁ, ଲୋକେ ଆତଙ୍କିତ



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୧୦ ନଂ ୱାର୍ଡର ମାଣ୍ଡି ସାହିକୁ ଲାଗି ରହିଥିବା ଜଙ୍ଗଲରେ ଆଜି ସନ୍ଧ୍ୟା ସମୟରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ନିଆଁ ଏପରି ହୁତୁହୁତୁ ହୋଇ ଲାଗିଥିଲା ଯେ ଅଳ୍ପ ସମୟ ମଧ୍ୟରେ ନିଆଁ ବସ୍ତି ମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା । ଅଳ୍ପ ସମୟ ପାଇଁ ବସ୍ତି ବାସିନ୍ଦା ଆତଙ୍କିତ ହୋଇ ଉଠିଥିଲେ । ନିଆଁ ଲାଗିବା ଦ୍ୱାରା ସମ୍ପୂର୍ଣ୍ଣ ଜଙ୍ଗଲ ପୋଡି ନଷ୍ଟ ହୋଇ ଯାଇଥିବା ବେଳେ ଜୀବଜନ୍ତୁ ଏହାର ଶିକାର ହୋଇଥିଲେ । ମୂଲ୍ୟବାନ ଗଛ ସବୁ ନଷ୍ଟ ହୋଇଯାଇଥିଲା । ବନ ବିଭାଗ ର ଅପାରଗତା ହେତୁ ଏପରି ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି । ଅଞ୍ଚଳରେ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହେଉନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଖବର ପାଇ କିଛି ସମୟ ପରେ ବାଲିମେଳା ବନ ବିଭାଗର କର୍ମଚାରୀ ସେଠାରେ ପହଂଚି ଦୀର୍ଘ ସମୟର କସରତ ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି ।

## ସଂରକ୍ଷିତ ଜଙ୍ଗଲରୁ ଶାଳଗଛ ଜବତ କଲା ବନବିଭାଗ



ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ରେଞ୍ଜ ଦାନ୍ତିଆମୁହାଁ ପଞ୍ଚାୟତ ଅଧୀନ କରମଶୋଳ ଗାଁ ସଂଲଗ୍ନ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରୁ କିଛିଦୁର୍ବୃତ୍ତ ତିନିଗୋଟି ମୂଲ୍ୟବାନ ଶାଳଗଛ କାଟିଦେଇଥିବା ବେଳେ ଆଜି ଅପରାହ୍ନରେ ଚଢ଼ାଉ କରି ଉକ୍ତ ମୂଲ୍ୟବାନ ଶାଳକାଠ ଗୁଡିକୁ ଜବତ କଲା ବନ ବିଭାଗ । ଘଟଣାରୁ ପ୍ରକାଶ କରମଶୋଳ ଗାଁ ସଂଲଗ୍ନ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରୁ କିଛି ଦୁର୍ବୃତ୍ତ ରାତିରେ ତିନିଗୋଟି ମୂଲ୍ୟବାନ ଶାଳଗଛ କାଟି ଦେଇଥିଲେ । ତେବେ ଉକ୍ତ ଶାଳଗଛ ଗୁଡିକୁ ଚୋରାଚାଲାଣ କରିବା ପୂର୍ବରୁ ଖବରପାଇ କୃଷ୍ଣଚନ୍ଦ୍ରପୁର ବନପାଳ ଚିନ୍ତାମଣି ମହାପାତ୍ର, ବନରକ୍ଷୀ ସଞ୍ଜୀବ ନାଏକ ସଦଳବଳେ ଚଢ଼ାଉକରି ଉକ୍ତ ମୂଲ୍ୟବାନ ଶାଳକାଠ ଗୁଡିକୁ ଜବତ କରିଥିଲେ । ତିନିଗୋଟି ଶାଳଗଛରୁ ବିଭିନ୍ନ ମୋଟେଇର ମୋଟ ୧୪ଖଣ୍ଡ ଶାଳଗଣ୍ଡି ଜବତକରି କୃଷ୍ଣଚନ୍ଦ୍ରପୁର ସେକ୍ସନ କାର୍ଯ୍ୟାଳୟସ୍ଥିତ ସିଜରୟାର୍ଡ଼କୁ ଅଣାଯାଇଛି । ଜବତ କାଠର ପରିମାଣ ୪୨ ସିଫ୍ଟି ପାଖାପାଖି ହୋଇଥିବା ବେଳେ ଯାହାର ଆନୁମାନିକ ବଜାର ମୂଲ୍ୟ ୫୦ ହଜାରଟଙ୍କାରୁ ଊର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି ।

## ନିଆଳି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡିଶା ଦିବସ ପାଳିତ

ନିଆଳି(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ନିଆଳି ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମା' କୁତାମଚଣ୍ଡୀଙ୍କ ପୀଠରେ ଓଡିଶା ଦିବସ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ଶ୍ରୀ ଯୁକ୍ତ କୈଳାସ ଚନ୍ଦ୍ର ସୁରୁ ଙ୍କ ଅଧ୍ୟକ୍ଷତାରେ ଓଡିଶା ଦିବସର ଇତିହାସ ସମ୍ବଧରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଅଶୋକ କୁମାର ରାଏ, ସର୍ବଶ୍ରୀ ଗୌତମ ଚରଣ ବିହାରୀ, ପ୍ରଭାକର ଦୀକ୍ଷିତ, ପବନି ବସ୍ତିଆ, ଦିଲୀପ କୁମାର ମହାପାତ୍ର, ପିତାମ୍ବର ରାଉତ, ଶରତ ଚନ୍ଦ୍ର ସାହୁ, ଯୋଗେନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ସେନାପତି, ବଂଶୀଧର ସାହୁ, ଗିରିଧାରୀ ଜେନା, ଜଗଦୀଶ ପାଢ଼ୀ, ଧୀରେନ୍ଦ୍ର ନାଥ, କୃଷ୍ଣ ଚନ୍ଦ୍ର ଲେଙ୍କା ପ୍ରମୁଖ ଉକ୍ରଳ ସମ୍ମିଳନୀରେ ବରପୁତ୍ରଙ୍କ ସ୍ମୃତି ଚାରଣ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା କଡ଼ରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ ଚଣ୍ଡେଶ୍ୱର ଛକ ନିକଟରେ ଥିବା ଏକ ଢ଼ାବା ପାର୍ଶ୍ୱରୁ ଜଣେ ଅଚିହ୍ନା ଯୁବକଙ୍କ ମୃତ ଦେହକୁ ଉଦ୍ଧାର କରିଛି ଟାଙ୍ଗୀ ପୋଲିସ । ମୃତ ଦେହ ନିକଟରେ ଏକ ସାଇକେଲ ରହିଛି । ମୃତ ଦେହର ସେଭଳି କୈାଣସି ଠୋସ୍ ପ୍ରମାଣ ମିଳି ପାରୁନଥିବା କାରଣରୁ ମୃତ ଦେହକୁ ଚିହ୍ନଟ କରିବା ପୋଲିସ ପାଇଁ ମୁସ୍କିଲ ହୋଇଛି । ମୃତ୍ୟୁ ର କାରଣ ଅସ୍ପଷ୍ଟ ରହିଛି ଏବଂ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି ।

## ମାଲକାନଗିରି ଜିଲ୍ଲା ବିଜେଡି ପକ୍ଷରୁ ୯୦ ତମ ଓଡିଶା ଦିବସ ପାଳିତ



ମାଲକାନଗିରି(ଭାସ୍କର ନ୍ୟୁଜ): ଗରିମାମୟ ଇତିହାସ, ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ରାଜ୍ୟ ହେଉଛି 'ଓଡ଼ିଶା' । ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଆଜିର ଦିନରେ 'ଓଡ଼ିଶା' ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଏହାକୁ ସଫଳ କରିବା ପଛରେ ରହିଛି ଅନେକ ମହାପୁରୁଷଙ୍କ ବହୁମୂଲ୍ୟ ଅବଦାନ । ଏପ୍ରିଲ ୨୦୨୫ ଦିନ ୮୯ତମ ଓଡିଶା ଦିବସ ପାଳିତ ହେବାକୁ ଯାଉଛି । ଓଡ଼ିଶାର ଅନେକ ବରପୁତ୍ରମାନଙ୍କ ସଂଘର୍ଷ, ତ୍ୟାଗ ବଳିଦାନ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷା ଭିରିରେ ସତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା । ଏହି ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବା ସହିତ ଓଡିଶା ଦିବସ ଭାବେ ପାଳିତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ, ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ସକାଳ - ୯ ଘଣ୍ଟିକା ସମୟରେ ବିଜୁ ଜନତା ଦଳ ତରଫରୁ ଓଡିଶା ଦିବସ ପାଳନ କରାଯାଇଛି । ସତନ୍ତ ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତି ରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତ୍ତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି ଏବଂ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରେ ବିଜୁ ଜନତା ଦଳର କର୍ମକାର୍ତ୍ତାଙ୍କମାନେ ମାଲ୍ୟାର୍ପଣ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷା ସମାରି ତଙ୍ଗୁଲ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରୀତପଲ ସିଂ, ପୌର ଉପାଧକ୍ଷା କବିତା ମହନ୍ତ, ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀଙ୍କ ସହିତ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଓ ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆଜି ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ, ଅତିରିକ୍ତ ଆରକ୍ଷୀ ଅଧି କ୍ଷକ ତପନ ନାରାୟଣ ରଥ, ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଏସଏଫ କମାଂଡେଂଟ, ବହୁ ବରିଷ୍ଠ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ୧୯୩୬ ମସିହାରେ ଓଡିଶାରେ ପୋଲିସ ବିଭାଗକୁ ଏକ ସ୍ୱତନ୍ତ୍ର ରୂପେ ଗଠନ କରା ଯାଇଥିଲା । ସେହି ଦିନ ଠାରୁ ଏପ୍ରିଲ ୧ ତାରିଖକୁ ପୋଲିସ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଉଛି । ଏହି ଦିବସ ପାଳନ ଅବସରରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ପ୍ୟାରେଡ ପରେ ନିଷ୍ଠାପର ଭାବେ କର୍ତ୍ତବ୍ୟ ପାଳନ କରୁଥିବା ମାଲକାନଗିରି ଥାନାର ସବଇନ୍ସପେକ୍ଟର, ପ୍ରଭାତ କୁମାର ଗୌଡ଼, ସବଇନ୍ସପେକ୍ଟର, ଲକ୍ଷ୍ମୀ ନାରାୟଣ ଦୋରା, ବାଲିମେଳା ଥାନା ହାବିଲଦାର ପ୍ରଶାନ୍ତ କୁମାର ଖୋସଲା, କାଲିମେଳା ଥାନା ହେଡ କନେଷ୍ଟବଳ ନରସିଂ ମାଝୀ, ମାଲକାନଗିରି ରିଜର୍ଭ ଅଫିସ ଏପିଆର କନେଷ୍ଟବଳ ଗୁରୁଦେବ ପୂଜାରୀଙ୍କୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପାଠ କରିଥିଲେ । ଏଥିସହ ସମସ୍ତଙ୍କୁ ଏହିପରି ନିଷ୍ଠାର ସହ ସଦା ସର୍ବଦା କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ ।

## ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ଛତା ବଣ୍ଟନ ଓ ଜଳଛତ୍ର କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ଉତ୍କଳ ଦିବସ ଉପଲକ୍ଷେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ଏକ ଛତା ବଣ୍ଟନ ସହ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବିଜୟ କୁମାର ବିଶ୍ୱାଳ ଓ ପଟ୍ଟାମୁଣ୍ଡାଇ ଏସୟୁଜେ ସାମ୍ବାଦିକ ସଂଘ ସହଭାଗିତାରେ ଏହି ଛତା ବଣ୍ଟନ ସହ ଜଳଛତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଆରା କାର୍ଯକ୍ରମ ଅୟୋଜନ କରାଯାଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ପ୍ରତିକ୍ରିୟା ରଖିଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ଫିତା କାଟି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଆଜି ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କ ଜନ୍ମଦିନ ହୋଇଥିବାରୁ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକ ପଟ୍ଟାମୁଣ୍ଡାଇ ବ୍ଲକ ବୋର୍ଡ ସଭାପତି ରଂଜନ କୁମାର ରାଉତ ଓ ଜିଲ୍ଲା ସଭାପତି ଏସ ମଦାନୀ ସମେତ ସମସ୍ତ ସଭ୍ୟ ସଭ୍ୟା ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ଯୁବ ସମାଜସେବୀ ନଳିନୀକାନ୍ତ ସ୍ୱାଇଁ ଜନ୍ମଦିନ ଉପଲକ୍ଷେ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ଏସୟୁଜେ ସାମ୍ବାଦିକ ସଂଘ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କେକ୍ କାଟି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଯିବା ସହ ଏମିତି ଲୋକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରାଯାଇଥିବା ଦେଖିବାକୁ ମିଳିଥିଲା ।

## ବିଦ୍ୟାଳୟରେ ଉତ୍କଳ ଦିବସ ସମାରୋହ



କୋଣାର୍କ(ଭାସ୍କର ନ୍ୟୁଜ): ଉତ୍କଳ ଦିବସ ପାଳନ ପରିପ୍ରେକ୍ଷୀରେ ଆମ ରାଜ୍ୟର କୋଣ ଅନୁକୋଣରେ ଓଡ଼ିଆ ଜାତିର ଗୌରବୋଜ୍ଜଳ ଇତିହାସ, ପରମ୍ପରା, ସଂସ୍କୃତି ଓ ସ୍ୱାଭିମାନକୁ ନେଇ ଚର୍ଚ୍ଚା ଜାରି ରହିଛି । ଏହା ଭାଷଣବାଜୀ ତଥା ଉଚ୍ଚାରଣରେ ସୀମିତ ନରହି ପ୍ରତ୍ୟେକ ଓଡ଼ିଆଙ୍କ ଆଚରଣରେ ଓଡ଼ିଆତ୍ୱ ପ୍ରତିଫଳିତ ହେବା ଜରୁରୀ ବୋଲି କୋଣାର୍କରେ ଆୟୋଜିତ ଉତ୍କଳ ଦିବସ ସମାରୋହରେ ବକ୍ତାମାନେ ମତପୋଷଣ କରିଛନ୍ତି । ମଙ୍ଗଳବାର କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହାନିପତିଙ୍କ ପୌରୋହିତ୍ୟ ତଥା ବସନ୍ତମଞ୍ଜରୀ ପାଠାଗାର ସଂପାଦକ ରାମକୃଷ୍ଣ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପୀନାଥ କର ମୁଖ୍ୟ ଅତିଥିରୂପେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ ପ୍ରମୁଖ ଅତିଥିରୂପେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଘର୍ଷପୂର୍ଣ୍ଣ ଇତିହାସ ସଂପର୍କରେ ଆଲୋକପାତ କରିଥିଲେ । ସଭା ଆରମ୍ଭରେ ବନ୍ଦେ ଉତ୍କଳଜନନୀ ସାମୂହିକ ଗାନ କରାଯାଇଥିଲା । କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ଉଭୟ ଅନୁଷ୍ଠାନର ଦିବଂଗତ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କୋଣାର୍କ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଶ୍ରୁତଲିଖନ, ଚିତ୍ରାଙ୍କନ ଓ ନୃତ୍ୟ ସଂଗୀତ ପ୍ରତିଯୋଗୀତାର ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶୁଭସ୍ମିତା ନାୟକ, ଶିକ୍ଷକ ବାନାମ୍ବର ବେହେରା ଓ ବିଦ୍ୟାପୀଠର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ପି ଏମ୍ ଶ୍ରୀ ଶତାୟୁ,ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ,ଓଡ଼ିଶା ଶିକ୍ଷା ସେବା -(୧)ଙ୍କ ଅବାହକତ୍ୱରେ ଓ ମାର୍ଗଦର୍ଶନରେ ପ୍ରାକ୍ତନ ବରିଷ୍ଠ ସହକାରୀ ଶିକ୍ଷକ ତଥା ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାର ପ୍ରାପ୍ତ ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡ଼ା.ଦେବୀ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ, ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ତଥା କର୍ମଚାରୀବୃନ୍ଦଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ଧାନଚାନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ । ଓଡ଼ିଶା ଦିବସ ଉପଲକ୍ଷେ ଅନୁଷ୍ଠିତ ବ୍ଲକ୍ ସ୍ତରରେ, ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଯୋଗଦାନ କରି ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିବା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସାଗରିକା ସ୍ୱାଇଁଙ୍କ ସମେତ ଅନେକ ଛାତ୍ରୀ,ଛାତ୍ର ସ୍ୱୀୟ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରି ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ସହଭାଗୀ ହୋଇ ଆଗେଇ ଆସିବାକୁ ଦୃଢ଼ ଆହ୍ୱାନ ଦେଇଥିଲେ । ସଂଯୋଜକ ତଥା ମୁଖ୍ୟ ଅତିଥି ଡ଼ା.ଦେବୀ ପ୍ରସାଦ ମିଶ୍ର ସ୍ୱୀୟ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ଆବଶ୍ୟକତା, ଉଦ୍ଦେଶ୍ୟ, ଯଥାର୍ଥତା, ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ସୁରକ୍ଷା ହିଁ ଓଡ଼ିଶାର ଅସ୍ମିତା ରକ୍ଷାର ପ୍ରଥମ ସୋପାନ ବୋଲି ଦୃଢ଼ ମତପୋଷଣ କରି ସମସ୍ତେ ଏଥିପାଇଁ ସମ୍ମିଳିତ ଉଦ୍ୟମ ଜାରି ରଖିବାକୁ ଦୃଢ଼ ଆହ୍ୱାନ ଜଣାଇଥିଲେ ଓ ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କରେ ସ୍ୱରଚିତ ଦୁଇଟି କବିତା ଆବୃତି କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଅବସ୍ଥାପିତ ପଂଚସଖା, ବ୍ରଜନାଥ ବଡ଼ଜେନା, ନୃସିଂହ କାନୁନଗୋ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ଗଣେଶ,ସରସ୍ୱତୀ ଓ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ ଦୀପ ଅର୍ପଣ କରାଯାଇ ସମ୍ମିଳିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତଗାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାଏକ, ସୀମା ରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଂଚି ନାଏକ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡ଼ା.ଦେବୀ ପ୍ରସାଦ ମିଶ୍ର, ଧାନଚାନ୍ଦ ମିଶ୍ର, ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ଡ଼ଃ ଅନୁପମା ମିଶ୍ର, କିଶୋର ଚନ୍ଦ୍ର ସାମଲ, କିରଣମୟୀ ମାହାଳିକ, ଦିପ୍ତୀଶ କୁମାର ଶତପଥୀ, କଲ୍ୟାଣୀ ବଡ଼ଜେନା, ସ୍ମିତିସୁଧା ଜେନା, ସୁଚିତ୍ରା ସାହୁ, କିରଣ କଂଟା, ଭୂପେନ୍ଦ୍ର ସିଂ ମାଝୀ, ଅନୁପମା ପଣ୍ଡା, କ୍ଷୀରାବ୍ଧିତନୟା ମହାପାତ୍ର, ସ୍ମିତା ପଟ୍ଟନାୟକ, ଅନିତା ସାହୁ,ଶୁଭଶ୍ରୀ ଦେବସ୍ମିତା ରାଉତ, ସୁଜିତ କୁମାର ବାରା, ସୁଦର୍ଶନ ସାହୁ ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡନାୟକ, ସନ୍ତୋଷ ଜେନା,ନରହରି ଗୋଛାୟତ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପିଏମଶ୍ରୀ ଶତାୟୁ, ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ବରିଷ୍ଠ ସହକାରୀ ଶିକ୍ଷକ ଡ.ଅନୁପମା ମିଶ୍ର ଆଜିର ସମସ୍ତ କାର୍ଯ୍ୟକ୍ରମର ସାମଗ୍ରିକ ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରୋଚକ ମୋଡରେ କୁକୁଡ଼ାଖଣ୍ଡି ବ୍ଲକ୍ ରାଜନୀତି

## ଅଧ୍ୟକ୍ଷ ପଦ ହାତେଇବା ଲକ୍ଷ୍ୟରେ ବିଜେପିର ଦୁଇ ଗୋଷ୍ଠୀ



କୁକୁଡାଖଣ୍ଡି(ଭାସ୍କର ନ୍ୟୁଜ): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କୁକୁଡ଼ାଖଣ୍ଡି ବ୍ଲକ ରାଜନୀତିକୁ ନେଇ ବିଜେପିରେ ବର୍ତ୍ତମାନ ଛକାପଞ୍ଝା ଚାଲିଛି । ଏବେ ଗୋଟିଏ ପଟେ ଅଙ୍କୁଶପୁର ସମିତି ସଭ୍ୟା ସୁନିତା ସେଠି ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଯାତ୍ରା କରି କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଛନ୍ତି । ଅନ୍ୟପଟେ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ଯିଏ କି ବ୍ଲକ ଅଧକ୍ଷଙ୍କ ଅକାଳ ବିୟୋଗ ପରେ ଭାରପ୍ରାପ୍ତ ଅଧକ୍ଷ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ସେ ମଧ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଗସ୍ତରେ ଯାଇ ରାଜ୍ୟ ଖଣିଜ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୁତି ଭୂଷଣ ଜେନା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଛନ୍ତି । କିନ୍ତୁ ଏଠାରେ ଆଲୋଚନାର ବିଷୟ ହେଉଛି, ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଟାଣୁଆ ବିଜେଡ଼ି ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟରେ ବିଷ୍ଣୁ ପ୍ରିୟା ପାତ୍ର ଏବଂ ସୁନିତା ସେଠି ବ୍ଲକ ଅଧକ୍ଷ ପଦ ନିମନ୍ତେ ଜୋରଦାର ପ୍ରୟାସ କରିଥିଲେ ଓ କିନ୍ତୁ ପରବର୍ତ୍ତି ମୂହୁର୍ତ୍ତରେ ଦ୍ୱିତୀୟ ଥର ପାଇଁ ଅଧକ୍ଷ ପଦ ହାତେଇ ନେଇଥିଲେ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ର । ଏବଂ ସେତେ ବେଳେ ବିଷ୍ଣୁପ୍ରିୟା ପାତ୍ର ଆପୋଷ ବୁଝାମଣାରେ ଉପଧକ୍ଷା ପଦରେ ସନ୍ତୁଷ୍ଟ ରହିଥିଲେ । ବର୍ତ୍ତମାନ ବିଷ୍ଣୁ ପ୍ରିୟା ଏବଂ ସୁନିତା ଉଭୟ ବିଜେଡ଼ି ସମର୍ଥିତ ହୋଇଥିବା ବେଳେ, ପରିବର୍ତନ ସୁଅରେ ବର୍ତ୍ତମାନ ବିଜେପି ରାଜ୍ୟ କ୍ଷମତାରେ ରହିଛି । ତେଣୁ ବିଷ୍ଣୁ ପ୍ରିୟା ଓ ସୁନିତା ଉଭୟ ବ୍ଲକ ଅଧକ୍ଷ ପଦ ହାତେଇବା ଲକ୍ଷ୍ୟରେ ନିଜ ସମର୍ଥକଙ୍କ ସହ ବିଜେଡ଼ି ଦଳ ଛାଡ଼ି ନିଜ ସ୍ୱାର୍ଥ ପାଇଁ ବିଜେପି ଶିବିରକୁ ଲମ୍ଫ ମାରିଛନ୍ତି ଓ ସୁନିତା ପ୍ରଥମେ ବିଜେପିରେ ଯୋଗଦେବାର ଗୋଟିଏ ଦିନପରେ ବିଷ୍ଣୁପ୍ରିୟା ତରବରିଆ ଭାବରେ ବିଜେପିରେ ଯୋଗ ଦେଇଛନ୍ତି । ବର୍ତ୍ତମାନ କ୍ଷମତା ଲୋଭରେ ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢେଇ ଚାଲିବ ବୋଲି ଅଞ୍ଚଳବାସୀ ଟୁପୁରୁ ଟାପୁରୁ ହେଉଛନ୍ତି । କିନ୍ତୁ ଏଠାରେ ଆଲୋଚନା ହେଉଛି ଯେ, ଅଧକ୍ଷ ପଦ କିଏ ହାତେଇବ । ଦିଲ୍ଲୀ ଯାଇ ବିଜେପିରେ ଯୋଗ ଦେଇଥିବା ସୁନୀତା ଗୋଷ୍ଠିକୁ ମିଳିବ ନା ଭୁବନେଶ୍ୱର ଯାଇ ବିଜେପିରେ ସାମିଲ୍ ହୋଇଥିବା ବିଷ୍ଣୁ ପ୍ରିୟା ଗୋଷ୍ଠିଙ୍କୁ ସମର୍ଥନ ମିଳିବ ତାହା ନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ୯ ମାସ ଧରି ଅଧକ୍ଷ ପଦ ଖାଲି ପଡ଼ିଛି । ଅନ୍ୟ ପକ୍ଷରେ କୁକୁଡ଼ାଖଣ୍ଡି ବିଡ଼ିଓ ଖାଲି ପଡ଼ିଥିବା ଅଧକ୍ଷ ପଦର ଢେର୍ ଫାଇଦା ଉଠାଇ ଏକ ତରଫା ହିଟଲର୍ ଶାସନ ଜାରି ରଖିଥିବା ନେଇ ବୁଦ୍ଧିଜିବୀ ଓ ସ୍ଥାନୀୟ ଗଣ ମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏହି ଅଧକ୍ଷ ପଦ କେବେ ପୂରଣ ହେବ ତାହା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): ପଣ୍ଡା ବନ୍ଦାଣ ଅଶ୍ରାମଠ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଯାଇଛି । ହିନ୍ଦୁ ଏକତା ମଞ୍ଚ ଭାରତ, କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ସଭାରେ ଧିରେନ୍ଦ୍ର ପ୍ରସାଦ ପୃଷ୍ଟି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ତ୍ରିଲୋଚନ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶ୍ରୀଧର କୁମାର ଭୋଳ, ସମ୍ମାନୀତ ଅତିଥି ଭାବେ ନିରଞ୍ଜନ ମିଶ୍ର, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ହିନ୍ଦୁ ସନାତନ ଧର୍ମ ଓ ଶ୍ରୀମଦ ଭାଗବତ ଗୀତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭକେଶ ମିଶ୍ର, ସାର୍ଥକ ପରିଜା, ଚନ୍ଦ୍ରଶେଖର ସ୍ୱାଇଁ, ଆଶିଷ ଓଝା,ଅନିଲ କୁମାର ଦାସ, ସାଗର ସ୍ୱାଇଁ, ପ୍ରଦୀପ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରିୟବ୍ରତ କାଳିକିଙ୍କର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



# ହାତୀକୁ ଠେଙ୍ଗାରେ ପିଟିଥିବା ଅଭିଯୁକ୍ତ ଚିହ୍ନଟ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ହାତୀକୁ ଠେଙ୍ଗାରେ ପିଟିବା ଭିଡିଓ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ତାଙ୍କ ନାମ ସିପୁନ ବେହେରା ଏବଂ ତାଙ୍କ ଘର ପାଟଣା ବ୍ଲକ ଅନ୍ତର୍ଗତ କଂଟିଆପଡା ଗ୍ରାମରେ ବୋଲି ଡିଏଫ୍‌ଓ ଧନରାଜ ଏହି ସୂଚନା ଦେଇଛନ୍ତି । ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଉକ୍ତ ଯୁବକ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବନବିଭାଗର ତଦନ୍ତ ପରେ ଅଭିଯୁକ୍ତ ଜଣକ ଫେରାର୍ ଥିବା ଜଣାପଡିଛି । ତେବେ କେଉଁ ଜଙ୍ଗଲରେ ଉକ୍ତ ଭିଡିଓ କରାଯାଇଛି ତାହାର ସୂଚନା ଡିଏଫ୍‌ଓ ଜଣାଇ ନାହାଁନ୍ତି । ଏହି ଘଟଣାଟି ଚମ୍ପୁଆ କିମ୍ବା ପାଟଣା ରେଞ୍ଜ ଅଂଚଳରେ ଘଟିଥିବା ନେଇ ଆଲୋଚନା ହେଉଥିବାବେଳେ ବନ ବିଭାଗ ଉକ୍ତ ଭିଡିଓ ଝାଡଖଣ୍ଡ ରାଜ୍ୟରେ ଘଟିଥିବା ଦର୍ଶାଇବାକୁ ଉଦ୍ୟମ କରୁଛି ବୋଲି ଆଲୋଚନା ହେଉଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ଉ୍ାବଧାରକ ପ୍ରେମ କୁମାର ଝା ଏହାର ନିରପେକ୍ଷ ତଦନ୍ତ କଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ ।





ହାତୀମାନଙ୍କ ସୁରକ୍ଷା ଏବଂ ମନିଟରିଂ ପାଇଁ ବହୁ ସଂଖ୍ୟାରେ ସ୍କ୍ୱାର୍ଡ କର୍ମଚାରୀ ନିୟୋଜନ କରାଯିବା ସହ ବିଭିନ୍ନ ପ୍ରକାର ବୈଷୟିକ ଜ୍ଞାନ ବ୍ୟବହାର କରାଯାଉଛି । ଏଥିପାଇଁ ବନବିଭାଗ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ଏହାସତ୍ତ୍ୱେ ହାତୀ ମନିଟରିଂ ସଠିକ ଭାବେ ହୋଇ ପାରୁନାହିଁ । ଅନ୍ୟପକ୍ଷରେ ଏହି କାର୍ଯ୍ୟକୁ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଅଧିକ ଗୁରୁତ୍ୱ ନ ଦେଇ ବ୍ୟକ୍ତିଗତ ଫାଇଦା ପାଇଁ ବିଭିନ୍ନ ପ୍ରକାର ବିଭାଗୀୟ କାମରେ ଅଧିକ ସମୟ ଦେଉଛନ୍ତି । ଫଳରେ ହାତୀ ମନିଟରିଂ ସଠିକ୍ ଭାବରେ ହୋଇ ପାରୁନାହିଁ । ଅନେକ ସ୍ଥାନରେ ହାତୀ ମରିବାର ବହୁ ଦିନ ପରେ ମଧ୍ୟ ବନ ବିଭାଗ ନିକଟରେ ସୂଚନା ରହୁନାହିଁ ଏବଂ ହାତୀ ଗଣନାରେ ଭୁଲ୍ୟ ତଥ୍ୟ ଦେଇ ଆସୁଛନ୍ତି । ଏପରି ତ୍ରୁଟି ଜଣାପଡିବା ପରେ ମଧ୍ୟ ଦୋଷୀଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯାଉନାହିଁ । ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ହାତୀ ଚଲାପଥ ନଷ୍ଟ ହେଉଥିବାରୁ ହାତୀ ଗାଁମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛି । କେନ୍ଦୁଝର ବନଖଣ୍ଡରେ ହାତୀକୁ ସୁରକ୍ଷା ଦେବାରେ ବନବିଭାଗ ଫେଲ ମାରିଛି । ଗତ ୪ବର୍ଷରେ କେନ୍ଦୁଝର ବନଖଣ୍ଡରେ ବିଭିନ୍ନ କାରଣରୁ ୪୦ଟି ହାତୀ ମୃତ୍ୟୁବରଣ କଲେଣି । ହାତୀ ମୃତ୍ୟୁ, ହାତୀ ଆକ୍ରମଣରେ ଧନଜୀବନ ଓ ଫସଲ ହାନୀ,ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତ ଘଟଣା ସବୁବେଳେ ଲାଗି ରହିଛି । ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁଁ ହାତୀଙ୍କ ବାସସ୍ଥଳୀ ନଷ୍ଟ ହୋଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ଉ୍ାବଧାରକ ନିର୍ଦ୍ଦେଶ ସତ୍ତ୍ୱେ ବନ ଅଧିକାରୀ ଏବଂ କର୍ମଚାରୀମାନେ ନିୟମିତ ପାଦ ଚଲା ପେଟ୍ରୋଲିଂ କରୁନାହାଁନ୍ତି । ସ୍କ୍ୱାର୍ଡ କର୍ମଚାରୀଙ୍କୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା କାମ କରାନଯାଇ ସେମାନଙ୍କୁ ଡ୍ରାଇଭର ଏବଂ କିଛି ଅଧିକାରୀଙ୍କ ଘରୋଇ କାମରେ ନିୟୋଜିତ କରାଯାଇଛି । ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ମାନେ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ନିୟୋଜିତ ଥିବା ଗାଡିକୁ ନିଜର ବ୍ୟକ୍ତିଗତ କାମରେ ବ୍ୟବହାର କରୁଛନ୍ତି । ଏହା ଉଚ୍ଚ ଅଧିକାରୀଙ୍କ ଦ୍ୱାରା ଗାଡିଗୁଡିକର ଜିପିଏସ୍ ଯାଂଚ ହେଉନାହିଁ । ଫଳରେ ଗାଡିର ଅପବ୍ୟହାର ବଢୁଛି । ସେହିପରି ମାର୍ଚ୍ଚ ମାସରେ ଅଧିକାଂଶ ବିଭାଗୀୟ କାର୍ଯ୍ୟ ସଂପୂର୍ଣ୍ଣ ନହୋଇ ସଂପୂର୍ଣ୍ଣ ବିଲ କରାଯାଉଛି ଯାହାର ଭିଜିଲାନ୍ସ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡିବ ।

# ୨୧୭ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ବାଣ୍ଟିଲେ ସାଂସଦ

ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ କାର୍ଯ୍ୟାଳୟରେ ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭ ଉଦଘାଟନ କରିଥିବା ବେଳେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ତାଳଚେର ବ୍ଲକ ପରିସରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ୨୧୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ସାଧାରଣ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳୀ ଯୋଗାଇବା ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି । ଭିନ୍ନକ୍ଷମ, ବିଧବା ରୋଗାକ୍ରାନ୍ତ, ସହିଦ ପରିବାର, ଘରପୋଡି, ହାତୀ ଉପଦ୍ରବ, ବାତ୍ୟା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ଏହି ଯୋଜନାରେ ସାମିଲ କରି ଗୃହ ପ୍ରଦାନ କରାଯାଉଛି ବୋଲି ସାଂସଦ କହିଥିଲେ ।



## ଇଦ-ଉଲ୍ ଫିତର ପାଳିତ

ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ନିର୍ବାଚନ ମଣ୍ଡଳୀର ମୁସଲିମ ସମ୍ପ୍ରଦାୟର ଭାଇଚାରା ପର୍ବ ଇଦ୍‌ଉଲଫିତର ଧୂମଧାମରେ ପାଳିତ ହୋଇଛି ।ଏଥିରେ ମାସେ ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରାତଃ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସରେ ରହି ଚନ୍ଦ୍ର ଦେଖିଲା ପରେ ଖାଦ୍ୟ ଖାଇ ସାରି ନମାଜ ପାଠ ଓ ତରାବୀ ହୋଇଥାଏ । ଏହି ରୋଜା ଏକ ମାସ ବ୍ୟାପୀ ଚାଲୁଥିବା ବେଳେ ଶେଷ ଦିନ ନୂତନ ବସ୍ତ୍ର ପିନ୍ଧି ଇଦଗାହ ପଡ଼ିଆରେ ଏକତ୍ରିତ ହୋଇ ସମ୍ମିଳିତ ହୋଇ ନମାଜ ପଢ଼ିବା ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥାନ୍ତି । ଏହି ଅବସରରେ ମୁସଲିମ ମାନ ଭାଇମାନେ କୁହନ୍ତି ଯେ ମୁସଲମାନ ମାନଙ୍କ ପାଇଁ ଏହା ଏକ ବଡ଼ ପର୍ବ । ଅନୁରୂପ ଭାବେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡା, ମାଣିକାଗୋଡା, ଅରଖପଲ୍ଲୀ ଓ କଡବ ଗ୍ରାମରେ ଏହି ପର୍ବ ମହା ଆଡମ୍ବରରେ ସହକାରେ ପାଳନ କରାଯାଇଛି ।



# ଅଭିଭାବକ-ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଭଲୁଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭବେନ ଚନ୍ଦ୍ର ବର୍ମନ୍‌ଙ୍କ ସଭାପତିତ୍ୱରେ ଅଭିଭାବକ ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ ସଂଯୋଜକ ନିତ୍ୟାନନ୍ଦ ମହଲଦାର, ମୁଖ୍ୟ ବକ୍ତା ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିବାନନ୍ଦ ବେହେରା , ସମ୍ମାନୀତ ଅତିଥି ବିଦ୍ୟାଳୟ ପରିଚାଳନା ସଭାପତି ବୃନ୍ଦଦେବ ପାଙ୍ଗି ଯୋଗଦାନ କରିଛନ୍ତି । ସର୍ବପ୍ରଥମେ ଦେବପୂଜନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଦ୍ୟାଳୟର ବିକାଶ ପାଇଁ ଅଭିଭାବକଙ୍କ ଭୂମିକା ସଂପର୍କରେ ଶିକ୍ଷକ, ଅଭିଭାବକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମୁକ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା-ଛାତ୍ରବୃତ୍ତି, ସହିଦ୍ ମୋଧୋରୋ ସିଂହାତ ଖର୍ଚ୍ଚା, ମୁଖ୍ୟମନ୍ତ୍ରୀ ଛାତ୍ର ପ୍ରୋତ୍ସାହାନ ଯୋଜନା, ପ୍ରାକ୍ ମେଟ୍ରିକ୍ ଛାତ୍ର ବୃତ୍ତି , ପରବର୍ତ୍ତୀ ମାଟ୍ରିକ ଛାତ୍ର ବୃତ୍ତି ସଂପର୍କରେ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ ଓ ଶେଷରେ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବନବାସୀ ଚୌଧୁରୀ ପରିଚାଳନା କରୁଥିବାବେଳେ ଶିକ୍ଷୟିତ୍ରୀ ସଂଘମିତ୍ରା କର, ସୁଧା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକ ଓ ଅତିଥି ଶିକ୍ଷୟିତ୍ରୀ ତନୁଜା ଅନୁଶ୍ରୀ ରାଉତ ଓ ମେଟ୍ରୋନ ମମତା ମହାନ୍ତି ସହଯୋଗ ପ୍ରଦାନ କରିଥିଲେ ।

## ଶତାୟୁ ଜୟକୃଷ୍ଣଙ୍କ ପରଲୋକ

କାକଟପୁର(ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ କଣ୍ଡାପଡା ଗ୍ରାମ ପଞ୍ଚାୟତର କଣ୍ଡାପାଟଣା ଗ୍ରାମର ଶତାୟୁ ଜୟକୃଷ୍ଣ ସାହୁ (୧୦୨) ଙ୍କର ଆଜି ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଆଜି ପର୍ଯ୍ୟନ୍ତ ନିଜ କାର୍ଯ୍ୟ ନିଜେ ତୁଲାଉଥିଲେ।



ସେ ଜଣେ ପରୋପକାରୀ, ମିଷ୍ଟ ଭାଷୀ, ସମାଜସେବୀ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ। ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁତ୍ର ଶିବ, ଶଙ୍କର, ମଙ୍ଗୁ, ପୁତ୍ର ବଧୂ ମନୋରମା, କବିତା, ଅହଲ୍ୟା,ଝିଅ ପାର୍ବତୀ, ଜ୍ୱାଇଁ ରାଜକିଶୋର, ନାତି ବିଶ୍ୱଜିତ, ନାତୁଣୀ ବୋହୂ ସିନୁ, ଇନ୍ଦ୍ରଜିତ, ଶୁଭ୍ରଜିତ, ନାତୁଣୀ ଲିଜା, ସୁଜା, ରୋଜି, ମାମୁନି ପରିବାର, ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରା ରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା । ପୁତ୍ର ଶିବ ମୁଖାଗ୍ନି ଦେଇଥିଲେ।

# ଟ୍ରାନ୍ସଜେଣ୍ଡରର ଦୃଶ୍ୟମାନ ଦିବସ ପାଳିତ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଡାକ୍ତର ଶିବସାଇ ସ୍ୱରୂପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ସଂପର୍କରେ କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା । ଆତ୍ମନିର୍ଭରଶୀଳ ହେବା ପାଇଁ ସ୍ୱୀକୃତି ଯୋଜନାର ଗୁରୁତ୍ୱ ଉପରେ ବୁଝାଇବା ସହ ଭତ୍ତା ପାଇବାକୁ ବ୍ୟବସ୍ଥା ରହିଛି ବୋଲି ସୂଚନା ଦେଇଥିଲେ । କୋରାପୁଟ ଜିଲ୍ଲାରେ ୧୧୨ଜଣ ଟ୍ରାନ୍ସଜେଣ୍ଡରଙ୍କୁ ଚିହ୍ନଟ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୩୦ଜଣ ଟ୍ରାନ୍ସଜେଣ୍ଡର ଯୋଗ ଦେଇଥିଲେ ।




# ସୁଭଦ୍ରା ଟଙ୍କା ପାଇ ଆତ୍ମନିର୍ଭରଶୀଳ ହେଲେ ଅନ୍ନପୂର୍ଣ୍ଣା ଏସ୍‌ଏଚ୍‌ଜି ମହିଳା

କଙ୍କଡ଼ାହାଡ଼ /ପରଜଙ୍ଗ (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ନାରୀମାନଙ୍କୁ ସମ୍ମାନ ସହକାରେ ସୁଭଦ୍ରା ଯୋଜନାରେ ପ୍ରତି ମହିଳା ମାଆ ମାନଙ୍କୁ ପ୍ରଥମ କିସ୍ତିରେ ପାଞ୍ଚ ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତିରେ ପାଞ୍ଚ ହଜାର ଟଙ୍କା ଦେଉଛନ୍ତି । ସୁଭଦ୍ରା ଯୋଜନାରେ ପାଇ ସେ ଟଙ୍କାକୁ ଅନ୍ୟ ଖର୍ଚ୍ଚରେ ନ ଲଗାଇ ସେ ଟଙ୍କାକୁ କିଭଳି ଦୁଇ ଗୁଣ କରାଯାଇ ପାରିବ ତାକୁ ନେଇ ଦଶଜଣ ମହିଳା ଏକତ୍ରିତ ହୋଇ ପାଞ୍ଚ ହଜାର ଟଙ୍କାରେ ଅନ୍ୟକୁ ସାହାରା ନ ଖୋଜି ନିଜ ଗୋଡ଼ରେ ଠିଆ ହେବା ପାଇଁ ଆରମ୍ଭ କରିଛନ୍ତି ବ୍ୟବସାୟ । ଏ ହେଲା ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ବାଲିକୁମା ପଞ୍ଚାୟତ ଉର୍ବେଙ୍ଗି ଗ୍ରାମର ଅର୍ଣ୍ଣପୂର୍ନା ଏସ୍.ଏଚ୍.ଜି ଗ୍ରୁପର କଥା। ଏହି ଅନ୍ନପୂର୍ଣ୍ଣା ଗ୍ରୁପ୍ ଏକ ବର୍ଷ ତଳେ ଦଶ ଜଣ ମହିଳା ମାଆମାନଙ୍କୁ ନେଇ ଗଢ଼ି ଉଠିଥିଲା। କିନ୍ତୁ ବଡ ଦୁଃଖର ବିଷୟ ଅନ୍ନପୂର୍ଣ୍ଣା ଏସ୍.ଏଚ୍.ଜି ଗ୍ରୁପ୍ କୁ ସରକାରଙ୍କ ଠାରୁ କୌଣସି ସହାୟତା ମିଳି ପାରି ନଥିଲା ବୋଲି ମାମାନେ କହିଛନ୍ତି । କିନ୍ତୁ ମାଆ ମାନଙ୍କର ବହୁତ୍ ଇଛା ଥିଲା ସଂଘ ମାଧ୍ୟମରେ ଅନେକ କିଛି ଆଗକୁ କରିବା ପାଇଁ। ପ୍ରଶାସନ ତରଫରୁ କୌଣସି ସହାୟତା ନ ମିଳି ପାରିଲେ ମଧ୍ୟ ନିଜ ଇଚ୍ଛା ଶକ୍ତିକୁ ଆଜି ସୁଭଦ୍ରା ଯୋଜନା ଦେଖାଇଛି ମହିଳା ମାଆ ସ୍ୱାବଲମ୍ବୀ ହେବାର ନୂଆ ସାହାରା। ଅନ୍ନପୂର୍ଣ୍ଣା ଏସ୍.ଏଚ୍.ଜି ଗ୍ରୁପ୍ ତରଫରୁ ପ୍ରଥମେ ପାଞ୍ଚ ହଜାର ଟଙ୍କାରେ ମିଲେଟ୍ ଦ୍ୱାରା ବ୍ୟବହୃତ ମାଣ୍ଡିଆ ଗୁଣ୍ଡ, ଛତୁଆ, ତାଡ଼ିଆ, ମାଣ୍ଡିଆ ଲଡୁ, ମାଣ୍ଡିଆ ଆରିସା, ମାଣ୍ଡିଆ ମୁଡୁକି, ମସଲା ମୁଢ଼ି, ସେଉ, କ୍ୟାବେଶ୍, ଟମାଟୋ ପାଉଡର, ବଡି ଓ ନିମିକି ଇତ୍ୟାଦି ବାର ପ୍ରକାର କିସମର ଜିନିଷ ପ୍ରସ୍ତୁତ କରି ପ୍ରୟାସ ଜାରି ରଖିଛନ୍ତି । ଦୁଇ ଜଣ ମହିଳା ଏକ ସ୍କୁଟି ଧରି ମାର୍କେଟରେ ଅତି ସୁଲଭ ମୂଲ୍ୟରେ ବିକ୍ରି କରିବା ପାଇଁ ନେଉଥିବା ବେଳେ ଅନ୍ୟ ଆଠ ଜଣ ମହିଳା ନିଜ ଘରେ ପ୍ୟାକିଙ୍ଗ ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି । ଏହି ଅନ୍ନପୂର୍ଣ୍ଣା ଏସ୍.ଏଚ.ଜି ପାଞ୍ଚ ହଜାର ଟଙ୍କାରେ ସାମଗ୍ରୀ ପ୍ରସ୍ତୁତ କରି ଆଜି ଯାହାକି ମାସକୁ କୋଡ଼ିଏ ହଜାର ଟଙ୍କା ଇନକମ୍ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି । କିନ୍ତୁ ବଡ ଦୁଃଖର ବିଷୟ ଓଡ଼ିଶା ସରକାର ମହିଳା ମାଆ ମାନଙ୍କୁ ନେଇ ବିନା ସୁଧରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଋଣ ଦେଉ ଥିବା ବେଳେ ଏଠି କିନ୍ତୁ ମହିଳା ମାଆ ମାନଙ୍କ ପାଇଁ ଫେଲ୍ ମାରିଛି ସମସ୍ତ ଯୋଜନା । କେବଳ ସାହାରା ହୋଇ ରହିଛି ସୁଭଦ୍ରା ଯୋଜନା । ଅନ୍ନପୂର୍ଣ୍ଣା ସଂଘର ସଭାପତି ବସୁମତୀ ସିଂହ ଉପସଭାପତି ପଦ୍ମିନୀ ସିଂହ କହିଛନ୍ତି ଯଦି ଆଗକୁ ସରକାର ଆମ ସଂଘ ମାଧ୍ୟମରେ କିଛି ପ୍ରୋତ୍ସାହନ ରାଶି ପ୍ରଦାନ କରନ୍ତେ, ତାହାଲେ ଅନେକ ମହିଳା ମାଆ ମାନଙ୍କୁ ନିଯୁକ୍ତି ଦେଇ ତାଲିମ୍ ଦେବା ସହିତ ଉନ୍ନତ ଧରଣର ସାମଗ୍ରୀ ପ୍ରସ୍ତୁତ କରି ମାର୍କେଟକୁ ଛାଡ଼ିବା, ତତ୍‌ସହିତ ଆମେ ନିଜେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇ ପାରିବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ।



## ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଗତକାଲି ସନ୍ଧ୍ୟାରେ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୬୭ ତମ ଶ୍ରାଦ୍ଧ ଉତ୍ସବ ପଳାଶୋଳ ଠାରେ ଆୟୋଜିତ ହୋଇଯାଇଛି । ଅତିଥି ମାନଙ୍କ ଦ୍ୱାରା ବାଳକୃଷ୍ଣ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ମହେନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଭଗବାନ ସ୍ୱାଇଁ , ପ୍ରଦୀପ୍ତ କିଶୋର ଚୌଧୁରୀ, ହେମନ୍ତ ରଥ, ବସନ୍ତ ଦାସ ପ୍ରମୁଖ ନାଟ୍ୟାଚାର୍ଯ୍ୟଙ୍କ ଜୀବନ ବ୍ୟାପି ସାଧନା ସମ୍ପର୍କରେ ଅବିଭାଷଣ ରଖିଥିଲେ। ଏହି ଅବସରରେ ବାଳକୃଷ୍ଣ ସ୍ମୃତି ପରିଷଦର କୃତି କଳାକାର ମାନଙ୍କୁ ସ୍ମୃତି ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସୁବାସ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ରଖିଥିଲେ ଓ ଶେଷରେ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ସହାୟତା

କେନ୍ଦୁଝର( ଭାସ୍କର ନ୍ୟୁଜ): କେନ୍ଦୁଝର ସାହାରପଡା ବ୍ଲକ ବଡ଼ବିଲ ଗ୍ରାମପଞ୍ଚାୟତ ତିଳବେଡା ଗ୍ରାମର ଘନଶ୍ୟାମ ମହାନ୍ତ କିଡ଼ନୀ ରୋଗରେ ପଡ଼ି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋକ ସମ୍ପର୍କ ଅଧିକାରୀ ରଜନୀକାନ୍ତ ବେହେରା ଚିକିତ୍ସିତ ରୋଗୀଙ୍କ ପାଇଁ ଜରୁରୀକାଳୀନ ରକ୍ତଦାନ କରିଥିଲେ। ଚିକିତ୍ସିତ ହୋଇ ଘରକୁ ଆଣିବାର କିଛି ଦିନପରେ ରୋଗୀ ମୃତ୍ୟୁବରଣ କରିଥିଲେ। ଚିକିତ୍ସା କରାଇ ସର୍ବସ୍ୱାନ୍ତ ହୋଇ ପଡ଼ିଥିବା ବିଧବା ସ୍ତ୍ରୀ ଶୁଦ୍ଧିକ୍ରିୟା ପାଇଁ ସମ୍ପୂର୍ଣ୍ଣ ଅସମର୍ଥତା ପ୍ରକାଶ କରି ସହଯୋଗ ପାଇଁ ସଂଗଠନର ଉପଦେଷ୍ଟା ଯୁଧିଷ୍ଠିର ମହାନ୍ତ ତଥା ଆଞ୍ଚଳିକ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା କରି ସଭାପତି ଲମ୍ବୋଦର ମହାନ୍ତ, ଲୋକସମ୍ପର୍କ ଅଧିକାରୀ ରଜନୀକାନ୍ତ ବେହେରା, ଉପଦେଷ୍ଟା ଯୁଧିଷ୍ଠିର ମହାନ୍ତ, ସାହାରପଡା ସରପଞ୍ଚ ପଦ୍ମଲୋଚନ ନାଏକ, ମାନସ ରଞ୍ଜନ ମହାନ୍ତ, ରତିରଞ୍ଜନ ମହାନ୍ତ, ହିମାଂଶୁ ଶେଖର, ରୋଜାଲିନ ବାରିକ, ପଦ୍ମଲୋଚନ ବେହେରା, ମିଡ଼ିଆ ସଂଯୋଜକ ମଗନ କୁମାର ମଲ୍ଲିକ ପ୍ରମୁଖ ଅସହାୟ ଦୁଃଖୀ ପରିବାର ଘରକୁ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ତଥା ବିଧବା ସ୍ତ୍ରୀ ପାଇଁ ନୂତନ ଶାଢ଼ୀ ଓ ଦୁଇ ନାବାଳକ ପୁଅଙ୍କ ପାଇଁ ନୂତନ ବସ୍ତ୍ର ପ୍ରଦାନପୂର୍ବକ ସମବେଦନା ଜଣାଇଥିଲେ । ସଂଗଠନର ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ଗ୍ରାମବାସୀ ତଥା ଆଞ୍ଚଳିକ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

## ବ୍ଲକସ୍ତରୀୟ ପ୍ରେରଣା ତାଲିମ ଶିବିର ଉଦ୍‌ଯାପିତ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ବ୍ଲକ ନବ ନିଯୁକ୍ତ ୯୩ଜଣ କନିଷ୍ଠ ଶିକ୍ଷକଙ୍କୁ ନେଇ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ପ୍ରେରଣା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫ଦିନିଆ ତାଲିମ ଶିବିର ଆୟୋଜନ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରସନ୍ନ କୁମାର ମହାନ୍ତି, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବ ପ୍ରସାଦ ରଥ ଓ ଜସନ ବେନ୍ୟା, ସିଆରସିସି ପ୍ରଦୀପ କୁମାର ପାତ୍ର ଯୋଗଦେଇ ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟକରିବାକୁ କହିଥିଲେ । ଏଥିର ଶିକ୍ଷା ବିଭାଗ, ପିଲାଙ୍କୁ ବୁଝିବା, ପିଲା କିପରି ଶିଖନ୍ତି, ଶିକ୍ଷା ଦାନ ପଦ୍ଧତି ଓ ପ୍ରଣାଳୀ, ଶିକ୍ଷା ଅଧିକାରୀ ଅଧିନିୟମ, ଜାତୀୟ ଶିକ୍ଷାନୀତି, ଶିକ୍ଷକ ଏକ ବୃତି, ଶ୍ରେଣୀ ପରିଚାଳନା, ଆଇନଗତ ସହାୟତା ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ସାଧନକର୍ମୀ ଭାବେ ରମେଶ ଚନ୍ଦ୍ର ସାହୁ, ସାଗରିକା ମିଶ୍ର, ଜି ସୁରେଶ ନିରୁପମା ଗିରି, ସୁପ୍ରଭା ବାରିକ, ଲକ୍ଷ୍ମୀପ୍ରିୟା ଦାସ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ମନୋଜ କୁମାର



# ବରିଷ୍ଠ ସାମ୍ବାଦିକ ନାରାୟଣ ସାହାଣୀଙ୍କ ହୃଦଘାତରେ ପରଲୋକ

ଗରଦପୁର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ପ୍ରଥମ ବୈଦ୍ୟୁତିକ ଗଣମାଧ୍ୟମ ଇଟିଭିର ସାମ୍ବାଦିକ ନାରାୟଣ ଚନ୍ଦ୍ର ସାହାଣୀ ୬୪ ବର୍ଷ ବୟସରେ ଆଜି ହୃଦଘାତରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ସାହାଣୀ ୨୦୨୨ ମସିହାରେ ଘଟିଥିବା ରାସ୍ତା ଦୁର୍ଘଟଣାରେ ଆହାତ ହୋଇ ପକ୍ଷାଘାତ ଅବସ୍ଥାରେ ପାଟକୁରାରେ ଥିବା ତାଙ୍କ ସହଧର୍ମିଣୀଙ୍କ ବାସଭବନରେ ରହୁଥିଲେ । ଗତ ୨୭ ତାରିଖରେ ତାଙ୍କ ଦେହ ଗୁରୁତର ଅସୁସ୍ଥ ହୋଇଯିବାରୁ ତାଙ୍କ ଭୁବନେଶ୍ୱରର ସମ ହସ୍ପିଟାଲରେ ଚିକିତ୍ସିତ କରାଯାଇଥିଲା । ଆଜି ଅପରାହ୍ନ ପ୍ରାୟ ୩ ଟା ସମୟରେ ହଠାତ ହୃଦଘାତ ହେବାରୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସ୍ୱର୍ଗତ ସାହାଣୀଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସହଧର୍ମିଣୀ ତଥା ପାଟକୁରା ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ରିନାବାଳା ମହାନ୍ତି ଓ ଦୁଇଟି ଝିଅ ମଧ୍ୟରୁ ବଡ ଝିଅ ଡାକ୍ତର ଐଶ୍ୱର୍ଯ୍ୟା ପ୍ରଜ୍ଞା ଲିପ୍ସା ସାହାଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହାଣୀ ପ୍ରଥମେ ଦୈନିକ ଖବରକାଗଜ ପ୍ରଜାତନ୍ତ୍ରରୁ ତାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ । ପରେ ଜିଲ୍ଲାର ପ୍ରଥମ ବୈଦ୍ୟୁତିକ ଗଣମାଧ୍ୟମ ଇଟିଭିର ପ୍ରତିନିଧି ରୂପେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରିଥିଲେ । ପରବର୍ତ୍ତି ଅବସ୍ଥାରେ ଇଟିଭି ନ୍ୟୁଜ ଓଡିଆ, ନ୍ୟୁଜ୍ ୧୮ଓଡିଆ ଓ ଓଡିଶା ଲାଇଭ୍‌ରେ ସାମ୍ବାଦିକତା କାର୍ଯ୍ୟକରି ଜିଲ୍ଲାରେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କର ଆବର୍ତ୍ତମାନରେ ଓଡିଶା ଲାଇଭର ସମ୍ପାଦକ ନିଳାମ୍ବର ରଥ ନନ୍ଦିଘୋଷର ସାମ୍ବାଦିକ ମଳୟ ମହାନ୍ତି ସମେତ ବହୁ ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକମାନେ ଶୋକ ପ୍ରକଟ କରିଛନ୍ତି । ସ୍ୱର୍ଗତ ସାହାଣୀଙ୍କ ପରଲୋକ ଖବର ପାଇଁ ପାଟକୁରା ବାସଭବନ ଠାରେ ତାଙ୍କର ଶେଷ ଦର୍ଶନ କରିବା ପାଇଁ ସାମ୍ବଦିକ ମନୋଜ ସ୍ୱାଇଁ , ଜ୍ଞାନବଲଭ ମହାନ୍ତି , ବିଚିତ୍ର ପଟ୍ଟନାୟକ, ସୁବାସ ଖୁଣ୍ଟିଆ, ରବିନ୍ଦ୍ର ବାରିକ , ଗଣେଶ ଚନ୍ଦ୍ର ସାମଲ , ରାଜେଶ ବେହେରା , ପ୍ରଦିପ୍ତ ସ୍ୱାଇଁ , ସରୋଜ ପରିଡା , ନବଘନ ନାୟକ ,ଶ୍ରୀକାନ୍ତ ନାୟକ , ଆଶିଷ ସେନାପତି , ମନୋଜ କର , ଦିପ୍ତିରଂଜନ ମାହାନ୍ତି, ରବିନ ଦାସ , ଲକ୍ଷ୍ମୀକାନ୍ତ ନାୟକ, ଆବୁଓବେଦା, ଅମର ବିଶ୍ୱାଳ, ଶଶିଭୁଷଣ ଜେନା, ସୁବାସ ସାମଲ , ଧିରେନ ମିଶ୍ର , ଶିବ ପ୍ରସାଦ ପରିଜା ,ରଂଜନ ସ୍ୱାଇଁ , ଦେବାଶିଷ ମିଶ୍ର, ଗୋକୁଳାନନ୍ଦ ପରିଜା,ପ୍ରଭାତ ପରିଡା, ମାତୃଦତ୍ତ ମହାନ୍ତି, ହିମାଶୁ ନାୟକ , ପ୍ଲାବନ ସ୍ୱାଇଁ , ସୁବାସ ସାହୁ ଙ୍କ ସମେତ ସମାଜସେବୀ ଅଜୟ ରାଉତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ପାର୍ଥୀବ ଶରୀରକୁ ନିଜ ଗାଁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଚେରିପଡାରେ ଥିବା ପୈତୃକ ବାସଭବନକୁ ଶୋଭାଯାତ୍ରରେ ନିଆଯାଇଥିଲା ।

# ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ: ଆସିକାରୁ ୪୫୯ ହିତାଧିକାରୀ ଲାଭବାନ

ଆସିକା(ଭାସ୍କର ନ୍ୟୁଜ): ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡିଶା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାର ବର୍ଗଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରିବା ନେଇ ଆଜି ରାଜ୍ୟରେ ଶୁଭାରମ୍ଭ ହୋଇଛି ଅନ୍ତ୍ୟୋଦୟ ଗୃହ ଯୋଜନା । ଏହି ଅବସରରେ ଆସିକା ବ୍ଲକରେ ମଧ୍ୟ ଶୁଭାରମ୍ଭ ହୋଇଥିଲା । ଏହି ଯୋଜନାରେ ଆସିକା ବ୍ଲକର ପ୍ରାୟ ୪୫୯ ହିତାଧିକାରୀ ଲାଭବାନ ହୋଇଥିବା ବେଳେ ବିଡିଓ ଲିପିନା ଦାସଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ କୁମାର ପାଢୀ, ବ୍ଲକ ଉପାଧକ୍ଷା ଏସ.ରେଶମା ଦୋରା, ବିଧାୟକ ପ୍ରତିନିଧି ସଙ୍ଗିତା ପାଢ଼ୀ, ସମ୍ବିତ ପାଢୀ ଅତିଥି ଭାବେ ଯୋଗ ଦେଇଥିଲେ । ଏତିକିବେଳେ ପ୍ରଚଣ୍ଡ ରୌଦ୍ରତାପରେ ହିତାଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆସିକା ବ୍ଲକରେ ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଂଟା ସମୟରେ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୩ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା । ସେତେବେଳେ ଗ୍ରୀଷ୍ମର ପ୍ରଭାବରେ ୨୭ଟି ପଂଚାୟତରୁ ଆସିଥିବା ହିତାଧିକାରୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ସରିଲା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ଏତିକି ବେଳେ ଅତିଥି ଏବଂ ବିଡିଓ ନିଜ ଚାମ୍ବରରେ ବସି ରହିଥିଲେ । କାର୍ଯ୍ୟକ୍ରମ ସରିବାର ଶେଷ ମୁହୂର୍ତ୍ତରେ ଅତିଥିମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।





# ଆମ କଳାହାଣ୍ଡି





## ତରଭୁଜ ଚାଷ ସାଜିଲା ରୋଜଗାରର ମାଧ୍ୟମ

ନର୍ଲା, (ଭାସ୍କର ନ୍ୟୁଜ୍ ) : ଗାଁ ହେଉ ଅବା ସହର ଖରାଦିନ ଆସିଲେ ବଜାର ସହିତ ରାସ୍ତା କଡ଼ରେ ତରଭୁଜ ବିକ୍ରି ହେଉଥିବା ଦୃଶ୍ୟ ଦେଖିବାକୁ ମିଳେ। ଗ୍ରୀଷ୍ମ ଋତୁରେ ତରଭୁଜ ଦେହ ପକ୍ଷେ ହିତକର ବୋଲି ଏହା ସମସ୍ତଙ୍କର ପ୍ରିୟ ହୋଇଥାଏ। ବଜାରରେ ଏଗୁଡ଼ିକ ସର୍ବିଙ୍କୁ ସୁହାଇଲା ଭଳି ସଠିକ୍ ମୂଲ୍ୟରେ ମିଳିଥାଏ। ସେଥିପାଇଁ ତରଭୁଜ ଚାଷ ନର୍ଲା ବ୍ଲକର ଶତାଧିକ ଚାଷୀଙ୍କର ରୋଜଗାରର ମାଧ୍ୟମ ସାଜିଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ମାଣ୍ଡେଲ, ବାଗପୁର୍ ସର୍ଗିଗୁଡ଼ା, କୁର୍ମେଲ୍, ଭୀମକେଲା ଗ୍ରାମ ପଞ୍ଚାୟତର ପାଖାପାଖି ୧୬୦ ଜଣ ଚାଷୀ ତରଭୁଜ ଚାଷ କରି ବେଶ୍ ଲାଭବାନ୍ ହୋଇଥିବା ନଜରକୁ ଆସିଛି। ଏହି ଚାଷ ପାଇଁ ଟାଟା କମ୍ପାନୀ ବିହନ ଓ ଜୈବିକ ସାର ସହିତ ବିଭିନ୍ନ ଆନୁସାଙ୍ଗିକ ଉପକରଣ ରିହାତି ମୂଲ୍ୟରେ ଯୋଗାଇ ଦେଇ ଚାଷୀଙ୍କୁ ଉତ୍ସାହିତ କରିଥିବା ଫଳରେ ନର୍ଲା ବ୍ଲକର ଶତାଧିକ ଚାଷୀ ତରଭୁଜ ଚାଷ କରି ଲାଭବାନ ହୋଇଥିବା ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ପ୍ରତି ସପ୍ତାହରେ ଜଣେ ଦୁଇ ଜଣ ଦାଦନ ଶ୍ରମିକଙ୍କ ମୃତ ଦେହ ବାହାର ରାଜ୍ୟରୁ ଫେରୁଥିବା ବେଳେ ଉକ୍ତ ତରଭୁଜ ଚାଷୀଙ୍କ ଏଭଳି ପ୍ରୟାସ କଳାହାଣ୍ଡିରୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କୁ ଏକ ନୂତନ କର୍ମ ସଂସ୍ଥାନ ଯୋଗାଇବ ବୋଲି ଚର୍ଚ୍ଚା ହେଉଛି।




## ଦ୍ୱିତୀୟ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଠାରେ କଳାହାଣ୍ଡି ଜିଲ୍ଲା ଚେସ୍ ସଙ୍ଘ ତରଫରୁ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ତା ୨୯ ମାର୍ଚ୍ଚ ଶନିବାର ଓ ୩୦ ମାର୍ଚ୍ଚ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୬୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ନିର୍ଦ୍ଦେଶକ ଭାବେ କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ଦାଶ ଏବଂ ସଂଚାଳକ ଭାବେ ଭବେଶ ମହାନ୍ତି କାର୍ଯ୍ୟଭାର ତୁଲାଇ ଥିଲେ। ମୁଖ୍ୟ ଅତିଥି ରୂପେ ରାଜ୍ୟ ଚେସ୍ ସଙ୍ଘ ସଂପାଦକ ଇ. ଦେବବ୍ରତ ଭଟ୍ଟ ଉପସ୍ଥିତ ଥିବାବେଳେ ସଭାପତି କଳାହାଣ୍ଡି ସଂଘ ହେମନ୍ତ କୁମାର ପାଣିଗ୍ରାହୀ ଓ ସମ୍ପାଦକ ରବୀନ୍ଦ୍ର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ସୁଧୀର କୁମାର ବେହେରା, କେନ୍ଦ୍ରୀୟ ବିଦ୍ୟାଳୟର ଭୀମସେନ ପଣ୍ଡା, କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟ ରେଜିଷ୍ଟ୍ରାର୍ ବସନ୍ତ କୁମାର ସ୍ୱାଇଁ ଓ ବଲାଙ୍ଗୀର ଜିଲ୍ଲା ଚେସ୍ ସଂଘ ସମ୍ପାଦକ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସର୍ବସାଧାରଣ ବର୍ଗରେ ଅକ୍ଷୟ ଶବର, ତ୍ରିଲୋଚନ ଛତ୍ରିଆ, ରଶ୍ମି ରଞ୍ଜନ ତାଣ୍ଡି, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଓ ସୁଶୀଲ କୁମାର ପଣ୍ଡା ପ୍ରଥମରୁ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇ ଥିବାବେଳେ କନିଷ୍ଠ ବର୍ଗରେ ଯଶଗନ୍ୟା ସାହୁ, କୁମାର ତନବୀର ଦାସ, ରବି ଶଙ୍କର ପଣ୍ଡା, ଆଶୁତୋଷ ବେହେରା ଓ ସୂର୍ଯ୍ୟାଂଶୁ ସାହୁ ପ୍ରଥମରୁ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆୟୋଜକ ମହାବିଦ୍ୟାଳୟର ସୁଦୀପ ଘୋଷ ଓ ବଦ୍ରୀନାଥ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଖେଳାଳୀ ବର୍ଗରେ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ ପ୍ରଥମ ଓ ହେମନ୍ତ କୁମାର ପାଣିଗ୍ରାହୀ ଦ୍ୱିତୀୟ ସ୍ଥାନ ପାଇଥିଲେ। ମହିଳା ବର୍ଗରେ ମଧ୍ୟ କାଞ୍ଚନ୍ମାଳା ସାହୁ ଓ ମଧୁସ୍ମିତା ସାହୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ସମ୍ଭବ ଥାପା, ସ୍ୱୟଂସମ୍ପୂର୍ଣ୍ଣ ପାତ୍ର, ସ୍ୱୟଂଶୁ ନାୟକ, ଭୂମେଶ କୁମାର ସାହୁ, ଶୁଭଶ୍ରୀ ବେହେରା, ଅଂଶୀକା ଦଣ୍ଡସେନା, ଦେବଂଶୀ ସେଠୀ ଓ ଶ୍ରୀଜେଶ ସତ୍ୟରଞ୍ଜନ ପୁରସ୍କୃତ ହୋଇଥିଲେ।




## ସରିଲା କାଳୀକୃଷ୍ଣ ସଂଘର ମହାବିଷ୍ଣୁ ଯଜ୍ଞ




କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସାନ ପୋଡାଗୁଡାଠାରେ ଗତ ୨୮ ତାରିଖରୁ ଚାଲିଥିବା କାଳୀକୃଷ୍ଣ ସଂଘର ୪୨ତମ ନବକୁଣ୍ଡିୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ସୋମବାର ଉଦ୍ଯାପିତ ହୋଇଛି। ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମାହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ଏହି ମହାବିଷ୍ଣୁ ଯଜ୍ଞରେ କଳସ ଯାତ୍ରା, ପୂଜନ, ହବନ, ମୁଣ୍ଡନ, କୁଣ୍ଡାବୋରୀ, ବିବାହ, ବ୍ରତ, ସଂସ୍କାର କାର୍ଯ୍ୟକ୍ରମ ସହ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସଂଘ ପରିଚାଳକ ଜଗଦାନନ୍ଦ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯଜ୍ଞକାର୍ଯ୍ୟ ପ୍ରାରମ୍ଭ ହୋଇ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଯଜ୍ଞ ପୂଜନ ଓ ହବନ କାର୍ଯ୍ୟକ୍ରମକୁ ସଂଘର ବେଦବ୍ରହ୍ମା ଓ ଆଚାର୍ଯ୍ୟମାନେ ତ୍ୱରାନ୍ୱିତ କରିଥିଲେ। ଯଜ୍ଞ ଫଳରେ ଗତ ୪ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଯଜ୍ଞ ସ୍ଥଳ ଆଖପାଖରେ ଦୋକାନ ବଜାର ଭିଡ଼ ଲାଗିଥିଲା। ସାନପୋଡାଗୁଡା କାଳୀକୃଷ୍ଣ ସଂଘ ତଥା ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞକାର୍ଯ୍ୟ ଆୟୋଜନ ହୋଇ ସମ୍ପନ୍ନ ହୋଇଛି। ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ: ନବ ସାକ୍ଷରଙ୍କ ମଧ୍ୟରେ ହେଲା ପରୀକ୍ଷା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାରେ ମୋଟ ୧୧୦୦ ପ୍ରାଥମିକ ସ୍କୁଲରେ ୧୩୯୬୫ ଜଣ ନବସାକ୍ଷରଙ୍କ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ପୁରୁଷ ୪୭୬୮ ଜଣ ଓ ମହିଳା ୯୧୯୭ ଜଣ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ଶୁଭଲକ୍ଷ୍ମୀ ନାଏକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଉକ୍ତ ପରୀକ୍ଷାକୁ ୧୩ ଗୋଟି ବ୍ଲକର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସି.ଆର.ସି.ସି. ପ୍ରମୁଖ ବ୍ଲକ ସ୍ତରରେ ତଦାରଖ କରିଥିଲେ। ସମସ୍ତ ପ୍ରଧାନ ଶିକ୍ଷକ ଓ ସହ ଶିକ୍ଷକ ଆନ୍ତରିକତାର ସହ ସହଯୋଗ କରି ପରୀକ୍ଷାକୁ ସଫଳ ଆୟୋଜନ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲାରେ ନବେ ଦଶକର ପ୍ରଥମ ଭାଗରୁ ବିଭିନ୍ନ ପର୍ଯ୍ୟାୟରେ ଜାତୀୟ ଓ ରାଜ୍ୟସ୍ତରୀୟ ସାକ୍ଷରତା ମିଶନ ମାଧ୍ୟମରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲି ଆସୁଅଛି।



## ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ନର୍ଲା, (ଭାସ୍କର ନ୍ୟୁଜ୍ ) : ରୁପ୍ରାରୋଡ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ନର୍ଲା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଉତ୍କଳର ବରପୁତ୍ରମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମଣି ସାହୁ ମଞ୍ଚାସୀନ ଥିଲେ। ଯୁବ ନେତା ସରୋଜ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଗୋବିନ୍ଦ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକ ଓ ପଞ୍ଚାୟତ ଅଞ୍ଚଳର ବିଜେଡ଼ି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।




## ଆନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଅମଲାଭବନ ଠାରେ କଳାହାଣ୍ଡି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା 'ଜିଲ୍ଲାସ୍ତରୀୟ ତୃତୀୟ ଲିଙ୍ଗୀ ଦିବସ-୨୦୨୫' ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର ଯୋଗଦାନ କରି ତୃତୀୟ ଲିଙ୍ଗୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ଅଧିନିୟମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହା ଉପରେ ବିଶଦ୍ ଆଲୋଚନା କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା କିନ୍ନର ସଂଘ, ସଭାନେତ୍ରୀ କାମିନୀ କିନ୍ନର, ଲୋକସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ ଅଜିତ କୁମାର ମହାନ୍ତି, ଭବାନୀପାଟଣାସ୍ଥିତ ଦାପ୍ତା ଅନୁଷ୍ଠାନର ପରିଚାଳକ ରାକେଶ ନାଏକ, ଧର୍ମଗଡ ଏନଏସିର କର୍ମଚାରୀ ବୁଲବୁଲ୍ କିନ୍ନର, ସପନ କୁମାର ବେହେରା ପ୍ରମୁଖ ଯୋଗଦାନ କରି ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ ସେମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏଥିସହ ଉପସ୍ଥିତ ଅତିଥିମାନେ ତୃତୀୟ ଲିଙ୍ଗୀ ମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା ମାଧ୍ୟମରେ କିପରି ସମାଧାନ କରିହେବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। କଳାହାଣ୍ଡି କିନ୍ନର ସଂଘର ସଭାନେତ୍ରୀ କାମିନୀ କିନ୍ନର ଜିଲ୍ଲା ପ୍ରଶାସନ ଆମକୁ କିଛି ରୋଜଗାର ଦିଅନ୍ତୁ ଓ କଳାକାର କିନ୍ନର ମାନଙ୍କୁ ଜିଲ୍ଲା କଳାହାଣ୍ଡି ଉତ୍ସବରେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଦିଅନ୍ତୁ ବୋଲି କହିବା ସହ ମୌଳିକ ଅଧିକାରରେ ସମସ୍ତ କିନ୍ନରଙ୍କୁ ସରକାରୀ ସହାୟତା ମିଳୁ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କହଁରଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଅରୁଣ ମହାପାତ୍ର ଓ ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କେତେଜଣ କିନ୍ନରଙ୍କୁ ସେମାନଙ୍କ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମାତ୍ର ଦୁଃଖର ବିଷୟ ଜିଲ୍ଲାସ୍ତରରେ ଏ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ଏ ସମ୍ପର୍କରେ ନାଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, କୌଣସି ଜିଲ୍ଲା ସାମ୍ବାଦିକଙ୍କୁ ଏ ସମ୍ପର୍କରେ ସୂଚନାଟିଏ ମଧ୍ୟ ଦେବାପାଇଁ ଉଚିତ ମଣି ନଥିଲେ।




## ଦେଣ୍ଡରବାହାଲି ସ୍କୁଲର ବାର୍ଷିକୋତ୍ସବ




ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଅନ୍ତର୍ଗତ ଦେଣ୍ଡରବାହାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୁଷ୍ପକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ମୁଖ୍ୟବକ୍ତା ଭାବେ ଭୀମକେଲା ସିଆରସିସି ବିଜୟ ସୁନା, ସମ୍ମାନିତ ଅତିଥି ଭାବରେ ରୁପ୍ରାରୋଡ୍ ଗ୍ରାମ ପଞ୍ଚାୟତର ୱାର୍ଡମେମ୍ବର ଖଗେଶ୍ୱର ସୁନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଲ୍ଲଭ ମାଝୀ, ନୀଳାଞ୍ଚଳ ନିହାଲ ଏବଂ ଚୁମନ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଶରତ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଭୀମକେଲା କ୍ଲଷ୍ଟରର ଶିକ୍ଷକ କେଶରୀ ସାହୁ, ଦାସ ମାଝୀ, ସୁରେଶ କୁମାର ଶର୍ମା, ଜନ୍ମେଜୟ ମାଝୀ, ଡୋଳାମଣି ସାହୁ, କୁମୁଦ ଚନ୍ଦ୍ର ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ଡମ୍ବରୁଧର ମାଝୀ, ବଂଶୀଧର ନାଏକ, ମହେନ୍ଦ୍ର କୁମାର ଶବର, ସାଧୁରାମ କରୁଆଁ, ଭରତ ଚନ୍ଦ୍ର ଭୋଇ, ଆହ୍ଲାଦିନି ପଟେଲ, ମୀନକେତନ ତାଣ୍ଡି, ସୁଶ୍ରୀ ସସ୍ମିତା ମାଝୀ, ସୁରେଶ କୁମାର ପଧାନ, ପୂଜା ମଞ୍ଜରୀ ନାଏକ ଏବଂ ପିତାମ୍ବର ନାଏକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ସହଭାଗୀ ରୂପେ ଅଭିଭାବକ' କାର୍ଯ୍ୟକ୍ରମ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ ଓ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୁ ମାଝୀ, ଡା. ନରେନ୍ଦ୍ରନାଥ ଦାସ, ସାମ୍ବାଦିକ ପରେଶ ନାୟକ, ରମେଶ ନାୟକ, କ୍ଷମାନିଧି ମହାଖୁଡ, ଆଗ୍ନିକ ଦୁଷ୍ମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ନିହାରକାନ୍ତ ବିଶ୍ୱାଳ, ଅକ୍ଷୟ ପୁରୋହିତ, ଦିଲିପ ମହାନ୍ତି, ହୀରାଧନ ଦେବନାଥ, ସୁନିତା ଧଙ୍ଗଡାମାଝୀ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ମାନସ ରଞ୍ଜନ ରଥ ସଭା ପରିଚାଳନା କରିଥିବାବେଳେ ବିଜ୍ଞାନଗାର ସହାୟକ ପି. ପ୍ରିୟଦର୍ଶନୀ ପାତ୍ର, ପାର୍ଥ ସାରଥୀ ବାରିକଙ୍କ ସହିତ ସହାୟକ ହରିକୃଷ୍ଣ ବିଶୋୟୀ, ମେଟ୍ରନ ଖୁଲଣା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




## ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ



ଜୁନାଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନ ଠାରେ କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଭବିଷ୍ୟତ ଗଢିବାର ବିଦ୍ଧାଣି, ଶିକ୍ଷକମାନେ ଅନେକ ବାଧାବିଘ୍ନକୁ ସାମ୍ନା କରିବା ସହିତ ପରିବାରକୁ ଜଳାଞ୍ଜଳି ଦେଇ ଆଗାମୀ ଭବିଷ୍ୟତ ଗଢିବାରେ ଲାଗିପଡ଼ନ୍ତି। କିନ୍ତୁ ଆଜି ବି ଶିକ୍ଷକ ମାନେ ଅବହେଳିତ ଭାବେ ରହୁଛନ୍ତି। ଶିକ୍ଷକ ରାଜା ନୁହଁନ୍ତି କିନ୍ତୁ ରାଜାକୁ ତିଆରି କରିବାର ମୁଖ୍ୟ ନାୟକ ଅଟନ୍ତି। ସେହିଭଳି ଆଗାମୀ ଭବିଷ୍ୟତ ଗଢିବାର ବିଦ୍ଧାଣି ହେଉଛନ୍ତି ଶିକ୍ଷକ। ତେଣୁ ରାଜ୍ୟ ସରକାର ଶିକ୍ଷକ ମାନଙ୍କ ବିଭିନ୍ନ ଦାବିକୁ ସମ୍ମାନ ଜଣାଇବା ସହିତ ତାକୁ ମଞ୍ଜୁର କରିବା ପାଇଁ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନ ଠାରେ କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଜୁନାଗଡ଼ ବ୍ଲକ ସଭାପତି ସରୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ବିରେନ୍ଦ୍ର ବାଗ ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ପରେ ଜୁନାଗଡ଼ ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ଶାନ୍ତନୁ କୁମାର ମାଝୀ, ସମ୍ପାଦକ ଭାବେ ଲଳିତ ମୋହନ ନେଗି ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ଅଶୋକ କୁମାର ମୁଣ୍ଡ, ବିଜ୍ଞାନ ଆଲୋକ ସାହୁ, ଯୁଗ୍ମ ସମ୍ପାଦକ ସମରେନ୍ଦ୍ର ଶେଖର ଦାସ, ଉପ ସଭାନେତ୍ରୀ ସୁନିତା ଆଚାରି, ଯୁଗ୍ମ ସମ୍ପାଦକ ଲକ୍ଷ୍ମନ ପୁଝାରି, କାଲୁ ଚରଣ ମହାରଣା, ବ୍ଲକ ସଂଗଠକ ନନ୍ଦି କିଶୋର ନାଏକ, କୋଷାଧକ୍ଷ ସିତେସ କୁମାର ପାଢୀ ରହିଥିବା ବେଳେ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ସୁନୀଲ ମେହେର, କମଳ ବାଗ, ବିଷ୍ଣୁ ବଲ୍ଲଭ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜଗନ୍ନାଥ ମୁଣ୍ଡ ପରିଚାଳନା କରିଥିବାବେଳେ ଲଳିତ ମୋହନ ନେଗି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଶିଫଳ

ବୁଧବାର, ୦୨ ଏପ୍ରିଲ ୨୦୨୫



**ମେଷ:** ବିଶେଷ କିଛି ଅସୁବିଧା ନହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଝିନ୍‌ଝଟ୍ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ। କଳା, ସାହିତ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।



**ବୃଷ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।



**ମିଥୁନ:** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିବେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ମନ ଦେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।



**କର୍କଟ:** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଯେକୌଣସି କାମରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ।



**ସିଂହ:** ଆଜି ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।



**କନ୍ୟା:** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।



**ତୁଳା:** ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।



**ବିଛା:** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, ମାତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ। ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।



**ଧନୁ:** ଛୋଟ ଛୋଟ କଥାକୁ ଧରି ବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ୍ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବ। ସବୁ କାମରେ ପଛୁଆ ହେତୁ ମନରେ ନିଜକୁ ଅପାରଗ ମନେକରିପାରନ୍ତି। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ।



**ମକର:** ସାମାଜିକସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟାକଲେ ଉପକୃତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।



**କୁମ୍ଭ:** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମକରି ସଫଳତା ହାସଲ କରିବେ। ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।



**ମୀନ:** ଆଜି ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ ଅବଶ୍ୟ ଉପକୃତ ହେବେ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯